DHARITRI

ଭୁବନେଶ୍ୱର, ରବିବାର, ଫେବୃୟାରୀ ୨୬/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, February 26/2023 Page 16 ₹ 7.00

୪୯ଶ ଭାଗ ୯୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 94 ମୂଲ୍ୟ₹୭/-




**ଶର୍ଟଲିଷ୍ଟରେ ରିଚା ଘୋଷ**

ଓମେନ୍ସ ଟି୨୦ ୱାର୍ଲ୍ଡକପ୍ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପାଇଁ ଶର୍ଟଲିଷ୍ଟରେ ସ୍ଥାନ ପାଇଥିବା ୯ଖେଳାଳିଙ୍କ ମଧ୍ୟରେ ରିଚା ଘୋଷ ଜଣେ ମାତ୍ର ଭାରତୀୟ।

୧୬

୧୨

**ଆର୍‌ଆର୍‌ଆର୍‌କୁ ହଲିଉଡ୍ କ୍ରିଟିକ୍ସ ଆସୋସିଏଶନ ଆୱାର୍ଡ**

ନିର୍ଦ୍ଦେଶକ ଏସ୍‌ଏସ୍ ରାଜାମୌଳିଙ୍କ ଫିଲ୍ମ 'ଆର୍‌ଆର୍‌ଆର୍' ହଲିଉଡ୍ କ୍ରିଟିକ୍ସ ଆସୋସିଏଶନ ଆୱାର୍ଡ ହାତେଇଛି।



# ଅବହେଳାରୁ ଦୁର୍ଘଟଣା: ୭ ମୃତ

**▪ ପ୍ରତିବାଦରେ ସ୍ଥାନୀୟ ଲୋକଙ୍କ ରାସ୍ତା ଅବରୋଧ**
**▪ ଶୋକବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ**

ଧର୍ମଶାଳା/ଚଣ୍ଡିଖୋଲ, ୨୫।୨(ଡି.ଏନ୍.ଏ.)

ରାସ୍ତାକଡ଼ରେ ରହିଥିବା ଏକ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ର ପଛପଟୁ କୁକୁଡ଼ା ପରିବହନ ପାଇଁ ଉଦ୍ଦିଷ୍ଟ ମିନିଟ୍ରକ ଧକ୍କାଦେବାରୁ ୭ଜଣଙ୍କ ମୃତ୍ୟୁ ଘଟିଛି। ଯାଜପୁର ଜିଲା ଧର୍ମଶାଳା ଥାନା ୧୬ ନଂ. ଜାତୀୟ ରାଜପଥର ନେଉଳପୁର ସେଣ୍ଟ୍ରାଲ ବ୍ୟାଙ୍କ ସମ୍ମୁଖରେ ଶନିବାର ଭୋର ୫ଟାରେ ଏହି ଦୁର୍ଘଟଣା ଘଟିଛି। ଘନ କୁହୁଡ଼ି ଯୋଗୁ ମିନିଟ୍ରକ ଡ୍ରାଇଭର ରାସ୍ତାକଡ଼ରେ ଥିବା ଟ୍ରକକୁ ଦେଖି ନ ପାରି ଧକ୍କା ଦେଇଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ଜଣାପଡ଼ିଛି। ତେବେ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ରାସ୍ତାକଡ଼ରୁ ହଟାଯାଇ ନ ଥିବାରୁ ଏକ ବଡ଼ ଦୁର୍ଘଟଣା ଘଟିଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ପୋଲିସର ଏଭଳି ଅବହେଳା ଯୋଗୁ ୭ଜଣଙ୍କ ଜୀବନ ଚାଲିଗଲା ବୋଲି ଦର୍ଶାଇ ସ୍ଥାନୀୟ ଲୋକେ ତୀବ୍ର ପ୍ରତିବାଦ କରିଛନ୍ତି। ଦୁର୍ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ନେଉଳପୁର ନିକଟରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଅନେକଙ୍କ ପ୍ରାଣହାନି ଖବର ଜାଣି ମୁଁ ଦୁଃଖିତ। ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଉଛି। ଆହତଙ୍କ ଆଶୁ ଆରୋଗ୍ୟ କାମନା କରୁଛି ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି।

ସମସ୍ତ ମୃତକ ପଶ୍ଚିମବଙ୍ଗର ଚବିଶପ୍ରଗଣା ଜିଲା ମାଟିଆ ଥାନା ନେହାଲପୁର ଗ୍ରାମର ବୋଲି ଜଣାପଡ଼ିଛି। ସେମାନେ ହେଲେ ସୁରଜ ମଣ୍ଡଳ(୪୫), କରିମ୍ ସର୍ଦ୍ଦାର(୨୭), ଅମିନୁଲ୍ ଅଲ୍ଲି ସର୍ଦ୍ଦାର (୨୯), ଆରିଫ୍ ଅଲ୍ଲି ସର୍ଦ୍ଦାର (୨୭), ଆମଜେଦ ଅଲ୍ଲି ସର୍ଦ୍ଦାର (୩୩), ମୌଜମ୍ ସର୍ଦ୍ଦାର (୩୨) ଏବଂ ଜହାଙ୍ଗୀର ସର୍ଦ୍ଦାର(୩୨)। ଏମାନେ ଡବ୍ଲ୍ୟୁ-୨୫-ଏଲ୍-୩୧୮୩ ☞ପୃଷ୍ଠା-୪

## ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଧକ୍କାଦେଲା ମିନିଟ୍ରକ୍



ଦୁର୍ଘଟଣାଗ୍ରସ୍ତ ମିନି ଟ୍ରକ୍

# କନ୍ୟାପକ୍ଷଙ୍କୁ ବରଯାତ୍ରୀଙ୍କ ଛୁରାମାଡ଼

**ବିବାହ ବନ୍ଦ, ବର ଶିଶୁପାଳ**

ବଲାଙ୍ଗୀର ଅଫିସ/ଲାଠୋର/କଣ୍ଟାବାଞ୍ଜି, ୨୫।୨(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ତୁରେକେଲା ଥାନା ମୁରିବାହାଲ ଗାଁରେ ବରାତି ଶୋଭାଯାତ୍ରା ଚାଲିଥିବାବେଳେ କନ୍ୟାପକ୍ଷର କେତେଜଣ ବ୍ୟକ୍ତି ନାଚିବାରୁ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଛି। ଏହାକୁ ନେଇ ବରପକ୍ଷ ଲୋକେ କନ୍ୟାପକ୍ଷ ଲୋକଙ୍କୁ ଛୁରାମାଡ଼ କରିଛନ୍ତି । ଏଥିରେ କନ୍ୟାପକ୍ଷର ଦୁଇଜଣ ଗୁରୁତର ଆହତ ହୋଇଛନ୍ତି । ଘଟଣା ପରେ ବିବାହ ବନ୍ଦ ହୋଇଯାଇଥିବାବେଳେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସବୁଥିରେ ପଛୁଆ**






# ଘୃଣାର ନିଆଁରେ ଘିଅ ଢାଳୁଛି କେନ୍ଦ୍ର: ସୋନିଆ

ରାୟପୁର, ୨୫।୨(ପି.ଟି.)

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଦେଶରେ ଘୃଣାର ନିଆଁ ଜାଳି ଘିଅ ଢାଳିବା ସହ କ୍ରୂରତାପୂର୍ବକ ସଂଖ୍ୟାଲଘୁ, ଦଳିତ ଏବଂ ଆଦିବାସୀମାନଙ୍କୁ ଟାର୍ଗେଟ କରୁଛି ବୋଲି ଶନିବାର କଂଗ୍ରେସର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀ ସମାଲୋଚନା କରିଛନ୍ତି। ଛତିଶଗଡ଼ର ରାୟପୁରରେ ଅନୁଷ୍ଠିତ କଂଗ୍ରେସର ୮୫ତମ ମହା ଅଧିବେଶନରେ ପୂର୍ବତନ ଅଧ୍ୟକ୍ଷା ସୋନିଆ କେନ୍ଦ୍ରକୁ ତୀବ୍ର ସମାଲୋଚନା କରିଛନ୍ତି। ଏଥିସହ କଂଗ୍ରେସ କର୍ମୀମାନେ ସାମ୍ପ୍ରତିକ ସ୍ଥିତିର ଦୃଢ଼ ମୁକାବିଲା କରି ଲୋକଙ୍କ ପାଖରେ ଦଳୀୟ ବାର୍ତ୍ତା ପହଞ୍ଚାଇବା ପାଇଁ ସେ ଆହ୍ୱାନ ଦେଇଛନ୍ତି।

ମହା ଅଧିବେଶନରେ ଉଦ୍‌ବୋଧନ ଦେଇ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା କହିଥିଲେ, ଭାଜପା ସରକାର କେତେଜଣ ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କ ପ୍ରତି ଅନୁକମ୍ପା ଦେଖାଇ ଦେଶର ଅର୍ଥନୀତିକୁ ଧ୍ୱଂସ କରିଦେଇଛନ୍ତି। ଶିଳ୍ପପତି ଗୌତମ ଆଦାନୀଙ୍କ ବ୍ୟବସାୟ ସାମ୍ରାଜ୍ୟକୁ ନେଇ ସୃଷ୍ଟ ବିବାଦ ଉପରେ ସୋନିଆ ପରୋକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଥିଲେ। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଦଳ ଓ ଦେଶ ପାଇଁ ପ୍ରତ୍ୟେକ କଂଗ୍ରେସ କର୍ମୀଙ୍କର ସ୍ୱତନ୍ତ୍ର ଦାୟିତ୍ୱ ରହିଛି। କଂଗ୍ରେସ କେବଳ ଏକ ରାଜନୈତିକ ଦଳ ନୁହେଁ, ଏହା ଜାତି, ଧର୍ମ, ଲିଙ୍ଗ ନିର୍ବିଶେଷରେ ସବୁ ଜନସାଧାରଣଙ୍କ ସ୍ୱରର ପ୍ରତିଫଳନ। ତାଙ୍କ ଦଳ ସମସ୍ତଙ୍କ ସ୍ୱପ୍ନକୁ ସାକାର କରିବ ବୋଲି ସୋନିଆ ପ୍ରତିଶ୍ରୁତି ଦେଇଥିଲେ।

ସୋନିଆ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ସମସ୍ତ ସାମ୍ବିଧାନିକ ସଂସ୍ଥାକୁ କବ୍‌ଜା କରିନେଇଛି। ତେଣୁ କଂଗ୍ରେସ ତଥା ଦେଶ ପାଇଁ ନିର୍ଦ୍ଦିଷ୍ଟ ଭାବରେ ଏହା ଏକ ☞ପୃଷ୍ଠା-୪

**୨୦୨୪ ପାଇଁ ସମଭାବାପନ୍ନ ଦଳ ସହ ମେଣ୍ଟ କରିବ କଂଗ୍ରେସ: ଖାର୍ଗେ**



ସୋନିଆ ଗାନ୍ଧୀ





Stores also at :

BHUBANESWAR 621, Saheed Nagar, Janpath
BHUBANESWAR 309 District Centre, Chandrasekharpur
BERHAMPUR Venkatraju Arcade, Sano Bazar
CUTTACK 558/834, Cantonment Road
JHARSUGUDA Sarbhal Road, Marwadi Para
ROURKELA Kesar Bhawan, Main Road
Toll Free : 1800 3131 777
Follow Us :
NOWHERE ELSE

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୬ ଫେବୃୟାରୀ, ୨୦୨୩

**ମହିଳାଙ୍କୁ ଏସିଡ୍ ପିଆଇ ହତ୍ୟା**

ଉତ୍ତର ପ୍ରଦେଶ ବରେଲିରେ ଯୌତୁକ ପାଇଁ ୨୫ବର୍ଷୀୟା ମହିଳାଙ୍କୁ ଶାଶୁଘର ଲୋକେ ଏସିଡ୍ ପିଆଇ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଉଦଲା ଜାଗିର ଗ୍ରାମର ଅଞ୍ଜୁମଙ୍କ ମୃତ୍ୟୁ ଗୁରୁବାର ରାତିରେ ହୋଇଥିଲା। ଶାଶୁଘର ଲୋକେ କାର୍ ଓ ନଗଦ ଅଢ଼େଇ ଲକ୍ଷ ଟଙ୍କା ଯୌତୁକ ଦାବି କରିଥିଲେ। ଅଞ୍ଜୁମଙ୍କ ବାପଘର ଲୋକେ ଦାବି ଟଙ୍କା ଦେଇ ନ ପାରିବାରୁ ସ୍ୱାମୀ ଓ ଶାଶୁଘର ଲୋକେ ଏପରି କରିଥିବା ମହିଳାଙ୍କ ପରିବାର ଥାନାରେ ଅଭିଯୋଗ କରିଛନ୍ତି।



## ସଂକ୍ଷେପରେ

### ଆତ୍ମହତ୍ୟା କଲେ ଆମେରିକୀୟ ବିଲିୟନେୟାର ଥୋମାସ୍ ଲି

**ୱାଶିଂଟନ୍, ୨୫।୨:** ଆମେରିକୀୟ ବିଲିୟନେୟାର ଥୋମାସ୍ ଲି'(୭୮) ଗୁରୁବାର ନ୍ୟୁୟର୍କସ୍ଥିତ ମାନହାଟନସ୍ଥିତ କାର୍ଯ୍ୟାଳୟରେ ଆତ୍ମହତ୍ୟା କରିଛନ୍ତି। ସ୍ଥାନୀୟ ସମୟ ପ୍ରାୟ ୧୧ଟା ୧୦ ମିନିଟରେ ପୋଲିସ ସୂଚନା ପାଇ ସେଠାରେ ପହଞ୍ଚିଥିଲା। ଥୋମାସ୍ ନିଜକୁ ଗୁଳି କରି ସୁସାଇଡ୍ କରିଥିବା ପୋଲିସ କହିଛି। ସେ ଅଚେତ ଅବସ୍ଥାରେ କାର୍ଯ୍ୟାଳୟ ବାଥ୍‌ରୁମ୍ ଫ୍ଲୋର୍‌ରେ ପଡ଼ିଥିବାର ତାଙ୍କର ଜଣେ ମହିଳା ସହାୟିକା ପ୍ରଥମେ ଦେଖିଥିଲେ। ଲି ଇକ୍ୟୁଟିର ସଂସ୍ଥାପକ ଏବଂ ସଭାପତି ଥିଲେ ଥୋମାସ୍। ୨୦୦୬ରେ ସେ ଏହାର ସ୍ଥାପନା କରିଥିଲେ। ପୂର୍ବରୁ ସେ ଥୋମାସ୍ ଏଚ୍.ଲି. ପାର୍ଟନର୍ସର ସଭାପତି ଓ ସିଇଓ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।



### ଜାପାନରେ ୬.୧ ତୀବ୍ରତା ଭୂକମ୍ପ

**ଟୋକିଓ, ୨୫।୨:** ଜାପାନର ହୋକ୍କାଇଡୋରେ ଶନିବାର ରାତିରେ ୬.୧ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଛି। ଭୂକମ୍ପ ପରେ ସ୍ଥାନୀୟ ଅଞ୍ଚଳରେ ସୁନାମି ଆଶଙ୍କା ନ ଥିବା ୟୁଏସ୍ ଜିଓଲୋଜିକାଲ ସର୍ଭେ ଏବଂ ଜାପାନ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଭୂକମ୍ପର ପ୍ରଭାବ କୁସିରୋ ଏବଂ ନେମୁରୋ ସହରରେ ମଧ ଅନୁଭୂତ ହୋଇଥିବା ଜଣାପଡ଼ିଛି।

### ୟୁଏଇ ସମରାଭ୍ୟାସରେ ଭାଗନେବ ତେଜସ୍

**ନୂଆଦିଲ୍ଲୀ, ୨୫।୨:** ପ୍ରଥମ ଥର ପାଇଁ ବିଦେଶୀ ସମରାଭ୍ୟାସରେ ଭାରତ ଦ୍ୱାରା ନିର୍ମିତ ଲାଇଟ୍ କମ୍ବ୍ୟାଟ୍ ଏୟାରକ୍ରାଫ୍ଟ (ଏଲ୍‌ସିଏ) ତେଜସ୍ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ରେ ହେବାକୁ ଥିବା ସମରାଭ୍ୟାସରେ ଭାଗ ନେବାକୁ ଯାଉଛି। ଶନିବାର ଭାରତୀୟ ବାୟୁ ସେନା (ଆଇଏଏଫ୍) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏଥିରେ ଫ୍ରାନ୍ସ, କୁଏତ, ଅଷ୍ଟ୍ରେଲିଆ, ବ୍ରିଟେନ୍, ବାହାରିନ୍, ମରକ୍କୋ, ସ୍ପେନ୍, ଦ ରିପବ୍ଲିକ୍ କୋରିଆ ଏବଂ ଆମେରିକା ଏଥିରେ ଭାଗ ନେବେ। ସମରାଭ୍ୟାସରେ ଭାରତର ୫ଟି ଏଲ୍‌ସିଏ ଏବଂ ୨ଟି ସି-୧୭ ଗ୍ଲୋବ୍‌ମାଷ୍ଟର ୩ ଏୟାରକ୍ରାଫ୍ଟ ସାମଲ ହେବ। ଏଥିରେ ଅଂଶଗ୍ରହଣ କରିବାକୁ ଥିବା ଭାରତୀୟ ବାୟୁସେନାର ୧୧୦ ବାୟୁ ଯୋଦ୍ଧା ଅଲ୍ ଦାଫରା ଏୟାରସ୍ପେସ୍‌ରେ ଶନିବାର ପହଞ୍ଚିଛନ୍ତି। ସମରାଭ୍ୟାସ ଫେବୃୟାରୀ ୨୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୧୭ ପର୍ଯ୍ୟନ୍ତ ଚାଲିବ।

### ବିଶ୍ୱବିଦ୍ୟାଳୟ ଉତ୍ସବରେ ନାଚୁଥିବାବେଳେ ଛାତ୍ରଙ୍କ ମୃତ୍ୟୁ

**ବେଙ୍ଗାଲୁରୁ, ୨୫।୨:** ଅଜିମ ପ୍ରେମ୍‌ଜୀ ୟୁନିଭର୍ସିଟିର ଜଣେ ସ୍ନାତକୋତ୍ତର ଛାତ୍ର ଶୁକ୍ରବାର କଲେଜ ଉତ୍ସବରେ ନୃତ୍ୟ ପରିବେଷଣ କରୁଥିବାବେଳେ ମୂର୍ଚ୍ଛା ଯାଇଥିଲେ ଓ କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ଅଭିଜିତ୍ ଶିନ୍ଦେ(୨୬) ନାମକ ଛାତ୍ର ଏମ୍ଏ ପ୍ରଥମ ବର୍ଷରେ ପଢୁଥିଲେ। ତାଙ୍କ ଘର ମହାରାଷ୍ଟ୍ରର ନାସିକରେ ବୋଲି ଜଣାପଡ଼ିଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଉତ୍ସବ ପାଳନ ବେଳେ ହଠାତ୍ ଜଣେ ଛାତ୍ରଙ୍କ ମୃତ୍ୟୁରେ ଛାତ୍ରୀଛାତ୍ର ସ୍ତବ୍ଧ ହୋଇଯାଇଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ମଧ ବଞ୍ଚାଇବା ସମ୍ଭବ ହୋଇ ନ ଥିଲା। ବିଶ୍ୱବିଦ୍ୟାଳୟ ପକ୍ଷରୁ ମୃତ ଛାତ୍ରଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଯାଇଛି।



ୟୁକ୍ରେନ୍‌କୁ ସମର୍ଥନ ଜଣାଇ ଶନିବାର ୱାଶିଂଟନସ୍ଥିତ ରୁଷିଆ ଦୂତାବାସ ବାହାରେ ବିକ୍ଷୋଭକାରୀମାନେ ପ୍ଲାକାର୍ଡ ଦେଖାଉଛନ୍ତି।

## ରାଜ୍ୟ ପ୍ରମୁଖ ସଚିବମାନଙ୍କ ବୈଠକ ଡାକ

**ଘରୋଇ ହିଂସା ବିରୋଧରେ ଆଇନ କାର୍ଯ୍ୟକାରିତା ନେଇ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

**ନୂଆଦିଲ୍ଲୀ,୨୫।୨(ପି.ଟି.)**

୨୦୨୨ ଜୁଲାଇ ସୁଦ୍ଧା ଦେଶରେ ୪.୭୧ ଲକ୍ଷରୁ ଊର୍ଦ୍ଧ୍ୱ ଘରୋଇ ହିଂସା ମାମଲା ବିଚାର ଅପେକ୍ଷାରେ ପଡ଼ିରହିଥିବାରୁ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷା ଦେବା ଲାଗି ଥିବା ଆଇନର କାର୍ଯ୍ୟକାରିତାକୁ ଅନୁଧ୍ୟାନ କରିବା ଲାଗି ରାଜ୍ୟ ପ୍ରମୁଖ ସଚିବମାନଙ୍କ ବୈଠକ ଡାକିବାକୁ ସର୍ବୋଚ୍ଚ ଅଦାଲତ ଶନିବାର କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଆଇନରେ ସୁରକ୍ଷା ଅଧିକାରୀ ନିଯୁକ୍ତ କରିବା ବ୍ୟବସ୍ଥା ଥିଲେ ମଧ ନିଯୁକ୍ତି ନୈରାଶ୍ୟଜନକ ଥିବା ଶୀର୍ଷ ଅଦାଲତ ଅନୁଭବ କରିଛନ୍ତି। ଗୋଟିଏ ଜିଲାକୁ ଜଣେ ସୁରକ୍ଷା ଅଧିକାରୀ ଯଥେଷ୍ଟ ନୁହେଁ। କାରଣ ସେମାନଙ୍କୁ ହାରାହାରି ୫୦୦ରୁ ୬୦୦ ମାମଲା ପରିଚାଳନା କରିବାକୁ ପଡୁଛି ବୋଲି ଜଷ୍ଟିସ ଏସ୍.ଆର୍. ଭଟ୍ଟ ଏବଂ ଦୀପଙ୍କର ଦତ୍ତଙ୍କ ଖଣ୍ଡପୀଠ କହିଛନ୍ତି। ଏଭଳି ସ୍ଥିତିରେ କେନ୍ଦ୍ର ସରକାର ଉକ୍ତ ଦିଗକୁ ବିଚାରକୁ ନେଇ ହିଂସାର ସମ୍ମୁଖୀନ ହେଉଥିବା ମହିଳାମାନଙ୍କୁ ଉପଯୁକ୍ତ ଆଇନଗତ ସହାୟତା ଯୋଗାଇଦେବା ନିମନ୍ତେ ଭିତ୍ତିଭୂମି ବ୍ୟବସ୍ଥା ସହ ସେମାନଙ୍କ ପାଇଁ ସେଲ୍ଟର ହୋମ୍ ନିର୍ମାଣ କରିବାକୁ ଖଣ୍ଡପୀଠ ପରାମର୍ଶ ଦେଇଥିଲେ। ସେଥିପାଇଁ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରମୁଖ ସଚିବମାନଙ୍କ ବୈଠକ ଡାକିବାକୁ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ସଚିବଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଶିକ୍ଷାନୁଷ୍ଠାନରେ ଆତ୍ମହତ୍ୟା ଘଟଣା

# ସିଜେଆଇଙ୍କ ଉଦ୍‌ବେଗ

**ହାଇଦ୍ରାବାଦ,୨୫।୨**


ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼

ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ଘଟଣା ବଢୁଥିବାରୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଶନିବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜୀବନ ହାରୁଥିବା ପିଲାମାନଙ୍କ ପାଇଁ ସେ ବିଚଳିତ ବୋଲି କହିଛନ୍ତି। ଶିକ୍ଷାନୁଷ୍ଠାନରେ କ'ଣ ତ୍ରୁଟି ରହୁଛି, ଯେଉଁଥିପାଇଁ ଛାତ୍ରୀଛାତ୍ର ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି ବୋଲି ସିଜେଆଇ ଜାଣିବାକୁ ଚାହିଁଛନ୍ତି। ନିକଟରେ ଆଇଆଇଟି ବମ୍ବେରେ ଜଣେ ଦଳିତ ଛାତ୍ର ଆତ୍ମହତ୍ୟା କରିଥିଲେ। ଗୁଜରାଟର ଦର୍ଶନ ସୋଲାଙ୍କି ବମ୍ବେ ଆଇଆଇଟିରେ ପ୍ରଥମ ବର୍ଷ ଛାତ୍ର ଥିଲେ। ସେ ଗତ ୧୨ ତାରିଖରେ କୌଣସି କାରଣରୁ ଆତ୍ମହତ୍ୟା କରିଥିଲେ। ଏଭଳି ଆତ୍ମହତ୍ୟାରେ ସମାଜର ଦୁର୍ବଳ ଶ୍ରେଣୀ ବିଶେଷ ଭାବରେ ଶିକାର ହେଉଛନ୍ତି ବୋଲି ନ୍ୟାଶନାଲ ଏକାଡେମୀ ଅଫ୍ ଲିଗାଲ ଷ୍ଟଡିଜ୍ ଆଣ୍ଡ ରିସର୍ଚ୍ଚ (ଏନ୍‌ଏଏଲ୍‌ଏସ୍‌ଏଆର୍)ରେ ଦୀକ୍ଷାନ୍ତ ଭାଷଣ ଦେଇ ସିଜେଆଇ କହିଛନ୍ତି। ସାମାଜିକ ପରିବର୍ତ୍ତନକୁ ଆଗେଇ ନେବାରେ ବିଚାରପତିମାନଙ୍କୁ କୋର୍ଟରୁମ୍ ଭିତରେ ଏବଂ ବାହାରେ ଆଲୋଚନା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ହେବ। ଏହି ଅବସରରେ ସେ ଗତବର୍ଷ ଓଡ଼ିଶାର ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ଆଦିବାସୀ ଛାତ୍ର ଆତ୍ମହତ୍ୟା ଘଟଣାକୁ ମନେ ପକାଇଥିଲେ। ଏଭଳି ଆତ୍ମହତ୍ୟା ରୋକିବାକୁ ହେଲେ ଆମକୁ ପ୍ରଥମେ ସମସ୍ୟାକୁ ଚିହ୍ନଟ କରିବା ସହ ସ୍ୱୀକାର କରିବାକୁ ପଡ଼ିବ ବୋଲି ଜଷ୍ଟିସ ଚନ୍ଦ୍ରଚୂଡ଼ କହିଛନ୍ତି। ଆଇନଜୀବୀ ଏବଂ ଛାତ୍ରମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏନେଇ ଶିକ୍ଷାକ୍ଷେତ୍ରର ନେତୃତ୍ୱ ନେଉଥିବା ବ୍ୟକ୍ତିମାନେ ମଧ ସମ୍ବେଦନଶୀଳ ହେବାକୁ ସିଜେଆଇ ପରାମର୍ଶ ଦେଇଛନ୍ତି।

## କେନ୍ଦ୍ରମନ୍ତ୍ରୀଙ୍କ କାର୍ ଉପରେ ଆକ୍ରମଣ



**କୋଲକାତା,୨୫।୨**

ପଶ୍ଚିମବଙ୍ଗର କୁଚ୍‌ବିହାର ଅଞ୍ଚଳରେ କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନୀତୀଶ ପ୍ରମାଣିକଙ୍କ କାର୍ ଉପରେ ତୃଣମୂଳ କଂଗ୍ରେସ ସମର୍ଥକମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଟେକାମାଡ଼ରେ ମନ୍ତ୍ରୀଙ୍କ ଏସ୍‌ୟୁଭି କ୍ଷତିଗ୍ରସ୍ତ ହେବା ସହ ଏହାର ୱିଣ୍ଡୋଶିଲ୍ଡ ଭାଙ୍ଗିଯାଇଛି। ଉତ୍ତ୍ୟକ୍ତ ଲୋକଙ୍କୁ ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ପ୍ରମାଣିକ କୁଚ୍‌ବିହାରରୁ ଏମ୍‌ପି ଅଛନ୍ତି। ଯଦି ଜଣେ ମନ୍ତ୍ରୀ ସୁରକ୍ଷିତ ନୁହନ୍ତି, ତେବେ ସାଧାରଣ ଲୋକଙ୍କ ସମସ୍ୟା କ'ଣ ହୋଇଥିବା ସହଜେ ଅନୁମେୟ। ଏହି ଘଟଣା ପଶ୍ଚିମବଙ୍ଗରେ ଗଣତନ୍ତ୍ରର ସ୍ଥିତିକୁ ସ୍ପଷ୍ଟ କରୁଛି ବୋଲି ପ୍ରମାଣିକ କହିଛନ୍ତି। ସେ ସ୍ଥାନୀୟ ଭାଜପା କାର୍ଯ୍ୟାଳୟକୁ ଯାଉଥିବା ବେଳେ ଆକ୍ରମଣ ହୋଇଥିଲା। ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଯବାନଙ୍କ ଗୁଳିରେ ସ୍ଥାନୀୟ ଆଦିବାସୀଙ୍କ ମୃତ୍ୟୁକୁ ନେଇ ମନ୍ତ୍ରୀ ପ୍ରମାଣିକଙ୍କ ବିରୋଧରେ ଉତ୍ତେଜନା ପ୍ରକାଶ ପାଇଥିଲା ବୋଲି ସ୍ଥାନୀୟ ରିପୋର୍ଟରେ ପ୍ରକାଶ ପାଇଛି। ନିକଟରେ ଏକ ରାଲିରେ ଟିଏମ୍‌ସି ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ମନ୍ତ୍ରୀ ପ୍ରମାଣିକଙ୍କୁ ଟାର୍ଗେଟ କରିଥିଲେ।

## ପୌଡେଲ ହେବେ ନେପାଳ ରାଷ୍ଟ୍ରପତି

**କାଠମାଣ୍ଡୁ,୨୫।୨(ପି.ଟି.)**


ରାମଚନ୍ଦ୍ର ପୌଡେଲ୍

ନେପାଳୀ କଂଗ୍ରେସର ବରିଷ୍ଠ ନେତା ରାମଚନ୍ଦ୍ର ପୌଡେଲ୍ ନେପାଳର ପରବର୍ତ୍ତୀ ରାଷ୍ଟ୍ରପତି ହେବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ'ଙ୍କ ସିପିଏନ୍-ମାଓଇଷ୍ଟ ସେଣ୍ଟର ସମେତ ୮ଟି ଦଳ ତାଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରିଛନ୍ତି। ମାର୍ଚ୍ଚ ୯ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ତାଙ୍କ ସହ ସିପିଏନ୍-ୟୁଏମ୍‌ଏଲ୍ ପ୍ରାର୍ଥୀ ସୁବାସ ନେମବାଙ୍ଗଙ୍କର ପ୍ରତିଦ୍ୱନ୍ଦ୍ୱିତା ହେବ। ଶନିବାର ଉଭୟ ନାମାଙ୍କନପତ୍ର ଦାଖଲ କରିଛନ୍ତି। ପୌଡେଲଙ୍କ ନାମାଙ୍କନପତ୍ରରେ ୮ଟି ଦଳର ସମର୍ଥନ ରହିଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ଶେର ବାହାଦୁର ଦେଉବା, ସିପିଏନ୍ (ୟୁନିଫାଏଡ୍ ସୋସିଆଲିଷ୍ଟ) ଅଧ୍ୟକ୍ଷ ମାଧବ କୁମାର ନେପାଳ, ମାଓବାଦୀ ସେଣ୍ଟର ବରିଷ୍ଠ ଉପାଧ୍ୟକ୍ଷ ନାରାୟଣ କାଜି ଶ୍ରେଷ୍ଠ, ଜନତା ସମାଜବାଦୀ ପାର୍ଟିଫେଡେରାଲ କାଉନସିଲ୍ ଅଧ୍ୟକ୍ଷ ଅଶୋକ ରାୟ ଏବଂ ଜନମତ ପାର୍ଟି ନେତା ଅବଦୁଲ ଖାନ୍ ପ୍ରସ୍ତାବକ ରହିଥିଲେ। ପୌଡେଲ ନିର୍ବାଚିତ ହେବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ବର୍ତ୍ତମାନର ରାଷ୍ଟ୍ରପତି ବିଦ୍ୟାଦେବୀ ଭଣ୍ଡାରୀଙ୍କ କାର୍ଯ୍ୟକାଳ ମାର୍ଚ୍ଚ ୧୨ରେ ଶେଷ ହେବ।

## ୮ ଆଇଏସ୍ ଆତଙ୍କବାଦୀ ଦୋଷୀସାବ୍ୟସ୍ତ

**କାନପୁର ଷଡ଼ଯନ୍ତ୍ର ମାମଲା**

**ନୂଆଦିଲ୍ଲୀ,୨୫।୨(ଆଇଏଏନ୍‌ଏସ୍)**

୨୦୧୭ କାନପୁର ଷଡ଼ଯନ୍ତ୍ର ମାମଲାରେ ଲକ୍ଷ୍ନୌର ସ୍ୱତନ୍ତ୍ର ଏନ୍‌ଆଇଏ ଅଦାଲତ ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀ ଗ୍ରୁପ୍‌ର ୮ ଜଣଙ୍କୁ ଦୋଷୀସାବ୍ୟସ୍ତ କରିଛନ୍ତି। ଏମାନେ ଆଇଏସ୍ ତରଫରୁ ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଆକ୍ରମଣ ଲାଗି କାନପୁରରେ ଷଡ଼ଯନ୍ତ୍ର କରିଥିଲେ। ତଦନ୍ତ ବେଳେ ଅଭିଯୁକ୍ତମାନେ ଆଇଇଡି ପରୀକ୍ଷା କରିବା ସହ ବିଭିନ୍ନ ସ୍ଥାନରେ ଖଞ୍ଜିବା ପାଇଁ ପ୍ରସ୍ତୁତି ଚଳାଇଥିବାର ପ୍ରମାଣ ମିଳିଥିଲା। ପ୍ରଥମେ ଲକ୍ଷ୍ନୌର ଏଟିଏସ୍ ଥାନା ୮ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଥିବାବେଳେ ପରେ ଏନ୍‌ଆଇଏ ଏହାର ତଦନ୍ତ ଦାୟିତ୍ୱ ନେଇଥିଲା। ଆସନ୍ତା ୨୭ରେ କୋର୍ଟ ଦଣ୍ଡ ଶୁଣାଣି କରିବେ।

## ପାକ୍ କ୍ରିକେଟ ଟିମ୍ ସମର୍ଥକଙ୍କୁ 'ଭାରତ ମାତା କୀ ଜୟ' କହିବାକୁ ବାଧ କରାଗଲା

**ପଣଜୀ,୨୫।୨**

ପାକିସ୍ତାନୀ କ୍ରିକେଟ ଟିମ୍‌କୁ ସମର୍ଥନ ଜଣାଇଥିବା ଗୋଆର ଜଣେ ଦୋକାନୀଙ୍କୁ ସର୍ବସାଧାରଣରେ କ୍ଷମା ମଗାଇବା ସହ ତାଙ୍କୁ 'ଭାରତ ମାତା କୀ ଜୟ' ସ୍ଲୋଗାନ ଦେବାକୁ ବାଧ କରାଯାଇଛି। ଗତ ଗୁରୁବାର ଏହି ଘଟଣା ଘଟିଥିବାବେଳେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଏକ ଭିଡିଓରେ ଉତ୍ତର ଗୋଆ କାଲାଙ୍ଗୁଟେର ଜଣେ ଦୋକାନୀ ରହୁଥିବା ଅଞ୍ଚଳ ମୁସଲମାନ ବହୁଳ ହୋଇଥିବାରୁ ସେ ପାକିସ୍ତାନୀ କ୍ରିକେଟ ଟିମ୍‌କୁ ସମର୍ଥନ କରନ୍ତି ବୋଲି କହୁଥିବା ଦେଖିବାକୁ ମିଳିଥିଲା। ଜଣେ ଟ୍ରାଭେଲ ବ୍ଲଗର ଉକ୍ତ ଭିଡିଓକୁ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ପାକିସ୍ତାନ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳୁଥିବାବେଳେ ଏହି ଭିଡିଓ ଶୁଟ୍ କରାଯାଇଥିଲା। ଭିଡିଓ ଭାଇରାଲ ହେବା ପରେ ଗୁରୁବାର କେତେଜଣ ଲୋକ ତାଙ୍କ ଦୋକାନ ନିକଟରେ ପହଞ୍ଚି ପାକିସ୍ତାନକୁ ସମର୍ଥନ କରିବାର କାରଣ ପଚାରିଥିଲେ। ଧର୍ମକୁ ନେଇ ଦେଶକୁ ଭାଗ ଭାଗ ନ କରିବାକୁ ସେମାନେ କହିବା ସହ ଉକ୍ତ ଦୋକାନୀଙ୍କୁ ଅଣ୍ଟେଇ ଦେଶବାସୀଙ୍କୁ କ୍ଷମା ମାଗିବାକୁ ବାଧ କରିଥିଲେ।

## ତୁର୍କୀରେ ୬୬ ଘଣ୍ଟାରେ ୩୭ ଭୂକମ୍ପ


ତୁର୍କୀର ହତାୟରେ ବିଧ୍ୱସ୍ତ ବିଲ୍ଡିଂର ଭଗ୍ନାବଶେଷ ଉପରେ ଜଣେ ବ୍ୟକ୍ତି ଯାଉଛନ୍ତି।

**ଆଙ୍କାରା, ୨୫।୨**

ତୁର୍କୀର ନିଗଡେରେ ଶନିବାର ୫.୩ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଛି। ଗତ ୬୬ ଘଣ୍ଟା ମଧ୍ୟରେ ତୁର୍କୀରେ ୩୭ଥର ଭୂକମ୍ପ ଅନୁଭୂତ ହୋଇସାରିଲାଣି। ଏଥିରେ କୌଣସି ଜୀବନହାନି ହୋଇ ନ ଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଫେବୃୟାରୀ ୬ରେ ହୋଇଥିବା ଭୂକମ୍ପରେ ତୁର୍କୀରେ ୪୪,୨୧୮ ଜଣଙ୍କ ମୃତ୍ୟୁ ଘଟିଥିଲା। ତୁର୍କୀ ଓ ସିରିଆ ମୃତ୍ୟୁସଂଖ୍ୟା ଏବେ ୫୦ ହଜାର ପାର୍ କରିଛି। ତୁର୍କୀର ୧୫ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ତେବେ ରେସ୍କ୍ୟୁ ଅପରେଶନ ବହୁ ଅଞ୍ଚଳରେ ବନ୍ଦ କରାଯାଇଛି। ଅନ୍ୟପକ୍ଷେ ସରକାରଙ୍କ ପକ୍ଷରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଗୋଟିଏ ବର୍ଷରେ ବିଲ୍ଡିଂ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ତୁର୍କୀ ରାଷ୍ଟ୍ରପତି ତାୟିପ ଇର୍ଦ୍ଦୋଗାନ୍ କହିଛନ୍ତି। ପ୍ରଥମ ସୋପାନରେ ସରକାର ୨,୦୦,୦୦୦ ଆପାର୍ଟମେଣ୍ଟ ଏବଂ ୭୦,୦୦୦ ଗ୍ରାମାଞ୍ଚଳ ଘର ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ତେବେ ୨୫ ବିଲିୟନ୍ ଡଲାର ବିନିମୟରେ ଏହି ଘର ନିର୍ମାଣ କରାଯିବ। ସିରିଆରେ ଭୂକମ୍ପଜନିତ ମୃତ୍ୟୁସଂଖ୍ୟା ୫,୯୧୪ରେ ପହଞ୍ଚିଛି।

## ଭାରତ ଶାନ୍ତି ପ୍ରକ୍ରିୟାରେ ସାମିଲ ହେବାକୁ ପ୍ରସ୍ତୁତ: ମୋଦି

**ୟୁକ୍ରେନ୍ ପ୍ରସଙ୍ଗ**

**ନୂଆଦିଲ୍ଲୀ, ୨୫।୨**


ଜର୍ମାନ ଚାନ୍ସେଲର ଓଲଫ ସ୍କୋଲ୍ଜଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଭାରତ ଶାନ୍ତି ପ୍ରକ୍ରିୟାରେ ସାମିଲ ହେବାକୁ ପ୍ରସ୍ତୁତ ଥିବା ଶନିବାର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଜର୍ମାନ ଚାନ୍ସେଲର ଓଲଫ ସ୍କୋଲ୍ଜଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବେଳେ କହିଛନ୍ତି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ବର୍ଷେ ବିତିଯାଇଛି। ଯୁଦ୍ଧର ପ୍ରଭାବ ବୈଶ୍ୱିକ ଖାଦ୍ୟ ଓ ଶକ୍ତି ସମ୍ପଦ ଉପରେ ପଡୁଥିବାବେଳେ ବହୁ ଦେଶ ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି। ଏ ପ୍ରକାର ବୈଶ୍ୱିକ ସମସ୍ୟାର ସମାଧାନ ହେବା ଜରୁରୀ। ଓଲଫ ଦୁଇଦିନିଆ ଭାରତ ଗସ୍ତରେ ଅଛନ୍ତି। ୨୦୨୧ରେ ଜର୍ମାନ ଚାନ୍ସେଲର ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ପ୍ରଥମ ଭାରତ ଗସ୍ତ। ଦୁଇ ରାଷ୍ଟ୍ର ପ୍ରତିନିଧିଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ସାଙ୍ଗକୁ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ନୂଆ ଟେକ୍‌ନୋଲୋଜି ଉଦ୍ଭାବନ ଦିଗରେ ଉଭୟ ଦେଶ ମିଳିତ ଭାବେ କାର୍ଯ୍ୟ କରିବା ନେଇ ଆଲୋଚନା ହୋଇଥିବା କୁହାଯାଉଛି। ଯୁଦ୍ଧରେ ୟୁକ୍ରେନ୍‌ର ବ୍ୟାପକ କ୍ଷତି ହୋଇଛି। ଏହାର ନକାରାତ୍ମକ ପ୍ରଭାବ ସାରା ବିଶ୍ୱ ଉପରେ ପଡ଼ିଛି ବୋଲି ଶନିବାର ମିଳିତ ଖବରଦାତା ସମ୍ମିଳନୀରେ ସ୍କୋଲ୍ଜ କହିଛନ୍ତି। ସେହିପରି ଯୁଦ୍ଧ ଶେଷ କରିବା ଲାଗି ଭାରତ ଶାନ୍ତି ପ୍ରକ୍ରିୟାରେ ଭାଗ ନେବା ପାଇଁ ପ୍ରସ୍ତୁତ ଥିବା ମୋଦି ପ୍ରକାଶ କରିଛନ୍ତି। ଆତଙ୍କବାଦୀ, ବିଚ୍ଛିନ୍ନତାବାଦୀ ବିରୋଧରେ ଭାରତ, ଜର୍ମାନ ଏକାଠି କାମ କରିବେ। ଏଥିସହ ସୀମାରେ ଅନୁପ୍ରବେଶକାରୀଙ୍କ ମୂଳପୋଛ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୀମାର କୌଣସି ହିଂସାତ୍ମକ କାଣ୍ଡକୁ ପ୍ରଶ୍ରୟ ଦିଆଯିବ ନାହିଁ।

## ଏମ୍‌ସିଡି ଷ୍ଟାଣ୍ଡିଂ କମିଟି ପୁନଃ ନିର୍ବାଚନ ଅଟକିଲା

**ହାଇକୋର୍ଟଙ୍କ ସ୍ଥଗିତାଦେଶ**

**ନୂଆଦିଲ୍ଲୀ,୨୫।୨**




ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି) ଷ୍ଟାଣ୍ଡିଂ କମିଟିର ୬ ସଦସ୍ୟଙ୍କ ପୁନଃ ନିର୍ବାଚନ ଉପରେ ଦିଲ୍ଲୀ ହାଇକୋର୍ଟ ଶନିବାର ସ୍ଥଗିତାଦେଶ ଲଗାଇଛନ୍ତି। ଫଳରେ ଶାସକ ଏଏପିକୁ ଶକ୍ତ ଝଟକା ଲାଗିଛି। ନିର୍ବାଚନ ନିୟମାବଳୀ ୫୧ରେ ଷ୍ଟାଣ୍ଡିଂ କମିଟି ନିର୍ବାଚନକୁ ବାତିଲ ଘୋଷଣା କରିବା ଅଧିକାର ମେୟରଙ୍କର ରହିଥିବା ଉଲ୍ଲେଖ କରାଯାଇ ନାହିଁ ବୋଲି ହାଇକୋର୍ଟ କହିଥିଲେ। ଶୁକ୍ରବାର ଏମ୍‌ସିଡି ଷ୍ଟାଣ୍ଡିଂ କମିଟି ନିର୍ବାଚନରେ ଗୋଟିଏ ଭୋଟକୁ ମେୟର ଶେଲି ଓବେରୟ ଅବୈଧ ଘୋଷଣା କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଭାଜପା କାଉନସିଲର ଶିଖା ରାୟ ଏବଂ କମଲଜିତ୍ ସେହରାୱତ୍ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ପିଟିଶନ ଉପରେ ହାଇକୋର୍ଟ ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା ଏବଂ ମେୟର ଓବେରୟଙ୍କୁ ନୋଟିସ ଜାରି କରିଛନ୍ତି। ବାଲଟ ପେପର, ସିସିଟିଭି ଫୁଟେଜ ଏବଂ ଭୋଟିଂ ସମୟର ଅନ୍ୟାନ୍ୟ ତଥ୍ୟ ପ୍ରମାଣକୁ ସଂରକ୍ଷିତ ରଖିବା ଲାଗି ମେୟରଙ୍କୁ କୁହାଯାଇଛି। ସୂଚନାଯୋଗ୍ୟ, ଏମ୍‌ସିଡି ଷ୍ଟାଣ୍ଡିଂ କମିଟି ସଦସ୍ୟ ନିର୍ବାଚନରେ ଭୋଟ ପୁନଃଗଣନାକୁ ମେୟର ଶୁକ୍ରବାର ବନ୍ଦ କରିବା ପରେ ଏହାକୁ ନେଇ ଗୃହରେ ରଣକ୍ଷେତ୍ର ପାଲଟିଥିଲା। ଏଏପି ଏବଂ ଭାଜପା କାଉନସିଲରମାନେ ପରସ୍ପରକୁ ମୁଥ ଓ ଗୋଇଠା ମାରିବା ସହ ଚୁଟି ଘୋଷାଡ଼ିଥିଲେ। ଏହି ସଂଘର୍ଷ ବେଳେ କେତେଜଣଙ୍କ କୁର୍ତ୍ତା ଚିରିବା ସହ ଦୁଇଜଣ ସଦସ୍ୟ ତଳେ ପଡ଼ିଯାଇଥିଲେ। ଏପରିକି ମହିଳା ସଦସ୍ୟମାନେ ମଧ ଆକ୍ରମଣରୁ ବାଦ୍ ପଡ଼ି ନ ଥିଲେ। ମେୟର ଓବେରୟଙ୍କୁ ମଧ ଭାଜପା ଗୁଣ୍ଡାମାନେ ଆକ୍ରମଣ କରିଥିବା ଏଏପି ଅଭିଯୋଗ କରିଥିଲା।




# ସରକାରୀ ସ୍କୁଲ ପିଲାଙ୍କୁ ମିଳିବ ନୋଟ୍ ବୁକ୍

**ଭୁବନେଶ୍ୱର, ୨୫।୨(ବ୍ୟୁରୋ)**

ରାଜ୍ୟରେ ଥିବା ସମସ୍ତ ସରକାରୀ ସ୍କୁଲ୍‌ର ଛାତ୍ରୀଛାତ୍ରଙ୍କୁ ନୋଟ୍ ବୁକ୍ ବା ଡାଏରୀ ମିଳିବ। ଏ ନେଇ ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏଣିକି ଘରୋଇ ସ୍କୁଲ ଭଳି ସରକାରୀ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନୋଟ୍ ବୁକ୍ ଦିଆଯିବ। ଯେଉଁଥିରେ ଛାତ୍ରୀଛାତ୍ରଙ୍କୁ ହୋମ୍ ୱାର୍କ ଓ ଶିକ୍ଷକମାନେ କ'ଣ ପାଠ ପଢ଼ାଉଛନ୍ତି ସେ ନେଇ ଉଲ୍ଲେଖ ରହିବ। ପିଲାଙ୍କୁ ନୋଟ୍ ବୁକ୍ ଦିଆଯିବା ଫଳରେ ଅଭିଭାବକମାନେ ପିଲାଙ୍କ ପାଠପଢ଼ା ସମ୍ପର୍କରେ ସବୁକଥା ଜାଣିପାରିବେ। ସ୍କୁଲରେ କ'ଣ ପାଠ ପଢ଼ାଯାଉଛି ଏବଂ ଘରକୁ କ'ଣ ପାଠ ଦିଆଯାଉଛି, ତାହା ଅଭିଭାବକମାନେ ଜାଣିପାରିବେ। ନୋଟ୍ ବୁକ୍‌ରେ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ପ୍ରତି ସେମାନଙ୍କର ରିମାର୍କସ ଦେବେ। ଅଭିଭାବକମାନେ ଏହି ନୋଟ୍ ବୁକ୍ ଜରିଆରେ ଏକାଡେମିକ ଆକ୍ଟିଭିଟିଜ୍ ସମ୍ପର୍କରେ ଜାଣିବା ସହ ପିଲାଙ୍କୁ ସେହିଅନୁସାରେ ଗାଇଡ୍ କରିପାରିବେ। ଏହାଛଡ଼ା ଏଥିରେ ଛୁଟିଦିନ, ସ୍କୁଲ ପ୍ରୋଗ୍ରାମ, ଜରୁରିକାଳୀନ ଫୋନ୍ ନମ୍ବର ଏବଂ ଶିକ୍ଷକଙ୍କ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଉପଲବ୍ଧ ରହିବ। ମୁଖ୍ୟମନ୍ତ୍ରୀ ଶିକ୍ଷା ବିଭାଗକୁ ସ୍ୱତନ୍ତ୍ର ଦୃଷ୍ଟି ଦେଉଛନ୍ତି। 'ମୋ ସ୍କୁଲ ଯୋଜନା' ଅନୁଯାୟୀ ଏଥିପାଇଁ ସ୍ୱତନ୍ତ୍ର ଫୋକସ୍ କରାଯାଉଛି। ତେଣୁ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନୋଟ୍ ବୁକ୍ ଦେବା ପାଇଁ ବିଭାଗ ଯୋଜନା କରିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।






# ହାଇଦ୍ରାବାଦ ସ୍ଥାନାନ୍ତର ହେଲେ ପିଣ୍ଟୁ ନନ୍ଦ

**ଭୁବନେଶ୍ୱର,୨୫।୨(ବ୍ୟୁରୋ)**



■ ପରିବାର ସଦସ୍ୟଙ୍କ ବ୍ଲଡ୍‌ଗ୍ରୁପ୍ ନ ମିଶିବାରୁ ଲିଭର ଟ୍ରାନ୍ସପ୍ଲାଣ୍ଟ ହୋଇପାରିଲାନି

■ ବାହାର ଡୋନର ଯୋଗାଡ଼ ଲାଗି ପ୍ରକ୍ରିୟା ଆରମ୍ଭ

ଲିଭର ଟ୍ରାନ୍ସପ୍ଲାଣ୍ଟ ଲାଗି ଡୋନର ନ ମିଳିବାରୁ ଶନିବାର ଦିଲ୍ଲୀରୁ ହାଇଦ୍ରାବାଦ ସ୍ଥାନାନ୍ତର ହୋଇଛନ୍ତି ଓଲିଉଡ୍ ଅଭିନେତା ପିଣ୍ଟୁ ନନ୍ଦ। ଲିଭର ସିରୋସିସ୍ ରୋଗରେ ପୀଡ଼ିତ ଥିବା ପିଣ୍ଟୁ ନନ୍ଦ ଗତ ୭ ତାରିଖରେ ନୂଆଦିଲ୍ଲୀସ୍ଥିତ ଆଇଏଲ୍‌ବିଏସ୍ ହସ୍ପିଟାଲରେ ଭର୍ତ୍ତି ହୋଇ ଆଇସିୟୁରେ ଚିକିତ୍ସିତ ହେଉଥିଲେ। ପ୍ରାୟ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି। ପରିବାର ସଦସ୍ୟଙ୍କ ବ୍ଲଡ୍ ଗ୍ରୁପ ମ୍ୟାଚ୍ ନ କରିବାରୁ ଲିଭର ଟ୍ରାନ୍ସପ୍ଲାଣ୍ଟ ଲାଗି ତାଙ୍କୁ ହାଇଦ୍ରାବାଦ ସ୍ଥାନାନ୍ତର କରାଯାଇଥିବା ସୂଚନା ଦିଆଯାଇଛି।

ଆଇଏଲ୍‌ବିଏସ୍ ହସ୍ପିଟାଲର ନିୟମ ଅନୁଯାୟୀ, କେବଳ ପରିବାର ଲୋକେ ହିଁ ଲିଭର ଦେଇପାରିବେ। ମାତ୍ର ପିଣ୍ଟୁଙ୍କୁ ଲିଭର ଦେବାକୁ ସହମତି ପ୍ରକାଶ କରିଥିବା ତାଙ୍କ ପରିବାର ସଦସ୍ୟଙ୍କ ବ୍ଲଡ୍ ଗ୍ରୁପ୍ ତାଙ୍କ ସହ ମ୍ୟାଚ୍ କଲା ନାହିଁ। ବାହାରୁ ଲିଭର ଆଣି ଟ୍ରାନ୍ସପ୍ଲାଣ୍ଟ କରିବା ଲାଗି ସେଠାରେ ସମ୍ଭବ ହୋଇ ନ ଥିଲା। ତେବେ ହାଇଦ୍ରାବାଦ ସ୍ଥାନାନ୍ତର ପରେ ପିଣ୍ଟୁଙ୍କ ଅବସ୍ଥା ଏବେ ସ୍ଥିର ଥିବାବେଳେ ଶୀଘ୍ର ଡୋନର ଯୋଗାଡ଼ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଡୋନର ମିଳିଲେ ତାଙ୍କ ଶରୀରରେ ଲିଭର ଟ୍ରାନ୍ସପ୍ଲାଣ୍ଟ କରାଯିବାର ବ୍ୟବସ୍ଥା କରାଯିବ ବୋଲି ଅଭିନେତା ଶ୍ରୀତମ ଦାସ କହିଛନ୍ତି। ତାଙ୍କୁ ଆର୍ଥିକ ସହାୟତା ପାଇଁ ବହୁ ଯୁବପିଢ଼ି, କଳାକାରମାନେ ଲାଗି ପଡ଼ିଛନ୍ତି। ସୂଚନାଯୋଗ୍ୟ, ପ୍ରଥମେ ପିଣ୍ଟୁ ନନ୍ଦ ଭୁବନେଶ୍ୱରରରେ ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ନୂଆଦିଲ୍ଲୀସ୍ଥିତ ଆଇଏଲ୍‌ବିଏସ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

# ମାଓବାଦୀଙ୍କ ସହ ଗୁଳି ବିନିମୟ: ୩ ଯବାନ ଶହୀଦ

**ମାଲକାନଗିରି,୨୫।୨ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ଜାଗୁରୁକୋଣ୍ଡା ଥାନା ଅଞ୍ଚଳର କୁନ୍ଦେର ଜଙ୍ଗଲରେ ଶନିବାର ମାଓବାଦୀମାନେ ଏକ ବଡ଼ଧରଣର ଅଘଟଣ ଘଟାଇଛନ୍ତି। ପୋଲିସ–ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ୩ଜଣ ଯବାନ ଶହୀଦ ହୋଇଛନ୍ତି। ୨ଜଣ ଆହତ ହୋଇଥିବା ଜଣାପଡ଼ିଛି। ଶହୀଦ ଯବାନମାନେ ହେଲେ ସୁକ୍‌ମା ଜିଲା ଡିଆର୍‌ଜି ବାହିନୀର ଏଏସ୍‌ଆଇ ରଘୁରାମ ନାଗ, କନଷ୍ଟେବଲ କୁଞ୍ଜାମ ଜଗା ଓ ଭାଜାମ ଭୀମା।

ସକାଳେ ଜାଗୁରୁକୋଣ୍ଡା କ୍ୟାମ୍ପରୁ ଯବାନମାନେ କୁନ୍ଦେର ଜଙ୍ଗଲ ଦେଇ କୋମ୍ବିଂ ଅପରେଶନକୁ ଯାଉଥିଲେ। ତେବେ ମାଓବାଦୀମାନେ ଏହା ପୂର୍ବରୁ ଆମ୍ବୁସ ଲଗାଇଥିବା ସେମାନେ ଜାଣିପାରି ନ ଥିଲେ। ଫଳରେ ମାଓବାଦୀଙ୍କ ଆମ୍ବୁସ ଘେରରେ ଯବାନମାନେ ଫସିଯାଇଥିଲେ। ଏହି ସମୟରେ ମାଓବାଦୀମାନେ ଯବାନମାନଙ୍କ ଉପରକୁ ଆଖିବୁଜା ଗୁଳିଚାଳନା କରିଥିଲେ। ଯବାନମାନେ ମଧ୍ୟ ମାଓବାଦୀଙ୍କ ସହ କଡ଼ା ମୁକାବିଲା କରି ପାଲଟା ଗୁଳିଚାଳନା କରିଥିଲେ। ପୋଲିସ ଗୁଳିର ସାମ୍ନା କରି ନ ପାରି ଶେଷରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଏହି ଘଟଣାରେ ମାଓବାଦୀଙ୍କ ମୃତାହତ ସମ୍ପର୍କରେ କିଛି ସୂଚନା ମିଳିପାରି ନାହିଁ। ତେବେ ଘଟଣାସ୍ଥଳ ତଲାସି ବେଳେ ପୋଲିସ ଉପରୋକ୍ତ ୩ ଯବାନଙ୍କ ମୃତଦେହ ପାଇଥିଲା। ପରେ କୁନ୍ଦେର ଜଙ୍ଗଲ ଅଞ୍ଚଳରେ ପୋଲିସ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରିଛି। ଆହତମାନଙ୍କୁ ପ୍ରଥମେ ଜାଗୁରୁକୋଣ୍ଡା କ୍ୟାମ୍ପରେ ପ୍ରାଥମିକ ଚିକିତ୍ସା ପରେ ଜଗଦଲପୁର ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସମ୍ପୃକ୍ତ ଅଞ୍ଚଳରେ ହାଇ ଆଲର୍ଟ ଜାରି କରାଯାଇଛି। ଅଚିହ୍ନା ବ୍ୟକ୍ତି ଏବଂ ବିଭିନ୍ନ ଲଜ୍‌ରେ ରହୁଥିବା ବାହାର ଲୋକଙ୍କ ଉପରେ ପୋଲିସ କଡ଼ା ନଜର ରଖିଛି। ସୂଚନାଯୋଗ୍ୟ, ଗତ କିଛିବର୍ଷ ହେଲା ମାଲକାନଗିରି ଜିଲାରେ ମାଓବାଦୀ ହିଂସା ଦେଖିବାକୁ ମିଳୁ ନ ଥିଲା। ସୀମାନ୍ତ ଛତିଶଗଡ଼ର ସୁକ୍‌ମା, ବିଜାପୁର, ଦାନ୍ତେୱାଡ଼ା ଜିଲାରେ ମାଓବାଦୀ ହିଂସା ବିଭିନ୍ନ ସମୟରେ ଦେଖିବାକୁ ମିଳୁଥିଲା ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ରିକି କେଜ୍

**ଭୁବନେଶ୍ୱର,୨୫।୨(ବ୍ୟୁରୋ):** ତିନି ଥର ଗ୍ରାମୀ ପୁରସ୍କାର ବିଜେତା ତଥା ଭାରତୀୟ ସଙ୍ଗୀତକାର ଏବଂ ପ୍ରଯୋଜକ ରିକି କେଜ୍ ଶନିବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ନିକଟରେ ତୃତୀୟଥର ପାଇଁ ଗ୍ରାମୀ ପୁରସ୍କାର ପାଇଥିବାରୁ ମୁଖ୍ୟମନ୍ତ୍ରୀ ରିକି କେଜ୍‌ଙ୍କୁ ଅଭିନନ୍ଦନ ଜଣାଇଥିଲେ। ସାକ୍ଷାତ ବେଳେ ଉଭୟ କିଛି ସମୟ ପାଇଁ ଆଲୋଚନା କରିଥିଲେ। ଅନ୍ତର୍ଜାତୀୟ ମାଣ୍ଡିଆ ଦିବସରେ ରିକି କେଜ୍‌ଙ୍କ ଓଡ଼ିଆ ଭାଷାରେ ମାଣ୍ଡିଆ ଗୀତରେ ଥିବା ଅବଦାନ ପାଇଁ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଏହି ଅବସରରେ ହକି ଜର୍ସି ପ୍ରଦାନ କରିଥିଲେ।



# 'ଦେଶର ଗର୍ବ ମ୍ୟୁଜିୟମ ଅଫ୍ ଜଷ୍ଟିସ'



**କଟକ ଅଫିସ,୨୫।୨**



ମ୍ୟୁଜିୟମ ଅଫ୍ ଜଷ୍ଟିସ ଉଦ୍‌ଘାଟନୀ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଅନ୍ୟମାନେ।

କଟକ ବାରବାଟୀ ଦୁର୍ଗ ପରିସରରେ ମ୍ୟୁଜିୟମ ଅଫ୍ ଜଷ୍ଟିସ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହାକୁ ଉଦ୍‌ଘାଟନ କରି କହିଥିଲେ, ମ୍ୟୁଜିୟମ ଅଫ୍ ଜଷ୍ଟିସ୍ ଦେଶର ଗର୍ବ। ଏଥିସହ ସେ ନାଗରିକର ଅଧିକାର ଅକ୍ଷୁଣ୍ଣ ରହିବା ଉପରେ ସଚେତନତା ସୃଷ୍ଟି କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କହିଥିଲେ, ମ୍ୟୁଜିୟମ ଅଫ୍ ଜଷ୍ଟିସ ମାଧ୍ୟମରେ ଇତିହାସକୁ କେବଳ ସମ୍ମାନ ଦିଆଯାଇନାହିଁ ବରଂ ଇତିହାସ ସୃଷ୍ଟି କରାଯାଇଛି। ହାଇକୋର୍ଟ ଓ ଜିଲାକୋର୍ଟଗୁଡ଼ିକର ରେକର୍ଡ ରୁମ୍‌ରେ ଥିବା ଊନବିଂଶ ଶତାବ୍ଦୀ ପୂର୍ବର ପୁରୁଣା ରେକର୍ଡଗୁଡ଼ିକୁ ମ୍ୟୁଜିୟମ୍‌ରେ ସ୍ଥାନିତ କରାଯାଇଛି। ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ, ପ୍ରସିଦ୍ଧ ବ୍ୟକ୍ତିତ୍ୱ ଓ ଘଟଣାବଳୀ ସମ୍ପର୍କିତ ବହୁ ଲୁକ୍କାୟିତ ରେକର୍ଡଗୁଡ଼ିକୁ ଏଠାରେ ସ୍ଥାନିତ କରାଯାଇ ଓଡ଼ିଶାର ନ୍ୟାୟିକ ବ୍ୟବସ୍ଥାର ବୈପ୍ଳବିକ ପରିବର୍ତ୍ତନକୁ ଉପସ୍ଥାପନା କରିବାର ପ୍ରୟାସ କରାଯାଇଛି। ଏହି ମ୍ୟୁଜିୟମ କେବଳ ଓଡ଼ିଶାର ନୁହେଁ, ସାରା ଦେଶର ନ୍ୟାୟିକ ବ୍ୟବସ୍ଥାର ପ୍ରତିଫଳନ। କାରଣ ଯେକୌଣସିଠାରେ ସଂଘଟିତ ଘଟଣାବଳୀର ଦର୍ପଣ ହେଉଛି ଓଡ଼ିଶା। ଏହି ମ୍ୟୁଜିୟମ ଅଧ୍ୟୟନ, ଅଧ୍ୟାପନା

## ଉଦ୍‌ଘାଟନ କଲେ ରାଜ୍ୟପାଳ

ଓ ଗବେଷଣା ଆଦିର ପ୍ରମୁଖ ସ୍ଥଳ ପାଲଟିବ ବୋଲି ମୁଖ୍ୟ ବିଚାରପତି କହିଛନ୍ତି। ବିଚାରପତି ଦେବବ୍ରତ ଦାଶ ସ୍ୱାଗତ ଭାଷଣ ଦେଇ କହିଥିଲେ, ନ୍ୟାୟିକ ବ୍ୟବସ୍ଥାର ଏକ ସମ୍ଭ୍ରାନ୍ତ ଐତିହ୍ୟ ରହିଛି। ମ୍ୟୁଜିୟମ ଅଫ୍ ଜଷ୍ଟିସରେ ପ୍ରାଚୀନ ସମୟରୁ ନ୍ୟାୟିକ ବ୍ୟବସ୍ଥାର ଉଜ୍ଜ୍ୱଳମୟ ଇତିହାସ ସ୍ଥାନିତ ହୋଇଛି। ଏହି ଅବସରରେ ମ୍ୟୁଜିୟମ୍‌ର ପ୍ରଥମ ପ୍ରକାଶନକୁ ଉନ୍ମୋଚନ କରାଯାଇଥିଲା। ବିଚାରପତି ଶଶିକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜି.ବି. ପଟ୍ଟନାୟକ, ମ୍ୟୁଜିୟମର କନ୍‌ସଲଟେଟିଭ କମିଟି ସଦସ୍ୟ ବିଚାରପତି ଡ. ଏ. କେ. ମିଶ୍ର, ଡ. ନିବେଦିତା ମହାନ୍ତି, ଟ୍ରାଇବାଲ ମ୍ୟୁଜିୟମର ନିର୍ଦ୍ଦେଶକ ଏ. ବି. ଓତା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ଶୁଚିସ୍ମିତା ମନ୍ତ୍ରୀ, ପ୍ରଫେସର ନୀହାର ରଞ୍ଜନ ପଟ୍ଟନାୟକ, ଇନ୍‌ଟାକ୍‌ର ନିର୍ଦ୍ଦେଶକ ମଲ୍ଲିକା ମିତ୍ରଙ୍କ ସମେତ ହାଇକୋର୍ଟର କାର୍ଯ୍ୟରତ ବିଚାରପତି, ପୂର୍ବତନ ବିଚାରପତି, ଆଡ୍‌ଭୋକେଟ ଜେନେରାଲ, ବରିଷ୍ଠ ସରକାରୀ ପ୍ରଶାସକ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, ୟୁନିଭର୍ସିଟି ଲ' କଲେଜ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଉଦ୍‌ଘାଟନୀ ସମାରୋହ ଶେଷ ହେବାପରେ ରାଜ୍ୟପାଳ, ହାଇକୋର୍ଟ ମୁଖ୍ୟ ବିଚାରପତି ଓ ଅନ୍ୟମାନେ ମ୍ୟୁଜିୟମର ବିଭିନ୍ନ ଗ୍ୟାଲେରି ବୁଲି ଦେଖିଥିଲେ। ସେହିପରି ଛାତ୍ରୀଛାତ୍ରମାନେ ମଧ୍ୟ ମ୍ୟୁଜିୟମ୍‌ର ବିଭିନ୍ନ ଗ୍ୟାଲେରି ବୁଲି ଦେଖିଥିଲେ। ଏଥିରେ ସ୍ଥାନିତ ହୋଇଥିବା ଜନଜାତି ନ୍ୟାୟ ବ୍ୟବସ୍ଥା, କୋର୍ଟ ରୁମ୍‌ର ପ୍ରତିକୃତି ଓ ବିଚାର ପ୍ରକ୍ରିୟାଗୁଡ଼ିକ ଅତ୍ୟନ୍ତ ଶିକ୍ଷଣୀୟ ଏବଂ ଆନନ୍ଦଦାୟକ ହୋଇଥିବା ଛାତ୍ରୀଛାତ୍ରମାନେ କହିଛନ୍ତି।




**ଆଜିର ମନ୍ତବ୍ୟ**

"ଆଲୋଚନା ଓ କୂଟନୀତି ଜରିଆରେ ୟୁକ୍ରେନ୍ ସଙ୍କଟର ସମାଧାନ ପାଇଁ ଶାନ୍ତି ପ୍ରକ୍ରିୟାରେ ସାମିଲ ହେବାକୁ ଭାରତ ପ୍ରସ୍ତୁତ। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକା ତୁଣ୍ଡରେ**
**ଉଆ ଉଷୁନା।**

ଅରୁଆ ଏବଂ ଉଷୁନା ଏକା କଥା ନୁହେଁ। ଜଣଙ୍କ ମୁହଁରେ ଦୁଇ ବିପରୀତ କଥା ବା ମତ ପୋଷଣ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଏକା ହୋଇକରି ତପସ୍ୟା କରିବ,**
**ଦୁଇଜଣ ମିଶି ପଢ଼ିବ ପାଠ,**
**ତିନିଜଣ ମିଶି ସଙ୍ଗୀତ କରିବ,**
**ଚାରିଜଣ ମିଶି ଚାଲିବ ବାଟ,**
**କୃଷି ଆରମ୍ଭିବ ମିଶି ପାଞ୍ଚଜଣ,**
**ବହୁ ଲୋକ ମିଶି କରିବ ରଣ।**

ଏକୁଟିଆ ନିରୋଳା ସ୍ଥାନରେ ତପସ୍ୟା କଲେ ତପସ୍ୟା ସଫଳ ହୋଇଥାଏ। ଦୁଇଜଣ ପରସ୍ପର ମଧ୍ୟରେ ଆଲୋଚନା କରି ପାଠ ପଢ଼ିଲେ ପାଠ ଅଧିକ ମନେରହିଥାଏ। ତିନିଜଣ ମିଶି ସଙ୍ଗୀତ କରିବା ଲାଭପ୍ରଦ ହୋଇଥାଏ। ଚାରିଜଣ ମିଶି ବାଟ ଚାଲିଲେ ଚାଲିବାର ଶ୍ରମ ଜଣାପଡ଼ି ନ ଥାଏ। ସେହିପରି କୃଷି ପାଞ୍ଚଜଣ ମିଶି ଆରମ୍ଭ କରିବା ଭଳି ବହୁଲୋକ ମିଶି ରଣ କଲେ ରଣ ଶୁଝିବାର ବୋଝ ବାଧୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ସ୍ଥିତି ଅନୁଧ୍ୟାନକଲେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି

**ଯୁବକଙ୍କୁ ପୋଲିସ ଇନ୍‌ଫର୍ମର ସନ୍ଦେହରେ ମାଓବାଦୀଙ୍କ ହତ୍ୟା ଘଟଣା**

**■ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ସହାୟତା**

ନବରଙ୍ଗପୁର,୨୫।୨(ବି.ପ୍ର.)

ନବରଙ୍ଗପୁର ଜିଲା ରାଇଘର ଥାନା ଅଧୀନ ହାତିଗାଁ ପଞ୍ଚାୟତ ଖାଲେପାରାରେ ପୋଲିସ ଇନ୍‌ଫର୍ମର ସନ୍ଦେହରେ ଚନ୍ଦନ ମଲ୍ଲିକଙ୍କୁ ହତ୍ୟା ଘଟଣାରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ସେଠାକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ସମୟରେ ନବରଙ୍ଗପୁର ଏସ୍‌ପି ଏସ୍.ସୁଶ୍ରୀ, ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଏନ୍.କେ.କେ. ପ୍ରସାଦ ଉପସ୍ଥିତ ଥିଲେ। ଡିଆଇଜି ରାଇଘର ଥାନାରେ ମୃତ ଚନ୍ଦନଙ୍କ ସ୍ତ୍ରୀଙ୍କୁ ଭେଟି ସମବେଦନା ଜଣାଇବା ସହ ରାଜ୍ୟ ସରକାରଙ୍କ ଗୃହବିଭାଗ ପକ୍ଷରୁ ୪ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ମଧ୍ୟ ସହାୟତା ମିଳିବ ବୋଲି ଡିଆଇଜି କହିଛନ୍ତି।

## ବରଯାତ୍ରୀଙ୍କ ଉପରେ କାର୍ ମାଡ଼ିଗଲା: ଜଣେ ମୃତ, ୧୧ ଆହତ

ଖପ୍ରାଖୋଲ,୨୫।୨(ଡି.ଏନ୍.ଏ.)

ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା । ବର ବାହାରି କନ୍ୟାଘରକୁ ଯିବା ପାଇଁ ଆୟୋଜନ ଚାଲିଥିଲା । ଡିଜେ ଓ ବାଜାର ତାଳେ ତାଳେ ବରଯାତ୍ରୀ ଦଳ ନାଚରେ ମସ୍‌ଗୁଲ ଥିଲେ । ଏହି ସମୟରେ ବର ଯିବା ପାଇଁ ସଜା ହୋଇଥିବା କାର୍‌ଟି ହଠାତ୍ ବରଯାତ୍ରୀଙ୍କ ଉପରେ ମାଡ଼ିଯିବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହେବାସହ ୧୧ ଜଣ ଆହତ ହୋଇଛନ୍ତି। ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ବାଘଝରଣ ଗାଁରେ ଶୁକ୍ରବାର ରାତିରେ ଏଭଳି ଅଘଟଣ ଘଟିଛି । ସୂଚନା ଅନୁଯାୟୀ, ବାଘଝରଣ ଗାଁର ଦୁତିଆ ବରିହାଙ୍କ ପୁଅ ହୁତାଶନଙ୍କ ବାହାଘର ଥିବାରୁ ବାଣ, ରୋଶଣି, ଡିଜେ ସହ ବରଯାତ୍ରୀ ବାହାରିଥିଲେ। ଘରଠାରୁ ଅଳ୍ପଦୂରରେ ବରଯାତ୍ରୀ ଦଳ ନାଚୁଥିବା ବେଳେ ବର ବସି ଯିବା ପାଇଁ ଛିଡ଼ା ହୋଇଥିବା ଆଇ ୧୦ (ନଂ .ଓ ୦୨ ବିସି ୩୮୪୮)କାର୍ ହଠାତ୍ ଦ୍ରୁତଗତିରେ ପଛପଟୁ ଆସି ବରଯାତ୍ରୀଙ୍କ ଉପରେ ମାଡ଼ିଯାଇଥିଲା । ଫଳରେ ୧୨ ବରଯାତ୍ରୀ ଆହତ ହୋଇଥିଲେ। ଲୋକେ ଦୁର୍ଘଟଣା ଘଟାଇଥିବା କାର୍‌କୁ ଭଙ୍ଗାରୁଜା କରିବା ପରେ ଚାପା ଉତ୍ତେଜନା ଦେଖାଦେଇଥିଲା । ଖବର ପାଇ ଖପ୍ରାଖୋଲ ପୋଲିସ, ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ । ଆହତମାନଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ଖପ୍ରାଖୋଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ରାଜା ବରିହା (୪୫)ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଆକାଶ ବରିହା (୧୩), ଦେମତି ବରିହା (୩୬) ଓ ମିତ୍ରଘନ ବରିହା (୩୦) ଗୁରୁତର ଥିବାରୁ ବଲାଙ୍ଗୀର ଭୀମଭୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଯଶୋଦା ବରିହା (୪୦) ଖପ୍ରାଖୋଲ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଅନ୍ୟ ୭ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ାଯାଇଛି। ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିର ଡ୍ରାଇଭର ଦୁର୍ଯ୍ୟୋଧନ ନାଗ(୪୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଖପ୍ରାଖୋଲ ଥାନାରେ ନଂ.୩୨/୨୩ରେ ଏକ ମାମଲା ରୁଜୁ ହୋଇଛି। ହୁତାଶନ ବହିରାଙ୍କ ବାହାଘର ତାଙ୍କ ଗ୍ରାମଠାରୁ ୨୦ କି.ମି. ଦୂର ହିର୍ଲି ଗାଁରେ ହେବାର ଥିଲା। ଦୁର୍ଘଟଣା ଯୋଗୁ ବାହାଘର ହୋଇପାରି ନ ଥିବା ବେଳେ ଶନିବାର କନ୍ୟାଙ୍କୁ ବରଘର ନିଜ ଗାଁକୁ ଆଣିଥିବା ଜାଣିବାକୁ ମିଳିଛି। ଦୁର୍ଘଟଣା କେଉଁ ପରିସ୍ଥିତିରେ ଘଟିଲା ତାକୁ ନେଇ ତଦନ୍ତ ଜାରି ରହିଛି।

## ୬ ହଜାର କୋଟିର ୮ ବୃହତ୍ ଶିଳ୍ପ ଅଚଳ

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ରାଜ୍ୟରେ ୨୦୦୪ରୁ ୨୦୦୯ ମଧ୍ୟରେ ଅନୁମୋଦନ ପାଇଥିବା ୮ଟି ବୃହତ୍ ଥର୍ମାଲ ଓ ଇସ୍ପାତ୍ ଶିଳ୍ପ ସଂସ୍ଥା ଅଚଳ ହୋଇଯାଇଛି। ସେଥିରୁ ୭ଟି ଇସ୍ପାତ୍ ଶିଳ୍ପ ହୋଇଥିବା ବେଳେ ଗୋଟିଏ ଥର୍ମାଲ ପାୱାର ବନ୍ଦ ହୋଇଯାଇଛି। ସେହି ଶିଳ୍ପସଂସ୍ଥାଗୁଡ଼ିକ ହେଲା ଝାରସୁଗୁଡ଼ାର ଆକ୍ସନ ଷ୍ଟିଲ୍ ଆଣ୍ଡ ପାୱାର, କେନ୍ଦୁଝରର ଦୀପକ ଷ୍ଟିଲ୍ ଆଣ୍ଡ ପାୱାର, ଝାରସୁଗୁଡ଼ାର ଜେନ୍ ଷ୍ଟିଲ୍ ଆଣ୍ଡ ପାୱାର, କଟକର ମାହେଶ୍ୱରୀ ଇସ୍ପାତ୍, ଝାରସୁଗୁଡ଼ାର ଏମ୍‌ଏସ୍‌ପି ମେଟାଲିକ୍ସ, କେନ୍ଦୁଝରର ଓଡ଼ିଶା ସ୍ୱଞ୍ଚ ଆଇରନ ଆଣ୍ଡ ଷ୍ଟିଲ୍, ସମ୍ବଲପୁରର ରଥି ଷ୍ଟିଲ୍ ଆଣ୍ଡ ପାୱାର ଏବଂ ଝାରସୁଗୁଡ଼ାର ଇଣ୍ଡ ଭାରତ ଏନର୍ଜୀ। ଏହି ଶିଳ୍ପ ସଂସ୍ଥାଗୁଡ଼ିକର ପ୍ରକଳ୍ପ ମୂଲ୍ୟ ୬୪୫୦ କୋଟି ଟଙ୍କା ହୋଇଥିବା ବେଳେ ୧୦୮୫ ଜଣଙ୍କୁ ନିଯୁକ୍ତି ଦେବାର କ୍ଷମତା ଥିଲା। ତେବେ ଏହି ଶିଳ୍ପ ସଂସ୍ଥାଗୁଡ଼ିକ ଦୀର୍ଘ ବର୍ଷ ପରେ ମଧ୍ୟ ଉତ୍ପାଦନକ୍ଷମ ହୋଇପାରିନାହାନ୍ତି। ବିଜେଡି ସଭ୍ୟ ରମେଶ ଚନ୍ଦ୍ର ବେହେରାଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

# ପାଣିରେ ପଡ଼ିଛି ଅର୍ଥ ନିଗମର ୭୧୯୨ କୋଟି

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ଓଡ଼ିଶା ରାଜ୍ୟ ଅର୍ଥ ନିଗମର ୭୧୯୨ କୋଟି ଟଙ୍କା ପାଣିରେ ପଡ଼ିଛି। ଋଣ ନେଇଥିବା ସଂସ୍ଥା ଓ ବ୍ୟକ୍ତିଙ୍କଠାରୁ ସେହି ଟଙ୍କା ଦୀର୍ଘବର୍ଷ ହେବ ଆଦାୟ ହୋଇପାରୁ ନାହିଁ। ନିଗମ ପକ୍ଷରୁ ବାରମ୍ବାର ନୋଟିସ ପଠାଗଲେ ମଧ୍ୟ ତାହାର କୌଣସି ଜବାବ ମିଳୁନାହିଁ। ଯେଉଁମାନେ କୌଣସିପ୍ରକାର ସହଯୋଗ କରୁନାହାନ୍ତି ସେମାନଙ୍କ ସମ୍ପତ୍ତିକୁ ଜବତ କରିବା ପାଇଁ ନିଗମ ପକ୍ଷରୁ ପଦକ୍ଷେପ ନିଆଯାଉଛି। ବିଜେଡି ସଭ୍ୟ ପ୍ରଶାନ୍ତ ବେହେରାଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ଅର୍ଥ ନିଗମରୁ ୮୧୮୫ ଜଣ ଋଣ ନେଇଛନ୍ତି। ମୂଳ ବାବଦକୁ ୨୫୧ କୋଟି ଓ ସୁଧ ବାବଦକୁ ୭୧୯୨ କୋଟି ଟଙ୍କା ସେମାନଙ୍କ ଉପରେ ପଡ଼ିଛି। ଋଣଗ୍ରହୀତାମାନଙ୍କୁ ବାରମ୍ବାର ପରିଶୋଧ ପାଇଁ ନୋଟିସ କରାଯାଉଛି। ୱାନ୍ ଟାଇମ୍ ସେଟଲମେଣ୍ଟ(ଓଟିଏସ୍) ଜରିଆରେ ପଇଠ କରିବାକୁ ପ୍ରବର୍ତ୍ତା ଯାଉଛି। ଯେଉଁମାନେ କୌଣସି ସହଯୋଗ କରୁନାହାନ୍ତି ସେମାନଙ୍କ ସମ୍ପତ୍ତି ଜବତ କରିବାକୁ ପଦକ୍ଷେପ ନିଆଯାଉଛି। ୨୦୨୨ ଡିସେମ୍ବର ୩୧ ସୁଦ୍ଧା ଭୁବନେଶ୍ୱର, କଟକ, ପାରାଦୀପ, ସମ୍ବଲପୁର ଅଞ୍ଚଳର ୩୭୦ଟି ଶିଳ୍ପାନୁଷ୍ଠାନ ଓ ଅନ୍ୟାନ୍ୟ ବନ୍ଧକ ସମ୍ପତ୍ତି ଜବତ କରାଯାଇଛି। କେତେକ କ୍ଷେତ୍ରରେ ମକଦ୍ଦମା ଅଦାଲତର ବିଚାରାଧୀନ ଥିବାରୁ ଏବଂ ଜମିଜମା ରେକର୍ଡ ବିବାଦୀୟ ହୋଇଥିବାରୁ ସମ୍ପତ୍ତି ନିଲାମ କରିବାରେ ବାଧା ସୃଷ୍ଟି ହେଉଛି ବୋଲି ମନ୍ତ୍ରୀ କହିଛନ୍ତି।

# ଉପବାଚସ୍ପତି ଓ ବନ୍ଦ ଲଫାପାକୁ ନେଇ ଚର୍ଚ୍ଚା

ଅନୁଗୋଳ ଅଫିସ, ୨୫।୨

ମାସର ଚତୁର୍ଥ ଶନିବାର ହୋଇଥିବାରୁ ସରକାରୀ ଛୁଟି ଥିଲା। ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ମଧ୍ୟ ବନ୍ଦ ରହିଥିଲା। ହେଲେ ଏମିତି କି ଜରୁରୀ କାର୍ଯ୍ୟ ପଡ଼ିଲା ଯେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହଙ୍କୁ ୨ ଥର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯିବାକୁ ପଡ଼ିଲା, ତାହା ପୁଣି ବନ୍ଦ ଲଫାପା ନେଇ। ଆଉ ଉକ୍ତ ଲଫାପା ଉପବାଚସ୍ପତିଙ୍କଠାରୁ ଗ୍ରହଣ କରିବା ପରେ ଅପେକ୍ଷାରତ ଜଣେ କର୍ମଚାରୀ କାହିଁକି ତରବର ହୋଇ କାର୍ଯ୍ୟାଳୟରୁ ଛୁ ମାରିଲେ, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଘଟଣା ସମ୍ପର୍କରେ ଅନୁଗୋଳରେ ଦିନତମାମ ଜୋର୍‌ଦାର ଆଲୋଚନା ଚାଲିଛି।

ଦେଖିଥିବା ଲୋକେ କହୁଛନ୍ତି, ଅପରାହ୍ନ ପ୍ରାୟ ୨ଟାରେ ଉପବାଚସ୍ପତିଙ୍କ ଗାଡ଼ି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ପଶିଥିଲା। ଅଫିସ ସମ୍ମୁଖ ପୋର୍ଟିକ ତଳେ ମାତ୍ର କେଇ ମିନିଟ୍ ଗାଡ଼ି ରହିବା ପରେ ପୁଣି ବାହାରି ଯାଇଥିଲା ପରିସରରୁ। ହେଲେ କେହି କିଛି ବୁଝିବା ପୂର୍ବରୁ ପୁନର୍ବାର ଉପବାଚସ୍ପତିଙ୍କ ଗାଡ଼ି ପ୍ରବେଶ କରିଥିଲା ଜିଲା କାର୍ଯ୍ୟାଳୟ ଭିତରକୁ। ଏହାପରେ ଖୋଦ୍ ଉପବାଚସ୍ପତି ଏକ ବନ୍ଦ ଲଫାପା ବଢ଼ାଇ ଦେଇଥିଲେ ସେଠାରେ ଅପେକ୍ଷାରତ କର୍ମଚାରୀଙ୍କୁ। ଉକ୍ତ ଲଫାପାର ବାମ ପାର୍ଶ୍ୱ ତଳେ ଉପବାଚସ୍ପତିଙ୍କ ଦସ୍ତଖତ ରହିଥିଲା। ଛୁଟି ଦିନରେ କାହିଁକି ଏପରି ବନ୍ଦ ଲଫାପା ନେଇ



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ଉପବାଚସ୍ପତିଙ୍କ ଗାଡ଼ି ପ୍ରବେଶ କରୁଛି।

**■ ଛୁଟି ଦିନରେ ୨ ଥର ଯାଇଥିଲେ ଜିଲାପାଳଙ୍କ କାର୍ଯ୍ୟାଳୟ**

**■ ବନ୍ଦ ଲଫାପା ଗ୍ରହଣ କରିବା ପରେ କର୍ମଚାରୀ ଛୁ**

ନିଜେ ଉପବାଚସ୍ପତିଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିବାକୁ ପଡ଼ିଲା ଓ ସେଥିରେ କେଉଁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଛି ତାହା ଜାଣିବାକୁ ସାଧାରଣରେ ବେଶ୍ ଉତ୍ସୁକତା ସୃଷ୍ଟି ହୋଇଥିବା ବେଳେ ଉପବାଚସ୍ପତିଙ୍କ ସହ ଗାଡ଼ିରେ ଥିବା ସହଯୋଗୀଙ୍କ ମୁଣ୍ଡ ବିନ୍ଧା ଆରମ୍ଭ ହୋଇଥିଲା। ଏପରି କି କିଏ ଓ କାହିଁକି ଫଟୋ ଉତ୍ତୋଳନ କରିଛନ୍ତି ଏ ନେଇ ସେ ତୁଙ୍ଗ ନେତାମାନଙ୍କୁ ଖବର ଦେଇଥିଲେ। ଏହାପରେ ସମ୍ପୃକ୍ତ ତୁଙ୍ଗ ନେତା ଓ ଯୁବ ନେତାମାନେ ଫୋନ୍ କରି ଫଟୋ ଉଠାଇବାର କାରଣ ଜାଣିବାକୁ ଘନ ଘନ ଉଦ୍ୟମ କରିବା ଜନସାଧାରଣଙ୍କ ଉତ୍ସୁକତାକୁ ଅଧିକ ବଢ଼ାଇଦେଇଛି। ଏ ସମ୍ପର୍କରେ ଉପବାଚସ୍ପତି ସିଂହ କହିଛନ୍ତି, ଜିଲାପାଳଙ୍କ କାର୍ଯ୍ୟାଳୟ ଷ୍ଟେନୋଙ୍କ ସହିତ କଥା ହୋଇଥିଲି। ତାଙ୍କୁ ଏକ ଚିଠି ଦେବାର ଥିଲା। ଯେହେତୁ ଅନୁଗୋଳରେ ଅନୁପସ୍ଥିତ ରହିବି, ତେଣୁ ଉକ୍ତ ଚିଠି ଷ୍ଟେନୋଙ୍କୁ ଦେବାର ଆବଶ୍ୟକ ଥିବାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଯାଇଥିଲି। ହେଲେ ବିଳମ୍ବ ଯୋଗୁ ଷ୍ଟେନୋ ସେଠାରେ ନ ଥିଲେ ଓ ଜଣେ କର୍ମଚାରୀଙ୍କୁ ଚିଠି ଦେଇ ଫେରି ଆସିଲି ବୋଲି ଉପବାଚସ୍ପତି ପ୍ରକାଶ କରିଛନ୍ତି।

# ଘରୋଇ କଲେଜ ହଷ୍ଟେଲରୁ ୪ ଛାତ୍ର ନିଖୋଜ

କେନ୍ଦୁଝର,୨୫।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଗୁମୁରାରେ ଥିବା ଏକ ଘରୋଇ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ହଷ୍ଟେଲରୁ ଶୁକ୍ରବାର ୪ ଛାତ୍ର ନିଖୋଜ ହୋଇଯାଇଛନ୍ତି। ଏନେଇ ସେମାନଙ୍କ ପରିବାର ଓ ଶିକ୍ଷାନୁଷ୍ଠାନ ପକ୍ଷରୁ ଶନିବାର ସନ୍ଧ୍ୟାରେ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଛି। ଅନୁଷ୍ଠାନ ମୁଖ୍ୟ ଜିତେନ କ୍ରିଷ୍ଣା ଦାନ କହିଛନ୍ତି, ହରିଚନ୍ଦନପୁର ବ୍ଲକ୍‌ର ଚନ୍ଦନ ପରିଡ଼ା, ସଦର ବ୍ଲକ୍‌ର ଧର୍ମନନ୍ଦନ ମହାନ୍ତ, ଯଯାତି କେଶରୀ ମହାନ୍ତ ଓ ନିରଞ୍ଜନ ମହାନ୍ତ ହଷ୍ଟେଲରେ ରହି ଯୁକ୍ତ ୨ ବିଜ୍ଞାନରେ ପାଠ ପଢୁଥିଲେ। ଶୁକ୍ରବାର ରାତିରେ ୪ଜଣ ପିଲା ହଷ୍ଟେଲରୁ କାହାକୁ ନ ଜଣାଇ ପଳାଇଯାଇଛନ୍ତି। ଏଣୁ ସେମାନଙ୍କ ଅଭିଭାବକମାନେ ଅଭିଯୋଗ କରିବାକୁ ଆସିଛନ୍ତି। ସେ ମଧ୍ୟ ଅନୁଷ୍ଠାନ ପକ୍ଷରୁ ଟାଉନ ଥାନାରେ ଏନେଇ ଲିଖିତ ଭାବେ ଜଣାଇଛନ୍ତି। ଅଭିଭାବକ ଭାନୁମତି ପରିଡ଼ା କହିଛନ୍ତି, ତାଙ୍କ ପୁଅ ଏହି ସ୍କୁଲରେ ପଢୁଥିଲେ। ସେ ଅନ୍ୟମାନଙ୍କ ସହିତ ନିଖୋଜ ହୋଇଯାଇଥିବା ସ୍କୁଲ କର୍ତ୍ତୃପକ୍ଷଠାରୁ ଖବରପାଇ ଥାନାରେ ଜଣାଇଛୁ। ଅନ୍ୟ ଜଣେ ଅଭିଭାବକ ଅଚ୍ୟୁତ ପରିଡ଼ା କହିଛନ୍ତି, ତାଙ୍କ ପୁଅ ହଷ୍ଟେଲରେ ରହି ପାଠ ପଢୁଥିଲେ। ସେ ନିଖୋଜ ହୋଇଥିବା ଖବର ସ୍କୁଲରୁ ମିଳିବା ପରେ ହଷ୍ଟେଲରେ ପହଞ୍ଚି ଖୋଜାଖୋଜି କରିଥିଲେ। ନ ପାଇ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଟାଉନ ଥାନା ଅଧିକାରୀ ସୁନୀଲ କର କହିଛନ୍ତି, ଅଭିଭାବକ ଏବଂ ସ୍କୁଲ ପକ୍ଷରୁ ପିଲାମାନେ ନିଖୋଜ ହୋଇଥିବା ନେଇ ଅଭିଯୋଗ ମିଳିଛି। ଏନେଇ ତଦନ୍ତ ଆରମ୍ଭ କରାଯାଇଛି। ଅନୁଷ୍ଠାନ ସିସିଟିଭି କ୍ୟାମେରା, ମୋବାଇଲ କଲ୍ ଯାଞ୍ଚ, ଅନ୍ୟ ପିଲାଙ୍କ ମତାମତ ନିଆଯିବ। ତଦନ୍ତ ପରେ ପଦକ୍ଷେପ ଗ୍ରହଣ କରାଯିବ।

**ପ୍ରଥମ ପୃଷ୍ଠାରୁ...**

## କନ୍ୟାପକ୍ଷଙ୍କୁ ବରଯାତ୍ରୀଙ୍କ ...



ଛୁରାମାଡ଼ ପରେ ଗ୍ରାମବାସୀଙ୍କୁ ପଚରାଉଚରା କରାଯାଉଛି।

ମୁରିବାହାଲରେ ଉତ୍ତେଜନା ଲାଗିରହିଛି। ସୂଚନା ମୁତାବକ, ବଡ଼ବାଙ୍କୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ମୁରିବାହାଲ ଗାଁର ବେଲଖମ ତାଣ୍ଡିଙ୍କ ଦ୍ୱିତୀୟ କନ୍ୟା ପ୍ରମିଳାଙ୍କର ବିବାହ ଛତିଶଗଡ଼ ରାୟପୁରର କୁକୁରବେଡ଼ା ନିବାସୀ ମଗଶିର ଛୁରାଙ୍କ ପୁଅ ଜୟାନନ୍ଦଙ୍କ ସହ ସ୍ଥିର ହୋଇଥିଲା। ଶୁକ୍ରବାର ସନ୍ଧ୍ୟାରେ ବରପକ୍ଷ ଲୋକେ ମୁରିବାହାଲ ଗାଁରେ ପହଞ୍ଚିଥିଲେ। ଗାଁରେ କନ୍ୟାପକ୍ଷରୁ ଅତିଥି ଚର୍ଚ୍ଚା ପରେ ବର ସହ ବରାତି ଶୋଭାଯାତ୍ରାରେ ବରଯାତ୍ରୀ ବାହାରିଥିଲେ। ବ୍ୟାଣ୍ଡପାର୍ଟି ଗାଁରେ ଯିବାବେଳେ ବରପକ୍ଷ ଲୋକେ ନୃତ୍ୟଗୀତରେ ମସ୍‌ଗୁଲ ଥିଲେ। ଏହି ସମୟରେ କନ୍ୟାପକ୍ଷର ୨-୩ ଜଣ ଶୋଭାଯାତ୍ରାରେ ମିଶି ନାଚିଥିଲେ। ଏହି ଘଟଣାକୁ ନେଇ ବରପକ୍ଷ ଓ କନ୍ୟାପକ୍ଷ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବରପକ୍ଷର କେତେଜଣ ଯୁବକ କନ୍ୟାପକ୍ଷର ସମ୍ପର୍କୀୟ ଶଙ୍କର ତାଣ୍ଡି ଓ ଚିନ୍ତା ତାଣ୍ଡିଙ୍କୁ ଛୁରାମାଡ଼ କରିଥିଲେ। ଏଥିରେ ଶଙ୍କର ଓ ଚିନ୍ତା ଗୁରୁତର ଆହତ ହେବା ସହ ଅନ୍ୟ କେତେଜଣ ସାମାନ୍ୟ ଆହତ ହୋଇଥିଲେ। କନ୍ୟାପକ୍ଷ ଲୋକେ ତୁରେକେଲା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଟିମ୍ ଗାଁରେ ପହଞ୍ଚି ବରପକ୍ଷର ଦୁଇ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଥିବା ଥାନା ଆଇଆଇସି ଧର୍ମେନ୍ଦ୍ର ଶାନ୍ତି ସୂଚନା ଦେଇଛନ୍ତି। ଗୁରୁତର ଆହତ ଶଙ୍କର ଏବଂ ଚିନ୍ତାଙ୍କୁ ସ୍ଥାନୀୟ ହସ୍‌ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ରାୟପୁର ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଗଣ୍ଡଗୋଳ ପରେ ବରଙ୍କୁ ଶିଶୁପାଳ ହୋଇ ଫେରିବାକୁ ପଡ଼ିଛି । ଏ ନେଇ ତୁରେକେଲା ଥାନାରେ ନଂ.୨୫/୨୩ରେ ଏକ ମାମଲା ରୁଜୁ ହୋଇଛି।

## ଅବହେଳାରୁ ଦୁର୍ଘଟଣା...

ନମ୍ବର ବିଶିଷ୍ଟ ମିନିଟ୍ରକ (ଆଇଚର)ରେ କୋଲକାତାରୁ କୁକୁଡ଼ା ଛୁଆ ବୋଝେଇ କରି କଟକ ଜିଲା ଫୁଲନଖରାକୁ ଆସୁଥିବାବେଳେ ଦୁର୍ଦ୍ଦଶାର ଶିକାର ହୋଇଥିଲେ। ଖବରପାଇ ଚଣ୍ଡିଖୋଲ ଦମକଳ କେନ୍ଦ୍ର କର୍ମଚାରୀମାନେ ପହଞ୍ଚି ମିନିଟ୍ରକ ଡାଲାରେ ବସିଥିବା ଅମିନୁଲ୍ ଅଲ୍ଲି ସର୍ଦ୍ଦାରକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। କିନ୍ତୁ ଘଟଣାସ୍ଥଳରେ ଡ୍ରାଇଭର ସୁରଜ ମଣ୍ଡଳଙ୍କ ସମେତ ଅନ୍ୟ ୬ ଜଣଙ୍କର ମୃତ୍ୟୁ ଘଟିଥିଲା। ୬ ମୃତକଙ୍କୁ ଗାଡିର ଡୋର କାଟି ବାହାର କରାଯାଇଥିଲା। ଗୁରୁତର ଆହତ ଅମିନୁଲଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହଗୁଡ଼ିକ ରହିଛି। ଖବର ପାଇ ଗାଡ଼ି ମାଲିକ ବିମଲ ଘୋଷ ଓ ମୃତକଙ୍କ ପରିବାର ଲୋକେ ବଡ଼ଚଣା ଡାକ୍ତରଖାନାରେ ପହଞ୍ଚି ମୃତଦେହ ଚିହ୍ନଟ କରିଛନ୍ତି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ସେମାନଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ଏନେଇ ଧର୍ମଶାଳା ଥାନାରେ ୮୮/୨୩ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଉକ୍ତ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଗତ ଗୁରୁବାର ଏଠାରେ ଲୁହାପଥର ବୋଝେଇ ୨ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାକଡ଼ରେ ଛିଡ଼ା ହୋଇରହିଥିଲା। ଉକ୍ତ ୨ ଟ୍ରକକୁ ସେଠାରୁ ସ୍ଥାନାନ୍ତର କରାଯାଇ ନ ଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଛୁଟିରେ ଥିବାରୁ ଯାଜପୁର ଏସ୍‌ପି ବିନତ୍ ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ ଘଟଣାସ୍ଥଳରେ ପହଞ୍ଚିଥିଲେ। ଥାନାଧିକାରୀ ନାୟକ ଏବଂ ଧର୍ମଶାଳା ଥାନା ପୋଲିସ ଲୋକମାନଙ୍କୁ ବୁଝାଶୁଝା କରିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହାପରେ ପୋଲିସ ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ୨ ଟ୍ରକରୁ ଲୁହାପଥର ଗୁଣ୍ଡ ଖଲାସ କରି ଆଣି ଧର୍ମଶାଳା ଥାନାରେ ରଖିଛି। ସେହିପରି ମିନିଟ୍ରକ୍‌କୁ ମଧ୍ୟ ଥାନାରେ ଆଣି ରଖାଯାଇଛି।

## ଘୃଣାର ନିଆଁରେ ଘିଅ ...

ଆହ୍ୱାନପୂର୍ଣ୍ଣ ସମୟ। କେନ୍ଦ୍ର ସରକାରଙ୍କ କାର୍ଯ୍ୟ ସାମ୍ବିଧାନିକ ମୂଲ୍ୟବୋଧକୁ ଅବମାନନା କରୁଥିବା କଂଗ୍ରେସ ନେତ୍ରୀ ଅଭିଯୋଗ କରିଥିଲେ। ତେଣୁ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନେତୃତ୍ୱରେ ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାଜିତ କରିବା କଂଗ୍ରେସ କର୍ମୀମାନଙ୍କ ଏକମାତ୍ର ଲକ୍ଷ୍ୟ ହେବା ଆବଶ୍ୟକ ବୋଲି ସୋନିଆ କହିଥିଲେ। ମହା ଅଧିବେଶନରେ ଉଦ୍‌ବୋଧନ ଦେଇ କଂଗ୍ରେସ ଅଧ୍ୟକ୍ଷ ଖାର୍ଗେ କହିଥିଲେ, ୨୦୨୪ ନିର୍ବାଚନରେ ଜନବିରୋଧୀ ଭାଜପା ସରକାରକୁ ପରାଜିତ କରିବା ଲାଗି ସମଭାବାପନ୍ନ ଦଳଗୁଡିକ ସହ ବିକଳ୍ପ ମେଣ୍ଟ କରିବା ପାଇଁ ତାଙ୍କ ଦଳ ଆଗ୍ରହୀ। ଲକ୍ଷ୍ୟ ହାସଲ ପାଇଁ କଂଗ୍ରେସ ଯେକୌଣସି ତ୍ୟାଗ ସ୍ୱୀକାର କରିବାକୁ ପ୍ରସ୍ତୁତ। ନିଜକୁ ପ୍ରଧାନ ସେବକ ଭାବେ ପ୍ରଚାର କରୁଥିବା ମୋଦି ତାଙ୍କ ନିଜ ବନ୍ଧୁଙ୍କର ସେବା କରୁଛନ୍ତି ବୋଲି ଖାର୍ଗେ କହିଛନ୍ତି। କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ବ୍ୟକ୍ତିଙ୍କ ଡିଏନ୍‌ଏ ଗରିବ ବିରୋଧୀ। ସେମାନେ ଗଣତନ୍ତ୍ରକୁ ଧ୍ୱଂସ କରିଦେବାକୁ ଉଦ୍ୟମ ଚଳାଇଛନ୍ତି। ଦେଶର ସାମ୍ପ୍ରତିକ ସ୍ଥିତି ବିରୋଧରେ ଜନ ଆନ୍ଦୋଳନ ଲାଗି ସେ ଆହ୍ୱାନ ଦେଇଥିଲେ। ବିରୋଧୀ ଦଳଗୁଡ଼ିକ ଏକାଠି ହେବା ଲାଗି ବିଭିନ୍ନ ଦଳର ନେତା ଆହ୍ୱାନ ଦେଉଛନ୍ତି। ତେବେ ତୃତୀୟ ସାମ୍ମୁଖ୍ୟ ଗଠନ ହେଲେ ନିର୍ବାଚନ ବେଳେ ଭାଜପାକୁ ସୁହାଇବ ବୋଲି କଂଗ୍ରେସ କହିଛି। ଧର୍ମନିରପେକ୍ଷ ଏବଂ ସମାଜବାଦୀ ଶକ୍ତିଗୁଡ଼ିକର ଏକତା କଂଗ୍ରେସ ଦଳର ଭବିଷ୍ୟତର ହଲ୍‌ମାର୍କ। ଏହି ସମଭାବାପନ୍ନ ଶକ୍ତିଗୁଡ଼ିକୁ ନେଇ କଂଗ୍ରେସ ଆଗାମୀ ନିର୍ବାଚନର ସମ୍ମୁଖୀନ ହେବ। ଆମ ନୀତି ଆଦର୍ଶ ସହ ସହମତ ଧର୍ମନିରପେକ୍ଷ ଆଞ୍ଚଳିକ ଦଳଗୁଡ଼ିକୁ ସାଙ୍ଗରେ ନିଆଯିବ ବୋଲି କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି। ଦଳର ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରାକୁ ପ୍ରଶଂସା କରି ଖାର୍ଗେ କହିଥିଲେ, କନ୍ୟାକୁମାରୀରୁ କଶ୍ମୀର ପଦଯାତ୍ରା ଦେଶର ସବୁ ବର୍ଗର ଲୋକଙ୍କୁ ଏକାଠି କରିଛି। ଦେଶବାସୀ ସମ୍ମୁଖୀନ ହୋଇଥିବା ଅଭୂତପୂର୍ବ ଚ୍ୟାଲେଞ୍ଜ ବିରୋଧରେ ଏହି ଯାତ୍ରା ଦୃଢ଼ ସ୍ୱର ଉତ୍ତୋଳନ କରିଥିଲା।

ସମସ୍ତ ପ୍ରତିକୂଳ ସ୍ଥିତି ସତ୍ତ୍ୱେ କଂଗ୍ରେସ ଏକମାତ୍ର ଦଳ, ଯାହା ଦେଶକୁ ସମର୍ଥ ଓ ନିର୍ଣ୍ଣାୟକ ନେତୃତ୍ୱ ଦେଇପାରିବ। ଏହି ଦଳ ୨୦୦୪ରୁ ୨୦୧୪ ସମଭାବାପନ୍ନ ଦଳଗୁଡ଼ିକ ସହ ମେଣ୍ଟ କରି ଦେଶବାସୀଙ୍କୁ ଉପଯୁକ୍ତ ସରକାର ଦେଇଥିଲା। ଆମେ ଜନବିରୋଧୀ ଅଗଣତାନ୍ତ୍ରିକ ଭାଜପା ସରକାରକୁ ପରାସ୍ତ କରିବା ଲାଗି ପୁଣିଥରେ ସମଭାବାପନ୍ନ ଦଳଗୁଡ଼ିକ ସହ ମେଣ୍ଟ କରିବାକୁ ଚାହୁଁଛୁ ବୋଲି ଖାର୍ଗେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପୂର୍ବାହ୍ନ ପରେ ବୃଷ ରାଶିସ୍ଥ ଚନ୍ଦ୍ର ଆପଣଙ୍କୁ ଅର୍ଥ ଓ ସମ୍ମାନ ପ୍ରଦାନ କରିବାରେ ଅବହେଳା କରିବ ନାହିଁ। କର୍ମକ୍ଷେତ୍ରରେ ମଧ୍ୟ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ଅବଶ୍ୟ ପରିବାରରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ବନ୍ଧୁ କିମ୍ବା ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହୋଇପାରନ୍ତି।

**ବୃଷ**
ଉଚ୍ଚ ରାଶିସ୍ଥ ଶୁକ୍ର ସ୍ୱାସ୍ଥ୍ୟକୁ ଠିକ୍ ରଖିବାରେ ସାହାଯ୍ୟ କରିବ। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶା କରୁଥିବା ଫଳ ନିଶ୍ଚିତ ପାଇବେ। ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବାରୁ ସାମୟିକ ଖୁସି ଅନୁଭବ କରିପାରନ୍ତି। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ।

**ମିଥୁନ**
ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟି କାର୍ଯ୍ୟ ପାଇଁ ପ୍ରେରଣା ଯୋଗାଇବ। ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କରିବେ। ମାଙ୍ଗଳିକ କାମରେ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**କର୍କଟ**
ଦୀର୍ଘ ଦିନରୁ ଭଙ୍ଗା ପଡ଼ିଯାଇଥିବା ସମ୍ପର୍କ ପଡ଼ୋଶୀଙ୍କ ମାଧ୍ୟମରେ ପୁନଃ ପ୍ରତିଷ୍ଠିତ ହେବ। ଆଲୋଚନା କ୍ଷେତ୍ରରେ ଭାବପ୍ରବଣବଶତଃ ଓଲଟା କଥା କହି ଅପଦସ୍ଥ ହୋଇପାରନ୍ତି। ବନ୍ଧୁ ଓ ପରିଜନଙ୍କ ସହଯାତ୍ରୀ ହୋଇ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। ନିର୍ମାଣ କାର୍ଯ୍ୟରେ ମନ୍ଥରତା ଚିନ୍ତା ବୃଦ୍ଧି କରିବ।

**ସିଂହ**
ଆବଶ୍ୟକତା ଅନୁଯାୟୀ ହଠାତ୍ ଗୁଡ଼ାଏ ଟଙ୍କା ଖର୍ଚ୍ଚ କରି ଦୁଃଖିତ ହେବେ। ପାପଗ୍ରହଯୁକ୍ତ ଚନ୍ଦ୍ର ଜନିତ ମାନସିକ ଅବସାଦ ଯୋଗୁଁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିବାର ସୂଚନା ରହିଛି। ବ୍ୟବସାୟରେ ଲାଭ ପରିମାଣ କୌଣସି ପ୍ରକାରେ ଊଣା ହେବ ନାହିଁ।

**କନ୍ୟା**
ଶନି କ୍ଷେତ୍ରସ୍ଥ ବୁଧ ହେତୁ ଧୀର ମନ୍ଥର ଗତିରେ କାର୍ଯ୍ୟ ହାସଲ କରିବେ। ପ୍ରକାଶନ, ରଚନାତ୍ମକ କାର୍ଯ୍ୟ, ଯୋଗାଯୋଗ ତଥା ଏଜେନ୍‌ଶିରୁ ଖୁସି ରହିବେ। ସରକାରୀ ସ୍ତରରୁ ଅଚାନକ ଭାବରେ ଶୁଭ ସମ୍ବାଦ ଶୁଣି ଖୁସି ହେବେ। ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**ତୁଳା**
ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନ ହେବାର ମାର୍ଗ ଉନ୍ମୁକ୍ତ ହେବ। ଷଷ୍ଠସ୍ଥ ଶୁକ୍ର ଓ ବୃହସ୍ପତି ପ୍ରଭାବରୁ ଋଣ ପରିଶୋଧର ଲକ୍ଷ୍ୟ ନେଇ ବିଭିନ୍ନ ସୂତ୍ରରୁ ରୋଜଗାର କରିବେ। ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବାର ସମ୍ଭାବନା ରହିଛି। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ଣେ ପାଇପାରନ୍ତି।

**ବିଛା**
ପରିଜନମାନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରା ମଙ୍ଗଳମୟ ରହିବ। ମାଙ୍ଗଳିକ କାମରେ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ପାରିବେଶିକ କୁପ୍ରଭାବରୁ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ରାଜନୈତିକ ସ୍ଥିତି ମଜଭୁତ ରହିବା ସାଙ୍ଗକୁ ସାମାଜିକ ପ୍ରତିଷ୍ଠା ବଢ଼ିବ।

**ଧନୁ**
ପାରସ୍ପରିକ ମତାନ୍ତର ଜନିତ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ସରଳବିଶ୍ୱାସ କରି କୌଣସି ଅଜଣା ଅଶୁଣା ବ୍ୟକ୍ତି ଦ୍ୱାରା ପ୍ରତାରିତ ହୋଇପାରନ୍ତି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବାର ଆଶା ରହିଛି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**ମକର**
ରାଶିରେ ବୁଧ ଅବସ୍ଥାନ କରିଥିବା ଯୋଗୁ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ପରୋକ୍ଷ ଶତ୍ରୁତା ନିଶ୍ଚିତ କାମକୁ ଅନିଶ୍ଚିତତା ଭିତରକୁ ଠେଲି ଦେଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଜଗିରଖି ଚଳିବା ଭଲ ହେବ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ।

**କୁମ୍ଭ**
ପରକଥାରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ବିନା କାରଣରେ ଅଶାନ୍ତି ସୃଷ୍ଟି ହୋଇପାରେ। ଶିଳ୍ପ, ବାଣିଜ୍ୟ ଶେୟାର ବଜାର କ୍ଷେତ୍ରରେ କ୍ଷତିର ଆଶଙ୍କା ରହିଛି। ବହୁତ ଦିନରୁ ଭଲ ସମ୍ପର୍କ ନଥିବା ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବ। ସଭାସମିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**ମୀନ**
ନିକଟ ସମ୍ପର୍କୀୟମାନଙ୍କ ଈର୍ଷା ଓ ଅସୂୟାର କୁପରିଣାମ ଭୋଗ କରିବାକୁ ପଡ଼ିପାରେ। ଯେତେ ଭଲ କାମ କଲେ ମଧ୍ୟ ଖଳ ଲୋକମାନଙ୍କ ଦ୍ୱାରା ସମାଲୋଚିତ ହେବେ। ନିର୍ମାଣକୁ କେନ୍ଦ୍ର କରି ଜମିଜମା ବିବାଦ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

ଆଜି ଫାଲ୍‌ଗୁନ ଶୁକ୍ଳପକ୍ଷର ବିଜୟା ସପ୍ତମୀ ରବିବାର, ଫେବୃୟାରୀ ୨୬ ତାରିଖ, ବୀର ସାବରକରଙ୍କ ତିରୋଧାନ ଦିବସ, ଦିବା ଘ.୧୦।୧୫ ଗତେ, ରାଶିନକ୍ଷତ୍ର-କୃତିକା/ବୃଷ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୨ ଗତେ ଘ.୧୦।୦୩ ମଧ୍ୟେ. ଘ.୦୧।୨୬ ଗତେ ଘ.୦୧।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୨୦ ଗତେ ଘ.୦୫।୪୬ ମଧ୍ୟେ ରାହୁକାଳ।

# ଜୀବନଚର୍ଯ୍ୟାରେ ଘଣ୍ଟା ଅପରିହାର୍ଯ୍ୟ

**ବର୍ତ୍ତମାନ ସମୟରେ ସମୟ ବହୁତ ମୂଲ୍ୟବାନ୍ ହୋଇପଡ଼ିଛି। ଏପରିକି ବ୍ୟସ୍ତବହୁଳ ଜୀବନରେ ସମୟକୁ ସଦୁପଯୋଗ କରିବା ସବୁସ୍ତରର ବ୍ୟକ୍ତିମାନଙ୍କ ପାଇଁ ଉଦ୍ଦିଷ୍ଟ ଥାଏ। ବିଶେଷକରି ସମୟ ପ୍ରତି ସଜାଗ ରହି କାମ କରିବା ପାଇଁ ଘଣ୍ଟା ଏକ ପରିମାପକ ଭାବେ ପରିଗଣିତ ହୋଇଛି। ସେଥିପାଇଁ ଜୀବନଚର୍ଯ୍ୟାରେ ଘଣ୍ଟା ଅପରିହାର୍ଯ୍ୟ ହୋଇପଡିଛି। ଆଧୁନିକ ଯୁଗରେ ଘଣ୍ଟା ଭଳି ଏକ ବ୍ୟବସାୟକୁ ବୃତ୍ତିକରି ଅନେକ ସଫଳତା ହାସଲ ସହ ଜଣେ ଅଭିଜ୍ଞ ବ୍ୟବସାୟୀର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ୱାର୍ଲ୍ଡ ଅଫ୍ ଟାଇଟାନ ଶୋ'ରୁମ୍‌ର ସ୍ୱତ୍ତ୍ୱାଧିକାରୀ ରମନ କୁମାର ବାଗାଡ଼ିଆଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଲୋଚନା...**


ରମନ କୁମାର ବାଗାଡ଼ିଆ

ଧରିତ୍ରୀ | OrissaPOST BUSINESS EMINENCE AWARDS

**ପ୍ର-୧: ଜୀବନର ପ୍ରାରମ୍ଭିକ ସୋପାନ କିପରି କଟିଛି?**

ଉ- କଟକ ସହରର ମାଣିକଘୋଷ ବଜାରରେ ମୋର ଜନ୍ମ। ଏପରିକି ମାରୱାଡି ହାଇସ୍କୁଲରୁ ପାଠ ପଢ଼ିସାରିବା ପରେ ରେଭେନ୍‌ଶା କଲେଜରୁ ଫିଜିକ୍ସ ଅନର୍ସ ସ୍ନାତକରେ ଉଚ୍ଚଶିକ୍ଷା ସମ୍ପୂର୍ଣ୍ଣ କରି କର୍ମମୟ ଜୀବନ ପଥରେ ଅଗ୍ରସର ହେଉଛି।

**ପ୍ର- ୨: ବୃତ୍ତିଗତ ଜୀବନର ଆରମ୍ଭ କିପରି ଥିଲା ?**

ଉ- କଟକ କହିଲେ ଓଡ଼ିଶାର ବ୍ୟବସାୟ କେନ୍ଦ୍ର କୁହାଯାଏ। ଯେହେତୁ କଟକରେ ବଢ଼ିଛି ଓ ପଢ଼ିଛି, ଏପରିକି ମୋ ବାପା ମୋହନଲାଲ ବାଗାଡ଼ିଆ ଜଣେ ବ୍ୟବସାୟୀ ଥିଲେ, ସେଥିପାଇଁ ମୁଁ ଅଧିକ ସମୟ ବାପାଙ୍କ ସହ ବିତାଇଛି। ବିଶେଷ କରି ବାପାଙ୍କ ସହ ମିଶି ବ୍ୟବସାୟ କୌଶଳ ଶିକ୍ଷା କରିଛି। ପରବର୍ତ୍ତୀ ସମୟରେ ଓଡ଼ିଶା ସରକାରଙ୍କ ମେଡିକାଲ ଷ୍ଟୋରକୁ ୧୯୭୮ରେ ବିଛଣା ସାମଗ୍ରୀ ଯୋଗାଇବା ବ୍ୟବସାୟ ଆରମ୍ଭ କଲି। ଏପରିକି ଦୀର୍ଘ ବର୍ଷ ଧରି ଉକ୍ତ ବ୍ୟବସାୟ ସଫଳ ଭାବେ ଚାଲିଲା, ବର୍ତ୍ତମାନ ମଧ୍ୟ ମୋ ସାନଭାଇ ଉକ୍ତ ବ୍ୟବସାୟକୁ ଚଳାଇ ରଖିଛନ୍ତି।

**ପ୍ର-୩: ଟାଇଟାନ ସହ କିଭଳି ଜଡ଼ିତ ହେଲେ?**

ଉ- ଦୀର୍ଘ ବର୍ଷ ବ୍ୟବସାୟିକ ଅଭିଜ୍ଞତା ଓ ଉଚ୍ଚଶିକ୍ଷିତ ହୋଇଥିବାରୁ ମୋର ବ୍ୟବସାୟିକ ଚିନ୍ତାଧାରା ଉନ୍ନତ ରହିଥିଲା। ତେଣୁ ମୁଁ ସବୁବେଳେ ଭଲ ବ୍ରାଣ୍ଡ୍ ଓ ସମୟ ଉପଯୋଗୀ ବ୍ୟବସାୟ ଚଳାଇବା ଲକ୍ଷ୍ୟରେ ଥିଲି। ଏପରିକି ୧୯୮୯ରେ ଟାଇଟାନ କମ୍ପାନୀର ଏକ ଏକ୍ସକ୍ଲୁସିଭ ଶୋ'ରୁମ୍ ପାଇଁ ବିଜ୍ଞାପନ ନଜରକୁ ଆସିଲା। ଏହା ପରେ ମୁଁ ଟାଇଟାନ ପରି ଏକ ବ୍ରାଣ୍ଡେଡ୍ ଘଣ୍ଟା ବ୍ୟବସାୟ ପାଇଁ ଆକର୍ଷିତ ହେଲି। ପରବର୍ତ୍ତୀ ସମୟରେ ଆବଶ୍ୟକ ବ୍ୟବସ୍ଥା ସହ ମୁଁ ଓଡ଼ିଶାରେ କମ୍ପାନୀର ପ୍ରଥମ ଫ୍ରାଞ୍ଚାଇଜ ପାଇବାର ସୌଭାଗ୍ୟ ପାଇଲି। କଟକର ବ୍ୟବସାୟିକ କେନ୍ଦ୍ର ବକ୍ସିବଜାରଠାରେ ବ୍ରାଣ୍ଡର ପ୍ରଥମ ବାତାନୁକୂଳିତ ଘଣ୍ଟା ଶୋ' ରୁମ୍ ସ୍ଥାପନ କଲି, ଯାହା ଆଜି ପର୍ଯ୍ୟନ୍ତ ଏକ ମାଇଲଷ୍ଟୋନ ହୋଇ ରହିଛି।

**ପ୍ର-୪: ଆଜିରଦିନରେ ଆପଣଙ୍କ ବ୍ୟବସାୟ କିପରି ରହିଛି?**

ଉ- ବର୍ତ୍ତମାନର ଆଧୁନିକ ସୁବିଧା ମଧ୍ୟରେ ମଧ୍ୟ ବ୍ୟବସାୟ ଭଲ ରହିଛି। କାରଣ ଲୋକଙ୍କ ଚାହିଦା ପୂରଣକୁ ସର୍ବଦା ଗୁରୁତ୍ୱ ଦେଇଆସୁଛି। ଏପରିକି ଗ୍ରାହକଙ୍କ ଆଗ୍ରହ ଅନୁଯାୟୀ କଟକରେ ମୋର ଆଉ ୩ଟି ଶୋ'ରୁମ୍ ମଧ୍ୟ ରହିଛି। ଏଥିରେ ଟାଇଟାନ ଘଣ୍ଟା ଓ ଚଷମାର ବ୍ୟାପକ ସମ୍ଭାର ଉପଲବ୍ଧ। ସେହିପରି ଯାଜପୁର ରୋଡ୍‌ରେ ମଧ୍ୟ ୧୬୦୦ବର୍ଗଫୁଟର ଅତ୍ୟାଧୁନିକ ଟାଇଟାନ ଶୋ'ରୁମ୍ ରହିଛି। ବିଶେଷ କରି ଘଣ୍ଟା ବ୍ୟବସାୟରେ ମୁଖ୍ୟତଃ ବିବାହ, ବ୍ରତ ଓ ଫେଷ୍ଟିଭ ସିଜନ୍‌ରେ ଅଧିକ ଡିମାଣ୍ଡ ଥାଏ। ଏହା ଛଡ଼ା ଅନ୍ୟାନ୍ୟ ଦିନରେ ମଧ୍ୟ କମ୍ପାନୀ ପକ୍ଷରୁ ଅଫର ଦେଇ ଗ୍ରାହକମାନଙ୍କୁ ଆକର୍ଷିତ କରାଯାଇଥାଏ। କରୋନା ପରେ ବ୍ୟବସାୟ ଯଦିଓ କମିଯାଇଥିଲା ଏବେ ଟିକେ ସୁଧାର ଆସୁଛି। ଆଶା କରେ ଚଳିତ ବିବାହ ଋତୁରେ ବ୍ୟବସାୟରେ ବୃଦ୍ଧି ଆସିପାରେ।

**ପ୍ର-୫: ଟାଇଟାନ ଘଣ୍ଟା ବ୍ୟତୀତ ଶୋ'ରୁମ୍‌ରୁ ଆଉ କ'ଣ ଉପଲବ୍ଧ?**

ଉ- ବର୍ତ୍ତମାନ ଟାଇଟାନ କେବଳ କ୍ୱାର୍ଜ ଘଣ୍ଟାରେ ସୀମିତ ନୁହେଁ, ବରଂ ସମୟ ଉପଯୋଗୀ ସ୍ମାର୍ଟ ୱାଚ୍, ଡିଜିଟାଲ ୱାଚ୍ ପ୍ରସ୍ତୁତ କରି ବଜାରରେ ଚାହିଦା ସୃଷ୍ଟି କରିପାରିଛି। ଏଗୁଡ଼ିକ ସମୟ ଜଣାଇବା ସହ ଫିଟ୍‌ନେସ, ଷ୍ଟ୍ରେସ୍, ପଲ୍‌ସ ରେଟ୍, ଡିମାଇଣ୍ଡର, ହାର୍ଟ ରେଟ୍, ମର୍ନିଂ ଆଲାରାମ୍ ପରି ବିଭିନ୍ନ ଫିଚର ସଂଯୁକ୍ତ ହୋଇଛି। ଏହାଛଡ଼ା ମେନ୍ ଆସେସୋରିଜ ଯଥା ୱାଲେଟ୍, ବେଲ୍ଟ, ପରଫ୍ୟୁମ୍, ସନ୍‌ଗ୍ଲାସ୍ ଓ ଖାଣ୍ଟି ସୁନାର ନେକ୍ଲେସ ବ୍ରାଣ୍ଡରେ ଉପହାର ଘଣ୍ଟା ମଧ୍ୟ ଉପଲବ୍ଧ ରହିଛି।

**ପ୍ର-୬: ଅବସର ସମୟରେ କ'ଣ କରିଥାନ୍ତି?**

ଉ- ବର୍ତ୍ତମାନର ପ୍ରତିଯୋଗିତାମୂଳକ ବ୍ୟବସାୟରେ ଅବସର ସମୟରେ ସଂଜ୍ଞା ବଦଳିଯାଇଛି। ହେଲେ ବଞ୍ଚିବା ପାଇଁ ବ୍ୟବସାୟ କରୁଥିଲେ ମଧ୍ୟ ସମାଜ ପାଇଁ ଆଉ କିଛି କାମ ମୁଁ କରିଥାଏ। ବିଶେଷକରି ଜନସେବାରେ ମୋ ଜୀବନ ଉତ୍ସର୍ଗୀକୃତ। ଯେପରି କି ସ୍ୱାସ୍ଥ୍ୟ ଶିବିର ଆୟୋଜନ, ମହିଳାମାନଙ୍କୁ କର୍ମସଂସ୍ଥାନରେ ସହାୟତା, ଆର୍ଥିକ ଅନଗ୍ରସର ପିଲାମାନଙ୍କ ବିବାହ ଓ ବ୍ରତ ଆଦି ଉତ୍ସବ କରିବାରେ ମୁଁ ଖୁସିପାଏ। ବିଭିନ୍ନ ସମୟରେ ପ୍ରତିଷ୍ଠିତ ଯୁବ ଉଦ୍ୟୋଗୀମାନଙ୍କୁ ସମାଜସେବାରେ ନିୟୋଜିତ ହେବା ପାଇଁ ଉତ୍ସାହ, ପ୍ରେରଣା ଦେଇଥାଏ। ମୁଁ ନିରାମିଷାଶୀ। ନିଜେ ଭିନ୍ନ ଭିନ୍ନ ଖାଦ୍ୟ ଆଇଟମ୍ ପ୍ରସ୍ତୁତ କରି ସାଙ୍ଗମାନଙ୍କୁ ଖୁଆଇବାରେ ଆନନ୍ଦ ପାଏ। ପ୍ରତି ସପ୍ତାହରେ ମୁଁ ସମୟ ବାହାର କରି ବୟସ୍କ ଲୋକମାନଙ୍କ ବାସଭବନରେ ଭେଟି ସୁବିଧା ଅସୁବିଧା ବୁଝିଥାଏ। ଏହାଛଡ଼ା ଦେଶବିଦେଶ ବୁଲିବା ଓ ଆମ ସଂସ୍କୃତିର ପ୍ରଚାର ପ୍ରସାର କରିବାରେ ମୋର ଆଗ୍ରହ ରହିଛି।

**ପ୍ର-୭: ବ୍ୟବସାୟ ପ୍ରତି ଆଗ୍ରହୀ ଯୁବବର୍ଗଙ୍କୁ କି ପରାମର୍ଶ ଦେବେ?**

ଉ- ଆଜିକାର ଏହି ପ୍ରତିଯୋଗିତା ମାହୋଲରେ ଯୁବପିଢ଼ି ବ୍ୟବସାୟ ପ୍ରତି ଆଗ୍ରହ ପ୍ରକାଶ କରିବା ନିଶ୍ଚିତ ଭାବେ ଭଲ ଖବର। ଏପରିକି ମାତ୍ର ସଫଳ ହେବା ପାଇଁ ପୂର୍ଣ୍ଣ ପ୍ରାଣରେ ନିଜକୁ ସମର୍ପିତ କରିବାକୁ ପଡ଼ିବ। ବିଶେଷକରି ପ୍ରାରମ୍ଭରେ ଖର୍ଚ୍ଚ କମ୍ କରି ବ୍ୟବସାୟ ଆଗକୁ ବଢ଼ାଇନେବାରେ ଚେଷ୍ଟା କରିବା ଉଚିତ। ସେହିଭଳି ଗ୍ରାହକ ସମ୍ପର୍କ, ବ୍ୟବହାର ଓ ନୀତିନିଷ୍ଠ ବ୍ୟବସାୟ ସଫଳତାର ମୂଳମନ୍ତ୍ର ବୋଲି ମନରେ ରଖିବାକୁ ପଡ଼ିବ।

# ୪ ଦିନିଆ ପୋଲିସ ରିମାଣ୍ଡରେ ଅଭିଯୁକ୍ତ

## ଆଇଟିଆର୍ ତଥ୍ୟ ଲିକ୍ ମାମଲା

**ବାଲେଶ୍ୱର ଅଫିସ, ୨୫।୨**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର୍)ରୁ ଗୁପ୍ତ ତଥ୍ୟ ପାକିସ୍ତାନକୁ ଯୋଗାଇ ଗିରଫ ହୋଇଥିବା ବରିଷ୍ଠ ବୈଷୟିକ ଅଧିକାରୀ ବାବୁରାମ ଦେଙ୍କୁ ପୋଲିସ ୪ଦିନିଆ ରିମାଣ୍ଡରେ ନେଇଛି। ଅଭିଯୁକ୍ତଙ୍କୁ ୫ଦିନିଆ ରିମାଣ୍ଡରେ ନେବା ପାଇଁ ପୋଲିସ ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଥିଲା। କିନ୍ତୁ କୋର୍ଟ ୪ଦିନ ପାଇଁ ଅନୁମତି ଦେଇଛନ୍ତି। ବାବୁରାମ ଦେ'ଙ୍କ ରିମାଣ୍ଡ ଅବଧି ଶନିବାରଠାରୁ ଆରମ୍ଭ ହୋଇ ଆସନ୍ତା ୨୮ ତାରିଖରେ ଶେଷ ହେବ ବୋଲି ଜଣାପଡିଛି। ଚାନ୍ଦିପୁର ଆଇଟିଆର୍ ଟେଲିମେଟ୍ରି ବିଭାଗର ଟେକ୍ନିକାଲ ଅଫିସର ଭାବେ କାର୍ଯ୍ୟ କରୁଥିବା ବାବୁରାମ (୫୧)ଙ୍କ ଘର ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ବାଗପୁଞ୍ଜି ଗ୍ରାମରେ। ସେ ହନିଟ୍ରାପରେ ଫସି ପାକିସ୍ତାନକୁ ଗୁପ୍ତ ତଥ୍ୟ ଦେଉଥିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଏହି ଘଟଣାରେ ଆଉ କିଏ କିଏ ସାମିଲ ଅଛନ୍ତି ସେନେଇ ପୋଲିସ ଖୋଳତାଡ ଆରମ୍ଭ କରିଛି। ଅନ୍ୟପକ୍ଷରେ ବାବୁରାମଙ୍କ ଗିରଫଦାରି ଖବର ପ୍ରଚାର ହେବା ପରେ ତାଙ୍କ ପରିବାର, ସମ୍ପର୍କୀୟ ଓ ଗ୍ରାମବାସୀ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଅତି ଗରିବ ପରିବାରରେ ଜନ୍ମିତ ବାବୁରାମ ବାଗପୁଞ୍ଜି ଶ୍ରୀଚୈତନ୍ୟଦେବ ହାଇସ୍କୁଲ୍‌ରେ ପାଠ ପଢୁଥିଲେ। ସେହି ସମୟରେ ଶିକ୍ଷକ ମୁରଲୀମୋହନ ତାଙ୍କୁ ପାଠପଢ଼ା ପାଇଁ ଆର୍ଥିକ ସହାୟତା ଦେଇଥିବା ପ୍ରକାଶ କରିଛନ୍ତି। ସେହିପରି ତାଙ୍କ ସ୍କୁଲ ବେଳର ସାଙ୍ଗ ସୁଧାଂଶୁ ଶେଖର ପାତ୍ର ପିଲାବେଳୁ ଜଣେ ମେଧାବୀ ଛାତ୍ର ଥିବା ବାବୁରାମଙ୍କ ବିରୋଧରେ ଆସିଥିବା ଦେଶଦ୍ରୋହ ଅଭିଯୋଗ ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ତାଙ୍କ ଗ୍ରାମର ଜଣେ ବାସିନ୍ଦା କହିଛନ୍ତି, ଚଳିତମାସ ପ୍ରାରମ୍ଭରେ ବାବୁରାମ ଗାଁର ଶିବ ମନ୍ଦିର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଗାଁରେ ପ୍ରାୟ ୪ ଦିନ ରହିବା ସହ ମନ୍ଦିରକୁ ୨୦ହଜାର ଟଙ୍କା ଦାନ କରିଥିଲେ। ସେହିପରି ଗାଁରେ ଏକ ପାଣିଟାଙ୍କି ବସାଇବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ବାବୁରାମ ଜଣେ ସରଳ ବ୍ୟକ୍ତି। ଏହା ତାଙ୍କ ବିରୋଧରେ ଏକ ଷଡ଼ଯନ୍ତ୍ର ବୋଲି କହିଛନ୍ତି। ଦୁଇ ବଡ଼ଭାଇଙ୍କ କହିବାନୁସାରେ, ଦାରିଦ୍ର୍ୟକୁ ଖାତିର୍ ନ କରି ତାକୁ ଆମେ ପାଠ ପଢ଼ାଇଥିଲୁ। ଗାଁ ସ୍କୁଲ୍‌ରୁ ମାଟ୍ରିକ୍ ପାସ୍ ପରେ ବାଲେଶ୍ୱରରେ ଆଇଟିଆଇ ପାସ୍ କରିଥିଲେ। ପରେ ଆଇଟିଆର୍‌ରେ ଚାକିରି ପାଇଥିଲେ। ସେ ଆମ ପରିବାରର ସାହା ଓ ଭରସା। ଅତ୍ୟନ୍ତ ସରଳ ଓ ସାଧାରଣ ଜୀବନଯାପନ କରୁଥିବାବେଳେ ଏପରି ଅପବାଦକୁ ସହଜରେ ଗ୍ରହଣ କରିହେଉନି। ତାଙ୍କୁ ଫସାଇ ଦିଆଯାଇଥିବା ଅଭିଯୋଗ ଆଣି ନ୍ୟାୟ ବିଚାର ପାଇଁ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗିରଫ ବାବୁରାମ ପାକିସ୍ତାନୀ ମହିଳାଙ୍କ ମାୟାଜାଲରେ ପଡ଼ି ଭିଡିଓ କଲ ମାଧ୍ୟମରେ ଆଇଟିଆର୍‌ର ଗୋପନୀୟ ତଥ୍ୟ ଦେଇଥିଲେ। ଚାନ୍ଦିପୁର ଥାନାରେ ମାମଲା (ନଂ. ୨୫/୨୩) ରୁଜୁ ହୋଇଥିଲା। ପୋଲିସ ଅଧିକ ତଦନ୍ତ କରିବା ପରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାକିସ୍ତାନୀ ଏଜେଣ୍ଟଙ୍କୁ ଦିଆଯାଇଥିବା ଜାଣିବାକୁ ପାଇଥିଲା। ପୋଲିସ ୧୪ ଜଣଙ୍କୁ ଜେରା ପରେ ବାବୁରାମଙ୍କ ମୋବାଇଲରୁ ସମ୍ବେଦନଶୀଳ ତଥ୍ୟ ଲିକ୍ ହୋଇଥିବା ଜାଣିବାକୁ ପାଇଥିଲା।


ବାବୁରାମ ଦେ

## ଟ୍ରାଇଆଥ୍ଲୋନ ସୁଇମିଂରେ ପ୍ରତିଯୋଗୀଙ୍କ ମୃତ୍ୟୁ

କୋଣାର୍କ,୨୫।୨(ଡି.ଏନ୍.ଏ.)- କୋଣାର୍କ-ପୁରୀ ବେଳାମାର୍ଗ ନିକଟ ରାମଚଣ୍ଡୀ ପୀଠରେ ରାଜସ୍ଥାନର ହରକ୍ୟୁଲିନ୍ ପକ୍ଷରୁ ଟ୍ରାଇଆଥ୍ଲୋନର ଶନିବାର ସୁଇମିଂ ପ୍ରତିଯୋଗିତା ଚାଲିଥିବାବେଳେ ଜଣେ ପ୍ରତିଯୋଗୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାଜସ୍ଥାନ ଯୋଧପୁର ଅଞ୍ଚଳର ନୀତିନ ସୋନି(୪୨)। ସେ ଆର୍ମିର ଜଣେ ମେଜର ଥିବାବେଳେ ମୁମ୍ବାଇରେ ରହୁଥିବା ଜଣାପଡ଼ିଛି। ଏ ନେଇ ଚନ୍ଦ୍ରଭାଗା ମେରାଇନ ଥାନା ପୋଲିସ ମାମଲା(ନଂ.୧/୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗତ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ରାମଚଣ୍ଡୀଠାରୁ ଚନ୍ଦ୍ରଭାଗା ପର୍ଯ୍ୟନ୍ତ ଏକ ଇଭେଣ୍ଟ ଚାଲିଥିଲା। ଏଥିରେ ସାଇକେଲ ରେସ୍, ଦୌଡ଼ ଓ ସୁଇମିଂକୁ ନେଇ ୩ଟି ଇଭେଣ୍ଟରେ ପ୍ରତିଯୋଗୀମାନେ ଇଭେଣ୍ଟର ମୂଲ୍ୟ ଦେଇ ଭାଗ ନେଉଥିଲେ। ତେବେ ଶନିବାର ଶେଷ ଦିନରେ ଇଭେଣ୍ଟ ଚାଲିଥିଲା ବେଳେ ସୁଇମିଂରେ ନୀତିନ ଭାଗ ନେଇଥିଲେ। ରାମଚଣ୍ଡୀ ନଦୀରେ ପହଁରୁଥିବା ବେଳେ ହଠାତ ସେ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ଉଦ୍ଧାର କରି ପ୍ରଥମେ କୋଣାର୍କ ହସ୍ପିଟାଲ ପରେ ପୁରୀ ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ହସ୍ପିଟାଲରେ ପହଞ୍ଚି ମୃତଦେହ ଜବତ କରି ପରିବାର ଲୋକଙ୍କୁ ଜଣାଇଛି।


ନୀତିନ ସୋନି









"ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା। ସବୁ ଦୁର୍ବଳତା ହେଉଛି– ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା। –ଶ୍ରୀଅରବିନ୍ଦ

# ସବୁଥିରେ ପଛୁଆ



**ଆକାର ପଟେଲ**

ଚଳିତ ସପ୍ତାହରେ ଭାରତର ପ୍ରତିଷ୍ଠିତ ନ୍ୟୁଜ୍ ଏଜେନ୍ସି ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ପ୍ରକାଶ କରିଥିଲା ଯେ, ଇଣ୍ଟରନ୍ୟାଶନାଲ ଇଣ୍ଟେଲେକ୍ଚୁଆଲ ପ୍ରପର୍ଟି ଇଣ୍ଡେକ୍ସ ର୍‌ୟାଙ୍କିଙ୍ଗ୍‌ରେ ଭାରତ ୫୫ ଦେଶ ମଧ୍ୟରେ ୪୨ ସ୍ଥାନରେ ରହିଛି। ଉକ୍ତ ରିପୋର୍ଟ ଏହି ପରିପ୍ରେକ୍ଷୀରେ ଭାରତରେ କ'ଣ କରାଯାଉଥିଲା ତାହାର ପ୍ରଶଂସା କରିଥିଲା। କିନ୍ତୁ ଭାରତ ୨୦୨୧ର ର୍‌ୟାଙ୍କ୍ ୪୦ରୁ ତଳକୁ ଖସିଥିଲା ବୋଲି କହି ନ ଥିଲା କିମ୍ବା ୨୦୧୪ରେ ୨୫ଟି ଦେଶ ମଧ୍ୟରେ ହୋଇଥିବା ର୍‌ୟାଙ୍କିଙ୍ଗ୍‌ରେ ଏହା ୨୫ ସ୍ଥାନରେ ଥିବା ଦର୍ଶାଇ ନ ଥିଲା। ଏହି କ୍ଷେତ୍ରରେ ଆମେ ଯଦି ଭଲ କାମ କରୁଛୁ ତେବେ କାହିଁକି ଆମ ର୍‌ୟାଙ୍କିଙ୍ଗ୍‌ରେ ଉନ୍ନତି ଘଟୁନାହିଁ, ସେ ସମ୍ପର୍କରେ ରିପୋର୍ଟରେ କିଛି ବି ପ୍ରକାଶ କରାଯାଇ ନ ଥିଲା। ବିଶ୍ୱ ସ୍ତରରେ ସ୍ମାର୍ଟସିଟି ଇଣ୍ଡେକ୍ସ ବା ସୂଚକାଙ୍କ ୨୦୧୯ରେ ପ୍ରଥମ ତାଲିକା ସମ୍ବଳିତ ରିପୋର୍ଟ ପ୍ରସ୍ତୁତ କରିଥିଲା। ଏଥିରେ ଭାରତର ବେଙ୍ଗାଲୁରୁ, ମୁମ୍ବାଇ, ଦିଲ୍ଲୀ ଏବଂ ହାଇଦ୍ରାବାଦ ସହର ସ୍ଥାନିତ ହୋଇଥିଲେ। ଉକ୍ତ ସୂଚକାଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା, ସୁଯୋଗ, ଗତିଶୀଳତା ଓ ଶାସନ ଉପରେ ସମୀକ୍ଷା କରିଥିଲା। ବେଙ୍ଗାଲୁରୁ ୭୯ ସ୍ଥାନରୁ ୯୩, ମୁମ୍ବାଇ ୭୮ ସ୍ଥାନରୁ ୯୦, ଦିଲ୍ଲୀ ୬୮ ସ୍ଥାନରୁ ୮୯ ଏବଂ ହାଇଦ୍ରାବାଦ ୬୭ ସ୍ଥାନରୁ ୯୨କୁ ଖସିଥିଲା। ସେହିଭଳି ଦି ଇକୋନୋମିଷ୍ଟ ଗ୍ଲୋବାଲ ଲାଇଭ୍‌ଆବିଲିଟି ଇଣ୍ଡେକ୍ସରେ ଦିଲ୍ଲୀ ୧୧୦ରୁ ଖସି ୧୧୮ ଏବଂ ମୁମ୍ବାଇ ୧୧୫ରୁ ଖସି ୧୨୪ ସ୍ଥାନରେ ରହିଥିଲା। ୱାର୍ଲ୍ଡ ଇକୋନୋମିକ୍ ଫୋରମ ବା ବିଶ୍ୱ ଆର୍ଥିକ ମଞ୍ଚର ଗ୍ଲୋବାଲ ଇକୋନୋମିକ୍ କମ୍ପିଟେଟିଭନେସ ଇଣ୍ଡେକ୍ସରେ ଭାରତ ୪୦ ର୍‌ୟାଙ୍କରୁ ୬୮କୁ ଖସିଥିଲା। ଏହାର ଲିଙ୍ଗଗତ ପ୍ରଭେଦ ସୂଚକାଙ୍କରେ ଭାରତ ମଧ୍ୟ ୧୧୪ତମ ସ୍ଥାନରୁ ତଳକୁ ଖସି ୧୩୫ରେ ରହିଛି।

ଆମ ଡିଜିଟାଲ ନେଟ୍‌ୱର୍କ ଶସ୍ତା ଓ ଉନ୍ନତ ବୋଲି ଆମକୁ କୁହାଯାଉଛି, କିନ୍ତୁ ଭାରତ ବିଶ୍ୱ ସ୍ତରରେ ଇଣ୍ଟରନେଟ ବନ୍ଦ କରିବାରେ ସବୁଠୁ ଆଗରେ ବୋଲି କୁହାଯାଉନାହିଁ। ବିଶ୍ୱରେ ଅନ୍ୟ ସରକାରଗୁଡ଼ିକ ଯେତେ ଥର ଇଣ୍ଟରନେଟ ସେବା ବନ୍ଦ କରିଛନ୍ତି ତାହାର ଅଧାରୁ ଅଧିକ ହୋଇଛି ଭାରତରେ। ରୁଲ୍ ଅଫ୍ ଲ ଇଣ୍ଡେକ୍ସ ବା ଆଇନର ଶାସନ ସୂଚକାଙ୍କରେ ଭାରତ ୬୬ ତମ ସ୍ଥାନରୁ ୭୫କୁ ଖସିଛି। ଆମ ଚାରିପାଖରେ ଯାହା ଘଟୁଛି ତାହା ଆମେ ଦେଖୁଛୁ। ଆଇନ ଶାସନର ଅଧୋଗତି ଉପରେ ଯାହା ଉପଲବ୍ଧି କରୁଛୁ ସେଥିରେ ଆଶ୍ଚର୍ଯ୍ୟ ହେବାର ନାହିଁ। କାରଣ ଏଠାରେ ସଂସ୍ଥାଗୁଡ଼ିକର ଅପବ୍ୟବହାର ହେଉଛି, ସଂଖ୍ୟାଲଘୁଙ୍କ ଭିଡ଼ହତ୍ୟା ବଢୁଛି, ନିୟମିତ ଭାବେ ଭାଜପା ଶାସିତ ରାଜ୍ୟଗୁଡ଼ିକର ପୋଲିସ ବିରୋଧୀ ନେତାମାନଙ୍କୁ ଆକ୍ରମଣ କରୁଛି ଓ ଅନ୍ୟ କେତେକ ଭାଜପା ଶାସିତ ରାଜ୍ୟରେ ଅସଂଖ୍ୟ ଲୋକଙ୍କୁ ବିନା ଜାମିନରେ ଜେଲରେ ଭର୍ତ୍ତି କରାଯାଉଛି। ଭାରତୀୟ ଉପମହାଦେଶ ସବୁବେଳେ ଏକ ଅରାଜକ ଏବଂ ଆଇନର ଶାସନରୁ ବଞ୍ଚିତ ସ୍ଥାନ ଭାବେ ରହିଆସିଛି। ଅନେକ ସ୍ଥାନରେ ଏହା ଦିନକୁ ଦିନ ଅତ୍ୟନ୍ତ ଖରାପ ହେଉଛି। ସବୁ ଧର୍ମୀୟ ବକ୍ତବ୍ୟ ଲାଗି ଆମକୁ ବାକ୍ ସ୍ୱାଧୀନତା ଦିଆଯାଇଛି। କିନ୍ତୁ ଟୁଇଟର ହଟାଇଦେବା ଏବଂ ବନ୍ଦ କରିବା ଲାଗି ଦାବି ଗୋଟିଏ ବର୍ଷରେ ଅନେକ ହଜାର ଥର କରାଯାଇଛି। କାରଣ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର ଭାରତରେ ସରକାର ବିଶେଷକରି ପ୍ରଧାନମନ୍ତ୍ରୀଙ୍କ ଉପରେ ସମାଲୋଚନା ଅସହ୍ୟ ହୋଇଯାଇଛି। 'ଇଜି ଅଫ୍ ଡୁଇଂ ବିଜ୍‌ନେସ' ବିଷୟରେ ଶୁଣିଥିବେ। କିନ୍ତୁ ଏହା ଜାଣି ନ ଥିବେ ଯେ, ଭାରତ ଗ୍ଲୋବାଲ ଇକୋନୋମିକ୍ ଫ୍ରିଡମ୍ ଇଣ୍ଡେକ୍ସ (ଆଇନର ଭୂମିକା, ସରକାରର ଆକାର, ନିୟାମକ ଦକ୍ଷତା ଏବଂ ମୁକ୍ତ ମାର୍କେଟ ଉପରେ ସମୀକ୍ଷା କରିଥାଏ)ରେ ୧୨୦ ର୍‌ୟାଙ୍କରୁ ୧୩୧କୁ ଖସିଛି। ଏହାର କାରଣ, ଏଠି କହିବା ସହଜ ଏବଂ କରିବା କଷ୍ଟ। ଗଣମାଧ୍ୟମର କୌଣସି ଉତ୍ତରଦାୟିତ୍ୱ ନ ଥିବା କିମ୍ବା କୌଣସି ବିଷୟରେ ତୁମେ ଯାହା କୁହ ତାହା କରିପାରୁ ନ ଥିବାରୁ; କେବଳ ସେମିତି ଆମେ କହୁଥିବା। ଫ୍ରାଜାଇଲ ଷ୍ଟେଟ୍‌ସ ଇଣ୍ଡେକ୍ସ (ପୂର୍ବରୁ ଫେଲ୍ଡ ଷ୍ଟେଟ୍‌ସ ଇଣ୍ଡେକ୍ସ ଥିଲା)ରେ ଭାରତ ୨୦୧୪ରୁ ଲଗାତର ନିମ୍ନଗାମୀ ହୋଇଚାଲିଛି। ଏହି ସୂଚକାଙ୍କ ସାମାଜିକ ଏକତା, ଅର୍ଥ ବ୍ୟବସ୍ଥା ଏବଂ ରାଜନୀତି ଉପରେ ସମୀକ୍ଷା କରୁଥିବାରୁ ଆମ ସ୍ଥିତି ଏଭଳି ହୋଇଛି। ସରକାର ବିଶ୍ୱ ବ୍ୟାଙ୍କର ଇଜି ଅଫ୍ ଡୁଇଂ ବିଜ୍‌ନେସ ସୂଚକାଙ୍କ ସମ୍ପର୍କରେ ବାରମ୍ବାର କହି ଆସୁଥିଲେ। ଦୁର୍ଭାଗ୍ୟବଶତଃ ଦୁଇବର୍ଷ ପୂର୍ବେ ଏହା ବନ୍ଦ ହୋଇଗଲା। କେତେକ ଦେଶ ଭୁଲ୍ ତଥ୍ୟ ଦେଉଥିବା ଜଣାପଡ଼ିବା ପରେ ଏଭଳି ଘଟିଲା। ତେବେ ସନ୍ଦେହରେ ଥିବା ଭୁଲ୍ ତଥ୍ୟ ପ୍ରଦାନକାରୀ ଦେଶଗୁଡ଼ିକ ମଧ୍ୟରେ ଭାରତ ନ ଥିଲେ ବି ଆଉ ଏକ ସମସ୍ୟା ଥିଲା। ଏଠାରେ କିଛି ମିଡିଆ ସୂଚିତ କରିଥିଲେ ଯେ, କେବଳ ଦୁଇଟି ସହରର ରେଟିଂ କରାଯାଇଥିଲା ଏବଂ ଏକ ନିର୍ଦ୍ଦିଷ୍ଟ ଆକାରର ଉର୍ଦ୍ଧ୍ୱରେ ଥିବା କମ୍ପାନୀଗୁଡ଼ିକୁ ତାଲିକାଭୁକ୍ତ କରାଯାଇଥିଲା। ଏପରି କି ପ୍ରକ୍ରିୟାରେ ସାମାନ୍ୟ ପରିବର୍ତ୍ତନ ଉପରେ ନଜର ରଖିଲେ ହେରଫେର କରାଯାଇପାରୁଥିଲା। ତୃଣମୂଳ ସ୍ତରରେ ଇଜି ଅଫ୍ ଡୁଇଂ ବିଜ୍‌ନେସ କ୍ଷେତ୍ରରେ ବାସ୍ତବରେ କିଛି ବି ପରିବର୍ତ୍ତନ ହୋଇ ନ ଥିବାବେଳେ ରେଟିଂରେ ଉନ୍ନତି ଆଣିବା ସମ୍ଭବ ହେଲା; ଯେଉଁଥିପାଇଁ ରେଟିଂ ବନ୍ଦ ହେଲା ପର୍ଯ୍ୟନ୍ତ ଆମେ ର୍‌ୟାଙ୍କିଙ୍ଗ୍‌ରେ ଉପରକୁ ଉଠିଥିଲୁ।

ଆମେ ଯେଉଁ ବିଷୟଗୁଡ଼ିକରେ ପଛୁଆ ରହିଛୁ ତାହାର ତାଲିକା ଖୁବ୍ ଲମ୍ବା ଏବଂ ଏହାକୁ ମୋ ବହି ପାଇଁ ସଂଗ୍ରହ କରି ସଂଯୋଜିତ କରିଛି। ହେଲେ ଏଥିରେ ସମସ୍ୟା ସୃଷ୍ଟି ହେଉଛି, କାରଣ ଆମେ ଅନେକ କ୍ଷେତ୍ରରେ ଲଗାତର ନିମ୍ନଗାମୀ ହେଉଥିବାରୁ ପ୍ରତ୍ୟେକ ନୂଆ ସଂସ୍କରଣରେ ତଥ୍ୟରେ ପରିବର୍ତ୍ତନ କରିବା ଆବଶ୍ୟକ ପଡୁଛି। ପୂର୍ବରୁ ଏ ସମ୍ପର୍କରେ ଲେଖିଛି ଓ ତାହା କରିବାର ଏକ କାରଣ ହେଉଛି ପ୍ରତିଦିନ ଯେଭଳି ବନେଇ ଚୂନେଇ ଆମକୁ କୁହାଯାଉଛି ତାହାକୁ ଅନୁଧ୍ୟାନ କରିବାର ଆବଶ୍ୟକତା ଅଛି। ଏହାସହ ଆମ ପ୍ରଦର୍ଶନ ଓ ତଥ୍ୟକୁ ବି ସମୀକ୍ଷା କରିବା ଦରକାର। କିନ୍ତୁ ତାହା ହେଉନାହିଁ। ଏସବୁ ବାଦ୍ ସେମାନେ ଯେଉଁ ନ୍ୟୁଜ୍ ଦେଉଛନ୍ତି ତାହାର ପୃଷ୍ଠଭୂମି ସମ୍ପର୍କରେ ରିପୋର୍ଟିଂ କରିବାରେ ମିଡିଆର ଆଗ୍ରହ ନାହିଁ। କୁହାଯାଇପାରେ, ଭାରତ ଯେଉଁ ସବୁ ର୍‌ୟାଙ୍କ୍‌ରେ ରହିଛି ସେଥିରେ ଆବଶ୍ୟକ ପୃଷ୍ଠଭୂମି ଓ ଦୃଷ୍ଟିକୋଣକୁ ବାସ୍ତବରେ ରିପୋର୍ଟ କରାଯାଇନାହିଁ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | | | 5 | | |
| 5 | | 1 | 6 | | 2 | | | 8 |
| 3 | 8 | | 5 | | | | 2 | |
| 7 | | 4 | | | | | | |
| 2 | | | | | 1 | | 6 | 4 |
| | | | 2 | | | 7 | 9 | |
| | | | 1 | 3 | | 2 | | |
| | | 5 | | 6 | | 3 | | |
| | | 3 | | | | | | 6 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 9 | 3 | 7 | 2 | 1 | 4 | 8 |
| 2 | 1 | 3 | 5 | 4 | 8 | 9 | 6 | 7 |
| 4 | 7 | 8 | 9 | 6 | 1 | 5 | 3 | 2 |
| 3 | 2 | 7 | 8 | 9 | 4 | 6 | 1 | 5 |
| 9 | 4 | 1 | 2 | 5 | 6 | 7 | 8 | 3 |
| 5 | 8 | 6 | 7 | 1 | 3 | 4 | 2 | 9 |
| 8 | 9 | 4 | 6 | 3 | 5 | 2 | 7 | 1 |
| 7 | 6 | 2 | 1 | 8 | 9 | 3 | 5 | 4 |
| 1 | 3 | 5 | 4 | 2 | 7 | 8 | 9 | 6 |

ଗତ କାଲିର ଉତ୍ତର

# ଅଭିଭାବକ: ସେଦିନ ଓ ଆଜି



**ଡ. ଛାୟାକାନ୍ତ ଷଡ଼ଙ୍ଗୀ**

ଦିନଥିଲା ମାତାପିତା ପୁତ୍ରକନ୍ୟାଙ୍କୁ ଯେଉଁ ଶିକ୍ଷା ଦେବାକୁ ଚାହୁଁଥିଲେ, ତାହା ଭକ୍ତକବି ମଧୁସୂଦନଙ୍କ ଭାଷାରେ, "କ୍ଷୁଦ୍ରକୀଟ ଉଇ ଅଳ୍ପ ଅଳ୍ପ କରି ରଚଇ ବାଲ୍ମୀକ ଘର/ ମୁହିଁ ସେହିପରି ଯତନେ ସଞ୍ଚିବି ଧର୍ମଧନ ନିରନ୍ତର।" ଆଜି ସମୟ ବଦଳି ଯାଇଛି। ଧର୍ମଧନର ସ୍ଥାନ ନେଇଛି କେବଳ ଧନ। ମାତାପିତା ତାଙ୍କ ପୁତ୍ରକନ୍ୟାଙ୍କ ପାଇଁ ଏଭଳି ସ୍କୁଲ ଅନ୍ୱେଷଣ କରୁଛନ୍ତି, ଯେଉଁଠି ଅଧ୍ୟୟନ କଲେ ସେମାନେ ନିଜକୁ ମେଧାବୀ ଭାବରେ ଗଢ଼ି ତୋଳିବେ ଓ ପରୀକ୍ଷାରେ ଉଚ୍ଚ ନମ୍ବର ରଖି ଉଚ୍ଚ ଚାକିରି ପାଇବେ ଏବଂ ବିପୁଳ ଅର୍ଥ ରୋଜଗାର କରିପାରିବେ। ମନେପଡ଼େ ବିଶିଷ୍ଟ ଲେଖକ ମନୋଜ ଦାସଙ୍କ ଏକ ଅଭିଜ୍ଞତା। ଥରେ ସେ ବିମାନ ଯାତ୍ରା କରୁଥା'ନ୍ତି। ପାଖରେ ବସିଥା'ନ୍ତି ଜଣେ ଶିଳ୍ପପତି। ସେ ମନୋଜ ବାବୁଙ୍କ ସହ କଥାବାର୍ତ୍ତା କରୁକରୁ କହିଲେ, "ବୁଝିଲେ ଆଜ୍ଞା। ମୋ ଝିଅର ଡାକ୍ତରୀ ପାଠ ପଢ଼ିବା ପାଇଁ ସଉକ ଅଛି। ଗୋଟିଏ କଲେଜ କହିଲା, ତାହା ସମ୍ଭବ ନୁହେଁ; କାରଣ ନାମଲେଖା ମାପଦଣ୍ଡ ଅନୁସାରେ ପରୀକ୍ଷାରେ ତା'ର ନମ୍ବର କମ୍ ଅଛି। ମୁଁ କହିଲି ଆପଣ ଯେତେ ଲକ୍ଷ ଟଙ୍କା ଦାବି କଲେ ମୁଁ ଦେବାକୁ ପ୍ରସ୍ତୁତ ଅଛି, କିନ୍ତୁ ମୋ ଝିଅର ଡାକ୍ତରୀ ପାଠ ପଢ଼ିବା ଦରକାର। ତା' ସତ୍ତ୍ୱେ ସେହି କଲେଜ କର୍ତ୍ତୃପକ୍ଷ ରାଜି ହେଲେ ନାହିଁ। ଠିକ୍ ଅଛି, ମୋ ଝିଅ ଡାକ୍ତର ହେବା ଦରକାର ନାହିଁ। ମୁଁ ଏଭଳି ବ୍ୟବସ୍ଥା କରିବି, ଯେମିତି ତା' ପାଖରେ ଦଶଜଣ ଡାକ୍ତର ଖଟୁଥିବେ।" ମନୋଜ ଦାସ ଏହା ଶୁଣି କହିଲେ, "ତା'ହେଲେ ଆପଣ ତା'ର ନାମଲେଖାକୁ ନେଇ ବ୍ୟସ୍ତ ହେବାର କୌଣସି କାରଣ ନାହିଁ।" ଶିଳ୍ପପତି କହିଲେ, "ଠିକ୍ ଯେ ଆଜ୍ଞା। ଯେଉଁ ଦେଶର ଲୋକ ଅର୍ଥର ମର୍ଯ୍ୟାଦା ବୁଝନ୍ତି ନାହିଁ, ସେ ଦେଶରେ ଆପଣ କ'ଣ କରିପାରିବେ?" ଏହା ହେଉଛି ଆମ ଦେଶର ଜଣେ ସମ୍ଭ୍ରାନ୍ତ ଅଭିଭାବକର ଦୃଷ୍ଟିଭଙ୍ଗୀ। ଆଜି ଅଭିଭାବକମାନେ ଚାହୁଁଛନ୍ତି ସେମାନଙ୍କ ପିଲା ମେଧା ବଳରେ ନ ହେଲେ ଅର୍ଥ ବଳରେ ଉତ୍କୃଷ୍ଟ ଶିକ୍ଷାନୁଷ୍ଠାନରେ ପ୍ରବେଶ କରୁ, ପରୀକ୍ଷାରେ ଉଚ୍ଚ ନମ୍ବର ପାଇବା ପାଇଁ ଆବଶ୍ୟକ ହେଲେ ଅସାଧୁ ଉପାୟ ଅବଲମ୍ବନ କରୁ ଓ ଶେଷରେ ଲାଞ୍ଚ ଦେଇ ଅଯୋଗ୍ୟ ହେବା ସତ୍ତ୍ୱେ ଉଚ୍ଚ ଚାକିରି ପାଉ। ଆଜି ଏହା ହେଉଛି ବହୁ ଅଭିଭାବକଙ୍କ ମାନସିକତା।

ଏହି ପ୍ରସଙ୍ଗରେ ମନେପଡ଼େ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୀବନର ଏକ ଘଟଣା। ବନ୍ଧୁ ବ୍ରଜମୋହନ ପଣ୍ଡା ଗଙ୍ଗାଧରଙ୍କୁ ତାଙ୍କ ଗାଁ ଲରମ୍ଭାରେ ପ୍ରତିଷ୍ଠିତ ହୋଇଥିବା ସ୍କୁଲରେ ତାଙ୍କ ପୁଅ ଭଗବାନ୍ ମେହେରଙ୍କୁ ଜଣେ ଶିକ୍ଷକ ଭାବରେ ଗ୍ରହଣ କରିବା ପାଇଁ ଅନୁମତି ଦେବା ଲାଗି ଅନୁରୋଧ କରିଥିଲେ ହେଁ ଗଙ୍ଗାଧର ସେହି ପ୍ରସ୍ତାବକୁ ଗ୍ରହଣ କରି ନ ଥିଲେ। ତାଙ୍କ ଆଶଙ୍କା ଥିଲା, ସେଠାରେ ଆତ୍ମସମ୍ମାନ ବଜାୟ ରଖି ଚାକିରି କରିବା ଭଗବାନ୍ ମେହେରଙ୍କ ପକ୍ଷରେ ସମ୍ଭବ ନ ଥିଲା; କାରଣ ସେ ଶିକ୍ଷକତା କରିବା ପାଇଁ ଆବଶ୍ୟକ କୌଣସି ସାର୍ଟିଫିକେଟ ପାଇନଥିଲେ। କେବଳ ବନ୍ଧୁଙ୍କ ଜୋରରେ ଜଣେ ଯୋଗ୍ୟତାହୀନ ବ୍ୟକ୍ତି ସ୍କୁଲରେ ଛାତ୍ରମାନଙ୍କ ଦ୍ୱାରା ଉପହସିତ ହେବା ଓ ତଦ୍ୱାରା ଛାତ୍ରମାନଙ୍କର କ୍ଷତି ହେବା ତାଙ୍କର ଆଶଙ୍କା ହେଲା। ଏଣୁ ସେ ବ୍ରଜମୋହନଙ୍କ ନିକଟକୁ ଚିଠିରେ ଲେଖିଲେ, "ଭଗବାନ୍ ଲରମ୍ଭା ନ ଯିବାକୁ ଆପଣ ମୋ ପ୍ରତି ଅସନ୍ତୁଷ୍ଟ ହୋଇନାହାନ୍ତି ତ? ଭଗବାନ୍ ଏଣ୍ଟ୍ରାନ୍ସ ପାସ୍ କରି ନ ଥିବାରୁ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅପମାନ ପାଇବାର ଆଶଙ୍କା ହେବାରୁ ତାଙ୍କୁ ପଠାଇବାରେ ଦ୍ୱିଧା ହେଲା। ଛାତ୍ରମାନେ ମଧ୍ୟ ଅନାଗ୍ରହ କଲେ ସ୍କୁଲର ଅବନତି ହେବ। ଆପଣଙ୍କ ସ୍ନେହ ଏଡ଼ିବା ମୋ ପକ୍ଷରେ ଉଚିତ ନୁହେଁ, ତଥାପି ସ୍କୁଲର ଉନ୍ନତିରେ ବାଧା ହେବ ଭାବି ସେପରି କରିଛି।" ଏହାଥିଲା ଅଭିଭାବକ ଭାବରେ ଗଙ୍ଗାଧରଙ୍କ ଦୃଷ୍ଟିଭଙ୍ଗୀ। ପୁତ୍ର ବରଂ ଚାକିରି ନ ପାଉ, ମାତ୍ର ତା'ର ଅଯୋଗ୍ୟତା ଛାତ୍ରମାନଙ୍କ କ୍ଷତି ନ କରୁ। ଅଭିଭାବକ ଗଙ୍ଗାଧର ଏହିଭଳି ଏକ ମହତ୍ ଭାବନା ପୋଷଣ କରିଥିଲେ।



ମହାତ୍ମା ଗାନ୍ଧୀଙ୍କ ପୁତ୍ର ମଣିଲାଲ ଗାନ୍ଧୀ ଦକ୍ଷିଣ ଆଫ୍ରିକାର ଡର୍ବାନ ସହରରେ ରହୁଥା'ନ୍ତି। ଥରେ ସେ ପୁତ୍ର ଅରୁଣ ଗାନ୍ଧୀଙ୍କ ସହ ୧୮ କିଲୋମିଟର ଦୂର ଏକ ସ୍ଥାନକୁ ଯାଇଥା'ନ୍ତି। ଅରୁଣ ପିତାଙ୍କୁ ଏକ ସେମିନାର ହଲରେ ଛାଡ଼ି ଦେଇ ଗାଡ଼ି ମରାମତି ପାଇଁ ଏକ ଗ୍ୟାରେଜକୁ ଗଲେ। ସନ୍ଧ୍ୟା ୫ଟା ବେଳେ ସେ ପିତାଙ୍କୁ ଧରି ଘରକୁ ଫେରିବା କଥା। ଅରୁଣ ଗାଡ଼ି ମରାମତି କାମ ସରିବାପରେ ଚାଲିଗଲେ ସିନେମା ଦେଖିବାକୁ। ସିନେମା ଦେଖିବାରେ ସେ ଏତେ ଭୋଳ ହୋଇଗଲେ ଯେ, କେତେବେଳେ ସମୟ ଅତିକ୍ରାନ୍ତ ହୋଇଗଲା ସେ ଜାଣିପାରିଲେ ନାହିଁ। ବାପାଙ୍କ ପାଖରେ ପହଞ୍ଚିବା ବେଳକୁ ଏକ ଘଣ୍ଟା ବିଳମ୍ବ ହୋଇ ସାରିଥିଲା। ବାପା ବିଳମ୍ବର କାରଣ ପଚାରନ୍ତେ ଅରୁଣ କହିଲେ, ଗାଡ଼ି ମରାମତିରେ ବିଳମ୍ବ ହେଲା। ଅରୁଣଙ୍କ ପାଖରୁ ଏହି ମିଥ୍ୟା ଉତ୍ତର ଶୁଣି ମଣିଲାଲ ମର୍ମାହତ ହେଲେ କାରଣ ସେ ସତ୍ୟକଥାଟି ଗ୍ୟାରେଜ ମାଲିକ ପାଖରୁ ଜାଣି ସାରିଥିଲେ। ମଣିଲାଲ ଅରୁଣକୁ କହିଲେ, "ତୋତେ ବଢ଼ାଇବାରେ ମୋର ବୋଧେ କିଛି ଭୁଲ ରହିଯାଇଛି, ଯେଉଁଥିପାଇଁ ତୁ ଆଜି ମୋତେ ମିଛ କହିଲୁ। ଏଣୁ ସେହି ଭୁଲ ହୃଦୟଙ୍ଗମ କରିବା ପାଇଁ ମୁଁ ଆଜି ଚାଲିଚାଲି ଘରକୁ ଫେରିବି।" ଏହା କହି ଦୀର୍ଘ ପାଞ୍ଚଘଣ୍ଟା ଚାଲି ଘରେ ପହଞ୍ଚିଲେ। ନିଜ ପୁଅକୁ ଉପଯୁକ୍ତ ମଣିଷ ଭାବରେ ଗଢ଼ିବାରେ ସେ ଜଣେ ଆଦର୍ଶ ଅଭିଭାବକର ଭୂମିକା ତୁଲାଇଲେ।

ସମ୍ପ୍ରତି ଅଭିଭାବକମାନଙ୍କ ଦୃଷ୍ଟିଭଙ୍ଗୀ ବଦଳିଯାଇଛି। ସେମାନେ ଗୋଟିଏ ବ୍ୟାଧି ଦ୍ୱାରା ପୀଡ଼ିତ। ସେହି ବ୍ୟାଧି ହେଉଛି ସ୍ଥୂଳ ଉପଯୋଗିତାବାଦ। ଏହି ଦୃଷ୍ଟିକୋଣରୁ ସବୁକଥାକୁ ବିଚାର କରାଯାଉଛି। ଦରକାରୀ ହୋଇ ନ ଥିଲେ କୌଣସି କଥାର ମୂଲ୍ୟ ନାହିଁ। ନିଜକୁ ସଭ୍ୟ ବୋଲାଉଥିବା ଲୋକେ ଦରକାରୀ ବୋଇଲେ ତାକୁ ହିଁ ବୁଝୁଛନ୍ତି; ଯାହା ଅର୍ଥ ଆକର୍ଷଣ କରିପାରିବ, ଅର୍ଥ ଉପୁଜାଇପାରିବ। ଏହି ବ୍ୟାଧି ଭୀଷଣ ସଂକ୍ରାମକ। ଏବେ ଏହି ବ୍ୟାଧି ଅଭିଭାବକମାନଙ୍କଠାରୁ ପିଲାମାନଙ୍କ ପାଖକୁ ସଂକ୍ରମଣ ହୋଇଛି। ସେମାନେ ଭାବନ୍ତି, ଅଧିକ ଅର୍ଥ ଆମ ଆୟତ୍ତରେ ଥିଲେ ଆମେ ଅଧିକ ସ୍ୱାଧୀନ। ଯାହା ମନ ଚାହିଁବ ଆମେ ତାହା କରିପାରିବା। ଏହି ଧାରଣାରୁ ସେମାନେ ଅର୍ଥ ଉପାର୍ଜନ ଓ ସଞ୍ଚୟ କରିଚାଲନ୍ତି। ମାତ୍ର ଅର୍ଥ ସ୍ୱାଧୀନତାର ମାଧ୍ୟମ ହୋଇ ରହେନାହିଁ। ସେମାନଙ୍କ ଅଜାଣତରେ ସେହି ମାଧ୍ୟମ ହିଁ ତାଙ୍କ ଉପରେ ପ୍ରଭୁତ୍ୱ ଜାହିର କରେ। ଯେଉଁ ସ୍ୱାଧୀନତାର ସ୍ୱପ୍ନରେ ସେମାନେ ଅର୍ଥ ଲୋଡ଼ିଥିଲେ, ସେ ସ୍ୱାଧୀନତା ହରାଇ ସେମାନେ ଅର୍ଥର ଦାସ ହୋଇଯା'ନ୍ତି। ଯେଉଁ ବୟସରେ ସେମାନେ ଜୀବନର ମହତ୍ତ୍ୱ ଓ ଉତ୍କର୍ଷର ସ୍ୱପ୍ନ ଦେଖିବା କଥା, ସେହି ବୟସରେ ସେମାନେ ଟଙ୍କାର ସ୍ୱପ୍ନ ଦେଖୁଛନ୍ତି। ସେମାନଙ୍କ ପାଇଁ ବିଦ୍ୟା ଅର୍ଜନରେ ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ। ଶ୍ରୀମା' କହିଛନ୍ତି "ଜ୍ଞାନ ପାଇଁ ବିଦ୍ୟାର୍ଜନ କରିବା, ପ୍ରକୃତିର ତଥା ଜୀବନର ଗୋପନ ରହସ୍ୟ ବୁଝିବା ପାଇଁ ଅଧ୍ୟୟନ କରିବା, ଚେତନାର ଅଭିବୃଦ୍ଧି ପାଇଁ, ନିଜକୁ ଶୃଙ୍ଖଳିତ କରିବା ପାଇଁ, ନିଜ ଭିତରେ ଥିବା ଦୁର୍ବଳତା, ଅକ୍ଷମତା ଓ ଅଜ୍ଞାନ ଅତିକ୍ରମ କରିବା ନିମନ୍ତେ ଏକ ମହତ୍ତର ସତ୍ୟ ସକାଶେ ପ୍ରସ୍ତୁତ ହେବା ହେଉଛି ଶିକ୍ଷାର ଉଦ୍ଦେଶ୍ୟ। ମାତ୍ର ସ୍ଥୂଳ ଉପଯୋଗିତାବାଦ ଦ୍ୱାରା ପୀଡ଼ିତ ଆଜିର ଅଭିଭାବକମାନେ ଏ ସମ୍ପର୍କରେ ଚିନ୍ତା କରନ୍ତି ନାହିଁ। ସେମାନଙ୍କ ପାଇଁ ଏକମାତ୍ର ଗୁରୁତ୍ୱପୂର୍ଣ୍ଣ କଥା ହେଲା କେମିତି ସେମାନଙ୍କ ପୁତ୍ରକନ୍ୟା ବିପୁଳ ଅର୍ଥ ଉପାର୍ଜନ କରିବା ପାଇଁ ପ୍ରସ୍ତୁତ ହେବେ। ଏହିଭଳି ଅଧଃପତିତ ଅବସ୍ଥାରୁ ଉତ୍ତୀର୍ଣ୍ଣ ହେବା ପାଇଁ ଲୋଡ଼ା ବ୍ୟାପକ ସାମୂହିକ ସଚେତନତା। ଏ ଦିଗରେ ସମାଜର ବିଜ୍ଞବର୍ଗ ହିଁ ଆଗଭର ହେବା ଉଚିତ।

ମୋ: ୯୪୩୭୩୨୯୨୬୩

# ବିଶ୍ୱବ୍ୟାଙ୍କର ନୂଆ ମଙ୍ଗୁଆଳ

ଆମେରିକାରେ ଶିଖଙ୍କ ବିରୋଧରେ ଘୃଣା ଅପରାଧ ବଢ଼ିଥିବା ବିଷୟ ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ) ରିପୋର୍ଟ ପ୍ରକାଶ କରିବା ପରେ ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ନିଷ୍ପତ୍ତି କ୍ରମେ ରାଷ୍ଟ୍ରପତି ଜୋ ବାଇଡେନ ଭାରତୀୟ ବଂଶୋଦ୍ଭବ ଅଜୟ ବଙ୍ଗାଙ୍କୁ ବିଶ୍ୱବ୍ୟାଙ୍କର ସଭାପତି ଲାଗି ମନୋନୀତ କରିଛନ୍ତି। ଫଳରେ ସେ ପ୍ରଥମ ଭାରତୀୟ ବଂଶୋଦ୍ଭବ ଭାବେ ଏହି ଅନ୍ତର୍ଜାତୀୟ ଆର୍ଥିକ ସଂସ୍ଥାର ମୁଖ୍ୟ ହେବାକୁ ଯାଉଛନ୍ତି। ଆମେରିକାର ବହୁରାଷ୍ଟ୍ରୀୟ ଆର୍ଥିକ ସେବା ସଂସ୍ଥା 'ମାଷ୍ଟର କାର୍ଡ' ବ୍ୟବସାୟ ସହିତ ତାଙ୍କର ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ରହିଆସିଥିଲା। ସେ ମାଷ୍ଟର କାର୍ଡର ସଭାପତି ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ରହିବା ପରେ ଏହାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ପଦକୁ ଉନ୍ନୀତ ହୋଇଥିଲେ। ୩୧ ଡିସେମ୍ବର ୨୦୨୧ରେ ସେ ତାଙ୍କ ପଦବୀରୁ ଅବସର ନେବା ପରେ ଘରୋଇ କମ୍ପାନୀ 'ଜେନେରାଲ ଆଟ୍‌ଲାଣ୍ଟିକ୍'ରେ ଯୋଗ ଦେଇଥିଲେ। ଏବେ ସେ ତାହାର ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। କ୍ରମାଗତ ଭାବେ ଭାରତୀୟ ବଂଶୋଦ୍ଭବ ଆମେରିକାର ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହେବା ଭାରତ ସକାଶେ ଗର୍ବର ବିଷୟ। ହେଲେ ବହୁ ମେଧାବୀ ଭାରତୀୟ ଏ ଦେଶର ଅନେକ ବଡ଼ ଶିକ୍ଷା ପ୍ରତିଷ୍ଠାନରେ ପଢ଼ି ଉତ୍କର୍ଷ ଲଭୁଥିଲେ ମଧ୍ୟ ସେମାନଙ୍କୁ ଅଟକାଇ ରଖିବାରେ ଦେଶ ବିଫଳ ହେଉଥିବା ଦେଖାଯାଉଛି। ଏହା ଭାରତ ପାଇଁ 'ବ୍ରେନ୍ ଡ୍ରେନ୍' ବୋଲି କୁହାଯାଉଛି। କାରଣ ସେମାନଙ୍କୁ ଉଚ୍ଚଶିକ୍ଷିତ କରିବାରେ ଏ ଦେଶର ପୁଞ୍ଜି ନିହିତ ରହିଛି। ତେଣୁ ମେଧାଯୁକ୍ତଙ୍କୁ ବାଛି ସେମାନଙ୍କୁ ଅବସ୍ଥାପିତ କରିବା ସକାଶେ ଭାରତ ସରକାର ପଦକ୍ଷେପ ନେବା ଆବଶ୍ୟକ ହୋଇପଡ଼ିଲାଣି ବୋଲି ଆଲୋଚନା ହେଉଛି। ତେବେ କାର୍ଯ୍ୟକାଳ ବାକି ଥିବା ବେଳେ ବିଶ୍ୱବ୍ୟାଙ୍କର ସଭାପତି ପଦବୀରୁ ଡେଭିଡ୍ ମାଲପସ୍ ଇସ୍ତଫା ଦେଇଥିବା ବିଷୟ ଏବେ ଘୋଷଣା କରିଛନ୍ତି। ବିଧିବଦ୍ଧଭାବେ ୩୦ ଜୁନ୍ ୨୦୨୩ରେ ସେ ଇସ୍ତଫା ଦେବେ ବୋଲି ଜଣାପଡ଼ିଛି। ତାଙ୍କ ସ୍ଥାନରେ ଅଜୟଙ୍କୁ ବଛାଯିବା ନେଇ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ବିଷୟ ଗୁରୁତ୍ୱ ଲାଭ କରିଛି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ମାଲପସ୍ ନିଯୁକ୍ତ ହୋଇଥିଲେ। ଉଭୟ ପରିବେଶ ବିରୋଧୀ ନୀତି ଯୋଗୁ ସମାଲୋଚିତ ହୋଇଆସିଛନ୍ତି। ଅନ୍ୟପକ୍ଷରେ ଅଜୟ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ଅର୍ଥନୈତିକ ପ୍ରସଙ୍ଗକୁ ଉତ୍ତମ ପରିଚାଳନା କରିବାରେ ଦକ୍ଷତା ରଖିଥିବାରୁ ତାଙ୍କୁ ବିଶ୍ୱବ୍ୟାଙ୍କ ସଭାପତି ଭାବେ ମନୋନୀତ କରାଯାଇଥିବା ଆଲୋଚନା ହେଉଛି।

**ବ୍ୟକ୍ତିତ୍ୱ**



ଅଜୟ ବଙ୍ଗା

ମହାରାଷ୍ଟ୍ର ପୁଣେର ଖାଡ଼୍‌କି କାଣ୍ଟନମେଣ୍ଟରେ ଅଜୟପାଲ ସିଂ ବଙ୍ଗା ୧୦ ନଭେମ୍ବର ୧୯୫୯ରେ ଏକ ସାଇନି ଶିଖ୍ ପରିବାରରେ ଜନ୍ମଗ୍ରହଣ କରିଥିଲେ। ପିତା ହରଭଜନ ସିଂ ବଙ୍ଗା ଜଣେ ଅବସରପ୍ରାପ୍ତ ଆର୍ମି ଅଧିକାରୀ। ପଞ୍ଜାବର ଜଳନ୍ଧର ହେଉଛି ସେମାନଙ୍କ ପୈତୃକ ଅଞ୍ଚଳ। ହରଭଜନ ହେଉଛନ୍ତି ବିଶିଷ୍ଟ ବ୍ୟବସାୟୀ ଏମ୍. ଏସ୍. ବଙ୍ଗାଙ୍କ ସାନ ଭାଇ। ତେବେ ଅଜୟ ବଙ୍ଗା ଶିମ୍‌ଲାର ସେଣ୍ଟ ଏଡ୍‌ୱାର୍ଡ ସ୍କୁଲ ଓ ହାଇଦ୍ରାବାଦର ପବ୍ଲିକ୍ ସ୍କୁଲରୁ ପାଠ ପଢ଼ିଥିଲେ। ପିତାଙ୍କ ବିଭିନ୍ନ ସ୍ଥାନକୁ ବଦଳି ହେଉଥିବାରୁ ଅଜୟଙ୍କୁ ମଧ୍ୟ ସେହି ଅନୁଯାୟୀ ପଢ଼ିବାକୁ ପଡୁଥିଲା। ଦିଲ୍ଲୀର ସେଣ୍ଟ ଷ୍ଟିଫେନ୍ସ କଲେଜରୁ ସେ ଅର୍ଥନୀତିରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ପରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍)ରୁ ମ୍ୟାନେଜମେଣ୍ଟରେ ପିଜିପି (ଏମ୍‌ବିଏ ସହ ସମାନ ଡିଗ୍ରୀ) କରିଥିଲେ। ଉଚ୍ଚଶିକ୍ଷା ପରେ ଅଜୟ ୧୯୮୧ରେ ନେସ୍‌ଲେରେ ବିଜ୍‌ନେସ୍ କ୍ୟାରିୟର ଆରମ୍ଭ କରିଥିଲେ। ସେଠାରେ ସେ ସେଲ୍ସ, ମାର୍କେଟିଂ ଓ ଜେନେରାଲ ମ୍ୟାନେଜମେଣ୍ଟରେ ଦୀର୍ଘ ୧୫ ବର୍ଷ କାର୍ଯ୍ୟ କରି ବହୁ ଅଭିଜ୍ଞତା ଅର୍ଜନ କରିଥିଲେ। ଏହା ପରେ ସେ ପେପ୍‌ସିକୋରେ ଯୋଗ ଦେଇ ଭାରତରେ ଅନ୍ତର୍ଜାତୀୟ ଫାଷ୍ଟଫୁଡ୍‌ର ଫ୍ରାଞ୍ଚାଇଜ୍ ନେଇଥିଲେ। ସେତେବେଳକୁ ଭାରତ ଉଦାରୀକରଣ ଅର୍ଥନୀତିକୁ ଅନୁସରଣ କରିସାରିଥିଲା।

ଅଜୟଙ୍କ ବ୍ୟବସାୟ କ୍ଷେତ୍ରରେ ଦକ୍ଷତା ବଢ଼ିବା ସହ ଶିଳ୍ପଜଗତ ସହ ଜଡ଼ିତ ରହି ତା'ର ନେତୃତ୍ୱ ନେବାକୁ ପ୍ରୟାସ କରିଥିଲେ। ତାଙ୍କ ସୂକ୍ଷ୍ମ ବୁଦ୍ଧି ଆଗକୁ ବଢ଼ିବାକୁ ସୁଯୋଗ ଦେଇଥିଲା। ସେଥିପାଇଁ ସେ ୨୦୦୫ରୁ ୨୦୦୯ ମଧ୍ୟରେ ସାମାଜିକ ବିକାଶମୂଳକ ପ୍ରସଙ୍ଗକୁ ଧରିଥିଲେ। ବିଶ୍ୱର ମାଇକ୍ରୋ ଫାଇନାନ୍ସ କ୍ଷେତ୍ରରେ ସେ ନୂଆ ଋଣକୌଶଳ ପ୍ରୟୋଗ କରିଥିଲେ। ୨୦୨୦ରେ ସେ ପଲ୍ ପୋଲ୍‌ମାନ୍‌ଙ୍କ ସ୍ଥାନରେ ଇଣ୍ଟରନ୍ୟାଶନାଲ ଚାମ୍ବର ଅଫ୍ କମର୍ସ (ଆଇସିସି)ର ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ଅବଶ୍ୟ ସେ ଜୁନ୍ ୨୦୧୮ରେ ଆଇସିସିର ପ୍ରଥମ ଉପାଧ୍ୟକ୍ଷ ରହିଥିଲେ। ଅଜୟଙ୍କ କ୍ୟାରିୟରରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ଗୁରୁତ୍ୱପୂର୍ଣ୍ଣ ସହଯୋଗ ଦେଇଥିଲେ। ଫେବୃୟାରୀ ୨୦୧୫ରେ ଓବାମା ତାଙ୍କୁ ପ୍ରେସିଡେଣ୍ଟସ୍ ଆଡଭାଇଜରି କମିଟି ଫର୍ ଟ୍ରେଡ୍ ପଲିସି ଆଣ୍ଡ ନେଗୋସିଏସନ୍‌ର ସଦସ୍ୟ ଭାବେ ନିଯୁକ୍ତି ଦେଇଥିଲେ।

ଅଜୟ ବଙ୍ଗା କର୍ପୋରେଟ୍ ସଂସ୍ଥା ଓ ଅଣଲାଭଦାୟକ ସଙ୍ଗଠନରେ ନିଜକୁ ଜଡ଼ିତ କରି ରଖିବାରୁ ଆଜି ଗୁରୁତ୍ୱପୂର୍ଣ୍ଣ ପଦବୀରେ ପହଞ୍ଚିପାରିଛନ୍ତି। ସେ ନ୍ୟୁୟର୍କ ୟୁନିଭର୍ସିଟିର ଲିଓନାର୍ଡ ଏନ. ଷ୍ଟର୍ନ ସ୍କୁଲ ଅଫ୍ ବିଜ୍‌ନେସଠାରୁ ଆରମ୍ଭ କରି ଆଇଆଇଏମ୍, ଅହମଦାବାଦ ପର୍ଯ୍ୟନ୍ତ ପ୍ରତିଷ୍ଠିତ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନର ବହୁ ଲିଡରଶିପ୍ କନଫରେନ୍ସରେ ବକ୍ତା ଭାବେ ଯୋଗ ଦେଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ବଂଶୋଦ୍ଭବ ଭାବେ ଯୋଗଦାନ ଲାଗି ଭାରତ ସରକାର ତାଙ୍କୁ ୨୦୧୬ରେ ଦେଶର ଚତୁର୍ଥ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମଶ୍ରୀ'ରେ ସମ୍ମାନିତ କରିଥିଲେ।

**– ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ବହୁ ସମୟରେ ଲୋକମାନଙ୍କର ଅଜବ ପସନ୍ଦ ଦେଖିବାକୁ ମିଳେ। କିଏ ପଶୁପକ୍ଷୀଙ୍କ ସହ ରହି ଜୀବନର ଆନନ୍ଦ ନେଉଥିବାବେଳେ କିଏ ଜଳଚର ଜୀବଙ୍କୁ ପାଳି ଖୁସି ହୁଅନ୍ତି। କିନ୍ତୁ ମୁମ୍ବାଇର ପ୍ରିୟଙ୍କା ସିଂଙ୍କ ପସନ୍ଦ ଏ କ୍ଷେତ୍ରରେ ନିଶ୍ଚୟ ଭିନ୍ନ। ସେ ପ୍ରଜାପତି ଗହଣରେ ରହି ସମୟ କଟାଉଛନ୍ତି। ପ୍ରିୟଙ୍କା ମୁମ୍ବାଇର ଏକ ଫ୍ଲାଟର ୧୩ ମହଲାରେ ରହୁଛନ୍ତି। ସେ ଦୀର୍ଘ ୧୦ ବର୍ଷ ହେଲା ତାଙ୍କ ଘରେ ପ୍ରଜାପତି ପାଳୁଛନ୍ତି। ରଙ୍ଗବେରଙ୍ଗର ପ୍ରାୟ ୫,୦୦୦ ପ୍ରଜାପତି ତାଙ୍କ ଘରେ ରହିଛନ୍ତି। ତାଙ୍କ ଘରର ସବୁ ଜାଗାରେ ପ୍ରଜାପତି ବସିଥିବା ଦେଖିବାକୁ ମିଳେ। ଏଥିପାଇଁ ଲୋକେ ତାଙ୍କୁ ବଟରଫ୍ଲାଏ ମମ୍ କହୁଛନ୍ତି। ବଡ଼ କଥା ହେଉଛି ଏହିସବୁ ପ୍ରଜାପତିଙ୍କୁ ସେ ବନ୍ଦ କରି ରଖିନାହାନ୍ତି, ସେମାନେ ଘର ଭିତର ଓ ବାହାରେ ଉଡୁଛନ୍ତି। ସେମାନଙ୍କ ପାଇଁ ପ୍ରିୟଙ୍କା ବି ଏକ ଅର୍ଗାନିକ ବଗିଚା କରିଛନ୍ତି। ପ୍ରଜାପତି ତାଙ୍କ ବଗିଚାରେ ବସୁଛନ୍ତି। ପ୍ୟୁପାରୁ ନୂଆ ପ୍ରଜାପତି ବାହାରିବା ପରେ ସେ ସେମାନଙ୍କ ପ୍ରତି ଧ୍ୟାନ ରଖୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୬ ଫେବୃୟାରୀ ୧୯୯୮**

- ଶ୍ରୀଲଙ୍କାର ଉତ୍ତରାଞ୍ଚଳରେ ସେନା ଓ ତାମିଲ ଗେରିଲାଙ୍କ ମଧ୍ୟରେ ସଂଘର୍ଷ ଘଟି ୫୦ ଜଣ ସୈନ୍ୟ ଓ ୬ ଜଣ ଏଲ୍‌ଟିଟିଇ ଗେରିଲା ନିହତ।
- ବେଆଇନ ଭାବେ ନିଶା କାରବାର ଚଳାଇଥିବା ଅଭିଯୋଗରେ ଚାଇନାରେ ଜଣେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ତାଙ୍କ ଭାଇଙ୍କ ସମେତ ୭ ଜଣଙ୍କୁ ଫାଶି।
- ଦେଶରେ ବହୁ ପ୍ରତୀକ୍ଷିତ ଆକାଶବାଣୀ ଓ ଦୂରଦର୍ଶନର ଇଣ୍ଟରନେଟ ସେବା ଆରମ୍ଭ।

## ପାଠକ ଶ୍ରେଷ୍ଠ ବିଚାରକ

### ଜମିଜମା କମ୍ପ୍ୟୁଟରୀକରଣରେ ତ୍ରୁଟି

ମହାଶୟ,

ଜମିଜମା କମ୍ପ୍ୟୁଟରୀକରଣ ଦ୍ୱାରା ରୟତମାନେ ନିଜ ଜମିର ଆର୍.ଓ.ଆର୍. ସମ୍ପର୍କରେ ସହଜରେ ଜାଣିବେ। କିନ୍ତୁ ମାନୁଆଲ ସେଟଲମେଣ୍ଟ ପଟ୍ଟାରେ ଅନେକ ତହସିଲଦାର ବହୁତ ସଂଶୋଧନ କରିଛନ୍ତି। ସେ ନୂତନ ପଟ୍ଟା ଦେବେ କିନ୍ତୁ ସେଟଲମେଣ୍ଟ ପଟ୍ଟାକୁ କଟାକଟି କରି ବିକୃତ କରିପାରିବେ ନାହିଁ। ୨୦୨୨ରେ ମୁଁ ପରଜଙ୍ଗ ତହସିଲରୁ ଉଭୟ ଡିଜିଟାଲ ଓ ମାନୁଆଲ ପଟ୍ଟାର ସାର୍ଟିଫାଏଡ କପି ପାଇଲି। ସେଥିରେ କିଛି ତ୍ରୁଟି ଦେଖିଲି। ତୁଳନା କରି ଦେଖିଲି ଯେ, ଗୋବର୍ଦ୍ଧନ ସ୍ୱାଇଁ ପି. ରାଧାମୋହନ ସ୍ୱାଇଁଙ୍କର ପରିଚୟ ଉଭୟ କପିରେ ଭିନ୍ନ ଭିନ୍ନ। ଏହା ଏକ ବିରାଟ ଭୁଲ। ଗୋବର୍ଦ୍ଧନ ସ୍ୱାଇଁଙ୍କ ଜନ୍ମ ୧୯୩୮ ମସିହା। ତାଙ୍କ ମାଟ୍ରିକ ସାର୍ଟିଫିକେଟ, ସର୍ଭିସ ବୁକ, ବ୍ୟାଙ୍କ ପାସ୍ ବୁକ, ଆଧାରକାର୍ଡ, ମୃତ୍ୟୁ ପ୍ରମାଣପତ୍ରରେ ତାଙ୍କର ପ୍ରକୃତ ପରିଚୟ ଥିବା ବେଳେ ୧୯୯୨ରେ ଚାକିରି ଶେଷ ପରେ ପରିଚୟ ତହସିଲଦାର ବଦଳାଇଦେଲେ। ପରଜଙ୍ଗ, କାମାକ୍ଷାନଗର ତହସିଲ ଅଫିସକୁ ଆର୍‌ଟିଆଇ ଆକ୍ଟରେ ତଥ୍ୟ ମାଗିଲେ ଶୁଣୁ ନାହାନ୍ତି। ତହସିଲଦାର, ସବ୍‌କଲେକ୍ଟର, କଲେକ୍ଟର, ଆରଡିସି ଉତ୍ତରାଞ୍ଚଳଙ୍କୁ କମ୍ପ୍ୟୁଟରରୁ ଭୁଲ ତଥ୍ୟ ବାଦ୍ ଦେବାକୁ ପଦକ୍ଷେପ ନିଅନ୍ତୁ।

**–ଗିରିଧର ସ୍ୱାଇଁ, ପିଟିରି, ପରଜଙ୍ଗ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସରଳ ମତି ସହଜ ଗତି
ଯା'ନ୍ତି ଚଳି ବାଳୀ
ନ ବୁଝି ଏ ନିଦାଘ ପଥେ
କି ରୂପରାଶି ଢାଳି।

(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୫।୦୨।୨୦୨୩

| | |
|---|---|
| ୫,୯୫,୦୩୪ଟଙ୍କା | |
| ସୁନା | ୨.୪୫୦ ଗ୍ରାମ |
| ରୁପା | ୧୪୨.୬୦୦ ଗ୍ରାମ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- କଳିଙ୍ଗ ସାହିତ୍ୟ ମହୋତ୍ସବ, ସ୍ୱସ୍ତି ପ୍ରିମିୟମ୍, ସକାଳ ୯ଟା।
- ଆର୍ଯ୍ୟ ସମାଜର ବାର୍ଷିକ ମହୋତ୍ସବ, ଆର୍ଯ୍ୟ ସମାଜ, ଶହୀଦ ନଗର ପରିସର, ପୂର୍ବାହ୍ନ ୧୦ଟା।
- ସନ୍ଥ ଗାଡ଼ଗେ ବାବାଙ୍କ ୧୪୭ତମ ଜୟନ୍ତୀ ଉତ୍ସବ, କଳିଙ୍ଗ ବୁଦ୍ଧ ମନ୍ଦିର, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ଷ୍ଟେଟ ସିଲେକ୍ସନ ବୋର୍ଡ ଲେକ୍ଚର୍ସ ଆସୋସିଏଶନର ବାର୍ଷିକ ସମ୍ମିଳନୀ, ବ୍ଲିଷ୍ଡ ଆସୋସିଏଶନ ବିଲ୍ଡିଂ, ବିଗ୍ ବଜାର ନିକଟ, ସତ୍ୟ ନଗର, ପୂର୍ବାହ୍ନ ୧୦ଟା ୩୦।
- ଆଦିବାସୀ ମେଳା ୨୦୨୩, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୧, ଅପରାହ୍ନ ୨ଟା ୩୦।
- ସହଯୋଗ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ, ଅଙ୍ଗାରପଡ଼ା ପ୍ରାଥମିକ ବିଦ୍ୟାଳୟ, ଅପରାହ୍ନ ୨ଟା ୩୦।
- ୭ମ ମେଗା ହ୍ୟାଣ୍ଡଲୁମ୍ ଫେବ୍ ମେଳା ଉଦ୍‌ଘାଟିତ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୫ଟା।
- ଖଦି ଇଣ୍ଡିଆ ପକ୍ଷରୁ ଖଦି ମହୋତ୍ସବ, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୨ଟା।

**ବଡ଼ମ୍ବା**

- ଯୋରନ୍ଦା ମହିମା ଅଲେଖଙ୍କ ସାଧୁ ସମାବେଶ ଓ ଯଜ୍ଞ, ଶଙ୍ଖାମେରୀ ପାଟଣା ସାହି ଶନିମନ୍ଦିର ପରିସର, ପୂର୍ବାହ୍ନ ୧୦ଟା।

**କଟକ**

- ହାଇକୋର୍ଟ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ, ଓଡ଼ିଶା ହାଇକୋର୍ଟ ଷ୍ଟାଫ କମ୍ୟୁନିଟି ସେଣ୍ଟର, କ୍ୟାଣ୍ଟନମେଣ୍ଟ ରୋଡ୍, ପୂର୍ବାହ୍ନ ୧୦ଟା।
- କାନାରା ବ୍ୟାଙ୍କ କର୍ମଚାରୀ ୟୁନିୟନ ରାଜ୍ୟ କମିଟିର ୧୦ମ ସମ୍ମିଳନୀ, ସାରଳା ଭବନ, ତୁଳସୀପୁର, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସରକାରୀ ଉଚ୍ଚ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ସଂଘର ଜିଲାସ୍ତରୀୟ ବୈଠକ, ଲଣ୍ଡା ଦେଉଳ ପରିସର, ସାହେବଜାଦା ବଜାର, ପୂର୍ବାହ୍ନ ୧୧ଟା।
- ମଣିମାଣିକର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ଶତାବ୍ଦୀ ଭବନ, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ଷ୍ଟେଟ୍ ଫେସିଂ ଆସୋସିଏଶନ ପକ୍ଷରୁ ୨ୟ ପର୍ଯ୍ୟାୟ ଖେଲୋ ଇଣ୍ଡିଆ ଓମେନ୍ସ ଲିଗ୍ ଟୁର୍ନାମେଣ୍ଟ, ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ୍, ଅପରାହ୍ନ ୪ଟା।

**ପୁରୀ**

- ପ୍ରାଇଭେଟ ହସ୍ପିଟାଲ ଆସୋସିଏଶନର ବାର୍ଷିକ ଅଧିବେଶନ, ପୁରୀ ପୌରସଦନ ସମ୍ମିଳନୀ ଗୃହ, ପୂର୍ବାହ୍ନ ୧୦ଟା।
- ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ମିଳନୀ, ମାରୁତି ନଗର କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ପତ୍ରକାର ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ, ୟୁଥ ହଷ୍ଟେଲ, ପୂର୍ବାହ୍ନ ୧୦ଟା ୩୦।
- ଇଣ୍ଟର କଲେଜ ଡ୍ରପ୍‌ରୋ ବଲ୍ ଟୁର୍ନାମେଣ୍ଟ, ୟୁଥ ହଷ୍ଟେଲ, ଅପରାହ୍ନ ୩ଟା।

## ଝୁଲନ୍ତା ମୃତଦେହ ଜବତ

ନିମାପଡ଼ା,୨୫।୨(ଡି.ଏନ୍.ଏ.)- ନିମାପଡ଼ା ଥାନା ଅନ୍ତର୍ଗତ ଗଡତୋରିହଁ ପାତ୍ର ସାହି ଗ୍ରାମର ଶେଷମୁଣ୍ଡରେ ଥିବା ଏକ ଚାକୁଣ୍ଡା ଗଛରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଶନିବାର ନିମାପଡ଼ା ପୋଲିସ ଜବତ କରିଛି। ମୃତକ ହେଲେ ବଳଙ୍ଗା ଥାନା ଅନ୍ତର୍ଗତ ରେସିଙ୍ଗା ଗ୍ରାମର ଚକ୍ରଧର ମଲ୍ଲିକ (୫୦)। ଏନେଇ ଚକ୍ରଧରଙ୍କ ପୁଅ ରାଜ କୁମାର ମଲ୍ଲିକ (୨୪) ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ମାମଲା (ନଂ. ୪/୨୩) ରୁଜୁ କରି ତଦନ୍ତ ଚଳାଇଛି। ହେଲେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ପୋଲିସ କହିଛି। ଚକ୍ରଧର ସକାଳୁ ଘରୁ ବାହାରକୁ ଆସିଥିଲେ। ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରେ ଗ୍ରାମର ଶେଷମୁଣ୍ଡରେ ଚାକୁଣ୍ଡା ଗଛରେ ରଶିରେ ଝୁଲିଥିବା ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ।

# ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ପୁଣି ବନ୍ଦ

- ଆସିଲେନି ମଲ୍ଲିଆ ସେବାୟତ
- ଉପବାସରେ ରହିଲେ କପିଳେଶ୍ୱର ଦେବ
- ଖିଲାପକାରୀଙ୍କୁ କାରଣ ଦର୍ଶାଅ ନୋଟିସ

ପୁରୁଣା ଭୁବନେଶ୍ୱର,୨୫।୨(ଡି.ଏନ୍.ଏ.): ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ଶନିବାର ଥିବାବେଳେ ପୂର୍ବ ବର୍ଷ ଭଳି ବନ୍ଦ ହୋଇଛି। ମଲ୍ଲିଆ ସେବାୟତ ପାଳି କରିବାକୁ ନ ଆସିବାରୁ ଅସ୍ୱାଭାବିକ ପରିସ୍ଥିତି ଉପୁଜିଛି। ପ୍ରାତଃରୁ କପିଳେଶ୍ୱର ମନ୍ଦିର କବାଟ ତାଲା ପଡ଼ି ରହିଥିବା ବେଳେ ରିପୋର୍ଟ ଲେଖା ହେବା ବେଳକୁ କୌଣସି ନୀତିକାନ୍ତି ହୋଇପାରି ନାହିଁ। ଫଳରେ କପିଳେଶ୍ୱର ଦେବ ଉପବାସରେ ରହିଥିଲେ।



ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ୯ବର୍ଷ ହେବ ବନ୍ଦ ରହିଥିବା ବେଳେ ସୁଚାରୁଭାବେ ପୁଣି ଯାତ୍ରା ସମ୍ପାଦନ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ୫ବର୍ଷ ବିତିଯାଇଥିଲେ ମଧ୍ୟ ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଚଳିତ ବର୍ଷ ଏହି ଯାତ୍ରା ସମ୍ପାଦନ କରିବା ଲାଗି ପ୍ରଶାସନ ଅଣ୍ଟା ଭିଡ଼ିଥିଲା। ଏନେଇ ପ୍ରଶାସନ ପକ୍ଷରୁ ସର୍କିଟ ହାଉସଠାରେ ମଲ୍ଲିଆ ଓ ଖୁଣ୍ଟିଆ ସେବାୟତଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା। ଚଳିତବର୍ଷ ପରମ୍ପରା ଅନୁଯାୟୀ ନୀତି ସ୍ୱାଭାବିକ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିସହ ଦୁଇ ସେବାୟତ ପ୍ରମୁଖ ମଧ୍ୟ ରାଜି ହୋଇଥିଲେ। ତେବେ ଶନିବାର ପ୍ରତ୍ୟୁଷରୁ ଉପଜିଲାପାଳ, ଦେବୋତ୍ତର ସହକାରୀ ଆୟୁକ୍ତ, ସ୍ଥାନୀୟ ପୋଲିସ ଓ ଖୁଣ୍ଟିଆ ସେବାୟତ କପିଳେଶ୍ୱର ମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ଦ୍ୱାରଫିଟା ଦାୟିତ୍ୱରେ ଥିବା ମଲ୍ଲିଆ ସେବାୟତ ମ୍ୟାନେଜରଙ୍କ ନିକଟରେ ଚାବି ରହିଥିଲା। ତେବେ ଉକ୍ତ ଦିନର ପାଳିଆ ମଲ୍ଲିଆ ସେବାୟତ ଅନୁପସ୍ଥିତ ରହିବାରୁ ମନ୍ଦିରର ଦ୍ୱାର ଫିଟା ହୋଇ ନ ଥିଲା। ଏପରିକି ଠାକୁରଙ୍କ ଅନ୍ୟାନ୍ୟ ନୀତିକାନ୍ତି ନ ହେବାରୁ ଦିନତମାମ ଠାକୁର ଉପବାସରେ ରହିଥିଲେ। ଫଳରେ ପ୍ରଶାସନିକ ଅଧିକାରୀମାନେ ଫେରିଯାଇଥିଲେ। ସନ୍ଧ୍ୟାରେ ଜିଲାପାଳ ତଥା ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି କେ.ସୁଦର୍ଶନ ଚକ୍ରବର୍ତ୍ତୀ ସର୍କିଟ ହାଉସକୁ ଉଭୟ ସେବାୟତ ପ୍ରମୁଖଙ୍କୁ ଡକାଇଥିଲେ। ଖୁଣ୍ଟିଆ ସେବାୟତ ଆସିଥିବା ବେଳେ ମଲ୍ଲିଆ ସେବାୟତ ଅନୁପସ୍ଥିତ ଥିଲେ। ଫଳରେ ହାଣ୍ଡିଭଙ୍ଗା ଯାତ୍ରା ଶେଷ ଆଶା ମଉଳିଯାଇଥିଲା। ଏ ସମ୍ପର୍କରେ ଉପଜିଲାପାଳ ଦେବବ୍ରତ ସାହୁ କୁହନ୍ତି, କପିଳେଶ୍ୱର ମନ୍ଦିର ଦ୍ୱାରଫିଟା ଦାୟିତ୍ୱରେ ଥିବା ମଲ୍ଲିଆ ସେବାୟତ ମ୍ୟାନେଜରଙ୍କ ନିକଟରେ ଚାବି ରହିଥିଲା। ଉକ୍ତ ଦିନର ପାଳିଆ ମଲ୍ଲିଆ ସେବାୟତ ଅନୁପସ୍ଥିତ ରହିବାରୁ ନୀତିକାନ୍ତି ହୋଇପାରିଲା ନାହିଁ। ଖିଲାପକାରୀଙ୍କୁ କାରଣ ଦର୍ଶାଅ ନୋଟିସ ହୋଇଛି। ଏଥିସହ ଦେବୋତ୍ତର ବିଭାଗକୁ ଘଟଣାକ୍ରମ ରିପୋର୍ଟ ମଗାଯାଇଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଶ୍ରୀଲିଙ୍ଗରାଜ ମନ୍ଦିରରେ ପ୍ରାତଃରୁ ମଙ୍ଗଳ ଆଳତି, ଅବକାଶ ନୀତି କରାଯାଇ ଦ୍ୱିପ୍ରହର ଧୂପ ପରେ ଯାତ୍ରା ପୂଜା ନୀତି ହୋଇଥିଲା। ହାଣ୍ଡିଭଙ୍ଗା ଯାତ୍ରା ନ ହେବାରୁ ରିପୋର୍ଟ ଲେଖା ହେବା ବେଳକୁ ବୀରକିଶୋରୀ ବଲ୍ଲଭଠାରୁ ନୀତି ବନ୍ଦ ଥିବା ଜଣାପଡ଼ିଛି।

# 'ସମ୍ପର୍କକୁ ସୁଦୃଢ଼ କରୁଛି ଓଡ଼ିଶା-ଜାପାନ ମହୋତ୍ସବ'



ମହୋତ୍ସବରେ ଅଂଶଗ୍ରହଣ କରିଥିବା କଳାକାରଙ୍କ ସହ ଅନ୍ୟମାନେ ।

ପୁରୀ ଅଫିସ, ୨୫।୨: ପୁରୀ-କୋଣାର୍କ ରୋଡ୍ ନିକଟସ୍ଥ ଚନ୍ଦ୍ରଶେଖର ଏକାଡେମୀ ପରିସରରେ ଶନିବାର ଓଡ଼ିଶା -ଜାପାନ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଏକାଡେମୀର ଛାତ୍ରୀଛାତ୍ରମାନେ ଓଡ଼ିଶାର ଐତିହ୍ୟ, କଳା, ସଂସ୍କୃତିକୁ ସୁନ୍ଦର ଭାବେ ପରିବେଷଣ କରିଥିଲେ। ସେହିପରି ଜାପାନରୁ ଆସିଥିବା ୪୦ ଜଣ କଳାକାର ସେମାନଙ୍କ ଦେଶର ଐତିହ୍ୟ, କଳା, ସଂସ୍କୃତିକୁ ଚିତ୍ତାକର୍ଷକ ଭାବେ ପ୍ରଦର୍ଶନ କରିଥିଲେ। ଜାପାନର ତବଲାବାଦକ ନାଚୋସ ମିୟାହାରା ଏବଂ ଓଡ଼ିଶାର ଆନ୍ତର୍ଜାତିକ ତବଲା ବାଦକ ଲିଙ୍ଗରାଜ ଦାସଙ୍କ ମିଳିତ ତବଲା ବାଦନ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ଏଥିସହ ଜାପାନୀ କଳାକାର ନିଚି, ଟିନି, ଟୋମୋଙ୍କର କଳା ଚିତ୍ତାକର୍ଷକ ଥିଲା। ଏହି ମହୋତ୍ସବ ଦ୍ୱାରା ଉଭୟ ଦେଶର କଳା, ସଂସ୍କୃତି,ଐତିହ୍ୟ ଏବଂ ପର୍ଯ୍ୟଟନର ପ୍ରଚାର ପ୍ରସାର ହେବା ସହ ସମ୍ପର୍କ ସୁଦୃଢ଼ ଓ ଭାଇଚାରା ପରମ୍ପରା ସୃଷ୍ଟି ହୋଇପାରୁଛି ବୋଲି ଭାରତ-ଜାପାନ ମୈତ୍ରୀ କେନ୍ଦ୍ର ତଥା ଚନ୍ଦ୍ରଶେଖର ଏକାଡେମୀର ସଭାପତି ଶ୍ରୀମନ୍ତ କୁମାର ଦାଶ କହିଛନ୍ତି। ସେହିପରି ପୁରୀରେ ୧୦ ବର୍ଷ ହେଲା ରହୁଥିବା ଜାପାନର ମିଚିକୋ ମୁକୁ ଦାଶ କହିଥିଲେ, ବିଗତ ୬ରୁ ୭ବର୍ଷ ହେବ ଏହି ମହୋତ୍ସବ ହେଉଛି। ଜାପାନ ଓ ଭାରତ ମଧ୍ୟରେ କଳା ସଂସ୍କୃତି ଜରିଆରେ ସମ୍ପର୍କ ସୁଦୃଢ଼ କରିବା ଏହାର ମୂଳ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସଞ୍ଜୀବ କୁମାର ନାୟକ, ପ୍ରିନ୍ସିପାଲ ରଞ୍ଜିତା ପାଣିଗ୍ରାହୀ, ଶିକ୍ଷୟିତ୍ରୀ ଶକୁନ୍ତଳା ରଥ, ସୁଚିତ୍ରା ନାୟକ ଏବଂ ଶୁଭଶ୍ରୀ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସରକାରୀ ବିଶ୍ୱବିଦ୍ୟାଳୟରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଉତ୍କର୍ଷ କେନ୍ଦ୍ର ଖୋଲିବାକୁ ପ୍ରସ୍ତାବ

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ସରକାରୀ ବିଶ୍ୱବିଦ୍ୟାଳୟରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ଓ ରୋବୋଟିକ୍ସ ଉତ୍କର୍ଷ କେନ୍ଦ୍ର ଖୋଲିବାକୁ ଭୁବନେଶ୍ୱର ଆଇଆଇଟି ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଶୁକ୍ରବାର ଆଇଆଇଟିର ସ୍କୁଲ ଅଫ୍ ଇଲେକ୍ଟ୍ରିକାଲ ସାଇନ୍ସର ମୁଖ୍ୟ ତଥା ଓପିଟିସିଏଲ୍ ଚେୟାର ପ୍ରଫେସର ଶୁଭ୍ରାଂଶୁ ଆର୍. ସାମନ୍ତରାୟ ଉଚ୍ଚ ଶିକ୍ଷା ବିଭାଗକୁ ଏହି ପ୍ରସ୍ତାବ ଦେଇଛନ୍ତି। ସ୍ନାତକ ଡିଗ୍ରୀଧାରୀ ଛାତ୍ରୀଛାତ୍ରଙ୍କୁ ଟ୍ରେନିଂ ମାଧ୍ୟମରେ ସ୍ୱାବଲମ୍ବୀ ତଥା ରୋଜଗାରକ୍ଷମ କରିବା ଏହାର ମୂଳ ଲକ୍ଷ୍ୟ ବୋଲି ପ୍ରସ୍ତାବରେ ଉଲ୍ଲେଖ ରହିଛି। ୩-୪ବର୍ଷ ଭିତରେ ୩ରୁ ୪ହଜାର ଛାତ୍ରୀଛାତ୍ରଙ୍କୁ ଆପ୍ଲିକେଶନ ବେସ୍‌ଡ ଟ୍ରେନିଂ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି କେନ୍ଦ୍ର ବିଶ୍ୱବିଦ୍ୟାଳୟର ୧୦୦ ଛାତ୍ରୀଛାତ୍ରଙ୍କ ରୋଜଗାରକ୍ଷମତା ବଢ଼ାଇବ। ଦୁଇ ତିନିବର୍ଷ ପରେ ୧୦୦୦ ଛାତ୍ରୀଛାତ୍ରଙ୍କୁ ରୋଜଗାରକ୍ଷମ କରିପାରିବ। ଏଥିସହିତ ଆଗାମୀ ୨-୩ବର୍ଷ ମଧ୍ୟରେ ଏହା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରରେ ଏକ ଇନୋଭେଶନ ହବ୍ ଭାବେ ପରିଗଣିତ ହୋଇପାରିବ ବୋଲି ପ୍ରସ୍ତାବିତ ଚିଠିରେ ଉଲ୍ଲେଖ ରହିଛି। ଆଇଆଇଟି ଭୁବନେଶ୍ୱରର ପ୍ରସ୍ତାବ ପରେ ରାଜ୍ୟ ସରକାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଏହି ଏଆଇ ଓ ରୋବୋଟିକ୍ସ ଉତ୍କର୍ଷ କେନ୍ଦ୍ର ଖୋଲିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଏଥିପାଇଁ ସରକାର ବିଶ୍ୱବିଦ୍ୟାଳୟର ମତ ଲୋଡ଼ିଛନ୍ତି। ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ରମାଦେବୀ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଚିଠି ଲେଖାଯାଇଛି। ରମାଦେବୀ କ୍ୟାମ୍ପସରେ ଉତ୍କର୍ଷ କେନ୍ଦ୍ର ଖୋଲିବା ନେଇ ଯେତେ ଶୀଘ୍ର ସମ୍ଭବ ମତ ରଖିବାକୁ କୁଳପତିଙ୍କୁ କୁହାଯାଇଛି।

# ପାଚେରିରେ ଧକ୍କାହୋଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

ବାରଙ୍ଗ,୨୫।୨(ଡି.ଏନ୍.ଏ.)

ଶୁକ୍ରବାର ବିଳମ୍ବିତ ରାତିରେ ଗୋଡିସାହିଫାଣ୍ଡି ଅଧୀନ ଷଣ୍ଢପୁର ବାଙ୍କରେ ଜଣେ ବାଇକ୍ ଚାଳକ ଭାରସାମ୍ୟ ହରାଇ ରାସ୍ତାକଡ ପାଚେରିରେ ଧକ୍କା ହେବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସେ ହେଲେ କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅଞ୍ଚଳର ଜାଡିଚତର ଗ୍ରାମର ଗଗନବିହାରୀ ନାୟକ(୩୫)। ଗଗନବିହାରୀ କଟକ ହାଇକୋର୍ଟର ଜଣେ କର୍ମଚାରୀ ବୋଲି ଜଣାପଡିଛି। ଏ ନେଇ ପୋଲିସ ନଂ.୬୫/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେ ଶୁକ୍ରବାର ବିଳମ୍ବିତ ରାତିରେ ନଂ. ଓଡି୦୯-ୟୁ-୮୦୧୩ ବିଶିଷ୍ଟ ବାଇକ୍ ଯୋଗେ କଟକ ଅଭିମୁଖେ ଯାଉଥିଲେ। ଷଣ୍ଢପୁର ଗାଁମୁଣ୍ଡରେ ପହଞ୍ଚି ଥିବାବେଳେ ଏକ ହମ୍ପସ ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ପାଚେରିରେ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଗଗନବିହାରୀଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଗୋଡିସାହି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ।

# ସ୍ୱଦେଶୀ ବାର୍ତ୍ତା ଦେଉଛି ଖଦି ମହୋତ୍ସବ

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ଖଦୀ ଏକ ବସ୍ତ୍ର ନୁହେଁ, ବିଚାର। ଖଦୀ କହିଲେ ଆମେ ସେହି ପୁରୁଣା କିଛି ବସ୍ତ୍ରକୁ ଭାବିନେଉ। କିନ୍ତୁ ଖଦିରେ ବି ସ୍ୱଦେଶୀ ସହ ଫ୍ୟାଶନର ମିଶ୍ରଣ ଦେଖିବାକୁ ମିଳିଲାଣି। ସ୍ୱଦେଶୀର ଆଦର ସବୁବେଳେ ରହି ଆସିଛି। ସେ ବସ୍ତ୍ର ହେଉ କି ଘରକରଣା ସାମଗ୍ରୀ, ନିଜ ହାତରେ ତିଆରି ହୋଇଥିବା ଜିନିଷଗୁଡ଼ିକ ସବୁବେଳେ ସୁନ୍ଦର। ଯେଉଁଥିପାଇଁ ଖଦୀର ଲୋକପ୍ରିୟତା ସବୁବେଳେ ରହି ଆସିଛି। ବୁଣାକାରମାନେ ଏହାକୁ ବେଶ୍ ଯତ୍ନରେ ତିଆରି କରିଥାନ୍ତି। ଖଦୀକୁ ଆଉ ଟିକେ ଆକର୍ଷିତ ଢଙ୍ଗରେ ଲୋକଙ୍କ ପାଖକୁ ପହଞ୍ଚାଇବା ସହ ସ୍ୱଦେଶୀର ବାର୍ତ୍ତା ଦେବାକୁ ସ୍ଥାନୀୟ ପ୍ରଦର୍ଶନୀ ପଡିଆଠାରେ ଚାଲିଛି ରାଜ୍ୟସ୍ତରୀୟ ଖଦୀ ମହୋତ୍ସବ ୨୦୨୩। ପ୍ରାୟ ୯୦ଟି ଷ୍ଟଲ୍‌ରେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ,ତେଲେଙ୍ଗାନା, କର୍ଣ୍ଣାଟକ ସମେତ ବିଭିନ୍ନ ରାଜ୍ୟର ଖଦୀ ସାମଗ୍ରୀ ପ୍ରଦର୍ଶନ ସହ ବିକ୍ରି ହେଉଛି। ବସ୍ତ୍ର ସହ ଘର ଉପକରଣ ସମାଗ୍ରୀ, ଫୁଡ୍ ଷ୍ଟଲ ଆଦିରେ ଲୋକଙ୍କ ଭିଡ଼ ଲାଗି ରହିଛି। ଏଥିସହ ଗ୍ରାହକଙ୍କୁ ମନୋରଞ୍ଜନ ଦେବା ସହ ସଂସ୍କୃତି ସହ ଯୋଡ଼ିବାକୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ଶନିବାର ପଞ୍ଚମ ସନ୍ଧ୍ୟାରେ ବ୍ରହ୍ମଗିରିର ନାଗା ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ମାର୍ଚ୍ଚ ୨ ପର୍ଯ୍ୟନ୍ତ ପ୍ରତିଦିନ ଅପରାହ୍ନ ୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହା ଖୋଲା ରହୁଛି।



### ବସ୍ତ୍ର ବୁଣା ଦେଖିବାକୁ ଭିଡ଼ ଲାଗୁଛି

ମେଶିନ ଯୁଗରେ ତନ୍ତ, ଚରଖା ଦେଖିବାକୁ ଖଦୀ ମହୋତ୍ସବରେ ଲୋକଙ୍କ ଭିଡ଼। ତନ୍ତ ମାଧ୍ୟମରେ କିଭଳି ବସ୍ତ୍ର ବୁଣା ଯାଉଛି, ତାହାକୁ ଜଣେ ବୁଣାକାର ଷ୍ଟଲ୍‌ରେ ବସି ଦେଖାଉଛନ୍ତି। ଲୋକଙ୍କ ଆଖି ସାମ୍ନାରେ ଲୁଗା ଓ ଅନ୍ୟାନ୍ୟ ସମାଗ୍ରୀ ବୁଣାଯାଉଛି। ସେହିପରି ଚରଖାରେ ତୁଳାରୁ ସୂତା ତିଆରି ଦେଖାଉଛନ୍ତି ଗୀତାରାଣୀ ମହାନ୍ତି ଓ ବଚନି ସେଠୀ ନାମକ ୨ ମହିଳା କାରିଗର। ଉକ୍ତ ସୂତାରୁ ଗାମୁଛା, ଲୁଙ୍ଗୀ, ରୁମାଲ, ଜ୍ୟାକେଟ୍, ଶାଢ଼ୀ ପ୍ରସ୍ତୁତ କରାଯାଉଛି। ପ୍ରାୟ ୧୦ବର୍ଷ ହେବ ସେମାନେ ଏହି କାମ କରୁଥିବା କହିଛନ୍ତି।

### କାଗଜ କାମର ଲାଇଭ୍ ପ୍ରଦର୍ଶନ

ଏଥର ନୂଆ କରି ପେପର ମେଚ୍ ବା କାଗଜ କାମର ଲାଇଭ୍ ଦେଖିବାକୁ ମିଳିଥିଲା। କାଗଜକୁ ଗ୍ରାଇଣ୍ଡିଂ କରି ତେନ୍ତୁଳି ରସ ମିଶାଇ ଏକ ମଣ୍ଡ ପ୍ରସ୍ତୁତ କରାଯାଇଥାଏ। ସେଥିରେ ବିଭିନ୍ନ ପ୍ରକାରର ଘରୋଇ ଉପକରଣ ତିଆରି ହୁଏ। କେଉଁଝରରୁ ଆସିଥିବା ମହିଳା କାରିଗର ପାର୍ବତୀ ବେହେରା ଏହି କାଗଜ ମଣ୍ଡପରେ ପ୍ରସ୍ତୁତ କଳାକୃତି ତିଆରିରେ ଲାଗି ପଡିଛନ୍ତି। କାଗଜମଣ୍ଡରୁ ଆକର୍ଷଣୀୟ ମୁଖା ଓ କଳାକୃତି ଦେଖିବାକୁ ମେଳା ବୁଲୁଥିବା ଲୋକେ କିଛି ସମୟ ଅଟକିଯାଉଛନ୍ତି। ଏପରିକି ତାହାକୁ କିଣି ନେଉଥିବା ମଧ୍ୟ ଦେଖିବାକୁ ମିଳୁଛି। ଗ୍ରାମାଞ୍ଚଳ କାରିଗରଙ୍କୁ ବଜାର ସହାୟତା ଦେବାକୁ ଏହି ମହୋତ୍ସବ ଆୟୋଜନ କରାଯାଇଛଇ। ଲୋକମାନେ କାରିଗରଙ୍କଠାରୁ କିଣି ତାଙ୍କୁ ସିଧାସଳଖ ପଇସା ଦେଉଛନ୍ତି। ଏଥିରେ ମିଡିଲ୍‌ମ୍ୟାନଙ୍କ ଶୋଷଣ ବା ଠକେଇ ରହୁନାହିଁ। ଏଥିସହ ସେମାନଙ୍କ ହାତ ତିଆରି ଜନିଷ ସମସ୍ତଙ୍କ ପାଖେ ପହଞ୍ଚି ପାରୁଛି ବୋଲି ମହୋତ୍ସବର ସହକାରୀ ନିର୍ଦ୍ଦେଶକ ବିଚିତ୍ରାନନ୍ଦ ପଣ୍ଡା ଓ ଅନୁପ କୁମାର ବେହେରା କହିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କବିତା



@ ସିଦ୍ଧାର୍ଥ



@ ସମୟ



@ ହିମାଂଶୁ



@ ଭୋଳା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜବତ ଡାଏରିର ଫରେନସିକ ରିପୋର୍ଟ ନେଲା ପୋଲିସ

**କ୍ରିକେଟର ରାଜଶ୍ରୀ ସ୍ୱାଇଁ ମୃତ୍ୟୁ ଘଟଣା**

ଖୁଣ୍ଟୁଣୀ,୨୫।୨(ଡି.ଏନ୍.ଏ.)

ବହୁଚର୍ଚ୍ଚିତ ବରିଷ୍ଠ ମହିଳା କ୍ରିକେଟର ରାଜଶ୍ରୀ ସ୍ୱାଇଁଙ୍କ ମତ୍ୟୁ ଘଟଣାକୁ ଇତି ମଧ୍ୟରେ ୪୨ଦିନ ବିତିଗଲାଣି। ତଥାପି ମୃତ୍ୟୁର କାରଣ ରହସ୍ୟ ଏଯାବତ ଜଣାପଡ଼ି ନାହିଁ। ତେବେ ଗୁରୁଡ଼ିଝାଟିଆ ପୋଲିସକୁ ଗତ ମାସ ୧୭ ତାରିଖରେ କେବଳ ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିଥିବା ବେଳେ ରାଜଶ୍ରୀଙ୍କ ସ୍କୁଟି ଡିକି ମଧ୍ୟରୁ ମିଳିଥିବା ଏକ ଡାଏରି ଯାଞ୍ଚ ପାଇଁ ଫରେନସିକ ଲ୍ୟାବ ଯାଇଥିବା ବେଳେ ତାହାର ରିପୋର୍ଟ ଶନିବାର ପୋଲିସକୁ ହସ୍ତଗତ ହୋଇଛି ବୋଲି ଆଇଆଇସି ରଞ୍ଜନ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ତେବେ ଏହି ରିପୋର୍ଟ ସିଲ୍ ଥିବାରୁ ଏହା ଭିତରେ ପ୍ରକୃତ ତଥ୍ୟ ପ୍ରକାଶ ପାଇନାହିଁ। ଯାହା କେବଳ ଏହି ଡାଏରୀର ହାତଲେଖା ରାଜଶ୍ରୀଙ୍କର ହୋଇଥାଇପାରେ ବୋଲି ଆଇଆଇସି ପ୍ରଧାନ କହିଛନ୍ତି। ଅନ୍ୟପଟେ ଭିସେରା ରିପୋର୍ଟ ଆସିବା ପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରକାଶ କରାଯିବ ବୋଲି ଆଇଆଇସି କହିଛନ୍ତି। ସୂଚନାଥାଉକି, ଗତ ଜାନୁୟାରୀ ୧୧ତାରିଖରେ ରାଜଶ୍ରୀ କଟକରୁ ନିଖୋଜ ଥିଲେ। ପରେ ୧୩ ତାରିଖ ଦିନ ତାଙ୍କ ମୃତଦେହକୁ ମଙ୍ଗଳାବାଗ ଓ ଗୁରୁଡ଼ିଝାଟିଆ ପୋଲିସ ଖୁଣ୍ଟୁଣୀ ବନାଞ୍ଚଳ ଅନ୍ତର୍ଗତ ବ୍ରାହ୍ମଣବସ୍ତ ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ଠାବ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିଲା। ଏହି ଘଟଣାର ସତ୍ୟ ଉନ୍ମୋଚନ ଯେତେ ବିଳମ୍ବ ହେଉଛି, ରାଜଶ୍ରୀର ପରିବାର ସମେତ ସାଧାରଣରେ ସନ୍ଦେହ ରାହାସ୍ୟାବୃତ ହୋଇଉଠୁଛି।

**SUMMONS FOR SETTLEMENT OF ISSUES**
Under Order V Rule 20 CPC 1908
IN THE COURT OF SENIOR CIVIL JUDGE, ROURKELA
Civil Suit No. 72 / 2015

Vijaya Bank (Now Bank of Baroda) ...Plaintiff
: Versus :
Sri Gurinder Singh Sharma and Another ...Defendants

To,
1. **Sri Gurinder Singh Sharma,** S/o- Tarlok Singh Sharma, C/o: Sharma Electricals, Power House Road, Rourkela, P.S.: Plantsite, Dist.: Sundargarh, Odisha.
2. **Sri Subrata Chatterjee,** S/o- B.K. Chotterjee, Resident of Qrs. No.- B/408, Koelnagar, Rourkela-14, P.S.: Jhirpani, Dist: Sundargarh, Odisha, vide PL No. 941366 office of Horticulture Deptt., IG Park SAIL Rourkela.

Whereas you are avoiding the process of the court to receive the summons and Whereas ***the Plaintiff*** has instituted a suit against you, you are hereby summoned to appear in this Court in person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **27th day of March 2023 at 10.30 A.M.** O' Clock in the fore noon, to answer the claim, and you are directed to produce on that day all the documents upon which you intend to rely in support of your defence.

Take notice that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this the **13th Day of December, 2022.**

S/d- Sr. Civil Judge
ROURKELA

## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର,୨୫।୨(ବ୍ୟୁରୋ) ଜଣେ ଯୁବକଙ୍କୁ ଲୁହାରଡରେ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା ଅଞ୍ଚଳର କୁଶ ଦୋରା। ତାଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଲୁହାରଡ ଜବତ ହୋଇଛି। ସୂଚନାନୁସାରେ ଶୁକ୍ରବାର ଗୋବିନ୍ଦ ରେଡ୍ଡୀ ସାମନ୍ତରାପୁର ଗେଟ ନିକଟରେ ଠିଆ ହୋଇଥିଲେ। ଏହି ସମୟରେ ଅଭିଯୁକ୍ତ କୁଶ ୨ଜଣ ସହିତ ସେଠାକୁ ଆସି ଗୋବିନ୍ଦଙ୍କୁ କୌଣସି କାରଣକୁ ନେଇ ଗାଳି କରିବା ସହ ଏକ ଛୁରିରେ ଆକ୍ରମଣ କରିଥିଲେ। ଏ ନେଇ ଗୋବିନ୍ଦ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତ କୁଶଙ୍କୁ ଗିରଫ କରିଥିଲା।

### ନିୟମ ମାନୁନାହାନ୍ତି ଓମଫେଡ୍ ଷ୍ଟଲ ମାଲିକ

ଭୁବନେଶ୍ୱର,୨୫।୨(ବ୍ୟୁରୋ) ରାଜଧାନୀ ଭୁବନେଶ୍ୱରର ଓମ୍‌ଫେଡ୍ ଷ୍ଟଲରେ ଗୁଟ୍‌ଖା, ଖଇନି ଆଦି ତମାଖୁ ଜନିତ ସାମଗ୍ରୀ ବିକ୍ରି ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ବାରଣ କରାଯାଇଛି। ବାରମ୍ବାର ଏ ନେଇ ସତର୍କତା କରାଯାଇଥିଲେ ମଧ ଷ୍ଟଲ ମାଲିକମାନେ ବେପରୁଆ ଭାବେ ଏହାର ବିକ୍ରୟ କରୁଛନ୍ତି। ଖୋଲାଖୋଲି ଭାବେ ଗୁଟ୍‌ଖା ମାଳ ପକାଇ ସେମାନେ ବିକ୍ରି କରୁଥିବାବେଳେ ବିଏମ୍‌ସି ପକ୍ଷରୁ ମଧ କୌଣସି ଯାଞ୍ଚ କରାଯାଉ ନାହିଁ। ଫଳରେ ବ୍ୟବସାୟୀଙ୍କୁ ଏପରି କରିବାକୁ ପ୍ରୋତ୍ସାହନ ଦେଉଥିବା ସାଧାରଣରେ ଆଲୋଚନା ହେଉଛି। ସହରର ଗଳିକନ୍ଦିରେ ପ୍ରାୟ ୩ ହଜାର ଓମ୍‌ଫେଡ୍ ଷ୍ଟଲ ଥିବାବେଳେ ବିଏମ୍‌ସିର ନିୟମକୁ ଅଧିକାଂଶ ଷ୍ଟଲ୍ ଫୁ କରିଦେଇଛନ୍ତି। ସୂଚନାଥାଉ କି, ବିଏମ୍‌ସି ଓମ୍‌ଫେଡ୍ ଏବଂ ଓପୋଲୋଫେଡ ଲିଜ୍‌ଧାରୀଙ୍କୁ ସେମାନଙ୍କ ଷ୍ଟଲରେ ତମାଖୁ ଦ୍ରବ୍ୟ ବିକ୍ରି ନ କରିବାକୁ ଚେତାବନୀ ଦେଇଛି। ଏହାବ୍ୟତୀତ ଷ୍ଟଲ ମାଲିକଙ୍କୁ ସେମାନଙ୍କର ପାରିପାର୍ଶ୍ୱିକ ସ୍ଥିତିକୁ ସଫା ରଖିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି। ତ୍ରୁଟିପୂର୍ଣ୍ଣ ଷ୍ଟଲ ମାଲିକଙ୍କ ଉପରେ ୫ ହଜାର ଟଙ୍କା ଜରିମାନା ସହ ଆବଶ୍ୟକ ପଡ଼ିଲେ ଷ୍ଟଲକୁ ସିଲ୍ କରିବାକୁ ନିର୍ଦ୍ଦେଶ ରହିଛି। ତେବେ ନିୟମ ଲାଗୁ ହେବାର କିଛିଦିନ ପର୍ଯ୍ୟନ୍ତ ବିଏମ୍‌ସି ପକ୍ଷରୁ ତତ୍ପରତାର ସହ ଯାଞ୍ଚ କରାଯାଇଥିଲା। କାର୍ଯ୍ୟାନୁଷ୍ଠାନ ଭୟରେ ବ୍ୟବସାୟୀମାନେ ମଧ ଗୁଟ୍‌ଖା ବିକ୍ରି ବନ୍ଦ କରିଦେଇଥିଲେ। ତେବେ ବର୍ତ୍ତମାନ ଖୋଲାଖୋଲି ଭାବେ ଗୁଟ୍‌ଖା ବିକ୍ରି ହେଉଥିବାରୁ ଅନେକ ଅସନ୍ତୋଷ ପ୍ରକାଶ କରିଛନ୍ତି। କମ୍ ସଂଖ୍ୟକ ଏନଫୋର୍ସମେଣ୍ଟ ସ୍କ୍ୱାଡ ଥିବାରୁ ଏନେଇ ଯାଞ୍ଚ ହୋଇପାରୁ ନ ଥିବା ଦାୟିତ୍ୱରେ ଥିବା ଜଣେ ଅଧିକାରୀ କହିଛନ୍ତି।

### ଅବସରପ୍ରାପ୍ତ ଅଧକ୍ଷଙ୍କ ପରଲୋକ

ଭୁବନେଶ୍ୱର,୨୫।୨(ବ୍ୟୁରୋ)-ଭୁବନେଶ୍ୱର କେଦାରଗୌରୀବିହାର ନିବାସୀ ତଥା ଖଣ୍ଡପଡା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ପ୍ରଦୀପ କୁମାର ପଣ୍ଡା(୬୮)ଙ୍କର ଶୁକ୍ରବାର ଏକ ଘରୋଇ ହସ୍‌ପିଟାଲରେ ମୃତ୍ୟୁ ଘଟିଛି। ମୃତ୍ୟୁ ଖବର ଜଣାପଡିବା ପରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର, କେଦାରଗୌରୀ ବିହାରର ଶରତ ମହାନ୍ତି, ପ୍ରତାପ କୁମାର ଲେଙ୍କା, ପୂର୍ଣ୍ଣାନନ୍ଦ ପତି, ପି.କେ.ସାହୁ ଓ ବସନ୍ତ କୁମାର ସାହୁ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ। ସେ ଅବିବାହିତ ଥିବାରୁ ତାଙ୍କ ସାନ ଭାଇ ଦିଲୀପ କୁମାର ପଣ୍ଡା ମୁଖାଗ୍ନି ଦେଇଥିଲେ।

# ପାଇଖାନାରୁ ନିଖୋଜ ମହିଳାଙ୍କ ମୃତଦେହ ମିଳିଲା

■ହତ୍ୟା ସନ୍ଦେହ, ପୋଲିସର ଛାନ୍‌ଭିନ୍
■କାଗଜ,ବିଷ ବୋତଲ ଜବତ

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ କେଲୁଚରଣ ପାର୍କ ନିକଟସ୍ଥ ଏକ ନିର୍ମାଣାଧୀନ ଆପାର୍ଟମେଣ୍ଟ ପଛରେ ଥିବା ପାଇଖାନାରୁ ଶନିବାର ଜଣେ ମହିଳାଙ୍କ ସନ୍ଦେହଜନକ ଅବସ୍ଥାରେ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତା ହେଲେ ସ୍ଥାନୀୟ ଡମଣା ଗାଁର ଝିଲି ବେହେରା। ସେ ଦୁଇଦିନ ହେବ ନିଖୋଜ ଥିଲେ। ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଲୁହା ଶିକୁଳିରେ ଝୁଲୁଥିବା ଅବସ୍ଥାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏଥିସହ ମହିଳାଙ୍କ ନିକଟରୁ କିଛି ଲେଖାଥିବା ଏକ କାଗଜ ଓ ବିଷ ବୋତଲ ଜବତ କରାଯାଇଛି। ତେବେ ମହିଳାଙ୍କୁ ତାଙ୍କ ଦେଢ଼ଶୁର ହତ୍ୟା କରି ଟାଙ୍ଗି ଦେଇଥିବା ସ୍ୱାମୀ ଗଣମାଧମରେ କହୁଥିଲେ ମଧ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏନେଇ ସେ ଥାନାରେ କୌଣସି ଅଭିଯୋଗ କରି ନ ଥିଲେ। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ତାହାକୁ ନେଇ ପୋଲିସ ଖୋଳତାଡ଼ ଚଳାଇଥିବାବେଳେ ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଆତ୍ମହତ୍ୟା ସନ୍ଦେହ କରୁଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୩) ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଏହାସହ ଆଖପାଖର ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ପୋଲିସ ସୂଚନା ଓ ଅଭିଯୋଗ ଅନୁସାରେ, ଏକ ଘର ପାଇଁ ମୃତା ମହିଳା ଓ ତାଙ୍କ ଦେଢଶୁରଙ୍କ ପରିବାର ମଧରେ ବିବାଦ ଲାଗି ରହିଛି। ଉକ୍ତ ଘରଟି ଭଡ଼ାରେ ଲାଗିଥିବାବେଳେ ଏହାକୁ ନେଇ ପ୍ରାୟ ସମୟରେ ଉଭୟ ପରିବାର ମଧରେ କଳହ ଲାଗେ। ଗତ ୨ଦିନ ତଳେ ମଧ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ତେବେ ଏହି ଘଟଣାକୁ ନେଇ ମୃତା ମହିଳା ଶୁକ୍ରବାର ସକାଳୁ ଘରୁ କେଉଁଆଡେ ପଳାଇଥିଲେ। ପରିବାର ଲୋକେ ବହୁ ଖୋଜିବା ପରେ ନ ପାଇବାରୁ ଶେଷରେ ନିରାଶ ହୋଇ ଚନ୍ଦ୍ରଶେଖରପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଶନିବାର ଭୋର୍ ସମୟରେ ଉକ୍ତ ଆପାର୍ଟମେଣ୍ଟରେ କାମ କରୁଥିବା ଶ୍ରମିକମାନେ ନିକଟସ୍ଥ ପାଇଖାନାକୁ ଶୌଚ ହେବାକୁ ଯିବାବେଳେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଦେଖି ଚିତ୍କାର କରିଥିଲେ। ଅନ୍ୟ ଶ୍ରମିକମାନେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ଏହାପରେ ସେମାନେ ପୋଲିସକୁ ଖବର ଦେଇଥିଲେ। ଅନ୍ୟପକ୍ଷରେ ମହିଳାଙ୍କ ସ୍ୱାମୀଙ୍କର ଡମଣା ଛକରେ ଥିବା ଏକ ହୋଟେଲ ଉଚ୍ଛେଦ ପରେ ପରିବାରରେ ଆର୍ଥିକ ସମସ୍ୟା ଦେଖାଦେଇଥିଲା। ଏଥିସହ ଲାଗି ରହିଥିବା ପାରିବାରିକ ବିବାଦ ମହିଳାଙ୍କ ମୃତ୍ୟୁ ପଛର କାରଣ ହୋଇଥାଇପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା କରୁଛନ୍ତି।


କେଦାରଗୌରୀ ମନ୍ଦିର ନିକଟ ମା' ଦୁଣ୍ଡିଆ ଠାକୁରାଣୀ ପୀଠ ପରିସରରେ ଶନିବାର ଆୟୋଜିତ ସାମୂହିକ ବ୍ରତୋପନୟନ ଉତ୍ସବ।

## 'ସମସ୍ତଙ୍କ ଭିତରେ ଜନ୍ମଜାତ ଦକ୍ଷତା ରହିଛି'

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ରାଜ୍ୟର ବିଭିନ୍ନ ସରକାରୀ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଅଣଶିକ୍ଷକ କର୍ମଚାରୀଙ୍କ ଦକ୍ଷତା ବିକାଶ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଜୀବନରେ ଦକ୍ଷତାର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରାରମ୍ଭିକ ଭାଷଣ ଦେଇଥିଲେ। ସମସ୍ତଙ୍କ ଭିତରେ ଜନ୍ମଜାତ ଦକ୍ଷତା ଏବଂ ପ୍ରତିଭା ରହିଛି। ଏହାକୁ ଅନୁସନ୍ଧାନ କରି ପ୍ରତିଭାକୁ ବ୍ୟବହାର କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ରେଜିଷ୍ଟ୍ରାର ଡ. ଅଭୟ କୁମାର ନାୟକ ନୀତି ନିୟମକୁ ସକାରାତ୍ମକ ଆଭିମୁଖ୍ୟରେ ଉପଯୋଗ କରି ପରିବର୍ଦ୍ଧିତ ଛାତ୍ର ନିବନ୍ଧ ପ୍ରଶାସନିକ ଦକ୍ଷତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଟେକ୍ନୋଲୋଜି ଆମ ପାଇଁ ଏକ ଆହ୍ୱାନ, ଏହାକୁ ଆପଣାଇବା ଦରକାର ବୋଲି ଅଂଶଗ୍ରହଣକାରୀଙ୍କୁ ସେ ପରାମର୍ଶ ଦେଇଥିଲେ। କଣ୍ଟ୍ରୋଲର ଅଫ୍ ଫାଇନାନ୍ସ ଗୌତମ ପ୍ରଧାନ ଆର୍ଥିକ ସମସ୍ୟା, ପ୍ରକ୍ରିୟା ଏବଂ ଏହାର ସମାଧାନର ପଦ୍ଧତି ଉପରେ ଗୁରୁତ୍ୱାରୋପ କରିଥିଲେ। ସାପ୍ତାହିକ କ୍ୟାସବୁକ ରକ୍ଷଣାବେକ୍ଷଣ, ବାସ୍ତବ ବଜେଟ ପ୍ରସ୍ତୁତି, ମୌଳିକ ନିୟମାବଳୀକୁ ଅନୁସରଣ କରି କ୍ରୟ ପ୍ରକ୍ରିୟା ଉପରେ ଧ୍ୟାନ ଦେବା ପାଇଁ ସେ ଆହ୍ୱାନ ଦେଇଥିଲେ। ଅନ୍ୟପଟେ ଅଣଶିକ୍ଷକ କର୍ମଚାରୀଙ୍କ ଭୂମିକା ମଧ ବିଶ୍ୱବିଦ୍ୟାଳୟଗୁଡ଼ିକର ଉଚ୍ଚ ସଫଳତା ଓ ମାନ୍ୟତା ପାଇବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମହାବିଦ୍ୟାଳୟ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ପ୍ରଫେସର ନିଗମାନନ୍ଦ ଦାସ କହିଥିଲେ। ଆଲୋଚନାଚକ୍ରରେ ଏଆଇୟୁଇସିର ଉପସଭାପତି ବି. ଏନ୍. ରାୟ, ଏଓୟୁଏଫ୍‌ଏଫ୍ ସଭାପତି ଆର୍.କେ.ସାମନ୍ତରାୟଙ୍କ ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରାୟ ସବୁ ଜିଲ୍ଲାରୁ ୨୫୦ରୁ ଉର୍ଦ୍ଧ୍ୱ ଅଣଶିକ୍ଷକ କର୍ମଚାରୀ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଯୋଗଦେଇଥିଲେ। ଆବାହକ ଅଜୟ କୁମାର ରଥ ଆଲୋଚନାଚକ୍ରକୁ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ।

# ନୀଳାଦ୍ରି ବିହାରରେ ଖୋଲିଲା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର



ନୀଳାଦ୍ରି ବିହାରରେ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥିମାନେ।

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ ଅଧୀନ ୧୪ ନମ୍ବର ଓାର୍ଡର ନୀଳାଦ୍ରି ବିହାର ସେକ୍ଟର ୫ରେ ଶନିବାର ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଦିନ ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା ଓ ଅପରାହ୍ନ ୫ଟାରୁ ରାତି ୮ଟା ପର୍ଯ୍ୟନ୍ତ ଖୋଲା ରହିବ। ତେବେ ଛୁଟିଦିନରେ କେବଳ ସକାଳ ବେଳା ଖୋଲା ରହିବ। ଏଠାରେ ସମସ୍ତ ପ୍ରକାର ପରୀକ୍ଷା କରାଯିବା ସହିତ ମାଗଣା ଔଷଧ ଉପଲବ୍ଧ ହେବ ବୋଲି ନବନିଯୁକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ଶୁଭଶ୍ରୀ ଶୁଭସ୍ମିତା ବରାଳ କହିଛନ୍ତି। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭେଷଜ ଏବଂ ଅନ୍ୟ କେତେକ ବିଭାଗର ସ୍ପେଶାଲିଷ୍ଟ ଏବଂ ଯୋଗ ପ୍ରଶିକ୍ଷକ ମଧ ନିଯୁକ୍ତ ହୋଇଥିବା ସୂଚନା ଦିଆଯାଇଛି। ଯୁବନେତା ମନୋଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ମେୟର ସୁଲୋଚନା ଦାସ ଯୋଗଦେଇଥିଲେ। ସେହିପରି ନୀଳାଦ୍ରି ବିହାରରେ ଖୋଲାଯାଇଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ସ୍ଥାନୀୟ ଅଞ୍ଚଳର ବହୁ ଲୋକ ଉପକୃତ ହେବେ। ସେମାନଙ୍କୁ ଆଉ ଦୂରକୁ ଯିବାକୁ ପଡ଼ିବ ନାହିଁ। ଘର ପାଖରେ ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ଚିକିତ୍ସା ସୁବିଧା ପାଇପାରିବେ ବୋଲି ସ୍ଥାନୀୟ କର୍ପୋରେଟର ମୋନାଲିସା ସାହୁ କହିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟ ମତ୍ସ୍ୟ ଉନ୍ନୟନ ନିଗମର ଅଧକ୍ଷ ସୁବାସ ଚନ୍ଦ୍ର ପାତ୍ର, ଡେପୁଟି ମେୟର ମଞ୍ଜୁଲତା କହଁର, ଡେପୁଟି କମିଶନର ଶୁଭେନ୍ଦୁ ସାହୁ, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଉତ୍ତର ଜୋନ ଡେପୁଟି କମିଶନର ପୁରନ୍ଦର ନନ୍ଦ, କ୍ୟାପିଟାଲ ହସ୍ପିଟାଲର ସିଡିଏମ୍‌ଓ ଓ ସ୍ୱାସ୍ଥ୍ୟ ଅଧିକାରୀ ଅନ୍ତର୍ଯ୍ୟାମୀ ମିଶ୍ର, ଉପଦେଷ୍ଟା ସମରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଓ୍ୱଣ୍ଡର ଓ୍ୱାର୍ଲଡ ପକ୍ଷରୁ ୨ ଦିନିଆ ହୋଲି ଉତ୍ସବ




ଭୁବନେଶ୍ୱର,୨୫।୨

ରାଜ୍ୟର ସର୍ବବୃହତ୍ ଓ୍ୱାଟରପାର୍କ ଆଣ୍ଡ ରିସର୍ଟ ଓ୍ୱଣ୍ଡର ଓ୍ୱାର୍ଲଡ ଚଳିତ ବର୍ଷ ହୋଲି ଉତ୍ସବକୁ ଭିନ୍ନ ଢଙ୍ଗରେ ପାଳନ କରିବ ବୋଲି ଜଣାପଡ଼ିଛି। ଏପରିକି ପୁରୀ ନିକଟସ୍ଥ ମାଳତିପାଟପୁରଠାରେ ଅବସ୍ଥିତ ଓଣ୍ଡର ଓାର୍ଲଡଠାରେ ୨ଦିନିଆ ହୋଲି ଉତ୍ସବ 'ହୋଲିୟାଁ'କୁ ସ୍ୱତନ୍ତ୍ର ଭାବେ ପାଳିବାକୁ ଯାଉଛି। ଏ ନେଇ ଶୁକ୍ରବାର ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନ ନିକଟସ୍ଥ ପ୍ରେସ୍ କ୍ଲବ ପରିସରରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହାକୁ ସମ୍ବୋଧିତ କରି ପ୍ରଦ୍ୟୁମ୍ନ ମିଶ୍ର କହିଛନ୍ତି, ଚଳିତ ବର୍ଷର ହୋଲି ପର୍ବ ମାର୍ଚ୍ଚ ୭ ଓ ୮ ତାରିଖରେ ପାଳନ ହେବ। ବିଶେଷକରି ୨ଦିନ ଧରି ଏଠାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସେହିଭଳି ଉତ୍ସବର ପ୍ରଥମ ଦିନରେ ଡିଜେ ଓ୍ୱାର୍ ଅନୁଷ୍ଠିତ ହେବ। ଏହା ଓଡ଼ିଶାରେ ପ୍ରଥମ ଥର ପାଇଁ ହେବାକୁ ଯାଉଛି। ଏଥିରେ ରାଜ୍ୟର ବଛା ବଛା ୪ଟି ଦଳ ଭାଗ ନେବେ। ଉକ୍ତ କାର୍ଯ୍ୟକ୍ରମ ପାର୍କ ପରିସରରେ ଥିବା ୱେଭ୍ ପୁଲ୍ ଷ୍ଟେଜ୍‌ରେ ଅନୁଷ୍ଠିତ ହେବ। ଏପରିକି ଭୋଟିଂ ବ୍ୟବସ୍ଥା ମାଧ୍ୟମରେ ଉକ୍ତ ୪ଦଳ ମଧ୍ୟରୁ ଜଣଙ୍କୁ ଚାମ୍ପିୟନ ଓ ଅନ୍ୟ ଦଳକୁ ରନର ଅପ୍ ଭାବେ ଘୋଷଣା ସହ ପୁରସ୍କାର ରାଶି ମଧ ପ୍ରଦାନ କରାଯିବ। ବିଶେଷକରି ଚାମ୍ପିୟନ ଦଳକୁ ୨୦,୦୦୦ ଏବଂ ରନର ଅପ୍ ଦଳକୁ ୧୫,୦୦୦ ଟଙ୍କା ଦିଆଯିବ ବୋଲି ମିଶ୍ର ସୂଚନା ଦେଇଛନ୍ତି। ସେହିପରି ଉତ୍ସବର ୨ୟ ଦିନରେ ପ୍ରଥମ ଦିନର ବିଜୟୀ ଓ ରନର ଅପ୍ ହୋଇଥିବା ଡିଜେ ଦଳ ମଧ୍ୟରେ ପ୍ରତିଯୋଗିତା ହେବ। ଉକ୍ତ ୨ଦଳ ମଧ୍ୟରୁ କିଏ ଚାମ୍ପିୟନ ହେବ ତାହା ମଧ ଭୋଟିଂ ଜରିଆରେ ନିଷ୍ପତ୍ତି ହେବ। ଏପରିକି ୨ୟ ଦିନରେ ସବୁଠାରୁ ଓଲିଉଡ୍‌ର ଦୁଇ କଣ୍ଠଶିଳ୍ପୀ ତାରିକ୍ ଅଜିଜ୍ ଓ ନାଭିଆ ସଙ୍ଗୀତର ଯାଦୁ ଦର୍ଶକଙ୍କୁ ଦେଖାଇବେ ବୋଲି ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ, ଓଣ୍ଡର ଓାର୍ଲଡ ଓାଟର ପାର୍କ କେବଳ ରାଜ୍ୟ ନୁହେଁ ସାରା ଦେଶରେ ମଧ ପ୍ରସିଦ୍ଧି ଲାଭ କରିଛି। ଏପରିକି ସବୁବର୍ଗର ଲୋକଙ୍କ ପାଇଁ ଆକର୍ଷଣୀୟ ଅଫର ସହ ଦର୍ଶକଙ୍କୁ ଭରପୂର ମନୋରଞ୍ଜନର ଖୋରାକ ଯୋଗାଇବାରେ ଉକ୍ତ ଓ୍ୱାଟର ପାର୍କ ପ୍ରମୁଖ ପେଣ୍ଠସ୍ଥଳ ପାଲଟିଛି। ଏଠାରେ ଜଳକ୍ରୀଡ଼ା ସହ ରହିବା, ଖାଇବା ପାଇଁ ସମ୍ପୂର୍ଣ୍ଣ ବ୍ୟବସ୍ଥା ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଓଣ୍ଡର ଓାର୍ଲଡରେ ପ୍ରତିଷ୍ଠାତା ଡ. ନାରାୟଣ ପାତ୍ର, ନିର୍ଦ୍ଦେଶକ ନିରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# 'ଦର୍ଶକଙ୍କ ମନକୁ ଛୁଇଁଲା ଭଳି ସିନେମା ହେଉ'

■ଗଡ୍‌ସେଙ୍କ ପ୍ରତି ନକାରାତ୍ମକ ଧାରଣା ଠିକ୍ : ଅସଗର ଓ୍ୱାଜାହତ୍
■କଳିଙ୍ଗ ସାହିତ୍ୟ ମହୋତ୍ସବର ଦ୍ୱିତୀୟ ଦିନରେ ୨୪ ଅଧିବେଶନ

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ଓଡ଼ିଆ ସିନେମାର ସାମ୍ପ୍ରତିକ ଧାରା ଆଗକୁ ଚଳଚ୍ଚିତ୍ରର ଉଦ୍ୟୋଗ ପ୍ରତି ଏକ ବିପଜ୍ଜନକ ଭବିଷ୍ୟତ ସୃଷ୍ଟି କରିବ। ଆଜିକାଲି ଯାହା ଚାଲିଛି ତାହା ବିସଂଗତି। ତେଣୁ ବର୍ତ୍ତମାନ ସମୟରେ ଦର୍ଶକଙ୍କ ମନକୁ ଛୁଇଁଲା ଭଳି ସିନେମା ତିଆରି ହେବା ଉଚିତ ବୋଲି କଳିଙ୍ଗ ସାହିତ୍ୟ ମହୋତ୍ସବ ପକ୍ଷରୁ ଆୟୋଜିତ ଦ୍ୱିତୀୟ ଦିବସରେ ଓଡ଼ିଶାରେ ଚଳଚ୍ଚିତ୍ର ଓ ନାଟକ ବ୍ୟବସାୟ ସମ୍ପର୍କିତ ଏକ ଆଲୋଚନାଚକ୍ରରେ ଭାଗ ନେଇ ଅଭିନେତା ସିଦ୍ଧାନ୍ତ ମହାପାତ୍ର ଏହା କହିଛନ୍ତି। ସେହିପରି ସାମ୍ପ୍ରତିକ ଓଡ଼ିଆ ସିନେମା ଓ ନାଟକ ସମ୍ପର୍କରେ ମତବ୍ୟକ୍ତ କରି ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡର କାର୍ଯ୍ୟନିର୍ବାହୀ ଡାଇରେକ୍ଟର ତନୟା ପଟ୍ଟନାୟକ କହିଛନ୍ତି, ନାଟକ କଳା ବଞ୍ଚି ରହିବା ପାଇଁ ଏହାର ବ୍ୟବସାୟକରଣ ହେବା ଜରୁରୀ। ସମ୍ପ୍ରତି ନିର୍ମିତ ହୋଇଥିବା ପ୍ରତୀକ୍ଷା ଓ ଦମନ ଚଳଚ୍ଚିତ୍ରର ଉଦାହରଣ ଦେଇ ସେ କହିଥିଲେ, ଭଲ ସିନେମା ପ୍ରସ୍ତୁତି କରିବା ପାଇଁ ବଜେଟ ବା ଟଙ୍କା କେବେ ବାଧକ ସାଜି ନ ଥାଏ। ଅଭିନେତ୍ରୀ ଅନୁ ଚୌଧୁରୀ ଚଳଚ୍ଚିତ୍ରର ସମ୍ପ୍ରତି ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଚଳିତ ବର୍ଷ ଜାନୁୟାରୀ ୨୬ରେ ମୁକ୍ତିଲାଭ କରିଥିବା ଗାନ୍ଧୀ ଭର୍ସେସ ଗଡ୍‌ସେ : ଏକ ଯୁଦ୍ଧ ଚଳଚ୍ଚିତ୍ରକୁ ନେଇ ଆରମ୍ଭ ହୋଇଥିବା ବିବାଦ ଉପରେ ଏହାର ଲେଖକ ଅସଗର ଓ୍ୱାଜାହତ୍ ଯୋଗଦେଇ କହିଥିଲେ, ଫିଲ୍ମରେ ଗଡସେଙ୍କ ଚରିତ୍ରର ମହିମା ମଣ୍ଡନ କରାଯାଇ ନାହିଁ। ଗଡ୍‌ସେଙ୍କ ପ୍ରତି ଲୋକଙ୍କ ଯେଉଁ ନକାରାତ୍ମକ ଧାରଣା ରହିଛି, ଏହା ରହିବା ଜରୁରୀ। ଏହି ଚଳଚ୍ଚିତ୍ରରେ ଗାନ୍ଧୀ ଓ ଗଡସେଙ୍କ ଭିତରେ ହୋଇଥିବା ଏକ କାଳ୍ପନିକ ତର୍କକୁ ଉପସ୍ଥାପନା କରାଯାଇଛି ବୋଲି ସେ ଆଲୋଚନାରେ ମତ ଦେଇଥିଲେ। ଏହି ଅବସରରେ ଲେଖକ ସତ୍ୟାର୍ଥ ନାୟକଙ୍କ ଏକ ଇଂଲିଶ୍ ପୁସ୍ତକ 'ମାହାଗାଥା'ର ଉନ୍ମୋଚନ ହୋଇଥିଲା। ଦ୍ୱିତୀୟ ଦିବସରେ ସାହିତ୍ୟ, ସିନେମା, ପୌରାଣିକ ଗାଥା ଆଦିକୁ ନେଇ ପ୍ରାୟ ୨୪ଟି ସମାନ୍ତରାଳ ଅଧିବେଶନ ହୋଇଥିଲା।

# ୧୫ ଦିନରେ ସଫେଇ ହେବ କଣ୍ଡରା ପୋଖରୀ

ପୁରୁଣା ଭୁବନେଶ୍ୱର,୨୫।୨(ଡି.ଏନ୍.ଏ.)

ଭୁବନେଶ୍ୱର ମହାନଗର ନିଗମ ଅଧୀନ ୫୯ନମ୍ବର ଓ୍ୱାର୍ଡରେ ଥିବା ଐତିହ୍ୟ କଣ୍ଡରା ପୋଖରୀ ପୁନରୁଦ୍ଧାର ନେଇ କାର୍ଯ୍ୟାଳୟ ସମ୍ମୁଖରେ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଦିଆଯାଇଥିବା ଅହୋରାତ୍ର ଧାରଣା ଶନିବାର ପ୍ରତ୍ୟାହୃତ ହୋଇଛି। ୧୫ଦିନ ମଧ୍ୟରେ କଣ୍ଡରା ପୋଖରୀ ସଫେଇ କରାଯିବ ବୋଲି ମେୟର ସୁଲୋଚନା ଦାସ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ଧାରଣାରୁ ହଟିଥିଲେ। ଏନେଇ ମେୟର ଦାସ କୁହନ୍ତି, ସ୍ଥାନୀୟ କଲୋନୀ ବାସିନ୍ଦାଙ୍କ ସ୍ୱାର୍ଥକୁ ଲକ୍ଷ୍ୟ ରଖି ଏହି ପଦକ୍ଷେପ ନିଆଯାଇଛି। ସୂଚନାଥାଉ କି, କଣ୍ଡରା ପୋଖରୀର ପୁନରୁଦ୍ଧାର ଓ ବ୍ୟବହାର ଉପଯୋଗୀ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ବିଏମ୍‌ସି କର୍ତ୍ତୃପକ୍ଷ ଏହି ଆଦେଶକୁ କାର୍ଯ୍ୟକାରୀ କରି ନ ଥିବାରୁ ମଞ୍ଚ ପକ୍ଷରୁ ଗତ ୧୨ ତାରିଖରୁ ଧାରଣା ଦିଆଯାଇଥିଲା।

# ରାଜ୍ୟସ୍ତରୀୟ ମହିଳା ସମାବେଶ

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ମୂଳନିବାସୀ ୟୁନାଇଟେଡ୍ ଫୋରମ୍ ଓଡ଼ିଶା ତରଫରୁ ରାଜ୍ୟସ୍ତରୀୟ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ଆୟୋଜିତ ଏହି ସଭାରେ ସମାଜ ସଂସ୍କାରକ ସନ୍ଥ ଗାଡ୍‌ଗେ, ଗୌତମ ବୁଦ୍ଧ, ଡ. ବି.ଆର୍ ଆମ୍ବେଡକର, ଶହୀଦ ବିର୍ସା ମୁଣ୍ଡା ଓ ନାରୀଶିକ୍ଷାର ଜନନୀ ସାବିତ୍ରୀ ବାଈ ଫୁଲେଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ୟୁନାଇଟେଡ୍ ଫୋରମ୍‌ର ରାଜ୍ୟ ଅଧକ୍ଷ ବିଦ୍ୟାଧର ଦେହୁରିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ 'ମୂଳନିବାସୀ ମହିଳା ମୁକ୍ତି ଅଭିଯାନ' ଗଠନ କରାଯିବା ସହ 'ମୁଖପତ୍ର' ଉନ୍ମୋଚନ କରାଯାଇଥିଲା। ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ଯୋଗଦେଇ ସାମାଜିକ କୁସଂସ୍କାର, ରୁଢ଼ିବାଦୀ ବ୍ୟବସ୍ଥା ହେତୁ ସମତା, ସ୍ୱତନ୍ତ୍ରତା ଓ ଆତ୍ମସମ୍ମାନ କ୍ଷୁଣ୍ଣ ହୋଇ ଚାଲିଛି ବୋଲି ମତ ରଖିଥିଲେ। ତେଣୁ ସାମ୍ବିଧାନିକ ମୌଳିକ ଅଧିକାର, ବ୍ୟବସ୍ଥାର ପରିବର୍ତ୍ତନ କରି ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ମହିଳାମାନଙ୍କୁ ସଶକ୍ତ କରାଯିବାର ଆବଶ୍ୟକତା ରହିଥିବା ସେ କହିଥିଲେ। ସେହିପରି ଫୋରମ୍‌ର ରାଜ୍ୟ ଅଧକ୍ଷ ଦେହୁରି କହିଥିଲେ, ସମାଜର ମୂଳନିବାସୀ ମହିଳାମାନେ ସାମାଜିକ କୁସଂସ୍କାର, ଅନ୍ଧବିଶ୍ୱାସ, ଅଜ୍ଞତା ଅସମାନତା ବିରୋଧରେ ଛିଡ଼ା ହେବା ସହ ଅଧିକାର ପାଇଁ ଲଢେଇ ପାଇଁ ଆଗକୁ ଆସିବା ଦରକାର। ସମାବେଶରେ ଫୋରମ୍‌ର କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଧାରଣ ସମ୍ପାଦକ ନିହାର ରଞ୍ଜନ ସାମଲ ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ସଭାରେ ନାରୀ ନେତୃତ୍ୱ ପ୍ରମୋଦିନୀ ମଲ୍ଲିକ, କମଳ ପାଟ୍ଟଶାଣୀ, ଅଞ୍ଜଳି ସ୍ୱାଇଁ, ରଶ୍ମିପ୍ରଭା ନାୟକ, ଲକ୍ଷ୍ମୀପ୍ରିୟା ବେହେରା ଓ ଜୟନ୍ତୀ ନାୟକଙ୍କ ସମେତ ସମାବେଶରେ ଶତାଧିକ ମହିଳା ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ସମାଜସେବା କ୍ଷେତ୍ରରେ ପାରଦର୍ଶିତା, ସଂଗ୍ରାମ, ତ୍ୟାଗ ପାଇଁ ୧୫ଜଣ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସୁଜାତା ନାୟକ ଧନ୍ୟବାଦ ଦେଇଥିଲେ।

# 'ଭଲ ଶିକ୍ଷକ ଛାତ୍ରୀଛାତ୍ରଙ୍କ ଦୃଷ୍ଟି ଆକର୍ଷିତ କରିପାରନ୍ତି'

## ୱାର୍ଲ୍ଡ ଲିଡରଶିପ୍ କନଭେନଶନ୍

ଭୁବନେଶ୍ୱର,୨୫।୨(ବ୍ୟୁରୋ)



କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଓ୍ୱାର୍ଲ୍ଡ ଲିଡରଶିପ୍ କନଭେନଶନ୍‌ରେ ମଞ୍ଚାସୀନ ଅତିଥିବୃନ୍ଦ।

କିଟ୍ ବିଶ୍ୱବିଦ୍ୟାଳୟ ଓ ବିଶ୍ୱ ଲିଡରଶିପ୍ ଏକାଡେମୀର ମିଳିତ ଆନୁକୂଲ୍ୟରେ ଶନିବାର କିଟ୍ ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ବିଶ୍ୱ ନେତୃତ୍ୱ ସମାବେଶ ବା ଓ୍ୱାର୍ଲ୍ଡ ଲିଡରଶିପ୍ କନଭେନଶନ୍ ଅନୁଷ୍ଠିତ ହୋଇଯାଇଛି। 'ବିଶ୍ୱ ହେଉଛି ଏକ' ବିଷୟବସ୍ତୁ ଉପରେ ଆୟୋଜିତ ଏହି ସମାବେଶରେ ମଧ୍ୟପ୍ରଦେଶସ୍ଥିତ ଉଦ୍ୟମିତା ବିଦ୍ୟାପୀଠ ଜେପି ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା, ନିର୍ଦ୍ଦେଶିକା ତଥା ସାମାଜିକ ଉଦ୍ୟୋଗୀ ଡ. ନନ୍ଦିତା ପାଠକ ଯୋଗଦେଇ କିଟ୍ ଓ କିସ୍‌କୁ ଜ୍ଞାନର ସମୁଦ୍ର ବୋଲି ଅଭିହିତ କରିବା ସହିତ ଏଠାରେ ସମାଜର କଲ୍ୟାଣ ତଥା ଗରିବ ଓ ଅବହେଳିତଙ୍କ ଉତ୍ଥାନ ନିମନ୍ତେ ଜ୍ଞାନ ବିତରଣ କରାଯାଉଛି ବୋଲି କହିଥିଲେ। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମଲକାର ଯୋଗଦେଇ ଜଣେ କିପରି ଭଲ ଶିକ୍ଷକ ହୋଇପାରିବ ତାହା ଉପରେ ଆଲୋକପାତ କରିଥିଲେ। ଜଣେ ଭଲ ଶିକ୍ଷକ ଛାତ୍ରୀଛାତ୍ରଙ୍କ ଦୃଷ୍ଟି ଆକର୍ଷିତ କରିପାରନ୍ତି ଏବଂ ପିଲାମାନଙ୍କୁ ଏକ ଭିନ୍ନ ଶୈଳୀରେ ବିଭିନ୍ନ କଥା ଶିଖିବା ପାଇଁ ଉତ୍ସାହିତ କରିଥାନ୍ତି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଏସ୍‌ଆଇଆର-କେନ୍ଦ୍ରୀୟ ସଡ଼କ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ମନୋରଞ୍ଜନ ପରିଡ଼ା, କଟକ ଜିଲା ମାଣିଆବନ୍ଧର ମହିଳା ଉଦ୍ୟୋଗୀ ମନୋରମା ପାଲ୍, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ତଥା ଓ୍ୱାର୍ଲଡ ଲିଡରଶିପ୍ ଏକାଡେମୀର ସଭାପତି ପ୍ରଫେସର ସସ୍ମିତା ସାମନ୍ତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଇଂଲଣ୍ଡର ପ୍ରଫେସର ୟୁଡଙ୍ଗ୍ ଜାହାଙ୍ଗ୍ ଭର୍ଚୁଆଲରେ ଯୋଗଦେଇଥିଲେ।

ବର୍ତ୍ତମାନ ସମୟରେ ସମାନତା ଏବଂ ନ୍ୟାୟ, ବିବିଧତା ମଧ୍ୟରେ ଅନ୍ତର୍ଭୁକ୍ତୀକରଣ, ସହନଶୀଳତାର ସଂସ୍କୃତି ଏବଂ ସୃଷ୍ଟି ଓ ବିନାଶ ଆଦି ପ୍ରସଙ୍ଗର ଗୁରୁତ୍ୱ ଉପରେ ଆଲୋକପାତ କରି ଅଚ୍ୟୁତ କହିଥିଲେ, ଆମର ଏକତାରେ ଆମର ଶକ୍ତି ନିହିତ ଅଛି ବୋଲି ସମସ୍ତେ ଅନୁଭବ କରିବା ଉଚିତ। ଭାରତୀୟ ସଂସ୍କୃତିର ମୂଳମନ୍ତ୍ର ହେଉଛି ବସୁଧୈବ କୁଟୁମ୍ବକମ୍। ଏହାର ପ୍ରତିଫଳନ କିଟ୍ ଓ କିସ୍‌ରେ ଦେଖିବାକୁ ମିଳିଥାଏ। ଏଠାରେ ଧନୀ, ଗରିବ, ଉଚ୍ଚ, ନୀଚର ଉର୍ଦ୍ଧ୍ୱରେ ବିଭିନ୍ନ ଦେଶ ଓ ରାଜ୍ୟ, ବିଭିନ୍ନ ଭାଷାଭାଷୀ ଓ ସଂସ୍କୃତିର ପିଲାମାନେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଏକାଠି ରହିଥାନ୍ତି ଓ ଏକାଠି ବଢ଼ିଥାନ୍ତି। ଏହା ହିଁ ବିଶ୍ୱ ଐକ୍ୟଭାବର ପ୍ରତିଫଳନ। ବିବିଧତା ମଧ୍ୟରେ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବାବେଳେ ଆମକୁ ଫଳାଫଳକୁ ଅପେକ୍ଷା ନ କରି ଆମର ଶକ୍ତି ଓ କାର୍ଯ୍ୟ ଦକ୍ଷତା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ଅଚ୍ୟୁତ କହିଥିଲେ। ପ୍ରଫେସର ସସ୍ମିତା କହିଥିଲେ, ସାମାଜିକ ମୂଲ୍ୟବୋଧ ସୃଷ୍ଟି ନିମନ୍ତେ ବିଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା ନିମନ୍ତେ ସମାଜର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ଏଭଳି ନେତୃତ୍ୱ ସମାବେଶ ଏକ ମଞ୍ଚ ଯୋଗାଇ ଦେଇଥାଏ। ଏହି ସମାବେଶରେ ଦେଶ ବିଦେଶର ବହୁ ବିଶିଷ୍ଟ ଶିକ୍ଷାବିତ୍, ପ୍ରଫେସନାଲ୍ ଯୋଗଦେଇଥିଲେ। ପ୍ରଫେସର ପ୍ରଶାନ୍ତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ପ୍ରଫେସର ଜୟନ୍ତ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ, ଜଣେ ଗିରଫ

**ଭୁବନେଶ୍ୱର,୨୫।୨(ବ୍ୟୁରୋ):** ଜଣେ ଯୁବକଙ୍କୁ ଲୁହାରଡରେ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା ଅଞ୍ଚଳର କୁଶ ଦୋରା। ତାଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଲୁହାରଡ ଜବତ ହୋଇଛି। ସୂଚନାନୁସାରେ ଶୁକ୍ରବାର ଗୋବିନ୍ଦ ରେଡ୍ଡୀ ସାମନ୍ତରାପୁର ଗେଟ ନିକଟରେ ଠିଆ ହୋଇଥିଲେ। ଏହି ସମୟରେ ଅଭିଯୁକ୍ତ କୁଶ ୨ଜଣ ସହିତ ସେଠାକୁ ଆସି ଗୋବିନ୍ଦଙ୍କୁ କୌଣସି କାରଣକୁ ନେଇ ଗାଳି କରିବା ସହ ଏକ ଛୁରିରେ ଆକ୍ରମଣ କରିଥିଲେ। ଏ ନେଇ ଗୋବିନ୍ଦ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତ କୁଶଙ୍କୁ ଗିରଫ କରିଥିଲା।

### ସାମାଜିକ କର୍ମୀ ଅମିୟ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି

**ବଡ଼ମ୍ବା,୨୫।୨(ଡି.ଏନ୍.ଏ.):** ବଡ଼ମ୍ବାର ବିଶିଷ୍ଟ ସାମାଜିକ କର୍ମୀ ତଥା ରାଜନୀତିଜ୍ଞ ସ୍ୱର୍ଗତ ଅମିୟ ପଟ୍ଟନାୟକଙ୍କ ପ୍ରଥମ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା ଗାନ୍ଧୀ ଛକ ଟେନିସ ପଡ଼ିଆସ୍ଥିତ ବୈକୁଣ୍ଠ ସ୍ମୃତି ସଦନ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅମୀୟ ପଟ୍ଟନାୟକ ସ୍ମାରକୀ ଟ୍ରଷ୍ଟ ଓ ପରିବାର ଆନୁକୂଲ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ଜୀବନୀ ତଥା ରାଜନୈତିକ ପୃଷ୍ଠ ଭୂମି ଉପରେ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ରାଜ୍ୟ ସଭା ସଦସ୍ୟ ସୁବାସ ମହାନ୍ତି, ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଓକିଲ ସଂଘର ପୂର୍ବତନ ସଭାପତି କୈଳାସ ଚନ୍ଦ୍ର ଜେନା, ସରପଞ୍ଚ ମଧୁସ୍ମିତା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ସାହିତ୍ୟିକ ଦୁର୍ଯ୍ୟୋଧନ ବରାଳ ସଭା ପରିଚାଳନା କରିଥିବାବେଳେ ସାମାଜିକ କର୍ମୀ ଚିନ୍ମୟ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ଚନ୍ଦ୍ରଶେଖର ମହାନ୍ତି, ସାଂସଦ ପ୍ରତିନିଧି ଦୀପକ କୁମାର ସାହୁ ଓ ସ୍ୱର୍ଗତ ପଟ୍ଟନାୟକଙ୍କ କନ୍ୟା ଅନଷୋ ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ଅମିୟ ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମରଣିକା ସ୍ମୃତି ସୁରଭି ଉନ୍ମୋଚିତ ହୋଇଥିଲା। ବ୍ଲକ କଳା ଓ ସଂସ୍କୃତି ସଂଘ ଉପ ସଭାପତି ମନୋରଞ୍ଜନ ମହାନ୍ତି କାର୍ଯ୍ୟପରିଚାଳନା ଓ ସଂଯୋଜନା କରିଥିଲେ।

### ୨୭ରୁ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

**ବାଙ୍କୀ,୨୫।୨(ସ୍ୱ.ପ୍ର.):** ବାଙ୍କୀ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ କଚେରି ପଡ଼ିଆସ୍ଥିତ ମିନି ଷ୍ଟାଡ଼ିୟମ୍‌ରେ ଫେବୃୟାରୀ ୨୭ରୁ ଆରମ୍ଭ ହେବ। ବିଜେତା ଦଳକୁ ପ୍ରାଣକୃଷ୍ଣ ସାହୁ ଓ ହୃଷୀକେଶ ସାହୁ ମେମୋରିଆଲ କପ୍ ପ୍ରଦାନ କରାଯିବ । ପ୍ରଥମ ମ୍ୟାଚ ଏ.କେ.ଏକାଡ଼େମୀ ସିଡିଏ କଟକ ଓ ବଜରଙ୍ଗବାଲି ଫୁଟବଲ ଟିମ୍ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ। ୨୮ରେ ପପୁଲାର୍ ଫୁଟବଲ କ୍ଲବ ଢେଙ୍କାନାଳ ଓ ପ୍ରତାପ ନଗରୀ ଫୁଟବଲ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହେବ । ମାର୍ଚ୍ଚ ୧ରେ ନୀଳଚକ୍ର ପୁରୀ ଫୁଟବଲ କ୍ଲବ ଏବଂ ବାଙ୍କୀ ଆଥ୍‌ଲେଟିକ୍ ଆସୋସିଏଶନ ,୨ରେ ଯଦୁମଣି ଫୁଟ୍‌ବଲ କ୍ଲବ ନୟାଗଡ଼ ଏବଂ ଗଣ୍ଡରପୁର ଫୁଟ୍‌ବଲ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ । ପ୍ରଥମ ସେମିଫାଇନାଲ ମ୍ୟାଚ ଓ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ୪ ତାରିଖରେ ଅନୁଷ୍ଠିତ ହେବ । ୫ରେ ଫାଇନାଲ ଖେଳ ହେବ ବୋଲି ଆସୋସିଏଶନର ସାଧାରଣ ସମ୍ପାଦକ ସନ୍ତୋଷ ରଣା କହିଛନ୍ତି।

### ଗ୍ରାମସଭାରେ ଗୋଷ୍ଠୀ ସଂଘର୍ଷ

**ପୁରୀ ଅଫିସ, ୨୫।୨:** ପୁରୀ ଜିଲା ସତ୍ୟବାଦୀ ବ୍ଲକର ସାଣ୍ଡରା ଶାସନ ପଞ୍ଚାୟତରେ ଶୁକ୍ରବାର ଅନୁଷ୍ଠିତ ଗ୍ରାମସଭାରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଗୋଟିଏ ଗୋଷ୍ଠୀର ଆକ୍ରମଣରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିକ୍ରମ ଜେନା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଉଭୟ ଗୋଷ୍ଠୀ ସତ୍ୟବାଦୀ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ଗ୍ରାମସଭାରେ କେତେଜଣ ଗ୍ରାମବାସୀ ଅଭିଯୋଗ କରିଥିଲେ। ସେମାନେ ଏହି ଅନିୟମିତତାର ପ୍ରତିବାଦ କରିବା ସହ ବାଦ୍ ପଡ଼ିଥିବା କଚ୍ଚାଘର ପରିବାରଙ୍କୁ ତାଲିକାଭୁକ୍ତ କରିବା ନିମନ୍ତେ ଦାବି କରିଥିଲେ। ଏ ନେଇ ସଭାରେ ନିଷ୍ପତ୍ତି ଗ୍ରହଣ ପ୍ରସ୍ତାବ ଉପରେ ଅନ୍ୟ ଗୋଷ୍ଠୀ ଆପତ୍ତି ଉଠାଇବାରୁ ବିବାଦ ଜଟିଳ ହୋଇଥିଲା। ଉଭୟ ଗୋଷ୍ଠୀ ପରସ୍ପର ମଧ୍ୟରେ ଯୁକ୍ତିତର୍କ ହୋଇ ଧସ୍ତାଧସ୍ତି ହୋଇଥିଲା। କେତେଜଣ ଯୁବକ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜେନାଙ୍କୁ ଆକ୍ରମଣ କରିଥିଲେ।

# ଥାନା ଅଧିକାରୀଙ୍କୁ ଗୋ ଚାଲାଣକାରୀଙ୍କ ଆକ୍ରମଣ

- ପାଟ୍ରୋଲିଂବେଳେ ଟାର୍ଗେଟ୍
- ନରସିଂହପୁରରୁ ୩ କଣ୍ଟେନର ଆସୁଥିଲା

**ଟିଗିରିଆ,୨୫। ୨(ଡି. ଏନ. ଏ .)**

ରାତ୍ରିକାଳୀନ ପାଟ୍ରୋଲିଂବେଳେ ବେଆଇନ ଗୋରୁ ଚାଲାଣ କଣ୍ଟେନରକୁ ଅଟକାଇବାକୁ ଯାଇ ଟିଗିରିଆ ପୋଲିସ ଚାଲାଣକାରୀଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ଏଥିରେ ଥାନା ଅଧିକାରୀଙ୍କ ସମେତ ୩ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଖବର ଅନୁଯାୟୀ, ଟିଗିରିଆ ଥାନା ପୋଲିସ ପକ୍ଷରୁ ଶୁକ୍ରବାର ରାତିରେ ଗୋପୀନାଥପୁର ଶାସନ ଛକରେ ପାଟ୍ରେଲିଂ କରାଯାଉଥିଲା। ନରସିଂହପୁର ଅଞ୍ଚଳରୁ ୩ ଟି କଣ୍ଟେନର ଆସୁଥିବା ଦେଖି ପାଟ୍ରୋଲିଂ ଟିମ୍ ସେମାନଙ୍କୁ ଅଟକାଇଥିଲା। ଏହି ସମୟରେ ଗୋରୁ ଚାଲାଣକାରୀମାନେ ଅତର୍କିତ ଭାବେ ସେମାନଙ୍କୁ ଆକ୍ରମଣ କରି କଣ୍ଟେନର ନେଇଯାଇଥିଲେ। ଫଳରେ ପାଟ୍ରୋଲିଂ ଟିମ୍‌ରେ ଥିବା ଟିଗିରିଆ ଆଇଆଇସି ସୁଚିତ୍ରା ଜେନା, ସବ୍‌ଇନ୍ସପେକ୍ଟର ସନ୍ତୋଷ ପ୍ରଧାନ, ଲକ୍ଷ୍ମୀଧର ବେହେରା ଆହତ ହୋଇଥିଲେ। ଖବରପାଇ ଆଠଗଡ ଏସ୍‌ଡିପିଓ ବିଜୟ କୁମାର ବିଶି ପୋଲିସ ଫୋର୍ସ ସହ ଚଢ଼ାଉ କରି କରଡ଼ାପଲ୍ଲୀ ଗ୍ରାମର ବସିର ଖାଁ, ମନୋଜ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଆହତମାନଙ୍କୁ ଟିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ଟିଗିରିଆ ଆଇଆଇସି ଜେନାଙ୍କ ଏତଲାକୁ ଭିତ୍ତି କରି ଥାନାରେ ମାମଲା (ନଂ.୩୮/୨୩)ରୁଜୁ କରାଯାଇଛି। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତମାନେ ଫେରାର ଥିବା ପୋଲିସ କହିଛି। ସୂଚନାଯୋଗ୍ୟ, କରଡ଼ାପଲ୍ଲୀରୁ ପ୍ରତିଦିନ ଗୋରୁ ଓ ଏହାର ମାଂସ କଲିକତା, ହାଇଦ୍ରାବାଦ, ମହାରାଷ୍ଟ୍ର ଆଦି ଅଞ୍ଚଳକୁ ଚାଲାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା।




ଆହତ ପୋଲିସ କର୍ମଚାରୀ।

# ଧାନ ସଂଗ୍ରହରେ ମନ୍ଥରତା

**କଟକ ସଦର,୨୫।୨(ଡି.ଏନ୍.ଏ.)**

୨୦୨୨-୨୦୨୩ ଆର୍ଥିକ ବର୍ଷରେ କଟକ ସଦର ବ୍ଲକ ସମେତ ଜିଲାର ଅନ୍ୟ ୧୩ ବ୍ଲକରେ ଥିବା ସମବାୟ ସମିତି ଜରିଆରେ ୧୬ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି ବ୍ୟାପାର ବିଭାଗ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଇତିମଧ୍ୟରେ ଫେବୃୟାରୀ ମାସ ସରିବାକୁ ବସିଥିଲେ ସୁଦ୍ଧା ୪୨, ୪୭୪ ଜଣ ପଞ୍ଜୀକୃତ ଚାଷୀ ଧାନ ବିକ୍ରି କରିପାରିଛନ୍ତି। ଏବେସୁଦ୍ଧା ୨୪,୩୪୩ ଜଣ ବିକ୍ରି ପାଇଁ ଅପେକ୍ଷାରେ ରହିଛନ୍ତି। କିନ୍ତୁ ବାକି ୧ ମାସ ମଧ୍ୟରେ ଆଉ ଦେଢ଼ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ହୋଇପାରିବ। ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅପେକ୍ଷାରତ ଚାଷୀଙ୍କ ପାଇଁ ମିଲର ନିଜର ଅଂଶଧନ ଏପର୍ଯ୍ୟନ୍ତ ସରକାରଙ୍କ ପାଖରେ ଦାଖଲ କରିନାହାନ୍ତି। ଫଳରେ ଚାଷୀଙ୍କ ଆକାଉଣ୍ଟକୁ ଠିକ୍ ସମୟରେ ଟଙ୍କା ଯାଇପାରୁନାହିଁ। ଅନ୍ୟପକ୍ଷରେ ଅତୀତରେ ଜଣେ ଚାଷୀଙ୍କଠାରୁ ଦୁଇଟି ପାଳିରେ ଧାନ କିଣା ଯାଉଥିଲା। ଚଳିତବର୍ଷ ଗୋଟିଏ ପାଳିରେ ଚାଷୀ ସବୁ ଧାନ ବିକ୍ରି କରୁଛନ୍ତି। ଫଳରେ ସବୁ ପଞ୍ଜୀକୃତ ଚାଷୀ ଏହି ସୁବିଧା ପାଇବେ କି ନାହିଁ ତାହା ସ୍ପଷ୍ଟ ହୋଇପାରୁନାହିଁ। ଆସନ୍ତା ମାର୍ଚ୍ଚ ସୁଦ୍ଧା ଧାନ କିଣା ବନ୍ଦ ହୋଇଯିବ ବୋଲି ଜଣାପଡ଼ିଛି। ତେଣୁ ସରକାର ଶୀଘ୍ର ଧାନ ସଂଗ୍ରହ ପାଇଁ ସପ୍ତାହରେ ଦୁଇଟି ପାଳି କରିବାକୁ ଦାବି ହେଉଛି। ସରକାରଙ୍କ ପକ୍ଷରୁ ଧାନ ସଂଗ୍ରହ ଅବଧି ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ରହିଛି ବୋଲି ଜିଲା ଧାନ ସଂଗ୍ରହ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର କହିଛନ୍ତି।

# 'ସୁସ୍ଥ ମାନସିକତାରେ ସବୁ ସମ୍ଭବ'




ବାର୍ଷିକ ଉତ୍ସବରେ ବିଧାୟକ ପ୍ରତାପ ଜେନା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

### କଉଡ଼କୋଲା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ

**ମାହାଙ୍ଗା,୨୫।୨ (ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ୍ ଓଷଙ୍ଗ ପଞ୍ଚାୟତ କଉଡ଼କୋଲାସ୍ଥିତ ଆଦର୍ଶ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସୁଧାକର ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥିଭାବେ ବିଧାୟକ ପ୍ରତାପ ଜେନା ଯୋଗଦେଇଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ର ଶିକ୍ଷା ସହ ଖେଳ, ନାଚ, ସଙ୍ଗୀତ ଓ ଚିତ୍ରକଳାରେ ପାରଦର୍ଶୀ ହେବା ପାଇଁ ଆଗଭର ଉଚିତ। ସୁସ୍ଥ ମାନସିକତା ଦ୍ୱାରା ସବୁ ସମ୍ଭବ ବୋଲି ବିଧାୟକ ଜେନା କହିଥିଲେ। ମୁଖ୍ୟବକ୍ତା ଭାବେ ବିଇଓ ଚକ୍ରଧର ବେହେରା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସରପଞ୍ଚ ନିହାରିକା ବିଶ୍ୱାଳ, ସମିତିସଭ୍ୟା କାନନବାଳା ମହାନ୍ତି ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷୟିତ୍ରୀ ମମତା ପ୍ରଧାନ ସଭା ପରିଚାଳନା କରିଥିବାବେଳେ ରାଜଶ୍ରୀ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ପ୍ରିୟା ଚୌଧୁରୀ, ତମ୍ମନା, ହାସ୍ୟ ଅଭିନେତା ଗୁଡୁଙ୍କ ସହ ଧାରାବାହିକ ଅଭିନେତ୍ରୀ ସିମରନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁପୁରସ୍କୃତ କରାଯାଇଥିଲା।

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ମାହାଙ୍ଗା,୨୫।୨(ସ୍ୱ.ପ୍ର.)**

ମାହାଙ୍ଗା ବିଧାୟକ ପ୍ରତାପ ଜେନା ବରାହିପୁର ଏବଂ ଓଷଙ୍ଗ ପଞ୍ଚାୟତ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ସହ ନୂତନ ଗୃହର ଉଦ୍‌ଘାଟନ କରିଥିଲେ। ପ୍ରଥମେ ବରାହିପୁର ଗସ୍ତକରି ପଞ୍ଚାୟତ କାର୍ଯ୍ୟାଳୟ ଛକଠାରୁ କେଉଟଖଣ୍ଡି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ପରେ ଓଷଙ୍ଗ ପଞ୍ଚାୟତର ମିଶନ ଶକ୍ତି ଗୃହ, ବଇଁଚୁଆଠାରେ ପାନୀୟ ଜଳ ପ୍ରକଳ୍ପ ଓ କଉଡ଼କୋଲାଠାରେ ଆଦର୍ଶ ବିଦ୍ୟାଳୟର ନୂତନ ଛାତ୍ରାବାସର ଶିଳାନ୍ୟାସ କରିଥିଲେ। ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ଶରତ ନାୟକ, ରାଜକିଶୋର ଜେନା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଧୀରେନ୍ଦ୍ର ନାଥ ସ୍ୱାଇଁ, ଅନ୍ନପୂର୍ଣ୍ଣା ସାହୁ, ଶିକ୍ଷାବିତ୍ ଉମେଶ ଚନ୍ଦ୍ର ସାହୁ, ଦଣ୍ଡହରି ସାହୁ, ରବୀନ୍ଦ୍ର କୁମାର ମହାନ୍ତି, ସରପଞ୍ଚ ନିହାରିକା ବିଶ୍ୱାଳ,ସମିତିସଭ୍ୟା କାନନବାଳା ମହାନ୍ତି, ଆମ୍ବ ଅଧ୍ୟକ୍ଷ ଭଗବାନ ବିଶ୍ୱାଳ ପ୍ରମୁଖଙ୍କ ସହ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଇଂ. ବସନ୍ତ ପରିଡ଼ା ଆଇଡବ୍ଲ୍ୟୁଡବ୍ଲ୍ୟୁଏର ପ୍ରଥମ ଓଡ଼ିଆ ମହାସଚିବ ନିର୍ବାଚିତ



**ଭୁବନେଶ୍ୱର, ୨୫।୨(ବ୍ୟୁରୋ)**

ଦେଶ ବିଦେଶର ୧୨ଶହରୁ ଅଧିକ ଇଞ୍ଜିନିୟର ଏବଂ ଦକ୍ଷ ବିଶେଷଜ୍ଞଙ୍କୁ ନେଇ ଜଳ ଓ ବର୍ଜ୍ୟଜଳ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଖିଳ ଭାରତୀୟ ସଂସ୍ଥା ଇଣ୍ଡିଆନ ୱାଟର ୱାର୍କ୍ସ ଆସୋସିଏଶନ (ଆଇଡବ୍ଲ୍ୟୁଡବ୍ଲ୍ୟୁଏ)ର ମହାସଚିବ ଭାବେ ଇଞ୍ଜିନିୟର ବସନ୍ତ ପରିଡ଼ା ନିର୍ବାଚିତ ହୋଇଛନ୍ତି। ୨୦୨୩ରୁ ୨୦୨୫ ପର୍ଯ୍ୟନ୍ତ ଦେଶବ୍ୟାପୀ ଏହି ସମ୍ମାନଜନକ ଫୋରମ୍‌ର ନେତୃତ୍ୱ ନେବାରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ ଇଞ୍ଜିନିୟର। ମହାରାଷ୍ଟ୍ରର ପୁଣେଠାରେ ସଂସ୍ଥାର ୫୬ତମ ବାର୍ଷିକ ସମ୍ମିଳନୀରେ ପରିଡ଼ାଙ୍କୁ ଏହି ଗୁରୁ ଦାୟିତ୍ୱ ମିଳିଛି। ଏଥିପାଇଁ ସେ ଆଇଡବ୍ଲ୍ୟୁଡବ୍ଲ୍ୟୁଏ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ୧୯୬୮ରେ ପ୍ରତିଷ୍ଠିତ ଆଇଡବ୍ଲ୍ୟୁଡବ୍ଲ୍ୟୁଏର ମୁଖ୍ୟ କାର୍ଯ୍ୟାଳୟ ମୁମ୍ବାଇରେ ଥିବାବେଳେ ସବୁ ରାଜ୍ୟରେ ୩୫ଟି କେନ୍ଦ୍ର ରହିଛି। ଗ୍ରାମାଞ୍ଚଳ, ପୌରପାଳିକା, ଶିଳ୍ପ, କୃଷି ଆଦି କାର୍ଯ୍ୟରେ ବ୍ୟବହୃତ ଜଳର ପରିଚାଳନା ତଥା ବର୍ଜ୍ୟଜଳ ନିଷ୍କାସନ କ୍ଷେତ୍ର ସହ ଜଡିତ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଅର୍ଥନୀତି, ପରିବେଶ ଏବଂ ସାମାଜିକ ବିଜ୍ଞାନର ବିକାଶକୁ ପ୍ରୋତ୍ସାହିତ କରିବା ହେଉଛି ଏହି ସଙ୍ଗଠନର ଲକ୍ଷ୍ୟ।

# ରାଜ୍ୟସ୍ତରୀୟ ସମାବେଶରେ ମୂଳନିବାସୀ ମହିଳା ମୁକ୍ତି ଅଭିଯାନ

**ଭୁବନେଶ୍ୱର,୨୫।୨(ବ୍ୟୁରୋ)**

ମୂଳନିବାସୀ ୟୁନାଇଟେଡ୍ ଫୋରମ୍ ଓଡ଼ିଶା ତରଫରୁ ରାଜ୍ୟସ୍ତରୀୟ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ଆୟୋଜିତ ଏହି ସଭାରେ ସମାଜ ସଂସ୍କାରକ ସନ୍ଥ ଗାଡ୍‌ଗେ, ଗୌତମ ବୁଦ୍ଧ, ଡ. ବି.ଆର୍ ଆମ୍ବେଡକର, ଶହୀଦ ବିର୍ସା ମୁଣ୍ଡା ଓ ନାରୀଶିକ୍ଷାର ଜନନୀ ସାବିତ୍ରୀ ବାଇ ଫୁଲେଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ୟୁନାଇଟେଡ୍ ଫୋରମ୍‌ର ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ଦେହୁରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ 'ମୂଳନିବାସୀ ମହିଳା ମୁକ୍ତି ଅଭିଯାନ' ଗଠନ କରାଯିବା ସହ 'ମୁଖପତ୍ର' ଉନ୍ମୋଚନ କରାଯାଇଥିଲା। ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ଯୋଗଦେଇ ସାମାଜିକ କୁସଂସ୍କାର, ରୁଢ଼ିବାଦୀ ବ୍ୟବସ୍ଥା ହେତୁ ସମତା, ସ୍ୱତନ୍ତ୍ରତା ଓ ଆତ୍ମସମ୍ମାନ କ୍ଷୁଣ୍ଣ ହୋଇ ଚାଲିଛି ବୋଲି ମତ ରଖିଥିଲେ। ତେଣୁ ସାମ୍ବିଧାନିକ ମୌଳିକ ଅଧିକାର, ବ୍ୟବସ୍ଥାର ପରିବର୍ତ୍ତନ କରି ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ମହିଳାମାନଙ୍କୁ ସଶକ୍ତ କରାଯିବାର ଆବଶ୍ୟକତା ରହିଥିବା ସେ କହିଥିଲେ। ସେହିପରି ଫୋରମ୍‌ର ରାଜ୍ୟ ଅଧ୍ୟକ୍ଷ ଦେହୁରି କହିଥିଲେ, ସମାଜର ମୂଳନିବାସୀ ମହିଳାମାନେ ସାମାଜିକ କୁସଂସ୍କାର, ଅନ୍ଧବିଶ୍ୱାସ, ଅଜ୍ଞତା ଅସମାନତା ବିରୋଧରେ ଛିଡ଼ା ହେବା ସହ ଅଧିକାର ପାଇଁ ଲଢେଇ ପାଇଁ ଆଗକୁ ଆସିବା ଦରକାର। ସମାବେଶରେ ଫୋରମ୍‌ର କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଧାରଣ ସମ୍ପାଦକ ନିହାର ରଞ୍ଜନ ସାମଲ ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ସଭାରେ ନାରୀ ନେତୃତ୍ୱ ପ୍ରମୋଦିନୀ ମଲ୍ଲିକ, କମଳ ପାଟ୍ଟଶାଣୀ, ଅଞ୍ଜଳି ସ୍ୱାଇଁ, ରଶ୍ମିପ୍ରଭା ନାୟକ, ଲକ୍ଷ୍ମୀପ୍ରିୟା ବେହେରା ଓ ଜୟନ୍ତୀ ନାୟକଙ୍କ ସମେତ ସମାବେଶରେ ଶତାଧିକ ମହିଳା ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ସମାଜସେବା କ୍ଷେତ୍ରରେ ପାରଦର୍ଶିତା, ସଂଗ୍ରାମ, ତ୍ୟାଗ ପାଇଁ ୧୫ଜଣ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସୁଜାତା ନାୟକ ଧନ୍ୟବାଦ ଦେଇଥିଲେ।

# କ୍ରିକେଟ୍ ଟୁର୍ନାମେଣ୍ଟ: ରେଡ୍ ରୋଜେସ୍ ବିଜୟୀ



**ଚୌଦ୍ୱାର,୨୫।୨(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ଶଙ୍କରପୁର ଖେଳପଡିଆରେ ଚାଲିଥିବା ଆନ୍ତଃଜିଲା ବିଜୁ ପଟ୍ଟନାୟକ କପ୍ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ସପ୍ତମ ଦିନରେ ଏକ ମହିଳା ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରର କ୍ୟାପିଟାଲ ବଟର ଫ୍ଲାଏ ଓ କିଟ୍‌ର ରେଡ୍ ରୋଜେସ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ବଟର ଫ୍ଲାଏ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୧୩୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବର୍ଷାରାଣୀ ସିଂ ସର୍ବାଧିକ ୬୨ ରନ୍ କରିଥିଲେ। ଜବାବରେ ରେଡ୍ ରୋଜେସ୍ ଟିମ୍ ଏକ ଉଇକେଟ ବିନିମୟରେ ବିଜୟୀ ହୋଇଥିଲା। ଲକ୍ଷ୍ମୀପ୍ରିୟା ନାୟକ ମ୍ୟାନ୍ ଅଫ୍ ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ। କାଦମ୍ବିନୀ ମହାକୁଡ଼ ଓ ବବି ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଡାଲ୍‌ମିଆ ସିମେଣ୍ଟର ଅଧିକାରୀ ଅଜିତ ପାଜରା, ଶୋଭାରାଣୀ ମହାନ୍ତି, ଚୌଦ୍ୱାର ନଗର ସଭାପତି ବିଷ୍ଣୁ ଚରଣ ପରିଡ଼ା, ସାମାଜିକ କର୍ମୀ ପ୍ରଦୀପ ବେହେରା, ପରେଶ ଚନ୍ଦ୍ର ମହାପାତ୍ର, ପ୍ରଦୀପ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# 'ଦର୍ଶକଙ୍କ ମନକୁ ଛୁଇଁଲା ଭଳି ସିନେମା ହେଉ'

- ଗଡ୍‌ସେଙ୍କ ପ୍ରତି ନକାରାତ୍ମକ ଧାରଣା ଠିକ୍ : ଅସଗର ୱାଜାହତ୍
- କଳିଙ୍ଗ ସାହିତ୍ୟ ମହୋତ୍ସବର ଦ୍ୱିତୀୟ ଦିନରେ ୨୪ ଅଧିବେଶନ

**ଭୁବନେଶ୍ୱର,୨୫।୨(ବ୍ୟୁରୋ)**

ଓଡ଼ିଆ ସିନେମାର ସାମ୍ପ୍ରତିକ ଧାରା ଆଗକୁ ଚଳଚ୍ଚିତ୍ରର ଉଦ୍ୟୋଗ ପ୍ରତି ଏକ ବିପଜ୍ଜନକ ଭବିଷ୍ୟତ ସୃଷ୍ଟି କରିବ। ଆଜିକାଲି ଯାହା ଚାଲିଛି ତାହା ବିସଂଗତି। ତେଣୁ ବର୍ତ୍ତମାନ ସମୟରେ ଦର୍ଶକଙ୍କ ମନକୁ ଛୁଇଁଲା ଭଳି ସିନେମା ତିଆରି ହେବା ଉଚିତ ବୋଲି କଳିଙ୍ଗ ସାହିତ୍ୟ ମହୋତ୍ସବ ପକ୍ଷରୁ ଆୟୋଜିତ ଦ୍ୱିତୀୟ ଦିବସରେ ଓଡ଼ିଶାରେ ଚଳଚ୍ଚିତ୍ର ଓ ନାଟକ ବ୍ୟବସାୟ ସମ୍ପର୍କିତ ଏକ ଆଲୋଚନାଚକ୍ରରେ ଭାଗ ନେଇ ଅଭିନେତା ସିଦ୍ଧାନ୍ତ ମହାପାତ୍ର ଏହା କହିଛନ୍ତି। ସେହିପରି ସାମ୍ପ୍ରତିକ ଓଡ଼ିଆ ସିନେମା ଓ ନାଟକ ସମ୍ପର୍କରେ ମତବ୍ୟକ୍ତ କରି ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡର କାର୍ଯ୍ୟନିର୍ବାହୀ ଡାଇରେକ୍ଟର ତନୟା ପଟ୍ଟନାୟକ କହିଛନ୍ତି, ନାଟକ କଳା ବଞ୍ଚି ରହିବା ପାଇଁ ଏହାର ବ୍ୟବସାୟକରଣ ହେବା ଜରୁରୀ। ସମ୍ପ୍ରତି ନିର୍ମିତ ହୋଇଥିବା ପ୍ରତୀକ୍ଷା ଓ ଦମନ ଚଳଚ୍ଚିତ୍ରର ଉଦାହରଣ ଦେଇ ସେ କହିଥିଲେ, ଭଲ ସିନେମା ପ୍ରସ୍ତୁତି କରିବା ପାଇଁ ବଜେଟ ବା ଟଙ୍କା କେବେ ବାଧକ ସାଜି ନ ଥାଏ। ଅଭିନେତ୍ରୀ ଅନୁ ଚୌଧୁରୀ ଚଳଚ୍ଚିତ୍ରର ସମ୍ପ୍ରତି ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଚଳିତ ବର୍ଷ ଜାନୁୟାରୀ ୨୬ରେ ମୁକ୍ତିଲାଭ କରିଥିବା ଗାନ୍ଧୀ ଭର୍ସେସ ଗଡ୍‌ସେ : ଏକ ଯୁଦ୍ଧ ଚଳଚ୍ଚିତ୍ରକୁ ନେଇ ଆରମ୍ଭ ହୋଇଥିବା ବିବାଦ ଉପରେ ଏହାର ଲେଖକ ଅସଗର ୱାଜାହତ୍ ଯୋଗଦେଇ କହିଥିଲେ, ଫିଲ୍ମରେ ଗଡସେଙ୍କ ଚରିତ୍ରର ମହିମା ମଣ୍ଡନ କରାଯାଇ ନାହିଁ। ଗଡ୍‌ସେଙ୍କ ପ୍ରତି ଲୋକଙ୍କ ଯେଉଁ ନକାରାତ୍ମକ ଧାରଣା ରହିଛି, ଏହା ରହିବା ଜରୁରୀ। ଏହି ଚଳଚ୍ଚିତ୍ରରେ ଗାନ୍ଧୀ ଓ ଗଡସେଙ୍କ ଭିତରେ ହୋଇଥିବା ଏକ କାଳ୍ପନିକ ତର୍କକୁ ଉପସ୍ଥାପନା କରାଯାଇଛି ବୋଲି ସେ ଆଲୋଚନାରେ ମତ ଦେଇଥିଲେ। ଏହି ଅବସରରେ ଲେଖକ ସତ୍ୟାର୍ଥ ନାୟକଙ୍କ ଏକ ଇଂଲିଶ୍ ପୁସ୍ତକ 'ମାହାଗାଥା'ର ଉନ୍ମୋଚନ ହୋଇଥିଲା। ଦ୍ୱିତୀୟ ଦିବସରେ ସାହିତ୍ୟ, ସିନେମା, ପୌରାଣିକ ଗାଥା ଆଦିକୁ ନେଇ ପ୍ରାୟ ୨୪ଟି ସମାନ୍ତରାଳ ଅଧିବେଶନ ହୋଇଥିଲା।

# 'ଭଲ ଶିକ୍ଷକ ଛାତ୍ରୀଛାତ୍ରଙ୍କ ଦୃଷ୍ଟି ଆକର୍ଷିତ କରିପାରନ୍ତି'




କିଟ୍ ବିଶ୍ୱବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

### ୱାର୍ଲ୍ଡ ଲିଡରଶିପ୍ କନଭେନଶନ୍

**ଭୁବନେଶ୍ୱର,୨୫।୨(ବ୍ୟୁରୋ)**

କିଟ୍ ବିଶ୍ୱବିଦ୍ୟାଳୟ ଓ ବିଶ୍ୱ ଲିଡରଶିପ୍ ଏକାଡେମୀର ମିଳିତ ଆନୁକୂଲ୍ୟରେ ଶନିବାର କିଟ୍ ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ବିଶ୍ୱ ନେତୃତ୍ୱ ସମାବେଶ ବା ୱାର୍ଲ୍ଡଲିଡରଶିପ୍ କନଭେନଶନ୍ ଅନୁଷ୍ଠିତ ହୋଇଯାଇଛି। 'ବିଶ୍ୱ ହେଉଛି ଏକ' ବିଷୟବସ୍ତୁ ଉପରେ ଆୟୋଜିତ ଏହି ସମାବେଶରେ ମଧ୍ୟପ୍ରଦେଶସ୍ଥିତ ଉଦ୍ୟମିତା ବିଦ୍ୟାପୀଠ ଜେପି ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା, ନିର୍ଦ୍ଦେଶିକା ତଥା ସାମାଜିକ ଉଦ୍ୟୋଗୀ ଡ. ନନ୍ଦିତା ପାଠକ ଯୋଗଦେଇ କିଟ୍ ଓ କିସ୍‌କୁ ଜ୍ଞାନର ସମୁଦ୍ର ବୋଲି ଅଭିହିତ କରିବା ସହିତ ଏଠାରେ ସମାଜର କଲ୍ୟାଣ ତଥା ଗରିବ ଓ ଅବହେଳିତଙ୍କ ଉତ୍ଥାନ ନିମନ୍ତେ ଜ୍ଞାନ ବିତରଣ କରାଯାଉଛି ବୋଲି କହିଥିଲେ। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମଲକାର ଯୋଗଦେଇ ଜଣେ କିପରି ଭଲ ଶିକ୍ଷକ ହୋଇପାରିବ ତାହା ଉପରେ ଆଲୋକପାତ କରିଥିଲେ। ଜଣେ ଭଲ ଶିକ୍ଷକ ଛାତ୍ରୀଛାତ୍ରଙ୍କ ଦୃଷ୍ଟି ଆକର୍ଷିତ କରିପାରନ୍ତି ଏବଂ ପିଲାମାନଙ୍କୁ ଏକ ଭିନ୍ନ ଶୈଳୀରେ ବିଭିନ୍ନ କଥା ଶିଖିବା ପାଇଁ ଉତ୍ସାହିତ କରିଥାନ୍ତି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଏସ୍‌ଆଇଆର-କେନ୍ଦ୍ରୀୟ ସଡ଼କ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ମନୋରଞ୍ଜନ ପରିଡ଼ା, କଟକ ଜିଲା ମାଣିଆବନ୍ଧର ମହିଳା ଉଦ୍ୟୋଗୀ ମନୋରମା ପାଲ୍, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ତଥା ୱାର୍ଲଡ ଲିଡରଶିପ୍ ଏକାଡେମୀର ସଭାପତି ପ୍ରଫେସର ସସ୍ମିତା ସାମନ୍ତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଇଂଲଣ୍ଡର ପ୍ରଫେସର ୟୁଡଙ୍ଗ୍ ଜାହାଙ୍ଗ୍ ଭର୍ଚୁଆଲରେ ଯୋଗଦେଇଥିଲେ।

ବର୍ତ୍ତମାନ ସମୟରେ ସମାନତା ଏବଂ ନ୍ୟାୟ, ବିବିଧତା ମଧ୍ୟରେ ଅନ୍ତର୍ଭୁକ୍ତୀକରଣ, ସହନଶୀଳତାର ସଂସ୍କୃତି ଏବଂ ସୃଷ୍ଟି ଓ ବିନାଶ ଆଦି ପ୍ରସଙ୍ଗର ଗୁରୁତ୍ୱ ଉପରେ ଆଲୋକପାତ କରି ଅଚ୍ୟୁତ କହିଥିଲେ, ଆମର ଏକତାରେ ଆମର ଶକ୍ତି ନିହିତ ଅଛି ବୋଲି ସମସ୍ତେ ଅନୁଭବ କରିବା ଉଚିତ। ଭାରତୀୟ ସଂସ୍କୃତିର ମୂଳମନ୍ତ୍ର ହେଉଛି ବସୁଧୈବ କୁଟୁମ୍ବକମ୍। ଏହାର ପ୍ରତିଫଳନ କିଟ୍ ଓ କିସ୍‌ରେ ଦେଖିବାକୁ ମିଳିଥାଏ। ଏଠାରେ ଧନୀ, ଗରିବ, ଉଚ୍ଚ, ନୀଚର ଊର୍ଦ୍ଧ୍ୱରେ ବିଭିନ୍ନ ଦେଶ ଓ ରାଜ୍ୟ, ବିଭିନ୍ନ ଭାଷାଭାଷୀ ଓ ସଂସ୍କୃତିର ପିଲାମାନେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଏକାଠି ରହିଥାନ୍ତି ଓ ଏକାଠି ବଢ଼ିଥାନ୍ତି। ଏହା ହିଁ ବିଶ୍ୱ ଐକ୍ୟଭାବର ପ୍ରତିଫଳନ। ବିବିଧତା ମଧ୍ୟରେ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବାବେଳେ ଆମକୁ ଫଳାଫଳକୁ ଅପେକ୍ଷା ନ କରି ଆମର ଶକ୍ତି ଓ କାର୍ଯ୍ୟ ଦକ୍ଷତା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ଅଚ୍ୟୁତ କହିଥିଲେ। ପ୍ରଫେସର ସସ୍ମିତା କହିଥିଲେ, ସାମାଜିକ ମୂଲ୍ୟବୋଧ ସୃଷ୍ଟି ନିମନ୍ତେ ବିଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା ନିମନ୍ତେ ସମାଜର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ଏଭଳି ନେତୃତ୍ୱ ସମାବେଶ ଏକ ମଞ୍ଚ ଯୋଗାଇ ଦେଇଥାଏ। ଏହି ସମାବେଶରେ ଦେଶ ବିଦେଶର ବହୁ ବିଶିଷ୍ଟ ଶିକ୍ଷାବିତ୍, ପ୍ରଫେସନାଲ୍ ଯୋଗଦେଇଥିଲେ। ପ୍ରଫେସର ପ୍ରଶାନ୍ତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ପ୍ରଫେସର ଜୟନ୍ତ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ମା' ଅନନ୍ତେଇ ଠାକୁରାଣୀଙ୍କ ପ୍ରତିଷ୍ଠା ଉତ୍ସବ

**ଅସ୍ତରଙ୍ଗ,୨୫।୨(ଡି.ଏନ୍.ଏ.):** କାକଟପୁର ବ୍ଲକ ଅନ୍ତର୍ଗତ ଓଥକା ପଞ୍ଚାୟତର ଅନନ୍ତପୁର ଗ୍ରାମରେ ଥିବା ମା' ଅନନ୍ତେଇ ଠାକୁରାଣୀଙ୍କର ବିଗ୍ରହ ପ୍ରତିଷ୍ଠା ଉତ୍ସବ ଓ ଶନିଶ୍ଚର ମହାଯଜ୍ଞ ୩ଦିନ ବ୍ୟାପି ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଧାନଦିବସ, ଅଙ୍କୁରାରୋପଣ, ଜଳଯାତ୍ରା, ଅଗ୍ନିସ୍ଥାପନ, ଦେବତାଆବାହନ, ସୂର୍ଯ୍ୟପୂଜା, ମଣ୍ଡଳପୂଜା, ମହାସ୍ନାନ, ଗୋପୂଜା, ପ୍ରାଣ ପ୍ରତିଷ୍ଠା ଓ ମହାଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। ନାମଯଜ୍ଞରେ କର୍ତ୍ତା କର୍ତ୍ତୀ ଭାବେ ସୁକାନ୍ତ, ରମା ଓ ପୂଜକ ମଙ୍ଗୁ ଭାଇନା, ସାଥିଗଣ ପୂଜା କାର୍ଯ୍ୟ ସମାପନ କରିଥିଲେ। ଗ୍ରାମବାସୀ ଓ ମା' ଅନନ୍ତେଇ ଯୁବ ପରିଷଦ ପକ୍ଷରୁ ନରେନ୍ଦ୍ର ପାଇଟାଳ, କିଶୋର କୁମାର, ବାବୁଲି, ଚନ୍ଦା, ରାମ, ଦିପୁ, ମୁନା, ସତ୍ୟ, ଲୁଲୁ, ମହେନ୍ଦ୍ର, ଅମିନ ମିଲୁ ପ୍ରମୁଖ ସଭ୍ୟମାନେ ସହଯୋଗ କରିଥିଲେ। ଆଖପାଖ ଗ୍ରାମରୁ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇ ନିଜ ମାନସିକ ପୂରଣ ନିମନ୍ତେ କଳସ ସ୍ଥାପନ କରିବା ସହ ପ୍ରାଚୀନଦୀରେ ବୁଡ଼ ପକାଇଥିଲେ।

### ବଣିବକ୍ରେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ଡେଲାଙ୍ଗ,୨୫।୨(ଡି.ଏନ୍.ଏ.):** ଡେଲାଙ୍ଗ ବ୍ଲକ ଅଧୀନ କୁଆପଦା ଗ୍ରାମର ଆରାଧ ଠାକୁର ଶ୍ରୀ ବଣିବକ୍ରେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଶୈବ ଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ୫ଦିନ ବ୍ୟାପୀ ଏହି ଯଜ୍ଞରେ ଜଳଯାତ୍ରା, ଶାଳାମଣ୍ଡନ, ସୂର୍ଯ୍ୟପୂଜା, ଗୋପୂଜା, ସର୍ବଦେବଦେବୀ ଆବାହନ, ଗୀତାପାଠ, ଚଣ୍ଡୀପାଠ, ଅଗ୍ନିସ୍ଥାପନ ପ୍ରଭୃତି ପୂଜାର୍ଚ୍ଚନା କରାଯାଇଥିଲା। କର୍ତ୍ତା ଭାବେ ସର୍ବେଶ୍ୱର ପାତ୍ର କାର୍ଯ୍ୟ ନିର୍ବାହ କରିଥିବାବେଳେ ମୁଖ୍ୟପୂଜକ ଭାବେ ଦୟାନିଧି ମିଶ୍ରଙ୍କ ସହିତ ପଣ୍ଡିତମାନେ ଯଥାବିଧି ପୂଜାର୍ଚ୍ଚନା କରିଥିଲେ। ମଙ୍ଗଳବାର ନିତ୍ୟଯୋଗ ସହ ପୀଠର ଅଧିଷ୍ଠାତ୍ରୀ ଦେବୀ ମା' ବଘେଇଙ୍କ ଜନ୍ମ ବାର୍ଷିକ ଉପଲକ୍ଷେ ଶ୍ରୀ ରଘୁନାଥ ରାମନାଟ୍ୟ କଳା ପରିଷଦ ଘଣିପୁର ପକ୍ଷରୁ 'ଅବସାନ ଏକ ଅଶାନ୍ତ ଝଡ' ନାଟକ ପରିବେଷଣ କରାଯାଇଥିଲା। ଏଥିସହ ମନ୍ଦିର ପରିସରରେ ପ୍ରତ୍ୟେକ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ, ପାଲା, ପ୍ରବଚନ ଭଜନ ସମାରୋହ ପରିବେଷଣ କରାଯାଇଥିଲା। ଗୁରୁବାର ପ୍ରଭୁଙ୍କର ପୂର୍ଣ୍ଣାହୁତି ଉତ୍ସବ ଅନୁଷ୍ଠିତ ହୋଇଥିଲା।

### ଜନସେବା କେନ୍ଦ୍ର ଉଦ୍‌ଘାଟିତ

**ପୁରୀ ଅଫିସ, ୨୫।୨:** ୱାଟର ୱାର୍କସ ରୋଡସ୍ଥିତ ସୁଜନ କମ୍ୟୁନିକେଶନଠାରେ ଜନସେବା କେନ୍ଦ୍ର ଉଦଘାଟିତ ହୋଇଯାଇଛି। ସନାତନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଓଡ଼ିଶା ବେକେରୀ ପରିଚାଳନା ନିର୍ଦ୍ଦେଶକ ଆର୍ଯ୍ୟକାନ୍ତ ପଟ୍ଟନାୟକ ଏବଂ ସାମାଜିକ କର୍ମୀ ସଞ୍ଜୀବ ମୁଖାର୍ଜୀ ଯୋଗଦେଇଥିଲେ। ଜନସେବା କେନ୍ଦ୍ରରେ ବ୍ୟାଙ୍କ ସେବା, ଜିଏସ୍‌ଟି, ଇନସ୍ୟୁରାନ୍ସ, ଟୁର ଆଣ୍ଡ ଟ୍ରଭେଲ୍ସ, ଆଧାର କାର୍ଡ, ଭୋଟର କାର୍ଡ ଭଳି ଅନେକ ସେବା ଓ ସୁବିଧା ପାଇପାରିବେ। ଶ୍ୟାମ ପ୍ରକାଶ ସେନାପତି, ରୁଚିମିତ୍ରା ଜଗଦେବ ମହାପାତ୍ର ଏବଂ ସତ୍ୟଜିତ୍ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗ୍ରାମସଭାରେ ଗୋଷ୍ଠୀ ସଂଘର୍ଷ

## ଆକ୍ରମଣରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଗୁରୁତର

**ପୁରୀ ଅଫିସ, ୨୫।୨**



ଗ୍ରାମସଭାରେ ଉପସ୍ଥିତ ଅଧିକାରୀ ଓ ଜନସାଧାରଣ।

ପୁରୀ ଜିଲା ସତ୍ୟବାଦୀ ବ୍ଲକର ସାଣ୍ଡରା ଶାସନ ପଞ୍ଚାୟତରେ ଶୁକ୍ରବାର ଅନୁଷ୍ଠିତ ଗ୍ରାମସଭାରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଗୋଟିଏ ଗୋଷ୍ଠୀର ଆକ୍ରମଣରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିକ୍ରମ ଜେନା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଉଭୟ ଗୋଷ୍ଠୀ ସତ୍ୟବାଦୀ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ଗ୍ରାମସଭାରେ କେତେଜଣ ଗ୍ରାମବାସୀ ଅଭିଯୋଗ କରିଥିଲେ। ସେମାନେ ଏହି ଅନିୟମିତତାର ପ୍ରତିବାଦ କରିବା ସହ ବାଦ୍ ପଡ଼ିଥିବା କଚ୍ଚାଘର ପରିବାରଙ୍କୁ ତାଲିକାଭୁକ୍ତ କରିବା ନିମନ୍ତେ ଦାବି କରିଥିଲେ। ଏ ନେଇ ସଭାରେ ନିଷ୍ପତ୍ତି ଗ୍ରହଣ ପ୍ରସ୍ତାବ ଉପରେ ଅନ୍ୟ ଗୋଷ୍ଠୀ ଆପତ୍ତି ଉଠାଇବାରୁ ବିବାଦ ଜଟିଳ ହୋଇଥିଲା। ଉଭୟ ଗୋଷ୍ଠୀ ପରସ୍ପର ମଧ୍ୟରେ ଯୁକ୍ତିତର୍କ ହୋଇ ସଭାବହି ଛଡ଼ାଇ ନେବା ସହ ଚୌକି ଉଠାଇ ଫିଙ୍ଗାଫିଙ୍ଗି କରିଥିଲେ। ଉଭୟ ଗୋଷ୍ଠୀ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। କେତେଜଣ ଯୁବକ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜେନାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କ ମୁହଁ, ଆଖିରେ ଆଘାତ ଲାଗିଥିଲା। ପରେ ସେ ଏ ନେଇ ଥାନାରେ ଏତଲା ଦେଇଥିଲେ। ସେହିପରି ପ୍ରତିପକ୍ଷ ଗୋଷ୍ଠୀ ସରପଞ୍ଚ ବାସନ୍ତୀ ବେହେରା ଅନୁରୂପ ଅଭିଯୋଗ କରିଛନ୍ତି। ପୋଲିସ ଦୁଇଟି ପୃଥକ ମାମଲା (ନଂ. ୫୭/୨୩ ଓ ୫୮/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ସଭାରେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନିଲ ପଣ୍ଡା, ବିଡିଓ ଲୋଚନ ଦାସଙ୍କ ସମେତ ବିଭାଗୀୟ ଅଧିକାରୀ, ପଞ୍ଚାୟତ ପ୍ରତିନିଧି ଓ ପୋଲିସ ଉପସ୍ଥିତ ଥିଲେ। ସଭା ଆରମ୍ଭରୁ ଉତ୍ତେଜନା ସୃଷ୍ଟି ହେବାରୁ ଗ୍ରାମବାସୀଙ୍କୁ ବିଡିଓ ବୁଝାଇବାକୁ ଚେଷ୍ଟା କରିଥିଲେ। ମାତ୍ର କେହି ଶୁଣି ନ ଥିଲେ। ପରିସ୍ଥିତି ନିୟନ୍ତ୍ରଣ କରିବା ଅସମ୍ଭବ ହେବାରୁ ସଭାକୁ ସ୍ଥଗିତ ରଖାଯାଇଛି। ସୂଚନାଯୋଗ୍ୟ, ଗତ ୧୦ ତାରିଖରେ ଉକ୍ତ ପଞ୍ଚାୟତରେ ଗ୍ରାମସଭା ଅଧାରୁ ବନ୍ଦ ରହିଥିଲା। ଚଞ୍ଚକତା କରାଯାଇ ଗ୍ରାମସଭା ହୋଇଥିବା ଦର୍ଶାଇ ଅଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ଚୟନ କରାଯାଇଥିବା ବିଡିଓଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଏଣୁ ୨୪ତାରିଖରେ ପୁଣି ଗ୍ରାମସଭା କରାଯିବାକୁ ସ୍ଥିର ହୋଇଛି।

# ଇଂ. ବସନ୍ତ ପରିଡ଼ା ଆଇଡବ୍ଲ୍ୟୁଡବ୍ଲ୍ୟୁଏର ପ୍ରଥମ ଓଡ଼ିଆ ମହାସଚିବ ନିର୍ବାଚିତ



**ଭୁବନେଶ୍ୱର, ୨୫।୨(ବ୍ୟୁରୋ)**

ଦେଶ ବିଦେଶର ୧୨ଶହରୁ ଅଧିକ ଇଞ୍ଜିନିୟର ଏବଂ ଦକ୍ଷ ବିଶେଷଜ୍ଞଙ୍କୁ ନେଇ ଜଳ ଓ ବର୍ଜ୍ୟଜଳ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଖିଳ ଭାରତୀୟ ସଂସ୍ଥା ଇଣ୍ଡିଆନ ୱାଟର ୱାର୍କ୍ସ ଆସୋସିଏଶନ (ଆଇଡବ୍ଲ୍ୟୁଡବ୍ଲ୍ୟୁଏ)ର ମହାସଚିବ ଭାବେ ଇଞ୍ଜିନିୟର ବସନ୍ତ ପରିଡ଼ା ନିର୍ବାଚିତ ହୋଇଛନ୍ତି। ୨୦୨୩ରୁ ୨୦୨୫ ପର୍ଯ୍ୟନ୍ତ ଦେଶବ୍ୟାପୀ ଏହି ସମ୍ମାନଜନକ ଫୋରମ୍‌ର ନେତୃତ୍ୱ ନେବାରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ ଇଞ୍ଜିନିୟର। ମହାରାଷ୍ଟ୍ରର ପୁଣେଠାରେ ସଂସ୍ଥାର ୫୬ତମ ବାର୍ଷିକ ସମ୍ମିଳନୀରେ ପରିଡ଼ାଙ୍କୁ ଏହି ଗୁରୁ ଦାୟିତ୍ୱ ମିଳିଛି। ଏଥିପାଇଁ ସେ ଆଇଡବ୍ଲ୍ୟୁଡବ୍ଲ୍ୟୁଏ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ୧୯୬୮ରେ ପ୍ରତିଷ୍ଠିତ ଆଇଡବ୍ଲ୍ୟୁଡବ୍ଲ୍ୟୁଏର ମୁଖ୍ୟ କାର୍ଯ୍ୟାଳୟ ମୁମ୍ବାଇରେ ଥିବାବେଳେ ସବୁ ରାଜ୍ୟରେ ୩୫ଟି କେନ୍ଦ୍ର ରହିଛି। ଗ୍ରାମାଞ୍ଚଳ, ପୌରପାଳିକା, ଶିଳ୍ପ, କୃଷି ଆଦି କାର୍ଯ୍ୟରେ ବ୍ୟବହୃତ ଜଳର ପରିଚାଳନା ତଥା ବର୍ଜ୍ୟଜଳ ନିଷ୍କାସନ କ୍ଷେତ୍ର ସହ ଜଡିତ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଅର୍ଥନୀତି, ପରିବେଶ ଏବଂ ସାମାଜିକ ବିଜ୍ଞାନର ବିକାଶକୁ ପ୍ରୋତ୍ସାହିତ କରିବା ହେଉଛି ଏହି ସଙ୍ଗଠନର ଲକ୍ଷ୍ୟ।

# ଜଳ ସମସ୍ୟା ନେଇ ବୈଠକରେ ଉଦ୍‌ବେଗ



ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ବିଡିଓ ଲାବନ୍ୟେନ୍ଦୁ ମହାନ୍ତି, ଏବିଡିଓ ପ୍ରଦୀପ୍ତ ନାୟକ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ ଏବଂ ଅନ୍ୟମାନେ।

**ଡେଲାଙ୍ଗ,୨୫।୨(ଡି.ଏନ୍.ଏ.)**

ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଡେଲାଙ୍ଗ ବ୍ଲକର ସମସ୍ତ ପଞ୍ଚାୟତକୁ ନିରବଚ୍ଛିନ୍ନ ପାନୀୟ ଜଳ ଯୋଗାଣ ପାଇଁ ସମନ୍ୱୟ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଡେଲାଙ୍ଗ ବ୍ଲକ ପରିସରସ୍ଥ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଡେଲାଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ ସଭାପତିତ୍ୱ କରିଥିଲେ। ବୈଠକରେ ଡେଲାଙ୍ଗ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲାବନ୍ୟେନ୍ଦୁ ମହାନ୍ତି, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ୍ତ ନାୟକ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେଶ୍ୱର ମହାରଣା, ଯନ୍ତ୍ରୀ ସ୍ୱାଗତିକା ପ୍ରଧାନଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟା/ସଭ୍ୟ ଉପସ୍ଥିତ ଥିଲେ। ହରିରାଜପୁର, ସୁଜନପୁର ପଞ୍ଚାୟତର ପଟଣପୁର, ରତନପୁର, ମୁନିନ୍ଦା, ଗଡ଼ମୋଟରୀ ପଞ୍ଚାୟତରେ ଥିବା ପାନୀୟ ଜଳ ସମସ୍ୟା ନେଇ ବୈଠକରେ ଅଭିଯୋଗ ହୋଇଥିଲା। ଏହି ପାନୀୟ ଜଳ ସମସ୍ୟା ଯଥାଶୀଘ୍ର ସମାଧନ କରାଯିବ ବୋଲି ଯନ୍ତ୍ରୀ ପ୍ରଧାନ କହିଥିଲେ। ସେହିପରି ପଞ୍ଚାୟତର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବା, ଟ୍ୟାଙ୍କର ବସୁଧା ପ୍ରତୀକ ଲଗାଇ ପାନୀୟ ଜଳ ଯୋଗାଣ କରିବା, ଖରାପ ହୋଇଯାଇଥିବା ଟ୍ୟାପ ଠିକ କରିବା, ନଳକୂପ ମରାମତି କରିବା, ଭାଙ୍ଗି ଯାଇଥିବା ପାଇପଲାଇନ୍‌ଗୁଡିକ ମରାମତି କରିବା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜଗଦଳପୁର ପାଇପ୍‌ଲାଇନ ନଷ୍ଟ ହୋଇଯାଇଥିବା ସରପଞ୍ଚ ଅଭିଯୋଗ କରିଥିଲେ। ସୁଜନପୁର ପଞ୍ଚାୟତରେ ଥିବା ପମ୍ପ ହାଉସ ଚାବି ପୂର୍ବତନ ସରପଞ୍ଚ ନୂତନ ସରପଞ୍ଚଙ୍କୁ ହସ୍ତାନ୍ତର କରି ନ ଥିବାବେଳେ ପଞ୍ଚାୟତ ପକ୍ଷରୁ ବାକିଥିବା ବିଲ୍ ପୈଠ ହୋଇପାରୁନାହିଁ। ଫଳରେ ପାନୀୟ ଜଳ ଯୋଗାଣ ବନ୍ଦ ରହିଥିବା ପିଇଓ ବିଡିଓଙ୍କୁ ଅବଗତ କରାଇଥିଲେ। ପାନୀୟ ଜଳ ସମସ୍ୟା ସମ୍ବନ୍ଧୀୟ ଥିବା ସମସ୍ୟାକୁ ଯଥାଶୀଘ୍ର ସମାଧାନ କରି ପାନୀୟ ଜଳ ଯୋଗାଣ ଦିଗରେ ଗୁରୁତ୍ୱ ଦେବାକୁ ବିଡିଓ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ୧୮ ଜଣଙ୍କ ବିରୋଧରେ ମାମଲା ରୁଜୁ

### କୋଠ ଜାଗାରୁ ନଡ଼ିଆ ତୋଳାକୁ ନେଇ ବିବାଦ

**ନିମାପଡ଼ା,୨୫।୨(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅନ୍ତର୍ଗତ ବଡ଼ଶିରିବିଳା ଗ୍ରାମରେ ଅଷ୍ଟପ୍ରହର ଚାଲିଥିବାବେଳେ ଶୁକ୍ରବାର କୋଠ ଜାଗାରୁ ନଡ଼ିଆ ତୋଳାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ନଡ଼ିଆ ତୋଳାରେ ପୋଲିସର ସହାୟତାକୁ ନେଇ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ପୋଲିସକୁ ଗାଳିଗୁଲଜ କରିବା ସହ ପୋଲିସ ଗାଡ଼ି ଓ ୮ ପୋଲିସଙ୍କୁ ୧୦ ଘଣ୍ଟା ଅଟକ ରଖିଥିଲେ। ପରେ ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ଶଙ୍କର୍ଷଣ ଦଳେଇ ଘଟଣା ସ୍ଥଳରେ ପହଞ୍ଚି ଉତ୍ତେଜିତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ୮ ପୋଲିସ କର୍ମଚାରୀଙ୍କୁ ଗ୍ରାମବାସୀ ଛାଡ଼ିଥିଲେ। ଗ୍ରାମବାସୀଙ୍କ ଏପରି କାର୍ଯ୍ୟ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିଥିବା ନେଇ ଏସ୍‌ଆଇ ପିକେ ସିଂ କୁଖାର ଥାନାରେ ଶନିବାର ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ୧୮ଜଣ ଗ୍ରାମବାସୀଙ୍କ ବିରୋଧରେ ଦଫା ୧୪୩, ୩୪୧, ୨୯୪, ୧୮୬, ୩୫୩, ୫୦୬, ୧୪୯ରେ ମାମଲା (ନଂ. ୪୩/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଏକ ଅଙ୍ଗନୱାଡି ଗୃହ ନିର୍ମାଣକୁ କେନ୍ଦ୍ର କରି ବଡ଼ଶିରିବିଳା ଓ ଭଗବାନସୁନ୍ଦରା ଗ୍ରାମବାସୀଙ୍କ ମଧ୍ୟରେ ୨/୩ ବର୍ଷ ଧରି ବିବାଦ ଲାଗି ରହିଛି। ଶୁକ୍ରବାର ଗ୍ରାମରେ ଅଷ୍ଟପ୍ରହର ପାଇଁ ବଡ଼ଶିରିବିଳା ଗ୍ରାମବାସୀ ଗ୍ରାମ ନିକଟରେ ଥିବା କୋଠଗଛରୁ ପୋଲିସ ଉପସ୍ଥିତିରେ ନଡ଼ିଆ ତୋଳିଥିଲେ। ଭଗବାନସୁନ୍ଦରା ଗ୍ରାମବାସୀ ପୋଲିସ ଭୂମିକାକୁ ଦାୟୀ କରି କ୍ରୋଧାନ୍ୱିତ ହୋଇ ଏଭଳି ଅଘଟଣ ଘଟାଇଥିବା ଜଣାପଡ଼ିଛି। ଏବେ ବି ବଡ଼ଶିରିବିଳା ଓ ଭଗବାନସୁନ୍ଦରା ଗ୍ରାମ ମଧ୍ୟରେ ବିବାଦ ଓ ଚାପା ଉତ୍ତେଜନା ଲାଗି ରହିଛି। ପୋଲିସ ଏହି ବିବାଦର ସ୍ଥାୟୀ ସମାଧାନ ପାଇଁ ଉଦ୍ୟମ ଚଳାଇଛି।

# ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ସଭା



ସଭାରେ ଉପସ୍ଥିତ ସଂଘର କର୍ମକର୍ତ୍ତାମାନେ।

**ପୁରୀ ଅଫିସ,୨୫।୨**

ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ସାଧାରଣ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ପ୍ରଫୁଲ୍ଲ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଓଡ଼ିଆ ବିଶ୍ୱବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ ସଙ୍ଗଠନର ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ଦାବି କରିଥିଲେ। ବିଦ୍ୟାଧରପୁରରେ ଫାଟିଥିବା ପାଇପ୍ ମରାମତି, ରଘୁନନ୍ଦନ ପାଠାଗାରାକୁ ଉନ୍ନତ ପାଠାଗାର ଘୋଷଣା, ଶୌଚାଳୟ ସ୍ଥାପନ ପାଇଁ ଦାବି କରାଯାଇଛି। ବୈଠକରେ ନୂତନ ସଦସ୍ୟଙ୍କୁ ସ୍ୱାଗତ କରାଯାଇଥିଲା। ଅଦ୍ୱୈତ ଚରଣ ଧଳ, ଖଗେଶ୍ୱର ମହାପାତ୍ର, କୃଷ୍ଣଚନ୍ଦ୍ର ମହାନ୍ତି ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ରମେଶ ଚନ୍ଦ୍ର ବଳିଆରସିଂହ ଧନ୍ୟବାଦ ଦେଇଥିଲେ।

# ପଲିଥିନ ତଳେ ଥିବା ପରିବାରଙ୍କୁ ଭେଟିଲେ ସଞ୍ଜୟ



ପଲିଥିନ୍ ତଳେ ରହୁଥିବା ଗରିବ ପରିବାରଙ୍କୁ ସଞ୍ଜୟ ଦାସବର୍ମା ଭେଟୁଛନ୍ତି।

**ପୁରୀ ଅଫିସ, ୨୫।୨**

କୃଷ୍ଣପ୍ରସାଦ ବ୍ଲକ ମାଣିକା ପଞ୍ଚାୟତର ରାୟପୁର, ମିର୍ଜାପୁର, ବ୍ରହ୍ମପଡ଼ା, ଭଗବାନପୁର ବସ୍ତି, ଓଡ଼ିଆ ସାହି, ପଦନପୁର ଓ ପାର୍ବତୀପୁର ଗ୍ରାମର ୧୦୦ ରୁ ଉର୍ଦ୍ଧ୍ୱ ଗରିବ ପରିବାର ପଲିଥିନ ତଳେ ଜୀବନ ନିର୍ବାହ କରୁଛନ୍ତି। ଏହି ଗରିବ ପରିବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କୁ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଶନିବାର ଭେଟିଛନ୍ତି। ଦାସବର୍ମା କହିଥିଲେ, ଚଞ୍ଚକତା କରି ଗ୍ରାମସଭା ବିନା କାଗଜପତ୍ରରେ ଗ୍ରାମ ସଭା ହୋଇଥିବା ଦର୍ଶାଇବା ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ। ଯେଉଁ ଅଧିକାରୀମାନେ ଏଭଳି ତାଲିକା ପ୍ରସ୍ତୁତ କରିଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ଆବାସ ଯୋଜନାରେ ସାମିଲ କରାଯିବାକୁ ସେ ଦାବି କରିଛନ୍ତି। ଏହି ଅବସରରେ ଜିଲା ପରିଷଦ ସଦସ୍ୟ ସନ୍ଦିପ କୁମାର ଜେନା, ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଗଡ୍ଡୁ, ସମିତି ସଭ୍ୟ ସର୍ବେଶ୍ୱର ଜେନା ଓ ପୂର୍ବତନ ସମିତି ସଭ୍ୟ ସଦାଶିବ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଯୋଗାଣ ବିଭାଗ ଚାଉଳରେ ଅପମିଶ୍ରଣ ଅଭିଯୋଗ

**ବ୍ରହ୍ମଗିରି,୨୫।୨(ଡି.ଏନ୍.ଏ.)**

ବ୍ରହ୍ମଗିରି ବ୍ଲକରେ ଯୋଗାଣ ବିଭାଗ ତରଫରୁ ରାଶନ କାର୍ଡ ହିତାଧିକାରୀଙ୍କୁ ଯୋଗାଇ ଦିଆଯାଉଥିବା ଚାଉଳରେ ଅପମିଶ୍ରଣ ହେଉଥିବା ଅଭିଯୋଗ ହେଉଛି। କିନ୍ତୁ ଯୋଗାଣ ବିଭାଗ ଏହାକୁ ପୁଷ୍ଟିକର ଚାଉଳ ବୋଲି ସଫେଇ ଦେଇଛି। ସୂଚନା ଅନୁଯାୟୀ, ବ୍ରହ୍ମଗିରି ବ୍ଲକରେ ଯୋଗାଣ ବିଭାଗ ତରଫରୁ ତନ୍ତକେରା ଗ୍ରାମରେ ରାଶନ କାର୍ଡ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରାଯାଇଛି। କିନ୍ତୁ ଏହି ଚାଉଳ ଏକ ଭିନ୍ନଧରଣର ଚାଉଳ ଭଳି ଦେଖାଯାଉଛି। ସାଧାରଣ ଚାଉଳଠାରୁ ଏହାର ଆକାର ବଡ ହୋଇଥିବା ଏହାକୁ ପାଣିରେ ପକାଇଲେ ଭାସୁଛି ଏବଂ ନାଲୁଆ ଲାଗୁଛି। ପାଟିରେ ପକାଇଲେ ଏହି ଚାଉଳ ମିଳାଇ ଯାଇ ଅଠା ହୋଇଯାଉଛି। ଫଳରେ ଉକ୍ତ ଚାଉଳକୁ ନେଇ ହିତାଧିକାରୀମାନେ ଅପମିଶ୍ରଣ ବୋଲି ଅଭିଯୋଗ କରୁଛନ୍ତି। କିନ୍ତୁ ଏ ସମ୍ପର୍କରେ ବ୍ରହ୍ମଗିରି ବ୍ଲକର ଯୋଗାଣ ନିରୀକ୍ଷକ ଶିବ ପ୍ରସାଦ ମହାନ୍ତି କୁହନ୍ତି, ଏହା ପୃଷ୍ଟିକର ଓ ଆଇରନଯୁକ୍ତ ଚାଉଳ। ଏହି ଚାଉଳ ସରକାର ଏକ ବସ୍ତାରେ ୫୦୦ ଗ୍ରାମ ମିଶାଇଛନ୍ତି। ଏଥି ନିମନ୍ତେ ହିତାଧିକାରୀମାନେ ବ୍ୟସ୍ତ ହେବାର କୌଣସି କାରଣ ନାହିଁ। ଏହି ଚାଉଳ ସମ୍ପର୍କରେ ତନ୍ତକେରା ଗ୍ରାମର ପ୍ରଭାକର ଦଳାଇ କୁହନ୍ତି, ଯଦି ଏହା ପୁଷ୍ଟିକର ଚାଉଳ, ଏଥିପାଇଁ ସରକାରଙ୍କ ତରଫରୁ ହିତାଧିକାରୀମାନଙ୍କୁ ସଚେତନ କରାଯିବା କଥା। ଏହାକୁ ଅପମିଶ୍ରଣ ଚାଉଳ ଭାବି ଲୋକେ ବ୍ୟବହାର କରୁ ନାହାନ୍ତି। ଯଦି ଏହି ଚାଉଳ ପୃଷ୍ଟିକର ସତ୍ୟ ହୁଏ, ତେବେ ସରକାରଙ୍କ ସଚେତନତା ଅଭାବ ରହୁଛି।

# ବିଭିନ୍ନ ଦାବି ନେଇ ଆଲୋଚନା

## ସରକାରୀ କର୍ମଚାରୀ ସମନ୍ୱୟ ସମିତି, ପୁରୀ ଜିଲା ଶାଖାର ସମ୍ମିଳନୀ

**ପୁରୀ ଅଫିସ, ୨୫।୨**

ରାଜ୍ୟ ସରକାରୀ ସମନ୍ୱୟ ସମିତି ପୁରୀ ଜିଲା ଶାଖାର ପ୍ରଥମ ଜିଲା ସମ୍ମିଳନୀ ଶନିବାର ଚକ୍ରତୀର୍ଥ ରୋଡ୍‌ସ୍ଥିତ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀକୁ ସମନ୍ୱୟ ସମିତିର ପୂର୍ବତନ ରାଜ୍ୟ ସଭାପତି ପ୍ରତାପ ଚନ୍ଦ୍ର ମିଶ୍ର ଉଦ୍‌ଘାଟନ କରିଥିଲେ। ରିଙ୍କୁ ନାରାୟଣ ପଲେଇଙ୍କ ସଭାପିତ୍ୱରେ ସମ୍ମିଳନୀ ଆୟୋଜିତ ହୋଇଥିଲା। ବରିଷ୍ଠ ଶିକ୍ଷକ ନେତା ସୁରେନ୍ଦ୍ର କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଜଗତୀକରଣ ଓ ଘରୋଇକରଣ ନୀତିକୁ ସମାଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସମନ୍ୱୟ ସମିତିର ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ମହାନ୍ତି, ପୂର୍ବତନ ସାଧାରଣ ସମ୍ପାଦକ ନରୋତ୍ତମ ପାର୍ଥସାରଥି, କାର୍ଯ୍ୟକାରୀ ସଭାନେତ୍ରୀ ସୀତା ଭୋଳ ମଞ୍ଚାସୀନ ଥିଲେ। ମୁଖ୍ୟ ବକ୍ତା ଭାବେ ପୂର୍ବତନ ଜାତୀୟ କାର୍ଯ୍ୟକାରୀ କମିଟି ସଦସ୍ୟ କ୍ଷେତ୍ରମୋହନ ଦାସ ଯୋଗଦେଇଥିଲେ। ସମନ୍ୱୟ ସମିତିର ରାଜ୍ୟ ସାଧାରଣ ସମ୍ପାଦକ ସୁଜିତ କୁମାର ନାୟକ କର୍ମଚାରୀଙ୍କ ଦାବି ସମ୍ବନ୍ଧରେ ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୦୫ ପରେ ନିଯୁକ୍ତି ପାଉଥିବା କର୍ମଚାରୀଙ୍କ କ୍ଷେତ୍ରରେ ପୁରୁଣା ପେନସନ ଲାଗୁ, ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ, ଖାଲି ପଡ଼ିଥିବା ପଦବୀ ପୂରଣ, ପଦବୀ ଉଚ୍ଛେଦ ବନ୍ଦ, ନର୍ସିଂ ଅଫିସରଙ୍କୁ ସରକାରୀ ଛୁଟି, ଜିଲାସ୍ତରରେ କାର୍ଯ୍ୟରତ ଅମଲାଙ୍କ ପୁନର୍ଗଠିତ ସଂଶୋଧିତ ପଦବୀ ଓ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଗ୍ରେଡ୍ ପେ ୪୨୦୦ ଟଙ୍କା କରିବା, ଅନୁକମ୍ପାମୂଳକ ନିଯୁକ୍ତି ଯୋଜନା କଟକଣା ପ୍ରତ୍ୟାହାର, ବକେୟା ମହଙ୍ଗା ଭତ୍ତା, ୨୦୧୬ରୁ ସଂଶୋଧିତ ଘରଭଡ଼ା ଭତ୍ତା ଦେବା ସହ ଗ୍ରୁପ୍ 'ଡି' କର୍ମଚାରୀଙ୍କ ଅବସର ବୟସ ସୀମା ୬୦ରୁ ୬୨କୁ ବୃଦ୍ଧି କରାଯିବା ଆଦି ଦାବି ନେଇ ଆଲୋଚନା ହୋଇଥିଲା। ସମ୍ମିଳନୀରେ ସୁବାସ ଚନ୍ଦ୍ର ମିଶ୍ର, ରବି ନାରାୟଣ ନାୟକ ଏବଂ ଲୋକନାଥ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରାଜ୍ୟ ସମନ୍ୱୟ କମିଟିର କାର୍ଯ୍ୟାଳୟ ସମ୍ପାଦକ ତଥା ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘର କାର୍ଯ୍ୟକାରୀ କମିଟି ସଭ୍ୟ କାହ୍ନୁ ଚରଣ ମଲ୍ଲିକ ଧନ୍ୟବାଦ ଦେଇଥିଲେ।




ବୈଠକରେ ଯୋଗଦେଇଥିବା ଅତିଥିମାନେ।

# ପୁରୀ ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ଲି.ର ବାର୍ଷିକ ସାଧାରଣ ସଭା




ସଭାରେ ବ୍ୟାଙ୍କର ସଭାପତି ଗୁଣଧର ଦାସ ମହାପାତ୍ର, ଭାରପ୍ରାପ୍ତ ସମ୍ପାଦକ ରାମକୃଷ୍ଣ ପୂଜାପଣ୍ଡା ଏବଂ ଅନ୍ୟମାନେ।

**ପୁରୀ ଅଫିସ ୨୫।୨**

ପୁରୀ ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ଲି.ର ବାର୍ଷିକ ସାଧାରଣ ସଭା ଶନିବାର ବ୍ୟାଙ୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ୭୫, ୭୬ ଏବଂ ୭୭ତମ ବାର୍ଷିକ ସାଧାରଣ ସଭା ଯଥାକ୍ରମେ ବର୍ଷ ୧୯-୨୦, ୨୦-୨୧ ଏବଂ ୨୧ -୨୨ ପାଇଁ ଅନୁଷ୍ଠିତ ହୋଇଥିଲା। ସଭାରେ ବ୍ୟାଙ୍କର ସଭାପତି ଗୁଣଧର ଦାସ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଆବଶ୍ୟକ କୋରମ ହେବା ପରେ ଭାରପ୍ରାପ୍ତ ସମ୍ପାଦକ ରାମକୃଷ୍ଣ ପୂଜାପଣ୍ଡାଙ୍କ ନିମନ୍ତ୍ରଣ କ୍ରମେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ଭାରପ୍ରାପ୍ତ ସମ୍ପାଦକ ପୂଜାପଣ୍ଡା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ବ୍ୟାଙ୍କ ଆକାଉଣ୍ଟସ୍ ବିଭାଗର ସହସମ୍ପାଦକ କାହ୍ନୁ ଚରଣ ଦାଶ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଉପରେ ବିବରଣୀମାନ ପ୍ରଦାନ କରିଥିଲେ। ପ୍ରତ୍ୟେକ ବିଷୟ ଆଲୋଚନା ହେବା ପରେ ତାହା ଗୃହୀତ ହୋଇଥିଲା। ପରେ ସଭାପତି ଦାସ ମହାପାତ୍ର ତାଙ୍କ ବକ୍ତବ୍ୟରେ କେଉଁ ପରିସ୍ଥିତିରେ ୧୯୪୫ ମସିହାରେ ଉକ୍ତ ବ୍ୟାଙ୍କ ପ୍ରତିଷ୍ଠିତ ହୋଇଥିଲା ଓ କିପରି ସଂଘର୍ଷ କରି ବର୍ତ୍ତମାନ ସ୍ଥିତିରେ ପହଞ୍ଚିଛି ସେ ନେଇ ଆଲୋକପାତ କରିଥିଲେ। ସେହିପରି ସେ ବ୍ୟାଙ୍କର ଏକ ବିବରଣୀ ପ୍ରଦାନ କରିଥିଲେ। ବ୍ୟାଙ୍କର ଉନ୍ନତି ନିମନ୍ତେ ସେ ସମସ୍ତ ଅଂଶୀଦାର, ଜମାକାରୀ ଏବଂ ପୁରୀବାସୀଙ୍କ ସହଯୋଗ କାମନା କରିବା କରିବା ସହ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ପରେ ବ୍ୟାଙ୍କର ନିର୍ଦ୍ଦେଶକ ଓ ନିର୍ଦ୍ଦେଶିକାମାନେ ନିଜ ନିଜ ବକ୍ତବ୍ୟରେ ବ୍ୟାଙ୍କର ଉନ୍ନତି କରଣ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ବ୍ୟାଙ୍କର ଅନ୍ୟତମ ସହସମ୍ପାଦକ ପ୍ରଫୁଲ୍ଲ କୁମାର ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

### ବିଭିନ୍ନ ବିବରଣୀ ଆଲୋଚନା ସହ ଗୃହୀତ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୬ ଫେବୃୟାରୀ, ୨୦୨୩



# ଶୌଚ ପାଇଁ ଗ୍ରାହକ, ବ୍ୟବସାୟୀ ହଟହଟା

ଭୁବନେଶ୍ୱର, ୨୫।୨(ବ୍ୟୁରୋ)

ସ୍ୱଚ୍ଛ ସର୍ବେକ୍ଷଣରେ ସଫଳତା ପାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ନାନା ଯୋଜନା କରାଯାଉଛି। କିନ୍ତୁ ରାଜଧାନୀବାସୀଙ୍କ ଦୈନନ୍ଦିନ ଆବଶ୍ୟକତା ପୂରଣ କରୁଥିବା ୟୁନିଟ୍-୧ ହାଟରେ ପ୍ରତିଦିନ ହଜାର ହଜାର ଲୋକ ଚଳପ୍ରଚଳ କରୁଥିଲେ ମଧ୍ୟ ଏଠାରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ରହିଛି। ବିଏମ୍‌ସି ବ୍ୟବସାୟୀଙ୍କଠାରୁ ବିଭିନ୍ନ ଟ୍ୟାକ୍ସ ନେଉଥିଲେ ମଧ୍ୟ ଶୌଚାଳୟ ଭଳି ମୌଳିକ ସୁବିଧା କରୁ ନ ଥିବାରୁ ବ୍ୟବସାୟୀ ଓ ଗ୍ରାହକଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ମହିଳାମାନେ ଏଥିପାଇଁ ବେଶି ସମସ୍ୟାରେ ପଡ଼ିଥା'ନ୍ତି। ହାଟ ଭିତରେ ଥିବା ଶୌଚାଳୟ କେଉଁଠି ଅଳିଆ ଆବର୍ଜନା ଭର୍ତ୍ତି ହୋଇଛି ତ ଆଉ ଶୌଚାଳୟର ପାଣି ଟ୍ୟାପ୍ ବନ୍ଦ ହୋଇପଡ଼ିଛି। ପୁଣି ଶୌଚାଳୟ ଭିତରେ ପୋକ ସାଲୁବାଲୁ ହେଉଥିବା ଦେଖିବାକୁ ମିଳୁଛି। ଶୌଚାଚୟ ସ୍ଥିତି ଏମିତି ଯେ, ସେଠାରେ ପରିସ୍ରା କରିବା ତ ଦୂରର କଥା ଭିତରକୁ ଗଲେ ବି ସଂକ୍ରମଣ ଭୟ ସୃଷ୍ଟି ହେଉଛି। ରାଜଧାନୀର ସବୁଠାରୁ ପୁରୁଣା ଓ ବୃହତ୍ ହାଟରେ ଲୋକଙ୍କ ସୁବିଧା ପାଇଁ କରାଯାଇଥିବା ୟୁରିନାଲ ରକ୍ଷଣାବେକ୍ଷଣା ଅଭାବରୁ ପରିତ୍ୟକ୍ତ ହୋଇ ପଡ଼ିଛି। ପ୍ରଶାସନ କେବଳ ବ୍ଲିଚିଂ ପକାଇ କାମ ସାରିଦେଉଛନ୍ତି। ଏହି ମାର୍କେଟରେ ପ୍ରାୟ ଭିତର ବାହାର ମିଶି ୩୦୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଦୈନିକ ପସରା ଖୋଲି ବସୁଛନ୍ତି। ପ୍ରତ୍ୟେକ ଦିନ ହଜାର ହଜାର ଲୋକ ମାର୍କେଟକୁ ଆସୁଛନ୍ତି। ମାତ୍ର ଶୌଚାଳୟ ସମସ୍ୟା କାରଣରୁ ମହିଳାମାନେ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ପୁରୁଷମାନେ ବାହାରେ ଯେଉଁଠି ଖାଲି ଜାଗା ପାଇଲେ ସେଠାରେ ପରିସ୍ରା କରୁଛନ୍ତି। ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଶୌଚାଳୟର କବାଟ ନ ଥିବାବେଳେ ଅଖା ଝୁଲାଇ ବ୍ୟବହାର କରାଯାଉଛି। ପରିବା ହାଟ ମଧ୍ୟରେ ଗୋଟିଏ ସରକାରୀ ଦେୟମୁକ୍ତ ଶୌଚାଳୟ ଥିବାବେଳେ ଏହା ଏତେ ସଂଖ୍ୟକ ବ୍ୟସାୟୀ ଓ ଗ୍ରାହକଙ୍କ ପର୍ଯ୍ୟାପ୍ତ ହେଉନାହିଁ। ଫଳରେ ପରିବେଶ ଦୂଷିତ ହେବା ସହ ରାସ୍ତାରେ ମଧ୍ୟ ଯିବା ଆସିବା କରି ହେଉନି ଗନ୍ଧରେ ନାକ ଫାଟି ପଡୁଛି। ତେବେ ବାଇକ ଷ୍ଟାଣ୍ଡ୍ ନିକଟରେ ଏକ ଖୋଲା ୟୁରିନାଲ ନିର୍ମାଣ କରାଯାଇଛି। ତେଣୁ ଲୋକେ ବାହାରେ ପରିସ୍ରା କରୁଛନ୍ତି। ଫଳରେ ଏକ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଉକ୍ତ ବାଟଦେଇ ଯିବା ଆସିବା କରିବା ସମ୍ଭବ ହେଉନାହିଁ। ତେବେ ଲୋକମାନେ ବ୍ୟବହାର କରୁଥିବା ଶୌଚାଳୟକୁ ପରିଷ୍କାର ରଖିବା ଦିଗରେ ମଧ୍ୟ ସଚେତନ ରହୁନାହାନ୍ତି। ପ୍ରଶାସନ ଉପରେ ଦୋଷ ଲଦି ଦେଇ ଏପରି ଅସ୍ୱାସ୍ଥ୍ୟକାର ପରିବେଶ ସୃଷ୍ଟିର ମାଧ୍ୟମ ସାଜିଛନ୍ତି।

## ୟୁନିଟ୍-୧ ହାଟରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ








"ସବୁଦିନ ହଜାର ହଜାର ଲୋକ ଯିବାଆସିବା କରୁଛନ୍ତି। ଏଣେତେଣେ ପରିସ୍ରା କରି ଯାଉଛନ୍ତି। ସେମାନେ ପଳାଉଛନ୍ତି, କିନ୍ତୁ ଯେଉଁ ପରିବେଶ ସୃଷ୍ଟି କରିଯାଉଛନ୍ତି, ଏଠାକୁ ପ୍ରତିଦିନ ବ୍ୟବସାୟୀଙ୍କ ପାଇଁ ହାନିକାରକ। ପ୍ରଶାସନ ନିଦାବିଷ୍ଟ, ଲୋକମାନେ ମଧ୍ୟ ସଚେତନ ହେଉନାହାନ୍ତି। ହଇରାଣ ଆମେମାନେ ହେଉଛୁ।

-ବିକ୍ରମ ମହାପାତ୍ର, ବ୍ୟବସାୟୀ



"ବିଏମ୍‌ସି ପକ୍ଷରୁ ଅଧିକ ସଂଖ୍ୟକ ଶୌଚାଳୟ କରାଯିବ ବୋଲି କୁହାଯାଉଛି। କିନ୍ତୁ ବର୍ତ୍ତମାନ ବ୍ୟବସାୟୀ ତଥା ଗ୍ରାହକ ବହୁତ ହଇରାଣ ହେଉଛନ୍ତି। ୧ ନଂ. ହାଟ ବ୍ୟବସାୟୀ ସଂଘ ପକ୍ଷରୁ ଚାଉଳ ଦୋକାନ ଲାଇନ୍ ଏବଂ ସାଇକେଲ ଷ୍ଟାଣ୍ଡରେ ଥିବା ଶୌଚାଳୟ ପର୍ଯ୍ୟାପ୍ତ ନୁହେଁ। ମହିଳାମାନେ ଖୁବ୍ ହନ୍ତସନ୍ତ ହେଉଛନ୍ତି। ସଂଘ ପକ୍ଷରୁ କରାଯାଇଥିବା ଶୌଚାଳୟର ପରିମଳ ରକ୍ଷା ଦିଗରେ ମଧ୍ୟ ବିଏମ୍‌ସି ପଦକ୍ଷେପ ନେଉନାହିଁ। ଏତେ ଲୋକଙ୍କ ପାଇଁ ଅଧିକ ସଂଖ୍ୟକ ଶୌଚଳାୟର ଆବଶ୍ୟକତା ରହିଛି। ଏଣେତେଣେ ପରିସ୍ରା କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାର ଆବଶ୍ୟକତା ରହିଛି। ନିୟମିତ ସଫେଇ ସହ ରକ୍ଷଣାବେକ୍ଷଣା ଦିଗରେ ଧ୍ୟାନ ଦିଆଯିବା ଉଚିତ୍।

-ଗୟାଧର ସ୍ୱାଇଁ, ସଭାପତି, ୟୁନିଟ୍-୧ ହାଟ ବ୍ୟବସାୟୀ ସଂଘ



"ମହିଳାମାନଙ୍କ କୌଣସି ବ୍ୟବସ୍ଥା ଥିବା ପରି ମନେ ହେଉନାହିଁ। କୌଣସି ଜରୁରୀ ସମୟରେ ମଧ୍ୟ ମହିଳାମାନେ ଶୌଚାଳୟ ସୁବିଧା ପାଇପାରୁନାହାନ୍ତି। ଦୀର୍ଘ ସମୟ ଧରି ଏଠାରେ କିଣାକିଣି କରୁଥିଲେ ମଧ୍ୟ ଶୌଚାଳୟର ବନ୍ଦୋବସ୍ତ ନଥିବାରୁ ବହୁତ୍ ମହିଳା ସମସ୍ୟାରେ ପଡୁଛନ୍ତି।

-ବନସ୍ମିତା ମହାପାତ୍ର, ଗ୍ରାହକ

"ହାଟ ମଧ୍ୟରେ ସ୍ଥାନ ଅଭାବରୁ ଶୌଚାଳୟ ନିର୍ମାଣ ହୋଇପାରୁନାହିଁ। ଆଗାମୀ ଦିନରେ ହାଟର ଉନ୍ନତିକରଣ କରାଯିବା ସମୟରେ ଶୌଚାଳୟ କରାଯାଇପାରେ। ହାଟ ଭିତରେ ଯେଉଁସବୁ ପରିତ୍ୟକ୍ତ ଶୌଚାଳୟ କଥା କୁହାଯାଉଛି ତାହା ବ୍ୟବସାୟୀ ସଂଘର। ତେଣୁ ତାହାର ରକ୍ଷଣାବେକ୍ଷଣା ମଧ୍ୟ ସଂଘର ଦାୟିତ୍ୱ, ବିଏମସିର ନୁହେଁ।

- ଶୁଭେନ୍ଦୁ ସାହୁ, ଡେପୁଟି କମିଶନର(ପରିମଳ), ବିଏମସି

## ସଂକ୍ଷେପରେ

### ପଟ୍ଟଚିତ୍ର ଶିଳ୍ପୀ ଓ ଯୁବ ଉଦ୍ୟୋଗୀଙ୍କ ପାଇଁ ଉଦାହରଣ କୃଷ୍ଣପ୍ରିୟା



ଭୁବନେଶ୍ୱର,୨୫।୨(ବ୍ୟୁରୋ): ଏକାଧାରାରେ ଜଣେ ସୁଗୃହିଣୀ, ସମାଜସେବୀ ତଥା ସଫଳ ଯୁବଦ୍ୟୋଗୀ ହେଉଛନ୍ତି କୃଷ୍ଣପ୍ରିୟା ଆଚାର୍ଯ୍ୟ। ଓଡ଼ିଶା ଲୋକସେବା ଭବନରେ କାର୍ଯ୍ୟରତ କୈଳାସ ଚନ୍ଦ୍ର ଆଚାର୍ଯ୍ୟଙ୍କ ସ୍ତ୍ରୀ କୃଷ୍ଣପ୍ରିୟା ନିଜର ବଳକା ସମୟରେ ପାରମ୍ପରିକ ପଟ୍ଟଚିତ୍ର କଳାକୁ ନିଆରା ଢଙ୍ଗରେ ବିଭିନ୍ନ ଶାଢ଼ୀରେ ରୂପ ଦିଅନ୍ତି। ଲାଭ, କ୍ଷତି, ଯଶ ପ୍ରତିଷ୍ଠାକୁ କେବେ ଗୁରୁତ୍ୱ ଦେଇ ନ ଥିଲେ ସୁଦ୍ଧା ଏଥିପାଇଁ ସେ ଅନେକ ସଫଳତା ଓ ପ୍ରଶଂସା ସାଉଁଟିଛନ୍ତି। କେବଳ ରାଜ୍ୟରେ ନୁହେଁ, ରାଜ୍ୟ ବାହାରେ ତଥା ବିଦେଶରେ ସେ ଏହି କଳାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ତାଙ୍କର ଏହି ଉଦ୍ୟମ କେତେଜଣ ପଟ୍ଟଚିତ୍ର କାରିଗରଙ୍କ ପାଇଁ ରୋଜଗାରର ମାଧ୍ୟମ ହୋଇଛି। ଓଡ଼ିଶାର ସଂସ୍କୃତି ଓ ଲୋକକଳା ସହ ଶ୍ରୀଜଗନ୍ନାଥଙ୍କ ପ୍ରତି ତାଙ୍କର ରହିଛି ଗଭୀର ଅନୁରକ୍ତି। ଏହି ପଟ୍ଟଚିତ୍ର ଉଦ୍ୟୋଗ ଜରିଆରେ ସେ ସହଯୋଗର ମାଧ୍ୟମ ସାଜିଛନ୍ତି। ସେ ଭୁବନେଶ୍ୱରର ୟୁନିଟ-୬ରେ ରହୁଛନ୍ତି। ଅନନ୍ୟ ପ୍ରତିଭାର ଅଧିକାରିଣୀ କୃଷ୍ଣପ୍ରିୟା ଅନ୍ୟ ପଟ୍ଟଚିତ୍ର ଶିଳ୍ପୀ ତଥା ଯୁବଦ୍ୟୋଗୀଙ୍କ ପାଇଁ ଏକ ସଫଳ ଉଦାହରଣ ସାଜିଛନ୍ତି।

### ରାଜଧାନୀରେ ଯୁବକଙ୍କ ଉନ୍ମତ୍ତକାଣ୍ଡ

#### ବିଧବା ମହିଳାଙ୍କ ଦୋକାନ ଭାଙ୍ଗିଲେ, ପରିବା ଫୋପାଡ଼ିଲେ

ଭୁବନେଶ୍ୱର,୨୫।୨(ବ୍ୟୁରୋ): ରାଜଧାନୀରେ ଯୁବକଙ୍କ ଉନ୍ମତ୍ତକାଣ୍ଡ। ଦାଦାବଟି ନ ଦେବାରୁ ଜଣେ ବିଧବା ମହିଳାଙ୍କ ଦୋକାନ ଭାଙ୍ଗିବା ସହ ପରିବାକୁ ଏଣେତେଣେ ଫୋପାଡ଼ିଛନ୍ତି। ଏଥିସହ ଟଙ୍କା ବାକ୍ସରୁ ୩ ହଜାର ଟଙ୍କା ନେଇଯାଇଥିବା ମହିଳା ଜଣକ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ଲାଗି ଉଦ୍ୟମ ଚଳାଇଛି। ସୂଚନାନୁସାରେ, ବିଧବା ମହିଳା ଜଣକ ଭୀମଟାଙ୍ଗୀ ଅଞ୍ଚଳରେ ଥିବା ସରକାରୀ ଜାଗାରେ ଏକ ଛୋଟ ପରିବା ଦୋକାନ କରି ଚଳୁଛନ୍ତି। ଉକ୍ତ ଅଞ୍ଚଳର କେତେଜଣ ଅସାମାଜିକ ଯୁବକ ଶୁକ୍ରବାର ସକାଳେ ପହଞ୍ଚି ୫ ହଜାର ଟଙ୍କା ମାଗିଥିଲେ। ସେ ଟଙ୍କା ନ ଦେବାରୁ ଯୁବକମାନେ ଗାଳିଗୁଲଜ କରିବା ସହ ପରିବା ସବୁ ଚାରିଆଡ଼େ ଫୋପାଡି ଦେଇ ବାକ୍ସରେ ଥିବା ଟଙ୍କା ନେଇଯାଇଥିଲେ। ମହିଳା ଜଣକ ଯେତେ କାକୁତି ମିନତି ହେଲେ ମଧ୍ୟ ଯୁବକମାନେ ଛାଡି ନ ଥିଲେ। ଏପରିକି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହାସହ ତାଙ୍କ ଝିଅକୁ ରାସ୍ତାରୁ ଉଠାଇନେବାକୁ ଧମକ ଦେଇ ଫେରାର ହୋଇଯାଇଥିଲେ। ଏନେଇ ମହିଳା ଜଣଙ୍କ ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ମାଗିଛନ୍ତି।

## ବାହାରେ ଆବର୍ଜନା ପକାଇବାରୁ ସ୍ପର୍ଶ ହସ୍ପିଟାଲକୁ ୧ଲକ୍ଷ ଟଙ୍କା ଜରିମାନା

ଭୁବନେଶ୍ୱର, ୨୫।୨ (ବ୍ୟୁରୋ)

ପରିମଳ ନିୟମ ଖିଲାପ କରିବା ଏକ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପାଇଁ ମହଙ୍ଗା ପଡିଛି। ବାହାରେ ଆବର୍ଜନା ପକାଇଥିବାରୁ ସ୍ପର୍ଶ ହସ୍ପିଟାଲକୁ ୧ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଏଥିସହିତ କ୍ଲିନିକାଲ ଏଷ୍ଟାବ୍ଲିସ୍‌ମେଣ୍ଟ (ପଞ୍ଜିକରଣ ଏବଂ ନିୟମାବଳୀ) ଅଧିନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ସିଡିଏମ୍‌ଓ ଖୋର୍ଦ୍ଧାଙ୍କୁ ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଏଣେତେଣେ ଆବର୍ଜନା ନ ପକାଇବା ପାଇଁ ବିଏମ୍‌ସି ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଥିବାବେଳେ ଅନେକେ ମାନୁ ନ ଥିବାରୁ ଏବେ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଉଛି। ଓଦା ଓ ଶୁଖିଲା ବର୍ଜ୍ୟ ଅଲଗା ଅଲଗା କରି ଦେବା ସହ ଡଷ୍ଟବିନ୍‌ରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ସମ୍ପୃକ୍ତ ହସ୍ପିଟାଲ କର୍ତ୍ତୃପକ୍ଷ ସେଠାରୁ ବାହାରୁଥିବା ମିଶ୍ରିତ ବାୟୋ ମେଡିକାଲ ବର୍ଜ୍ୟବସ୍ତୁକୁ ଏଣେତେଣେ ପକାଉଥିବା ଅଭିଯୋଗ ହୋଇଥିଲା। ଶନିବାର ବିଏମ୍‌ସିର ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ ସାହୁ, ସିଟି ହେଲ୍‌ଥ ଅଫିସର ଦୀପକ ବିଶୋଇଙ୍କ ସମେତ ପିରମଳ ସଦସ୍ୟ ସମ୍ପୃକ୍ତ ହସ୍ପିଟାଲ ପରିଦର୍ଶନ କରିଥିଲେ। ଏହି ସମୟରେ ମାତ୍ରାଧିକ ବର୍ଜ୍ୟବସ୍ତୁ ଜରିରେ ବନ୍ଧା ହୋଇ ଏବଂ ଖୋଲାଭାବେ ପଡିଥିବା ଦେଖିବା ପରେ ପଦକ୍ଷେପ ନିଆଯାଇଛି।




# ସରିଲା ମୀରା ନୃତ୍ୟ ମହୋତ୍ସବ



କଥକ ନୃତ୍ୟ ଶିଳ୍ପୀ ସ୍ୱୀକୃଥ ବି. ପି



ପଦ୍ମଶ୍ରୀ ଡ. ଗୀତା ମହାଲିକ

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ନୃତ୍ୟାୟନ ପକ୍ଷରୁ ୨ଦିନ ଧରି ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ମୀରା ନୃତ୍ୟ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଅନୁଷ୍ଠାନର ସଭାପତି ରାଧାଶ୍ୟାମ ପାତ୍ରଙ୍କ ସଭାପତିତ୍ୱ ତଥା ଗୁରୁଶ୍ରୀ ଦୁର୍ଗାଚରଣ ରଣବୀରଙ୍କ ସମ୍ପାଦକୀୟତାରେ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଓଡ଼ିଶୀ ଗୁରୁ ଡ. ପ୍ରିୟମ୍ବଦା ମହାନ୍ତି ଯୋଗଦେଇଥିଲେ। ସନ୍ଧ୍ୟାର କାର୍ଯ୍ୟକ୍ରମ ପଦ୍ମଶ୍ରୀ ଡ. ଗୀତା ମହାଲିକଙ୍କଠାରୁ ଆରମ୍ଭ ହୋଇଥିଲା। ପରେ ବିଶିଷ୍ଟ କଥକ ନୃତ୍ୟ ଶିଳ୍ପୀ ସ୍ୱୀକୃଥ ବି. ପିଙ୍କ ନୃତ୍ୟରେ ବିଭୋର ହୋଇଥିଲେ ଦର୍ଶକ। ସୟାନି ଚକ୍ରବର୍ତ୍ତୀ ଓ ଶୁଭମ କୁମାର ଓଝାଙ୍କ ଦ୍ୱୈତ ନୃତ୍ୟ ଥିଲା ଚିତ୍ତାକର୍ଷକ। ଚତୁର୍ଥ ଅର୍ଘ୍ୟ ଥିଲା ପ୍ରଖ୍ୟାତ ନୃତ୍ୟ ଗୁରୁ ରତିକାନ୍ତ ମହାପାତ୍ରଙ୍କ ସୃଜନ ଅନୁଷ୍ଠାନର ମିଳିତ ନୃତ୍ୟ। ପରିବେଷିତ ହୋଇଥିବା ସମସ୍ତ ଶାସ୍ତ୍ରୀୟ ନୃତ୍ୟକୁ ଦର୍ଶକମାନେ ମନ ଭରି ଉପଭୋଗ କରିଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ଧୀରେନ୍ଦ୍ର ପଟ୍ଟନାୟକ, ଗାୟତ୍ରୀ ରଣୀର, ଦୀପ୍ତି ରାଉତରାୟ, ଶ୍ରଦ୍ଧାଞ୍ଜଳି, ରାହୁଲ ପ୍ରମୁଖଙ୍କୁ ପ୍ରଶଂସା କରାଯାଇଥିଲା। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ଏଣିକି ନୂଆ ବିଏମ୍‌ସି କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ(ବିଏମସି) କାର୍ଯ୍ୟାଳୟରେ ପ୍ରତି ସୋମବାର ସହରବାସୀଙ୍କ ଅଭିଯୋଗ ଶୁଣାଣି କରାଯାଉଛି। ପୂର୍ବରୁ କଳ୍ପନାଛକସ୍ଥିତ ବିଏମ୍‌ସିର ପୁରୁଣା କାର୍ଯ୍ୟାଳୟରେ ହେଉଥିଲା। ଇତିମଧ୍ୟରେ ବିଏମ୍‌ସି କାର୍ଯ୍ୟାଳୟ ସତ୍ୟନଗର କାଳୀ ମନ୍ଦିର ସମ୍ମୁଖ ନୂତନ କୋଠାକୁ ସ୍ଥାନାନ୍ତରିତ ହୋଇଥିବାରୁ ଏଣିକି ଏଠାରେ ଅଭିଯୋଗ ଶୁଣାଣି ହେବ। ବିଶେଷ ଅଭିଯୋଗ ନେଇ ଆସୁଥିବା ଲୋକେ ନୂଆ କାର୍ଯ୍ୟାଳୟକୁ ଆସିବାକୁ ବିଏମ୍‌ସି ପକ୍ଷରୁ ଅବଗତ କରାଯାଇଛି। ନୂଆ କାର୍ଯ୍ୟାଳୟର ଉପର ଗ୍ରାଉଣ୍ଡ ମହଲାରେ ଆସନ୍ତା ସୋମବାର ବିଏମ୍‌ସି ଅଧିକାରୀ ଅଭିଯୋଗ ଶୁଣାଣି କରିବେ। ଦିନ ୧୦ଟାରୁ ୧୨ଟା ମଧ୍ୟରେ ନିଜର ସମସ୍ୟା ନେଇ ସହରର ବ୍ୟକ୍ତି ବା ଗୋଷ୍ଠୀ ଆସିପାରିବେ ବୋଲି ବିଏମ୍‌ସି ସୂଚନା ଦେଇଛି।

## ମଦ ଜବତ,୨ ଗିରଫ

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ବେଆଇନ ମଦ ବିକ୍ରି କରୁଥିବା ୨ ମଦ ବେପାରୀଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅଞ୍ଚଳର ଅଭି ଦିଗି ଓ ମାସାଙ୍ଗ ହଂସଦା। ସେମାନଙ୍କଠାରୁ ମୋଟ ୪୫ ଲିଟର ଦେଶୀ ମଦ ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଆଜି ଜୀ ସାର୍ଥକର ଦମ୍‌ଦାର ରବିବାର




ଭୁବନେଶ୍ୱର,୨୫।୨

ରାଜ୍ୟର ପ୍ରମୁଖ ଘରୋଇ ମନୋରଞ୍ଜନଭିତ୍ତିକ ଓଡ଼ିଆ ଚ୍ୟାନେଲ ଜୀ ସାର୍ଥକରେ ରବିବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଦମ୍‌ଦାର ରବିବାର' ଶୀର୍ଷକ ବିଶେଷ ଏପିସୋଡ୍ ପ୍ରସାରିତ ହେବ। ବିଶେଷକରି କେତେକ ଅନାବଶ୍ୟକ ପରିସ୍ଥିତି ଯୋଗୁ ଚଳିତ ସପ୍ତାହରେ ଦର୍ଶକଙ୍କ ସହ ସମ୍ପୂର୍ଣ୍ଣ ଭାବେ ଯୋଡ଼ିହୋଇପାରି ନ ଥିଲୁ। କାରଣ ଚ୍ୟାନେଲ କେବୁଲରେ ଥିବା ଯାନ୍ତ୍ରିକ ତ୍ରୁଟି ଯୋଗୁ ସେବା ଯୋଗାଇବାରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ବର୍ତ୍ତମାନ ଉକ୍ତ ସମସ୍ତ ସମସ୍ୟାର ସମାଧାନ ହୋଇଛି। ଏପରିକି ସମସ୍ତ କେବୁଲରେ ଜୀ ସାର୍ଥକର ସମସ୍ତ କାର୍ଯ୍ୟକ୍ରମ ଦର୍ଶକ ଦେଖିପାରିବେ ବୋଲି ଜୀ ସାର୍ଥକ ପକ୍ଷରୁ କୁହାଯାଇଛି। ସେହିଭଳି ଯାନ୍ତ୍ରିକ ବ୍ୟାଘାତ ଯୋଗୁ ନିଶ୍ଚିତ ଭାବେ ଆମେ ଆମର ଦର୍ଶକଙ୍କୁ ପୂରା ସପ୍ତାହ ମିସ୍ କରିଛୁ। ଦର୍ଶକ ଏବଂ ଆମ ଭିତରେ ଥିବା ସମ୍ପର୍କ ପୁଣି ଥରେ ଯୋଡ଼ିହେବାକୁ ଯାଉଛି। ଚଳିତ ସପ୍ତାହର ସମସ୍ତ ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମକୁ ଜୀ ସାର୍ଥକରେ ଦର୍ଶକ ମାତ୍ର ଗୋଟିଏ ଦିନରେ ସମ୍ପୂର୍ଣ୍ଣ ଦେଖିପାରିବେ ବୋଲି ଚ୍ୟାନେଲ ହେଡ୍ ପ୍ରତୀକ ସିଲ୍ କହିଛନ୍ତି। ଅପରପକ୍ଷରେ ଜୀ ସାର୍ଥକରେ ପ୍ରସାରିତ ପ୍ରମୁଖ ଧାରାବାହିକର ସ୍ୱତନ୍ତ୍ର ଏପିସୋଡ୍ ଫେବୃୟାରୀ ୨୬(ରବିବାର)ରେ 'ଦମ୍‌ଦାର ରବିବାର' ନାମରେ ପ୍ରସାରିତ ହେବ। ଏପରିକି ଗୋଟିଏ ଦିନରେ ଦର୍ଶକ ସପ୍ତାହର ସମସ୍ତ ଧାରାବାହିକର ମିସ୍ କରିଥିବା ଏପିସୋଡ୍‌କୁ ଦେଖିପାରିବେ। ବିଶେଷକରି ସକାଳ ୭ ଘଟିକାରୁ ସନ୍ଧ୍ୟା ୭ ଘଟିକା ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟକ୍ରମ ପ୍ରସାରିତ ହେବ। ଉଲ୍ଲେଖଯୋଗ୍ୟ, ରବିବାର ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ 'ମୁଁ ବି ବିଜୟିନୀ', ୯ ଟାରୁ ୧୧ଟା 'ଝିଲ୍ଲୀ', ୧୧ରୁ ଦିନ୧ ଘଟିକା ପର୍ଯ୍ୟନ୍ତ 'ସୁନା ଝିଅ' ପ୍ରସାରଣ ହେବ। ସେହିଭଳି ଦିନ ୧ଟାରୁ ଅପରାହ୍ନ ୩ଟା 'ସାଥିରେ', ୩ଟାରୁ ୫ଟା 'ତୁ ଖରା ମୁଁ ଛାଇ' ଏବଂ ସନ୍ଧ୍ୟା ୫ଟା ରୁ ୭ଟା ପର୍ଯ୍ୟନ୍ତ 'ଖୁସିର ଝୁଙ୍କ' ଜୀ ସାର୍ଥକରେ ପ୍ରସାରଣ ହେବ।

# ଥାନା ଅଧିକାରୀଙ୍କୁ ଗୋରୁ ଚାଲାଣକାରୀଙ୍କ ଆକ୍ରମଣ

## ପାଟ୍ରୋଲିଂ ବେଳେ ଟାର୍ଗେଟ୍

ଟିଗିରିଆ, ୨୫। ୨(ଡି. ଏନ. ଏ)

ରାତ୍ରିକାଳୀନ ପାଟ୍ରୋଲିଂବେଳେ ବେଆଇନ ଗୋରୁ ଚାଲାଣ କଣ୍ଟେନରକୁ ଅଟକାଇବାକୁ ଯାଇ ଟିଗିରିଆ ପୋଲିସ ଚାଲାଣକାରୀଙ୍କ ଆକ୍ରମଣର ଶିକାର ହୋଇଛି। ଏଥିରେ ଥାନା ଅଧିକାରୀଙ୍କ ସମେତ ୩ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଖବର ଅନୁଯାୟୀ, ଟିଗିରିଆ ଥାନା ପୋଲିସ ପକ୍ଷରୁ ଶୁକ୍ରବାର ରାତିରେ ଗୋପୀନାଥପୁର ଶାସନ ଛକରେ ପାଟ୍ରୋଲିଂ କରାଯାଉଥିଲା। ନରସିଂହପୁର ଅଞ୍ଚଳରୁ ୩ କଣ୍ଟେନର ଆସୁଥିବା ଦେଖି ପାଟ୍ରୋଲିଂ ଟିମ୍ ସେଗୁଡ଼ିକୁ ଅଟକାଇଥିଲା। ଏହି ସମୟରେ ମାଫିଆମାନେ ଅତର୍କିତ ଭାବେ ପାଟ୍ରୋଲିଂ ଟିମ୍‌କୁ ଆକ୍ରମଣ କରି ଗୋରୁ ବୋଝେଇ କଣ୍ଟେନର ନେଇଯାଇଥିଲେ। ଫଳରେ ପାଟ୍ରୋଲିଂ ଟିମ୍‌ରେ ଥିବା ଟିଗିରିଆ ଆଇଆଇସି ସୁଚିତ୍ରା ଜେନା, ସବ୍‌ଇନ୍ସପେକ୍ଟର ସନ୍ତୋଷ ପ୍ରଧାନ ଓ ଲକ୍ଷ୍ମୀଧର ବେହେରା ଆହତ ହୋଇଥିଲେ। ଖବରପାଇ ଆଠଗଡ଼ ଏସ୍‌ଡିପିଓ ବିଜୟ କୁମାର ବିଶି ପୋଲିସ ଫୋର୍ସ ସହ ଚଢ଼ାଉ କରି କରଡ଼ାପଲ୍ଲୀ ଗ୍ରାମର ବସିର ଖାଁ, ମନୋଜ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏଥିସହ ଆହତମାନଙ୍କୁ ଟିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ଟିଗିରିଆ ଆଇଆଇସି ଜେନାଙ୍କ ଏତଲାକୁ ଭିତ୍ତି କରି ଥାନାରେ ଏକ ମାମଲା (ନଂ.୩୮ /୨୩) ରୁଜୁ କରାଯାଇଛି। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତମାନେ ଫେରାର ଥିବା ପୋଲିସ କହିଛି। ସୂଚନାଯୋଗ୍ୟ, କରଡ଼ାପଲ୍ଲୀରୁ ପ୍ରତିଦିନ ଗୋରୁ ଓ ଗୋମାଂସ କୋଲକାତା, ହାଇଦ୍ରାବାଦ, ମହାରାଷ୍ଟ୍ର ଆଦି ଅଞ୍ଚଳକୁ ଚାଲାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏହା ଉପରେ ପୋଲିସ ନଜର ରଖିଥିଲା।





ଆହତ ଥାନା ଅଧିକାରୀ ଓ ଅନ୍ୟ ଜଣେ କର୍ମଚାରୀ।

# ଟାଉନ୍ ପ୍ଲାନିଂକୁ ଅଧିକ ସମାବେଶୀ, ସ୍ଥାୟୀ କରିବାକୁ ଆହ୍ୱାନ

ଭୁବନେଶ୍ୱର, ୨୫।୨ (ବ୍ୟୁରୋ)

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟାଉନ୍ ପ୍ଲାନର୍ସ ଇଣ୍ଡିଆ ପକ୍ଷରୁ ଆୟୋଜିତ ୭୧ତମ ନ୍ୟାଶନାଲ ଟାଉନ୍ ଆଣ୍ଡ୍ କଣ୍ଟ୍ରି ପ୍ଲାନର୍ସ ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ରୋହିତ ପୂଜାରୀ ଯୋଗଦେଇ ଟାଉନ୍ ପ୍ଲାନିଂକୁ ଅଧିକ ସମାବେଶୀ ଓ ସ୍ଥାୟୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ସେ କହିଲେ, ଆମକୁ ସହର ନିର୍ମାଣ ପ୍ରକ୍ରିୟାରେ ଘରୋଇ ସହାୟକ, ଉଠା ଦୋକାନୀ, ଶ୍ରମିକ ଓ ବସ୍ତି ବାସିନ୍ଦାଙ୍କ ଭଳି ସମାଜର ଗରିବ ଶ୍ରେଣୀର ଲୋକଙ୍କ ବିଷୟରେ ଚିନ୍ତା କରିବାକୁ ହେବ। ସେମାନଙ୍କ ପାଇଁ କମ୍ ମୂଲ୍ୟର ଘର ଓ ଉନ୍ନତ ସୁବିଧା ସୁଯୋଗଗୁଡିକ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ସେହିପରି ବିଶ୍ୱସ୍ତରରେ ସ୍ୱୀକୃତିପ୍ରାପ୍ତ ସହରୀ ଯୋଜନାର ସର୍ବୋତ୍ତମ ଅଭ୍ୟାସଗୁଡିକୁ ବ୍ୟବହାର କରିବା ପାଇଁ ଆହ୍ୱାନ ଦେବା ସହ ଟାଉନ୍ ପ୍ଲାନର୍‌ମାନଙ୍କୁ ସ୍ଥାନୀୟ ଦୃଷ୍ଟିକୋଣରୁ ଚିନ୍ତା କରିବା ପାଇଁ ମନ୍ତ୍ରୀ ନିବେଦନ କରିଥିଲେ। ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ କହିଲେ, ଏବେ ଛୋଟ ସହରଗୁଡିକ ସମ୍ପର୍କରେ ଚିନ୍ତା କରିବାର ସମୟ ଆସିଛି। ଆମକୁ ଏହି ସହରଗୁଡିକୁ ସୁନ୍ଦର, ସମାବେଶୀ, ସ୍ଥାୟୀ ଓ ଜୀବନ ଉପଯୋଗୀ କରିବାକୁ ହେବ। ଓଡିଶାରେ ବିଶେଷ କରି ଭୁବନେଶ୍ୱରରେ ସହରାଞ୍ଚଳ ଭିତ୍ତିଭୂମି ବିକଶିତ ହେଉଛି। ତେଣୁ ଭୁବନେଶ୍ୱରକୁ ସ୍ମାର୍ଟ ଆପ୍ଲିକେଶନ ଏବଂ ଓଡ଼ିଶାକୁ ଆଇଟିସି ସେଣ୍ଟରଗୁଡିକ ମାଧ୍ୟମରେ କିଭଳି ତଦାରଖ କରାଯାଇପାରିବ ତାହା ଉପରେ କାର୍ଯ୍ୟ କରୁଛୁ ବୋଲି ମତ ରଖିଥିଲେ। ସମ୍ମିଳନୀରେ ଓଡ଼ିଶା ରିଜିଓନାଲ ଚାପ୍ଟର ଚେୟାରମ୍ୟାନ ଡ. ଏଲ୍. ପି. ପଟ୍ଟନାୟକ, ଆଇଟିପିଆଇର ପୂର୍ବତନ ଉପାଧ୍ୟକ୍ଷ ମିଲନ୍ଦ ବି ପାଟିଲ୍, ଆଇଟିପିଆଇ ଅଧ୍ୟକ୍ଷ ପ୍ରଫେସର ଡ. ଡି. ଏସ୍. ମିଶ୍ରାମ ପ୍ରମୁଖ ଉପସ୍ଥିତ ଥିଲେ। ଆଇଟିପିଆଇର ପୂର୍ବତନ ସାଧାରଣ ସଚିବ ଏସ୍ .ବି ଖୋଡ଼ାଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

## ନ୍ୟାଶନାଲ ଟାଉନ୍ ଆଣ୍ଡ୍ କଣ୍ଟ୍ରି ପ୍ଲାନର୍ସ ସମ୍ମିଳନୀ ଉଦ୍‌ଯାପିତ




ସମ୍ମିଳନୀର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

## ସଂକ୍ଷେପରେ

### ପରିବେଶ ସୁରକ୍ଷା ସମ୍ପର୍କିତ କର୍ମଶାଳା

କୃଷ୍ଣପ୍ରସାଦ,୨୫।୨(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଗୋମୁଣ୍ଡିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜଳବାୟୁ ପରିବର୍ତ୍ତନ ଦିଗରେ ଉପକୂଳବର୍ତ୍ତୀ ଲୋକମାନଙ୍କର ସହନଶୀଳତା ବୃଦ୍ଧି ସମ୍ପର୍କିତ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏବଂ ହମାରା ବଚ୍‌ପନ୍ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାକୁ ଗୋମୁଣ୍ଡିଆ ସରପଞ୍ଚ ଦୁଷ୍ମନ୍ତ କୁମାର ସେଠୀ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତର ଲୋକପ୍ରତିନିଧିମାନେ ଯୋଗଦେଇ ଜଳବାୟୁ ଉପଯୋଗୀ ଓ ସହନଶୀଳ ଜୀବିକା ଉପରେ ଆଲୋଚନା କରିଥିଲେ। ଏକ୍ରିକ୍ ପ୍ରକଳ୍ପର ଦଳପତି ଅଶୋକ କୁମାର ନାୟକ ପ୍ରକଳ୍ପ ବିଷୟରେ ପାୱାର ପଏଣ୍ଟ ମାଧ୍ୟମରେ ବିସ୍ତୃତ ଭାବେ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନଳିନୀକାନ୍ତ ବଡ଼ଜେନା, ପ୍ରତାପ ସେଠୀ, ସୁନୀଲ ଗୌଡ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଷ୍ଟେରିଙ୍ଗ ଛାଡ଼ ଆନ୍ଦୋଳନ ନେଇ ବୈଠକ

ଗମ୍ଭାରୀମୁଣ୍ଡା,୨୫।୨(ଡି.ଏନ୍.ଏ.): ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଆସନ୍ତା ୧୫ ତାରିଖରେ ଷ୍ଟେରିଙ୍ଗ ଛାଡ଼ ଆନ୍ଦୋଳନ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଶାଖା ଡ୍ରାଇଭର ମହାସଂଘ ପକ୍ଷରୁ ଡୁମୁରାପୁଟ ପଞ୍ଚାୟତର ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡ୍ରାଇଭର ମହାସଙ୍ଘର ଡୁମୁରାପୁଟ ପଞ୍ଚାୟତ ସଭାପତି ସୁରେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ବାଣପୁର ବ୍ଲକ ଶାଖା ଡ୍ରାଇଭର ମହାସଂଘ ସଭାପତି ବନମାଳୀ ପରିଡା, ଉପସଭାପତି ସେକ୍ ଶୈକତ, ସମ୍ପାଦକ ବେଣୁଧର ମୁଦୁଲିଙ୍କ ସମେତ ବାଲୁଗାଁ-ବାଣପୁର ଅଞ୍ଚଳ ସଂଘର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ବିଗତ ଦିନରେ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ବିଭିନ୍ନ ଦାବି ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ହେଲାନାହିଁ। ଫଳରେ ଆସନ୍ତା ୧୫ ତାରିଖରେ 'ଷ୍ଟେରିଙ୍ଗ ଛାଡ୍ ଓଡ଼ିଶା ଅନ୍ଧାର' ଆନ୍ଦୋଳନ ଦେବ ବୋଲି ମହାସଂଘର ସମସ୍ତ ସଦସ୍ୟ କହିଛନ୍ତି।

### ବିଶ୍ୱଶାନ୍ତି ମହାଯଜ୍ଞ

ଜଟଣୀ,୨୫।୨(ଡି.ଏନ୍.ଏ.): ଜଟଣୀ ବ୍ଲକ କନ୍ତିଆ ପଞ୍ଚାୟତ ଅଧୀନ ନିରଞ୍ଜନପୁର ଗ୍ରାମସ୍ଥିତ ମା' ଦକ୍ଷିଣକାଳୀ ମନ୍ଦିର ପରିସରରେ ଅନୁଷ୍ଠିତ ୧୫ତମ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ପୂର୍ଣ୍ଣାହୁତିରେ ଉଦ୍‌ଯାପିତ ହୋଇଯାଇଛି। ୪ ଦିନ ବ୍ୟାପୀ ଅନୁଷ୍ଠିତ ଏହି ଯଜ୍ଞ ଉତ୍ସବର ପ୍ରଥମ ଦିବସରେ ଅଙ୍କୁରାରୋପଣରୁ ଆରମ୍ଭ ହୋଇଥିଲା। ଦ୍ୱିତୀୟ ଦିବସରେ ଜଳଯାତ୍ରା, ଶଲାମଣ୍ଡନ, ସର୍ବଦେବଦେବୀ ଆବାହନ, ଅଗ୍ନି ସ୍ଥାପନ, ଆହୁତି ଓ ସନ୍ଧ୍ୟା ଆଳତି ଆଦି ବିଧିମୁତାବକ କରାଯାଇଥିଲା। ତୃତୀୟ ଦିବସରେ ସୂର୍ଯ୍ୟପୂଜା, ଗୋପୂଜା, ସର୍ବଦେବଦେବୀ ପୂଜା, ରୁଦ୍ରାଭିଷେକ ଓ ସନ୍ଧ୍ୟା ଆଳତି ହୋଇଥିଲା। ପୂର୍ଣ୍ଣାହୁତି ଅବସରରେ ସକାଳୁ ପ୍ରତ୍ୟେକ ଦିନ ଭଳି ଦକ୍ଷିଣକାଳୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହେବା ସହ ସନ୍ଧ୍ୟାରେ ଗୋଧୂଳି ବେଳାରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ମନ୍ଦିର କୁଳପୁରୋଧା ନୀଳମଣି ମିଶ୍ର ଏହାର ପରିଚାଳନା କରିଥିବା ବେଳେ ଅନ୍ୟ ସମସ୍ତ ପାଳିଆ ପୂଜକ ସହଯୋଗ କରିଥିଲେ।

# ଦେଢ଼କୋଟି ଟପିଲା ବେପାର



ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳାର ଉଦ୍‌ଯାପନୀ ଦିବସରେ କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ**
- ଶଙ୍ଖନାଦରେ କମ୍ପିଲା ପରିବେଶ
- ଗୋଟିପୁଅ, ଢେମ୍‌ସା ମନ ମୋହିଲା

ଖୋର୍ଦ୍ଧା ଅଫିସ,୨୫।୨

ଖୋର୍ଦ୍ଧା ଜିଲା ପ୍ରଶାସନ, ଓର୍ମାସ ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ୫ଦିନ ଧରି ଚାଲିଥିବା ଜିଲାସ୍ତରୀୟ ପଲ୍ଲିଶ୍ରୀ ଓ କୃଷି ଯାନ୍ତ୍ରିକ ମେଳାର ଉଦ୍‌ଯାପନୀ ଦିବସ ଗଞ୍ଜାମର ପ୍ରସିଦ୍ଧ ଲୋକକଳା ନରେନ୍ଦ୍ରପୁରର ଯୋଡ଼ିଶଙ୍ଖରୁ ଆରମ୍ଭ ହୋଇଥିଲା। ୧୫ରୁ ଊର୍ଦ୍ଧ୍ୱ କଳାକାର ଶଙ୍ଖ ଫୁଙ୍କି ବିଭିନ୍ନ ସାମରିକ କଳା ପ୍ରଦର୍ଶନ କରିଥିଲେ। ଶଙ୍ଖନାଦରେ କମ୍ପିଥିଲା ପରିବେଶ। ପରେ କୋରାପୁଟ ଜିଲାର ଧାରୁଆ ଦୁରୁଆ କଳାକାରମାନେ ଆଦିବାସୀ ନୃତ୍ୟ ଢେମ୍‌ସା ପରିବେଷଣ କରିଥିଲେ। କେନ୍ଦୁଝରର ବୀଣାପାଣି କଳା ନିକେତନର କଳାକାରମାନେ ପରିବେଷଣ କରିଥିଲେ ଲୋକକଳା ନୃତ୍ୟ। ଶେଷାର୍ଦ୍ଧରେ ସ୍ଥାନୀୟ ମୂର୍ଚ୍ଛନା ଅନୁଷ୍ଠାନର କଳାକାରମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୁଗ୍ଧ କରିଥିଲେ। ମେଳାର ୪ର୍ଥ ଦିବସରେ ୨୭,୬୬,୭୮୦ ଟଙ୍କା ବେପାର ହୋଇଛି। ସେଥିରୁ ଏସ୍ଏଚ୍‌ଜି ଦ୍ୱାରା ୮, ୮୪, ୮୪୫ ; କୃଷି ଯନ୍ତ୍ରପାତି ୧୫ଲକ୍ଷ ୭୦ହଜାର ; ଖାଦ୍ୟଷ୍ଟଲ୍‌ରେ ୧ଲକ୍ଷ ୭୫ହଜାର ; ବହିମେଳାରେ ୨୫ହଜାର ୫୨୫ ; ହସ୍ତତନ୍ତ ଓ ହସ୍ତଶିଳ୍ପରେ ୧ଲକ୍ଷ ୧୧ହଜାର ୪୧୦ ଟଙ୍କା ବେପାର ହୋଇଛି। ତେବେ ୪ର୍ଥ ଦିନ ସୁଦ୍ଧା ଦେଢ଼କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବେପାର ହୋଇଥିବା ଓର୍ମାସ ପକ୍ଷରୁ ସୂଚନା ଦିଆଯାଇଛି। ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପ୍ରଦର୍ଶିତ ହସ୍ତତନ୍ତ, ହସ୍ତଶିଳ୍ପ, ଘରୋଇ ଉତ୍ପାଦ, ସାଜସଜ୍ଜା ଷ୍ଟଲ୍‌ରେ ଗ୍ରାହକଙ୍କ ଭିଡ଼ ଜମିଥିଲା। ମାଣ୍ଡିଆ ଓ ଖାଦ୍ୟଷ୍ଟଲ୍‌ରେ ଲୋକଙ୍କ ପ୍ରବଳ ଭିଡ଼ ରହିଥିଲା।

ଉଦ୍‌ଯାପନୀ ଦିବସରେ ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂ ମୁଖ୍ୟ ଅତିଥି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ ଏବଂ ଓର୍ମାସ ଉପନିର୍ଦ୍ଦେଶକ ଗୁଣ୍ଠିତା ବେହେରା, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ସଂଯୋଜନା କରିଥିବା ବେଳେ ଅନ୍ୟମାନେ ପରିଚାଳନା କରିଥିଲେ। ଚଳିତ ପଲ୍ଲିଶ୍ରୀ ମେଳାରେ ଜିଲା ଜଳ ଓ ପରିମଳ ମିଶନ ଖୋର୍ଦ୍ଧାକୁ ଶ୍ରେଷ୍ଠ ଆଇଇସି ଷ୍ଟଲ୍, ସୋନପୁର ଓମ୍ ସାଇ ପ୍ରଡ୍ୟୁସର ଗ୍ରୁପ୍ ଅଧିକ ବେପାର ଲାଗି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କେନ୍ଦୁଝରର ସୃଜନୀ ଫାର୍ମର୍ସ ପ୍ରଡ୍ୟୁସର ଗ୍ରୁପ୍ ୨ୟ ଏବଂ ଖୋର୍ଦ୍ଧାର ସାଇବାବା ପ୍ରଡ୍ୟୁସର ଗ୍ରୁପ୍ ଶ୍ରେଷ୍ଠ ପ୍ରଦର୍ଶନ ଲାଗି ପୁରସ୍କୃତ ହୋଇଛନ୍ତି।



### ବାଇ ଚଢ଼େଇ ବସା ଗ୍ରାହକଙ୍କ ପସନ୍ଦ

ମେଳାରେ ଯାଜପୁର ଧର୍ମଶାଳା ଚହ୍ଲୁଁମୁହାଁ ବାବା ଶନିଶ୍ଚର ଗ୍ରୁପ୍ ଦ୍ୱାରା ତାଳପତ୍ର, କତାରେ ପ୍ରସ୍ତୁତ ସାମଗ୍ରୀର ରହିଥିଲା ବେଶ୍ ଚାହିଦା। କତାରେ ପ୍ରସ୍ତୁତ ବାଇ ଚଢ଼େଇ ବସା ଲୋକଙ୍କ ମନ ଜିଣିଥିଲା। ଏଥିସହ କତାରେ ପ୍ରସ୍ତୁତ ବିଭିନ୍ନ ପଶୁପକ୍ଷୀ, ଘରୋଇ ସାଜସଜ୍ଜା, ତାଳପତ୍ରରେ ପପେଟ୍, ଚଢ଼େଇ ମାଳ, ଫୁଲମାଳ ସହିତ ଝୋଟ ଓ ପିପିଲି ଚାନ୍ଦୁଆ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ବେଶ୍ ଆକର୍ଷଣ ରହିଥିଲା।

### ତାଳପତ୍ର ସାମଗ୍ରୀର ରହିଥିଲା ଚାହିଦା

**ପୁ**ରୀରୁ ଆସିଥିବା ରମାକାନ୍ତ ମାହାରୀଙ୍କ ତାଳପତ୍ରରେ ପ୍ରସ୍ତୁତ ବିଭିନ୍ନ ପଶୁପକ୍ଷୀଙ୍କୁ ନେଇ ପପେଟ୍‌ରେ ପିଲାଙ୍କ ବେଶ୍ ଆଗ୍ରହ ରହିଥିଲା। ଏଥିସହିତ ତାଳପତ୍ରରେ ବିଭିନ୍ନ ଘରୋଇ ସାଜସଜ୍ଜା ବେଶ୍ ଆକର୍ଷଣୀୟ ରହିଥିଲା। ଦୀର୍ଘବର୍ଷ ଧରି ପୁରୀରେ ତାଳପତ୍ର ସାମଗ୍ରୀ ବିକ୍ରିକରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ରମାକାନ୍ତ। ଏଥିସହିତ ତାଙ୍କ ହାତତିଆରି ସୂତା ଓ କତାର ବିଭିନ୍ନ ସାଜସଜ୍ଜା ସାମଗ୍ରୀ ଗ୍ରାହକଙ୍କୁ ବେଶ୍ ଆକର୍ଷିତ କରିଥିଲା।

### ଦେଖେଇଲେ ଅଧିକ, ବେପାର କମ୍

**ପ**ଲ୍ଲିଶ୍ରୀ ଓ କୃଷି ଯାନ୍ତ୍ରିକ ମେଳାରେ ପ୍ରାୟ ୨୪୦ରୁ ଊର୍ଦ୍ଧ୍ୱ ଷ୍ଟଲ୍ ଖୋଲିଥିଲା। ଶେଷ ଦିବସକୁ ବାଦ୍ ଦେଲେ ଅନ୍ୟଦିନ ରହିଥିଲା ଜନଶୂନ୍ୟ। ତଥାପି ଓର୍ମାସ ପକ୍ଷରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବେପାର ହୋଇଥିବା ସୂଚନା ଦିଆଯାଇଥିବା ବେଳେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା। ସମସ୍ତ ବେପାରୀଙ୍କ ଗୋଟିଏ କଥା ବେପାର ମାନ୍ଦା। ଦିନସାରା ଖରାଯୋଗୁ ମେଳା ବନ୍ଦ ରହୁଥିବା ବେଳେ ଅପରାହ୍ନ ୪ଟାରୁ ୮ଟା ପର୍ଯ୍ୟନ୍ତ ଯାହା ବେପାର ହୋଇଥିଲା, ତାହା ମଧ୍ୟ ସମୁଦ୍ରକୁ ଶଙ୍ଖେ ବୋଲି ଏକାଧିକ ବେପାରୀ କହିଛନ୍ତି।

### ଦର୍ଶକ ଗ୍ୟାଲେରି ଫାଙ୍କା, ସ୍ୱଳ୍ପରେ ସାରିଦେଲେ

**ପ**ଲ୍ଲିଶ୍ରୀ ମେଳା ବହୁ ଅବ୍ୟବସ୍ଥା ମଧ୍ୟରେ ଶେଷ ହୋଇଛି। ପ୍ରଥମ ଦିବସକୁ ବାଦ୍ ଦେଲେ ଜିଲାପାଳ କିମ୍ବା ଜିଲାସ୍ତରୀୟ ଅଧିକାରୀଙ୍କୁ ଦେଖିବାକୁ ମିଳି ନ ଥିଲା। ପ୍ରଚାର ପ୍ରସାର ଅଭାବରୁ ଚଳିତବର୍ଷ ପଲ୍ଲିଶ୍ରୀ ମେଳା ପରିବେଶ ଖାଁ ଖାଁ ରହିଥିଲା। ଉଦ୍‌ଯାପନୀ ଦିବସରେ ଦର୍ଶକ ଗ୍ୟାଲେରି ମଧ୍ୟ ଫାଙ୍କା ରହିଥିଲା। କାଁ ଭାଁ ଲୋକଙ୍କୁ ଦେଖିବାକୁ ମିଳିଥିଲା। ଲୋକ ନ ଥିବାରୁ ଉଦ୍‌ଯାପନୀ ଉତ୍ସବ ବିନା ଭାଷଣରେ ସ୍ୱଳ୍ପ ସମୟରେ ସରିଥିଲା।

### ବାଉଁଶରେ ତିଆରି ସାମଗ୍ରୀର ବେଶ୍ ଚାହିଦା



**ଢେ**ଙ୍କାନାଳ ଗେଙ୍ଗୁଟିଆର ମା' ଆଦିଶକ୍ତି ଗ୍ରୁପ୍ ଓ ଅନ୍ୟ ଗ୍ରୁପ୍‌ର କାଠରେ ପ୍ରସ୍ତୁତ ଆକ୍ୟୁପ୍ରେସର ସାମଗ୍ରୀ, ବାଉଁଶରେ ନିର୍ମିତ ବିଭିନ୍ନ ଘରୋଇ ସାଜସଜ୍ଜା, କପଡ଼ାରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ବ୍ୟାଗ୍, କଣ୍ଢେଇ ଆଦିର ବେଶ୍ ଚାହିଦା ରହିଥିଲା। ଶାରୀରିକ ପୀଡ଼ାରୁ ମୁକ୍ତି ଲାଗି ଏଠାରେ ଉପଲବ୍ଧ ବିଭିନ୍ନ ଆକ୍ୟୁପ୍ରେସର ସାମଗ୍ରୀରେ ଲୋକଙ୍କ ବେଶ୍ ଆଗ୍ରହ ରହିଥିଲା। ସଦସ୍ୟା ଗିତାରାଣୀ ସାହୁ କୁହନ୍ତି, ୮ ବର୍ଷ ପୂର୍ବେ ଗ୍ରୁପ୍ ଆରମ୍ଭ ହୋଇଥିବା ବେଳେ ୩ ବର୍ଷ ହେଲା ଉତ୍ପାଦକ ଗୋଷ୍ଠୀ ଆରମ୍ଭ ହୋଇଛି। ଏହା ଏବେ ପ୍ରଗତି ପଥରେ ଆଗେଇ ଚାଲିଛି।

# 'ପୁସ୍ତକ ଅଧ୍ୟୟନ ଦ୍ୱାରା ବୌଦ୍ଧିକ ବିକାଶ ହୁଏ'

ଖୋର୍ଦ୍ଧା ଅଫିସ,୨୫।୨

**ପୁସ୍ତକ ଅଧ୍ୟୟନର ଉପାଦେୟତା ଆଲୋଚନାଚକ୍ର**


ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ନିୟମିତ ପୁସ୍ତକ ଅଧ୍ୟୟନ ମନକୁ ପ୍ରଫୁଲ୍ଲିତ କରେ। ପୁସ୍ତକଗତ ଜ୍ଞାନ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥାଏ। ମସ୍ତିଷ୍କକୁ ମାର୍ଜିତ ଓ ମାନସିକତାରେ ପରିବର୍ତ୍ତନ ଆଣିଥାଏ। ଓଡ଼ିଶାର ଶାରଳା ଦାସ କୃତ ମହାଭାରତ, ଅତିବଡ଼ି ଜଗନ୍ନାଥ ଦାସଙ୍କ ଭାଗବତ ଅତି ଉଚ୍ଚକୋଟୀର। ସବୁଠି ଏହାର ଆଦର ରହିଛି। ଶାରଳା ଦାସଙ୍କ କୃତିରେ ଓଡ଼ିଶାର କଳା, ସଂସ୍କୃତିର ପ୍ରତିଫଳନ ଦେଖିବାକୁ ମିଳେ। ପଞ୍ଚସଖାଙ୍କଠାରୁ ଫକୀର ମୋହନଙ୍କ ପର୍ଯ୍ୟନ୍ତ ସମସ୍ତେ ଓଡ଼ିଆ ସାହିତ୍ୟକୁ ପରିପୁଷ୍ଟ କରିଛନ୍ତି, ଯାହା ଆତ୍ମପ୍ରକାଶ କରେ ତାହା ହେଉଛି ସାହିତ୍ୟ। ପୁସ୍ତକ ଅଧ୍ୟୟନ ଦ୍ୱାରା ମଣିଷର ବୌଦ୍ଧିକ ବିକାଶ ଘଟିଥାଏ। ବ୍ୟସ୍ତବହୁଳ ଜୀବନଶୈଳୀରୁ କିଛି ସମୟ ବହି ପଢ଼ିବା ଉତ୍ତମ ଅଭ୍ୟାସ ବୋଲି ପ୍ରଫେସର ନାରାୟଣ ରାଓ କହିଛନ୍ତି। ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଜିଲା ମହୋତ୍ସବର ଉଦ୍‌ଯାପନୀ ଦିବସରେ ଖୋର୍ଦ୍ଧା ସାହିତ୍ୟ ସମାଜ, ଆମରି ସତ୍ୟ ଓ ମାର୍ଗଦର୍ଶୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ପୁସ୍ତକ ଅଧ୍ୟୟନର ଉପାଦେୟତା ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ ପ୍ରଫେସର ରାଓ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

ମାର୍ଗଦର୍ଶୀ ସମ୍ପାଦକ ଉମାଶଙ୍କର ପ୍ରସାଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ବକ୍ତା ପ୍ରଫେସର ଶରତ ଚନ୍ଦ୍ର ମହାପାତ୍ର କହିଥିଲେ, ପୁସ୍ତକ ପଢ଼ିଲେ ଶାନ୍ତି ମିଳେ। ମହାପୁରୁଷଙ୍କ ଜୀବନୀ ଅଧ୍ୟୟନ ଦ୍ୱାରା ପ୍ରେରଣା ମିଳିଥାଏ। ଆଜିର ଛାତ୍ରୀଛାତ୍ର, ଯୁବପିଢ଼ିଙ୍କ ମଧ୍ୟରେ କ୍ଲାସ୍ ପାଠ ବ୍ୟତୀତ ଅନ୍ୟ ପାଠ୍ୟପୁସ୍ତକ ପଢ଼ିବାକୁ ଆଗ୍ରହ ନାହିଁ। ଛାତ୍ରୀଛାତ୍ର ପୁସ୍ତକକୁ ନିଜର ମାଧ୍ୟମ କରିଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ସେ କହିଥିଲେ। ଆମରି ସତ୍ୟ ସମ୍ପାଦକ ଡ. ପ୍ରମୋଦ ଦାଶ କହିଲେ, ପୁସ୍ତକ ହେଉଛି ପ୍ରକୃତ ବନ୍ଧୁ। ଅସତ୍ୟରୁ ସତ୍ୟ, ଘନ ଅନ୍ଧକାରରୁ ଜ୍ଞାନାଲୋକ ଦେଖାଇଥାଏ। ରୁଚି ଅନୁସାରେ ପୁସ୍ତକ ପଢ଼ନ୍ତୁ। କିଛି ନା କିଛି ପଢ଼ିବା ଅଭ୍ୟାସ କର। ମାତୃଭାଷାକୁ ଠିକ୍‌ଭାବେ ବୁଝିଲେ ଅନ୍ୟ ଭାଷା ଟ୍ରାନ୍ସଲେଟ କରିପାରିବେ। ନିଜ ଭାଷା ପ୍ରତି ସଚେତନ ହେଲେ ଆଦର ବଢ଼ିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂ କହିଲେ, ପୁସ୍ତକ ମଣିଷକୁ ଠିକ୍ ବାଟ ଦେଖାଇଥାଏ। ଭୁଲ୍ ବାଟରେ ଗଲେ ଆକଟ କରିଥାଏ। ଶିଶୁ ସାହିତ୍ୟିକ ତ୍ରିଲୋଚନ ମହାପାତ୍ର କହିଥିଲେ, ରୋଷେଇ ଓ ଠାକୁରଘର ଭଳି ବହି ପାଇଁ ସ୍ୱତନ୍ତ୍ର କୋଠରି ରହିବା ଉଚିତ। ସାହିତ୍ୟିକ ଡ. ସୁରେଶ ଛୋଟରାୟ, ଶିକ୍ଷାବିତ୍ ଜବାହରଲାଲ ସୁବୁଦ୍ଧି କହିଥିଲେ, ପୁସ୍ତକ ଆଧ୍ୟାତ୍ମିକ ଚେତନା ଜାଗ୍ରତ ସହ ନିଜ ସଂସ୍କୃତି, ପରମ୍ପରା ସହ ପରିଚିତ କରାଇଥାଏ। ସଭାପତିତ୍ୱ ଭାଷଣରେ ଉମାଶଙ୍କର ପୁସ୍ତକ ପଠନର ଉପାଦେୟତା ଉପରେ କହିଥିଲେ। ଖୋର୍ଦ୍ଧା ସାହିତ୍ୟ ସମାଜର ସଭାପତି ଜ୍ଞାନରଞ୍ଜନ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି ସମରଜିତ୍ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଶିକ୍ଷକ ସମାଜର ମାର୍ଗଦର୍ଶକ



ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଖୋର୍ଦ୍ଧା ଅଫିସ,୨୫।୨

ଖୋର୍ଦ୍ଧା ପୌରାଞ୍ଚଳସ୍ତରୀୟ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ସାମନ୍ତରାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ବିଭୁପ୍ରସାଦ ହରିଚନ୍ଦନ ଅଧ୍ୟକ୍ଷତା କରିଥିଲେ। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ବ୍ଲକର ମଣ୍ଡଳ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ, ଅତିରିକ୍ତ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଗବେଷକ ଗୋପାଳକୃଷ୍ଣ ଦାସ, ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ, ସ୍ଥାନୀୟ କାଉନ୍‌ସିଲର କମଳ କୁମାର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ସମାଜର ମାର୍ଗଦର୍ଶକ ବୋଲି ମତପ୍ରକାଶ ପାଇଥିଲା। ଶିକ୍ଷୟିତ୍ରୀ ପ୍ରିୟମ୍ବଦା ପ୍ରଧାନ, ମିନତି ପାଣିଗ୍ରାହୀ, ଅମିତା ମହାନ୍ତି, ତିଳୋତ୍ତମା ମହାପାତ୍ର, ନିରୁପମା ପୃଷ୍ଟି, ଆରତି ସାହୁ, ସୁପ୍ରିୟା ମହାପାତ୍ର ପ୍ରମୁଖ ସେମାନଙ୍କର ଶିକ୍ଷକତା ଅନୁଭୂତି ପ୍ରଦାନ କରିଥିଲେ। ସଂଘର ସମ୍ପାଦକ ଅଗାଧୁ ସେଠୀ, ହୃଷୀକେଶ ମିଶ୍ର, ମୃତ୍ୟୁଞ୍ଜୟ ମହାପାତ୍ର, ପ୍ରସନ୍ନ ମହାପାତ୍ର, ସୁରେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଅବସର ନେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ସହସମ୍ପାଦିକା ନମିତାରାଣୀ ରାୟସାମନ୍ତ ଧନ୍ୟବାଦ ଦେଇଥିଲେ ।

# 'କ୍ରୀଡ଼ାଭିତ୍ତିକ ଶିକ୍ଷା ପାଇଁ ଚିତ୍ରକଳା ମାଧ୍ୟମ ଏକ ଅବିଚ୍ଛେଦ୍ୟ ଅଙ୍ଗ'

ବୋଲଗଡ଼,୨୫।୨(ଡି.ଏନ୍.ଏ.)

ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ 'ଆମ ଖେଳନା ଆମ ସଂସ୍କୃତି' ଯୋଜନା ଅନୁଯାୟୀ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ମାଣିବନ୍ଧ ପଞ୍ଚାୟତ ବଡ଼ନୟାପଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଖେଳନା ପ୍ରସ୍ତୁତୀକରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିପିନ ବିହାରୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କର୍ମଶାଳାକୁ ସ୍ଥାନୀୟ ସରପଞ୍ଚ ସୁନନ୍ଦା ବରାଳ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ରଶ୍ମିକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସଭା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅହଲ୍ୟା ବରାଳ ଯୋଗଦେଇ କ୍ରୀଡ଼ାଭିତ୍ତିକ ଶିକ୍ଷା ପାଇଁ ଚିତ୍ରକଳା ମାଧ୍ୟମ ଏକ ଅଭିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସାଧନକର୍ମୀ ଶ୍ରୀକାନ୍ତ ପାଣିଗ୍ରାହୀ, ମିଥୁନ କୁମାର ପ୍ରଧାନ, ଧନେଶ୍ୱର ସେନାପତି ପ୍ରମୁଖ ଯୋଗଦେଇ ଖେଳନା ପ୍ରସ୍ତୁତୀକରଣ ଶିକ୍ଷାରେ ପାରମ୍ପରିକ ଖେଳନା ଓ ସଂସ୍କୃତି ସହ ଜଡ଼ିତ ଥିବା ସମ୍ବେଦନଶୀଳତା ଉପରେ ଆଲୋକପାତ କରିଥିଲେ। ଏଥିସହ ମୃତ୍ତିକା ପ୍ରସ୍ତୁତ ଖେଳନା, କାର୍ଡବୋର୍ଡ ଓ ବିଭିନ୍ନ ବର୍ଜ୍ୟବସ୍ତୁରେ କଣ୍ଢେଇ ପ୍ରସ୍ତୁତି, ଚିତ୍ରକଳା ଏବଂ ଟେରାକୋଟା ଆଦି କାର୍ଯ୍ୟ ସମ୍ପର୍କରେ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି କର୍ମଶାଳା ଶନିବାର ଓ ସୋମବାର ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।


କ୍ଲଷ୍ଟରସ୍ତରୀୟ ଖେଳନା ପ୍ରସ୍ତୁତୀକରଣ କର୍ମଶାଳାରେ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

# ଟାଇବ୍ରେକରରେ ଶାନ୍ କ୍ଲବ ଚାମ୍ପିୟନ

ବେଗୁନିଆ,୨୫।୨(ଡି.ଏନ୍.ଏ.)



ଅତିଥିଙ୍କଠାରୁ ଚାମ୍ପିୟନ ଟିମ୍‌ର ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

**କୁଶପଲ୍ଲା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ**

ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଶନିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ଭୁବନେଶ୍ୱର ଶାନ୍ କ୍ଲବ ଓ ବଜରଙ୍ଗବାଲି ସ୍ପୋର୍ଟିଂ କ୍ଲବ ଘାଟିକିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଜରଙ୍ଗବାଲି ସ୍ପୋର୍ଟିଂ କ୍ଲବ ପ୍ରଥମେ ଗୋଟିଏ ଗୋଲ୍ ଦେଇଥିବାବେଳେ ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ଶାନ୍ କ୍ଲବ ମଧ୍ୟ ଗୋଟିଏ ଗୋଲ ଦେଇଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ ଆଉ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଶାନ୍ କ୍ଲବ ୭-୬ ଗୋଲରେ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ମ୍ୟାଚ୍ ପରିଚାଳକ ଭାବେ ରାଜୁ ମହାନ୍ତି ଓ ସହପରିଚାଳକ ପ୍ରଫୁଲ୍ଲ କୁମାର ବେହେରା, ସଦ୍ଧାବତ ଅଲ୍ଲୀ ଖାଁ, ପ୍ରିୟବ୍ରତ ବାହିନୀପତି ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରାମ୍ୟ କମିଟି ସଭାପତି ମହମ୍ମଦ ମୋହିଉଦ୍ଦିନ ଅହମ୍ମଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା(ମୁନା) ଖାଁ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଜେଡିର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସଂଖ୍ୟାଲଘୁ ସେଲ୍‌ର ରାଜ୍ୟ ସମ୍ପାଦକ ମହମ୍ମଦ ଫାରୁକ, ସିମୋର ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ବଡ଼ବେରଣା ସରପଞ୍ଚ ଅସିତ୍ କୁମାର ତ୍ରିପାଠୀ, ସାମାଜିକ କର୍ମୀ ନବକିଶୋର ସ୍ୱାଇଁ, ନୟାଗଡ଼ ଜିଲା ଫୁଟ୍‌ବଲ ସଂଘ ସମ୍ପାଦକ ହଜରତ ଅଲ୍ଲୀ ଖାଁ, ଖୋର୍ଦ୍ଧା ଜିଲା ଫୁଟ୍‌ବଲ ସଂଘ ସମ୍ପାଦକ ଉପେନ୍ଦ୍ର ଦାସ, ମୁନିରା ବେଗମ୍, ବନ୍ଦିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳ କ୍ରୀଡ଼ାରେ ସ୍ୱତନ୍ତ୍ରତା ରହିଛି ବୋଲି ଅତିଥିମାନେ କହିଥିଲେ। ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୧୫ ହଜାର ଏବଂ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମିହିର ରଞ୍ଜନ ମହାପାତ୍ର ଭାଷ୍ୟକାର ଦାୟିତ୍ୱ ତୁଲାଇଥିବା ବେଳେ ଆୟୋଜକ କ୍ଲବର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। କ୍ଲବ ଉପଦେଷ୍ଟା ଅବ୍‌ଦୁଲ ଦୟାନ୍ ଖାଁ ଧନ୍ୟବାଦ ଦେଇଥିଲେ।

**ଆଇନ ସଚେତନତା ଶିବିର**

**କଟକ ଅଫିସ:** କଟକ ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ପକ୍ଷରୁ ଆଇନ ସଚେତନତା ଶିବିର ପ୍ରାଧିକରଣ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରର ବିଷୟବସ୍ତୁ ଥିଲା 'ମୋଡିଫାଏଡ୍ କ୍ଲେମ୍‌ସ ଟ୍ରିବ୍ୟୁନାଲ ଏଗ୍ରିଡ୍ ପ୍ରୋସିଜ୍ୟୁର'। ଏଥିରେ କଟକ ଜିଲା କୋର୍ଟର ପ୍ରଥମ ଅତିରିକ୍ତ ଜିଲା ଓ ଦୌରାଜଜ୍, ଦ୍ୱିତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ଏବଂ ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ଯୋଗଦେଇ ଆଇନଜୀବୀ ଓ ପାରାଲିଗାଲ ଭଲ୍ୟୁଣ୍ଟରମାନଙ୍କୁ ସଚେତନ କରାଇଥିଲେ। କଟକ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସ୍ୱୟଂପ୍ରଭା ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ମିଶନଶକ୍ତି ଗୃହ

- ନିର୍ମାଣ ସତ୍ତ୍ୱେ ଉଦ୍‌ଘାଟନ ହୋଇପାରୁନି
- ଗଛଲତା ମାଡ଼ି ଜଙ୍ଗଲର ଭ୍ରମ ସୃଷ୍ଟି ହେଲାଣି

**ମଙ୍ଗୁଳି-ଚୌଦ୍ୱାର, ୨୫।୨(ଡି.ଏନ୍.ଏ.)**

ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୯ନଂ. ୱାର୍ଡରେ ୨ ବର୍ଷ ହେବ ଏକ ମିଶନଶକ୍ତି ଗୃହ ନିର୍ମାଣ ହୋଇଛି। ହେଲେ ଏପର୍ଯ୍ୟନ୍ତ ଏହା ଉଦ୍‌ଘାଟନ ହୋଇ ନ ଥିବାରୁ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ମିଳିଥିବା ସୂଚନା ଅନୁଯାୟୀ, ୨୦୨୧ ଅଗଷ୍ଟ ୧୫ରେ ମିଶନଶକ୍ତି ଘର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିପାଇଁ ୭ଲକ୍ଷ ୨୩ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଏହି କାର୍ଯ୍ୟ ୨୦୨୧ ସେପ୍ଟେମ୍ବର ୧୪ ତାରିଖ ସୁଦ୍ଧା ସାରିବା ପାଇଁ ସମୟସୀମା ଧାର୍ଯ୍ୟ ହୋଇଥିଲା। ମହିଳାଙ୍କୁ ସଶକ୍ତୀକରଣ କରିବା ଲକ୍ଷ୍ୟରେ କପାଳେଶ୍ୱର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଏହି ନିର୍ମାଣ କାର୍ଯ୍ୟର ଦାୟିତ୍ୱ ଦିଆଯାଇଥିଲା। ଗୃହ ଚତୁଃପାର୍ଶ୍ୱରେ ବାଉଣ୍ଡରି ହୋଇଥିଲେ ସୁଦ୍ଧା ଫାଟକ ନାହିଁ। ଫଳରେ ଏହା ଏବେ ଗୋରୁ, ଷଣ୍ଢ ଓ କୁକୁରଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ସେହିପରି ଉକ୍ତ ସ୍ଥାନରେ ଆଲୋକ ବ୍ୟବସ୍ଥା ନ ଥିବାରୁ ରାତି ହେଲେ ଅସାମାଜିକ ବ୍ୟକ୍ତିମାନେ ଏକତ୍ରିତ ହୋଇ ଚୋରି ପାଇଁ ଯୋଜନା କରୁଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳରେ ଚୋରି ସଂଖ୍ୟା ବଢ଼ିବାରେ ଲାଗିଛି। ମିଶନଶକ୍ତି ଗୃହ ଚାରିପଟେ ଗଛଲତା ମାଡ଼ିଯାଇ ଜଙ୍ଗଲର ଭ୍ରମ ସୃଷ୍ଟି କଲାଣି। ଉଦ୍‌ଘାଟନ ପୂର୍ବରୁ ଘରର ବିଭିନ୍ନ ସ୍ଥାନ ଭାଙ୍ଗି ନଷ୍ଟ ହେବାକୁ ବସିଥିବାବେଳେ ରଙ୍ଗ ଲିଭିଗଲାଣି।

ଏ ସମ୍ପର୍କରେ ପୌରପାଳିକା ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର କହିଛନ୍ତି, ମୁଁ ଏଠାକୁ ଆସିବା ପୂର୍ବରୁ ଉକ୍ତ ଘର ନିର୍ମାଣ ହୋଇଛି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଉକ୍ତ ଗୃହ ନିର୍ମାଣ କାର୍ଯ୍ୟ ସାରିବା ପରେ ପୌରପାଳିକାକୁ ହସ୍ତାନ୍ତର କରିବା କଥା। ହେଲେ ଏପର୍ଯ୍ୟନ୍ତ ତାହା ହୋଇନାହିଁ। ଉଦ୍‌ଘାଟନ ପୂର୍ବରୁ ଉକ୍ତ ଗୃହର ଯାହା କ୍ଷତି ହୋଇଛି ତାହା ଉକ୍ତ ମହିଳା ଗୋଷ୍ଠୀର ସିକ୍ୟୁରିଟି ଅର୍ଥରୁ ଭରଣା କରାଯିବ। ଦରକାର ପଡିଲେ ଉକ୍ତ ଗୋଷ୍ଠୀଙ୍କୁ କଳାତାଲିକାଭୁକ୍ତ କରାଯିବ। ଅପରପକ୍ଷରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି ଜୟନ୍ତୀ ମିଶ୍ର କହିଛନ୍ତି, ଆମେ କାର୍ଯ୍ୟ ସାରି ବିଲ୍ ନେବା ପରେ ସ୍ଥାନୀୟ ଜନପ୍ରତିନିଧିଙ୍କୁ ହସ୍ତାନ୍ତର କରିଦେଇଛୁ। କରୋନା ମହାମାରୀ ଯୋଗୁ ଉଦ୍‌ଘାଟନ ହୋଇପାରି ନ ଥିଲା। ଆସନ୍ତା ସୋମବାର ଚୌଦ୍ୱାର ପୌରପାଳିକାକୁ ଯାଇ ଅସୁବିଧା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଜଣାଇବୁ।


ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୯ନଂ. ୱାର୍ଡରେ ଥିବା ମିଶନଶକ୍ତି ଗୃହ।

## ସଂକ୍ଷେପରେ

### ଆର୍ଥିକବର୍ଷ ବଜେଟ ସମ୍ପର୍କିତ ଆଲୋଚନାଚକ୍ର

**କଟକ ଅଫିସ, ୨୫।୨:** ୨୦୨୩-୨୪ ଆର୍ଥିକ ବର୍ଷର ବଜେଟ୍‌ରେ ମଧ୍ୟବିତ୍ତ ବର୍ଗର ଲୋକଙ୍କ ପାଇଁ ବିଶେଷ କିଛି ନାହିଁ। ବଜେଟ୍‌ରେ ୭ଟି ବିଷୟ ଉପରେ ଗୁରୁତ୍ୱ ଦିଆଯାଇଛି। ତାହା ସାମଗ୍ରିକ ଭାବେ ଦେଶର ବିକାଶ ପାଇଁ ଉଦ୍ଦିଷ୍ଟ। ହେଲେ ବଜେଟ୍‌ରେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟବୃଦ୍ଧି, ମୁଦ୍ରାସ୍ଫୀତି, ବେକାରୀ ଆଦି ରୋକିବାକୁ ଠୋସ୍ ପଦକ୍ଷେପ ନାହିଁ ବୋଲି ପ୍ରଜାତନ୍ତ୍ର ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ଆଲୋଚନାଚକ୍ରରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୂଲ୍ୟରେ ୩୭୨ତମ ପାଠଚକ୍ରରେ 'ବଜେଟ୍: ୨୦୨୩-୨୪' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି ସମ୍ମାନିତ ବକ୍ତା ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ସହଯୋଗୀ ପ୍ରଫେସର ଡ. ମନୋଜ କୁମାର ଦାସ ଏବଂ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ରିଡର ଡ. ଅମରେନ୍ଦ୍ର ଦାସ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସନ୍ତୋଷ ପତି କାର୍ଯ୍ୟକ୍ରମ ପରିଚାଳନା ଏବଂ ଡା. ରବି ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

### ଚୌଦ୍ୱାର କଲେଜରେ ବାର୍ଷିକ ସମ୍ମାନ

**ଚୌଦ୍ୱାର, ୨୫।୨(ଡି.ଏନ୍.ଏ.):** ଚୌଦ୍ୱାର କଲେଜ ଭାଷା ସାହିତ୍ୟ ବିଭାଗର ବାର୍ଷିକ ସମ୍ମାନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ. ଉମେଶ ଚନ୍ଦ୍ର ଦେବତାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀ ପ୍ରିୟଙ୍କା ଦାସ 'ଅଶୀ ଦଶକ ପରବର୍ତ୍ତୀ ଓଡ଼ିଆ ଗପରେ ମୋ ଗାଁ' ଶୀର୍ଷକ ପ୍ରବନ୍ଧ ପାଠ କରିଥିଲେ। ଏଥିରେ ଓଡ଼ାପଡ଼ା କଲେଜର ଅଧାପକ ଗୁରୁ ଚରଣ ରାଉତରାୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରାଚୀରପତ୍ର ଉନ୍ମୋଚିତ ହୋଇଥିଲା। ଗାଳ୍ପିକ ପ୍ରକାଶ ମହାପାତ୍ର, ଅଧାପକ ପ୍ରଭାକର ମିଶ୍ର, ଶରତ ଚନ୍ଦ୍ର ମଲ୍ଲିକ, ସଞ୍ଜୟ ଧଳ, ସୁମନ୍ତ ସାହୁ, ପ୍ରଗତୀ ଭୂୟାଁଙ୍କ ସମେତ ବହୁ ଅଧାପିକା, ଅଧାପକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରଫୁଲ୍ଲ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଦୀପକ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

### ଗ୍ରାମ ମୁରବିଙ୍କ ପରଲୋକ

**ଖୁଣ୍ଟୁଣୀ, ୨୫।୨(ଡି.ଏନ୍.ଏ.):** ଖୁଣ୍ଟୁଣୀ-ରମ୍ଭେଇ ଗ୍ରାମ ମୁରବି ତଥା ଗ୍ରାମ କମିଟିର ବରିଷ୍ଠ ଉପଦେଷ୍ଟା ଯୋଗୀନାଥ ପାତ୍ର(୯୩)ଙ୍କ



ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁତ୍ର, ପୁତ୍ରବଧୂ, କନ୍ୟା, ନାତୁଣୀନାତି ଉପସ୍ଥିତ ଥିଲେ। ମୃତ୍ୟୁ ଖବରପାଇ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଖୁଣ୍ଟୁଣୀ-ରମ୍ଭେଇ ଗ୍ରାମ କମିଟିର ଉପଦେଷ୍ଟା ଗୌରଚନ୍ଦ୍ର ପ୍ରଧାନ, ଖବରଦାତା ତଥା ଗ୍ରାମ କମିଟି ସଦସ୍ୟ ସଚ୍ଚିଦାନନ୍ଦ ପଣ୍ଡା, କିଶୋର ସାମନ୍ତରାୟ, ବିଜୟ କୁମାର ସାହୁ, ବିପିନ ବିହାରୀ ପ୍ରଧାନ, ଦିଲୀପ କୁମାର ଶେଠ, ଅନ୍ତର୍ଯ୍ୟାମୀ ସାହୁଙ୍କ ସମେତ ଆଠଗଡ଼ ଅଞ୍ଚଳର ବହୁ ମାନ୍ୟଗଣ ବ୍ୟକ୍ତି ଖୁଣ୍ଟୁଣୀସ୍ଥିତ ପାତ୍ରଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ସ୍ଥାନୀୟ ଶ୍ମଶାନରେ ସତ୍କାର କରାଯାଇଥିଲା। କନିଷ୍ଠ ପୁତ୍ର ବଜ୍ର ଭୂଷଣ ପାତ୍ର ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ଯୋଗୀନାଥ ୟୁଥ କ୍ଲବର ପ୍ରତିଷ୍ଠାତା, ଶ୍ରୀରାମ ମନ୍ଦିରର ପ୍ରତିଷ୍ଠାତା ସେବକ ଏବଂ ଶ୍ରୀରାମକୃପା ପରିଷଦ ଖୁଣ୍ଟୁଣୀ-ରମ୍ଭେଇର ବରିଷ୍ଠ ଉପଦେଷ୍ଟାଙ୍କ ସମେତ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସହିତ ଜଡିତ ଥିଲେ।

# ୬ ମାସରେ ୧୦ କୋଟିର ପ୍ରକଳ୍ପ କାର୍ଯ୍ୟ ସରିବ

**୧ନଂ. ୱାର୍ଡରେ ସରିଲା ମୋ' ୱାର୍ଡ ଅଭିଯାନ**

**କଟକ ଅଫିସ, ୨୫।୨**

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ମୋ' ୱାର୍ଡ ଅଭିଯାନ ଶନିବାର ୧ନଂ. ୱାର୍ଡରେ ଶେଷ ହୋଇଛି। ସକାଳେ ସିଏମ୍‌ସି ମେୟର ସୁବାସ ସିଂ ପ୍ରାତଃଭ୍ରମଣରେ ଯାଇ ନିକଟରେ ଥିବା ପାର୍କ ବୁଲି ସ୍ଥିତି ପରଖିଥିଲେ। ଏଥିସହ ବିଡ଼ାନାସୀ ଛକରେ ବରିଷ୍ଠ ନାଗରିକମାନଙ୍କ ସହିତ ଆଲୋଚନା କରିଥିଲେ। ଏହା ପୂର୍ବରୁ ସେ ଦୁଇଦିନ ଧରି ଉକ୍ତ ୱାର୍ଡରେ ବୈଠକ କରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହିତ ବରିଷ୍ଠ ନାଗରିକ, ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ମହିଳା, କ୍ଲବ୍ ସଦସ୍ୟ, ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରି ସମସ୍ୟା ସଂକ୍ରାନ୍ତରେ ଅବଗତ ହୋଇଥିଲେ। ଏପରି କି ସେ ଦୁଇଦିନ ଧରି ବସ୍ତିବାସିନ୍ଦାଙ୍କ ଘରେ ରାତ୍ରିଯାପନ କରି ଖାଦ୍ୟ ଖାଇଥିଲେ। ଏଥିସହ ୱାର୍ଡରେ ଥିବା ୬୨ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ସହ ଆଲୋଚନା କରିଥିଲେ। ଏହି ୱାର୍ଡରେ ୧୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ୬ ମାସ ମଧ୍ୟରେ ଶେଷ ହେବ ଓ ସିଏମ୍‌ସିର ମୁକ୍ତା କାର୍ଯ୍ୟକ୍ରମରେ ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ସାମିଲ କରିବାକୁ ମେୟର ପ୍ରତିଶ୍ରୁତି ଦେଇଥିଲେ।

# କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଏକାଦଶ ବିଜୟୀ


ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍‌ରେ ଅଂଶଗ୍ରହଣ କରିଥିବା ଖେଳାଳି ଓ ଅନ୍ୟମାନେ।

**ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍**

**କଟକ ଅଫିସ, ୨୫।୨**

କଟକ କଲେକ୍ଟୋରେଟ ଏବଂ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ମଧ୍ୟରେ ସ୍ଥାନୀୟ ସତ୍ୟବ୍ରତ ଷ୍ଟାଡିୟମରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶିବ ଟପୋ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଜିଲା କ୍ରୀଡା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ ପ୍ରଥମେ ବଲ୍ ପକାଇ ମ୍ୟାଚ୍ ଆରମ୍ଭ କରିଥିଲେ। ୧୨ ଓଭରବିଶିଷ୍ଟ ଏହି ମ୍ୟାଚ୍‌ରେ ରାଜେଶ ସୁବୁଦ୍ଧିଙ୍କ ଅଧିନାୟକତ୍ୱରେ ପ୍ରଥମେ କଲେକ୍ଟୋରେଟ ଏକାଦଶ ବ୍ୟାଟିଂ କରି ୯୭ ରନ ସଂଗ୍ରହ କରିଥିଲା। ପ୍ରମୋଦ କୁମାର ଓଝାଙ୍କ ଅଧିନାୟକତ୍ୱରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଏକାଦଶ ଶେଷ ଓଭରରେ ଆଉ ଦୁଇଟି ବଲ୍ ବାକି ଥାଇ ବିଜୟ ଲାଭ କରିଥିଲେ। ପ୍ରଶାସନିକ ଅଧିକାରୀ ଅଞ୍ଜଳି ରାଉତରାୟ ବିଜୟୀ ଦଳକୁ ଟ୍ରଫି ସହ ପୁରସ୍କୃତ କରିଥିଲେ। ଶେଷରେ ଆସିଷ୍ଟାଣ୍ଟ କଲେକ୍ଟର ବିଶ୍ୱମୋହନ ମହାପାତ୍ର ଉଦ୍‌ଯାପନୀ ଅଭିଭାଷଣ ଦେଇଥିଲେ।

## ଆକ୍ରମଣ ଅଭିଯୋଗରେ ୪ ଅଟକ

**କଟକ ସଦର, ୨୫।୨(ଡି.ଏନ୍.ଏ.)**

କନ୍ଦରପୁର ଥାନା ଅନ୍ତର୍ଗତ ବମ୍ଫୁରି ଗ୍ରାମରେ ଶୁକ୍ରବାର ବର ପକ୍ଷ ଭୋଜିରେ ଯୋଗଦେବାକୁ ଆସିଥିବା ୩ଜଣଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ସ୍ଥାନୀୟ ପୋଲିସ ଶନିବାର ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ୨୨ ତାରିଖରେ ଏକ ବରଯାତ୍ରୀ ଦଳ କିଶନ ନଗର ଥାନା ଅନ୍ତର୍ଗତ ଚାଞ୍ଚପଡ଼ା ଗ୍ରାମକୁ ଯାଇଥିଲେ। ବର ଶୋଭାଯାତ୍ରା ଚାଲିଥିବାବେଳେ କେତେଜଣ ଯୁବକ ଜଣେ ଯୁବତୀଙ୍କୁ କମେଣ୍ଟ ମାରିଥିଲେ। ପରେ ବର ପକ୍ଷର ୨/୩ ଜଣଙ୍କୁ ସ୍ଥାନୀୟ ଲୋକମାନେ ମାଡ଼ ମାରିଥିଲେ। ଶୁକ୍ରବାର କନ୍ୟା ପକ୍ଷର ଲୋକେ ଭୋଜି ଖାଇବା ପାଇଁ ବମ୍ଫୁରୀ ଗ୍ରାମକୁ ଆସୁଥିବାବେଳେ କନ୍ଦରପୁର କଲେଜ ନିକଟରେ ବର ପକ୍ଷର କେତେଜଣ ଲୋକ ସେମାନଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଫଳରେ ଚାଞ୍ଚପଡାର ସ୍ୱାଧୀନ ରାୟ, ପ୍ରତୀକ ରାୟ ଓ ସନାତନ ସ୍ୱାଇଁ ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ସ୍ୱାଧୀନ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୫/୨୩) ରୁଜୁ କରିଛି।

# ତାଳଦଣ୍ଡା କେନାଲ ବୁଲି ଦେଖିଲେ ତାମିଲନାଡୁ ସରକାରଙ୍କ ପଦାଧିକାରୀ


ତାମିଲନାଡୁ ସରକାରଙ୍କ ଉଚ୍ଚ ପଦାଧିକାରୀ ତାଳଦଣ୍ଡା କେନାଲର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଦେଖୁଛନ୍ତି।

**କଟକ ଅଫିସ, ୨୫।୨**

ନୂଆ ନୂଆ ପ୍ରକଳ୍ପ କାର୍ଯ୍ୟକାରିତା କ୍ଷେତ୍ରରେ ଓଡ଼ିଶା ଏବେ ଅନ୍ୟ ରାଜ୍ୟ ପାଇଁ ଉଦାହରଣ ପାଲଟିଛି। ଦିନ ଥିଲା ଓଡ଼ିଶାରେ କୌଣସି ପ୍ରକଳ୍ପ ହେଲେ ସେ ସମ୍ପର୍କରେ ଜ୍ଞାନ ଆହରଣ ପାଇଁ ଯନ୍ତ୍ରୀ ଓ ବିଶେଷଜ୍ଞମାନେ ବାହାର ରାଜ୍ୟ ଓ ବିଦେଶକୁ ଯାଉଥିଲେ। ହେଲେ ଏବେ ସମୟ ବଦଳିଛି। ଆମ ରାଜ୍ୟର ବିଭିନ୍ନ ପ୍ରକଳ୍ପକୁ ଅନୁକରଣ କରି ସେଭଳି ତିଆରି କରିବା ପାଇଁ ଅନ୍ୟ ରାଜ୍ୟର ବିଶେଷଜ୍ଞ ଓଡ଼ିଶା ଆସୁଛନ୍ତି। ଏହି କ୍ରମରେ ଶନିବାର କଟକ ତାଳଦଣ୍ଡା କେନାଲର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାମ ବୁଲି ଦେଖିଛନ୍ତି ତାମିଲନାଡୁ ସରକାରଙ୍କ ଉଚ୍ଚ ପଦାଧିକାରୀ। ତାମିଲନାଡୁର ଜଳ ସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ମୁଖ୍ୟଯନ୍ତ୍ରୀ ଓ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟସ୍ଥଳ ପରିଦର୍ଶନ କରିଥିଲେ। ସେମାନେ ଏହି କାର୍ଯ୍ୟର ପ୍ରଶଂସା କରିବା ସହ ଉକ୍ତ ପ୍ରକଳ୍ପ ଆଧାରରେ ତାମିଲନାଡୁରେ କିଛି କରିବା ପାଇଁ ଏକ ସମୀକ୍ଷା ବୈଠକ କରିବେ ବୋଲି ତାମିଲନାଡୁ ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୂଚନା ଦେଇଛନ୍ତି। ଏନେଇ ସେ କହିଛନ୍ତି, ତାଳଦଣ୍ଡା କେନାଲର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବହୁତ ଭଲ ହୋଇଛି। ଏଠାରୁ ଆମକୁ ଅନେକ କିଛି ଶିଖିବାକୁ ମିଳିଛି। କ୍ଷେତ୍ର ପରିଦର୍ଶନ ପରେ ତାମିଲନାଡୁର ଅଧିକାରୀ ଓ ଯନ୍ତ୍ରୀମାନେ ଆମ ରାଜ୍ୟର ଅଧିକାରୀମାନଙ୍କ ସହ ତାଳଦଣ୍ଡା ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ଭୁବନେଶ୍ୱରରେ ଏକ ସମୀକ୍ଷା ବୈଠକ କରିଥିଲେ।

## ୭ ବ୍ୟାଟେରି ଜବତ, ଯୁବକ ଗିରଫ

**କଟକ ଅଫିସ, ୨୫।୨:** ଅଟୋରେ ବ୍ୟାଟେରି ଚୋରି କରିବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ହାତୀପୋଖରୀର ସେକ୍ ଲାଲୁ। ତାଙ୍କଠାରୁ ୭ଟି ବ୍ୟାଟେରି ଜବତ କରାଯାଇଛି। ସୂଚନା ଅନୁସାରେ, ଯୋବ୍ରା ମୁରଦଖାଁ ପାଟଣାର ପ୍ରଭୁଜୀ ନାୟକ ଅଟୋ ଚଲାଇ ପରିବାର ପ୍ରତିପୋଷଣ କରନ୍ତି। ଗତ ବୁଧବାର ରାତି ୧୧ଟାରେ ସେ ତାଙ୍କ ଅଟୋକୁ ପ୍ରଫେସରପଡ଼ାର ଜଣଙ୍କ ଘର ପାଖରେ ରଖିଥିଲେ। ଗୁରୁବାର ସକାଳେ ଉକ୍ତ ଅଟୋରୁ କେହି ଦୁର୍ବୃତ୍ତ ବ୍ୟାଟେରି ଚୋରି କରି ନେଇଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୫୩/୨୩) ରୁଜୁ କରିଥିଲା।

# ମାର୍ଚ୍ଚ ୫ରେ ମିନି ମାରାଥନ, ୱାକାଥନ

**କଟକ ଅଫିସ, ୨୫।୨**

ଓଡ଼ିଶା ଭେଟେରାନ୍ ସ୍ପୋର୍ଟ୍ସ ପର୍ସନ୍ସ ଆସୋସିଏଶନ ଅନୁକୂଳ୍ୟରେ ଆସନ୍ତା ମାର୍ଚ୍ଚ ୫ ତାରିଖ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ ମିନି ମାରାଥନ ଓ ୱାକାଥନ ଅନୁଷ୍ଠିତ ହେବ। ଏ ନେଇ କଟକ ବାରବାଟୀ ଷ୍ଟାଡିୟମଠାରେ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସୋସିଏଶନର ସଭାପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସଭାପତିତ୍ୱ କରିଥିଲେ। ମିନି ମାରାଥନ ପ୍ରତିଯୋଗିତାରେ ୭ମ ଶ୍ରେଣୀ ଛାତ୍ରୀଛାତ୍ର, ୱାକାଥନ ପ୍ରତିଯୋଗିତାରେ ୫୦ ବର୍ଷରୁ ୬୦ ବର୍ଷ ପର୍ଯ୍ୟନ୍ତ ବ୍ୟକ୍ତି ଓ ୪୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କା ମହିଳା ଅଂଶଗ୍ରହଣ କରିବେ। ଉଭୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମାର୍ଚ୍ଚ ୫ ତାରିଖ ସକାଳ ୭ଟାରେ ତୁଳସୀପୁରସ୍ଥିତ ବିଜୁ ପଟ୍ଟନାୟକଙ୍କର ପ୍ରତିମୂର୍ତ୍ତି ନିକଟରୁ ମିନି ମାରାଥନ ବାହାରି ହରିଣ ପାର୍କ, ଗଡ଼ଗଡିଆ ମନ୍ଦିର, ମାଟାମଠ, ହାୱାଡା ମୋଟର ଛକ, କ୍ୟାଣ୍ଟନମେଣ୍ଟ ପୋଲିସ ଷ୍ଟାଣ୍ଡ, ମଣିସାହୁ ଛକ, ବକ୍ସିବଜାର ଛକ, ସମାଜ ଅଫିସ, ମିଶନରୋଡ, ଚଣ୍ଡୀ ଛକ, କନିକା ଛକ, ଜିଲାପାଳଙ୍କ ବଙ୍ଗଳା ଦେଇ ଆନନ୍ଦ ଭବନ ସମ୍ମୁଖରେ ପହଞ୍ଚିବ। ସେହିପରି ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିଠାରୁ ୱାକାଥନ ବାହାରି ଆନନ୍ଦ ଭବନ ସମ୍ମୁଖରେ ପହଞ୍ଚିବ। ଏନେଇ ଆସନ୍ତା ୨୭ ତାରିଖ ସୁଦ୍ଧା ନାଁ ପଞ୍ଜୀକରଣ କରିବାକୁ କୁହାଯାଇଛି। ପ୍ରତି ବିଦ୍ୟାଳୟରୁ ୨୦ ଜଣ ଲେଖାଏ ଛାତ୍ରୀଛାତ୍ର ଅଂଶଗ୍ରହଣ କରିପାରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକ ଆସୋସିଏଶନର ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ଏହି ମିନି ମାରାଥନ ଓ ୱାକଥନ ପ୍ରତିଯୋଗିତା ପାଇଁ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ସୁନୀଲ କୁମାର ବୋଷ, କ୍ଷିତୀସ ଚନ୍ଦ୍ର ପାତ୍ର, ସରୋଜ କୁମାର ସିଂ ପ୍ରମୁଖ ଉପସ୍ଥିତଥିଲେ। ସମୀର କୁମାର ପରିଡା ଧନ୍ୟବାଦ ଦେଇଥିଲେ।

# 'ଯୁବ ଫାର୍ମାସିଷ୍ଟଙ୍କ ଦକ୍ଷତାର ବିକାଶ ଜରୁରୀ'

**କଣ୍ଟାପଡା, ୨୫।୨(ଡି.ଏନ୍.ଏ.)**



ୟୁଥ୍‌ଫାର୍ମା ଫେଷ୍ଟିଭାଲରେ ଯୋଗଦେଇଥିବା ଅତିଥିମାନେ।

କଟକ ଜିଲା କଣ୍ଟାପଡା ବ୍ଲକ ଅଧୀନ ସୁନ୍ଦରଗ୍ରାମସ୍ଥିତ ଦଧୀଚି ଫାର୍ମାସୀ କଲେଜର ସେଣ୍ଟ୍ରାଲ ପଡିଆରେ ଶନିବାରଠାରୁ ୨ ଦିନିଆ ୟୁଥ୍‌ଫାର୍ମା ଫେଷ୍ଟିଭାଲ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଓଡ଼ିଶା ଲୋକସେବା ଆୟୋଗର ଅଧକ୍ଷ ଡ. ସତ୍ୟଜିତ୍ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଯୁବ ଫାର୍ମାସିଷ୍ଟଙ୍କ ଦକ୍ଷତାର ବିକାଶ ହେଲେ ଦେଶରେ ସୁସ୍ଥ ସମାଜ ଗଠନ ହେବାରେ ସହାୟକ ହେବ। ସାପିଜେନ୍ ବାୟୋଲୋଜିକ ପ୍ରା.ଲି.ର ମୁଖ୍ୟ ଅପରେଟିଂ ଅଧିକାରୀ ରଶ୍ମିରଞ୍ଜନ ପାତ୍ର ଯୋଗଦେଇ ୨୦୩୦ ସୁଦ୍ଧା ଭାରତୀୟ ଫାର୍ମାସ୍ୟୁଟିକାଲ ଇଣ୍ଡଷ୍ଟ୍ରିରେ ହେବାକୁ ଯାଉଥିବା ପରିବର୍ତ୍ତନ ସମ୍ପର୍କରେ କହିଥିଲେ। ଭୁବନେଶ୍ୱରସ୍ଥିତ ନାଇଜର ରେଜିଷ୍ଟ୍ରାର ତଥା ଫାର୍ମାସି କାଉନ୍‌ସିଲ ଅଫ୍ ଇଣ୍ଡିଆର ସଦସ୍ୟ ଧର୍ମେନ୍ଦ୍ର ସିଂ ମୁଖ୍ୟବକ୍ତା ଭାବେ ଯୋଗଦେଇ ଫାର୍ମାସିଷ୍ଟମାନଙ୍କ ଦକ୍ଷତା ବିକାଶ ପାଇଁ ଶିକ୍ଷା ପଦ୍ଧତିରେ ପରିବର୍ତ୍ତନ କରାଯାଇଥିବା ନିୟମାବଳୀ ଉପରେ ଆଲୋଚନା କରିଥିଲେ। ରାଜ୍ୟ ମେଡିକାଲ କର୍ପୋରେସନ ଲିମିଟେଡ୍‌ର ଯୁଗ୍ମ ଡ୍ରଗ୍ସ କଣ୍ଟ୍ରୋଲର ମାମିନା ପଟ୍ଟନାୟକ, ଭୁବନେଶ୍ୱରସ୍ଥିତ ବିପିୟୁଟିର ଡିନ୍ ଡ. ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଡ. ମନୋଜ କୁମାର ଦାଶଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଦଧୀଚି ଗ୍ରୁପ୍‌ର ମ୍ୟାନେଜିଂ ଟ୍ରଷ୍ଟି ବବିତା ଦାଶ ଯୋଗ ଦେଇଥିଲେ। ଦଧିଚି ଫାର୍ମାସୀ କଲେଜର ଅଧକ୍ଷ ଡ. ରଜତ କୁମାର କର ଯୋଗଦେଇ ଫେଷ୍ଟିଭାଲ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅନୁଷ୍ଠାନର ଅର୍ଥ ନିର୍ଦ୍ଦେଶକ ବାସୁଦେବ ବିଶ୍ୱାଳ, ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାତ କୁମାର ପାଢ଼ୀ, ପ୍ରଶାସନିକ ନିର୍ଦ୍ଦେଶକ ସୀମାଞ୍ଚଳ ପଣ୍ଡା, ଏକାଡେମିକ ନିର୍ଦ୍ଦେଶକ ସଂଗ୍ରାମ ପଟ୍ଟନାୟକ ଓ ବିପିନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଟକ ଅନ୍ନପୂର୍ଣ୍ଣା ଥିଏଟର ପ୍ରେକ୍ଷାଳୟରେ ଭାରତୀୟ ଗଣନାଟ୍ୟ ସଂଘର ୪ର୍ଥ ଓଡ଼ିଶା ରାଜ୍ୟ ସମ୍ମିଳନୀରେ ଯୋଗଦେଇଥିବା ଅତିଥିବୃନ୍ଦ।



ସିଡ଼ିଏ ସେକ୍ଟର-୧ସ୍ଥିତ ଦି ଲ' କଲେଜ ପରିସରରେ ଦି ଲ' କଲେଜ ଓଲ୍ଡ ଷ୍ଟୁଡେଣ୍ଟ ଆସୋସିଏଶନ ପକ୍ଷରୁ ରୌପ୍ୟ ଜୟନ୍ତୀ ପାଳନର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।





କଟକରେ ଶନିବାର ଉଦ୍‌ଘାଟିତ ହୋଇଥିବା 'ମ୍ୟୁଜିୟମ ଅଫ୍ ଜଷ୍ଟିସ୍'ର ବିଭିନ୍ନ ଗ୍ୟାଲେରିରେ ରହିଥିବା କୋର୍ଟର ମଡେଲ, ବିଭିନ୍ନ ଭାଷାରେ ହୋଇଥିବା ଜଜ୍‌ମେଣ୍ଟ ରେକର୍ଡ ଓ କୋର୍ଟ ରୁମ୍। (ଫଟୋ: ରାଜକିଶୋର)

# ଓଡ଼ିଶା ହାଇକୋର୍ଟ ମ୍ୟୁଜିୟମ ହେଲା 'ମ୍ୟୁଜିୟମ ଅଫ୍ ଜଷ୍ଟିସ୍'

## ୭ ଗ୍ୟାଲେରିରେ ଓଡ଼ିଶା ନ୍ୟାୟିକ ବ୍ୟବସ୍ଥାର ଇତିହାସ

**କଟକ ଅଫିସ,୨୫।୨**

ଓଡ଼ିଶା ହାଇକୋର୍ଟ ମ୍ୟୁଜିୟମ ନାମରେ ୨୦୧୭ ନଭେମ୍ବର ୧୨ରେ ଆତ୍ମପ୍ରକାଶ କରିଥିଲା ଏକ ସଂଗ୍ରହାଳୟ। ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ବାସଭବନ ଭାବେ ଦୀର୍ଘବର୍ଷ ଧରି ବ୍ୟବହୃତ ହୋଇଥିବା ବାରବାଟୀ ଦୁର୍ଗ ପରିସରସ୍ଥ ଐତିହ୍ୟ କୋଠାଘରକୁ ମ୍ୟୁଜିୟମରେ ପରିଣତ କରିବା ପାଇଁ ହାଇକୋର୍ଟର ମୁଖ୍ୟ ବିଚାରପତି ବିନୀତ ଶରନଙ୍କ ସମୟରେ ହାଇକୋର୍ଟ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଦୀପକ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ହାଇକୋର୍ଟ ସମେତ ବିଭିନ୍ନ ଜିଲାକୋର୍ଟରୁ ସଂଗୃହୀତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରେକର୍ଡ, ପୁରାତନ ପୁସ୍ତକ, ବିଚାର ଦସ୍ତାବିଜ ଓ ବିରଳ ଫଟୋକୁ ସଂଗ୍ରହାଳୟରେ ପ୍ରଦର୍ଶିତ କରାଯାଇଥିଲା। ସେ ସମୟର ପ୍ରୟାସକୁ ଆଉ ଟିକେ ଆଗେଇ ନେବାକୁ ବର୍ତ୍ତମାନର ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ମ୍ୟୁଜିୟମ ରୂପାନ୍ତର କାର୍ଯ୍ୟର ଚୂଡ଼ାନ୍ତ ରୂପ ହୋଇଛି ମ୍ୟୁଜିୟମ ଅଫ୍ ଜଷ୍ଟିସ୍।




ଏହି ମ୍ୟୁଜିୟମ ସ୍ଥାପନ ପୂର୍ବରୁ ହାଇକୋର୍ଟ ମୁଖ୍ୟ ବିଚାରପତି ମୁରଲୀଧରଙ୍କ ସମେତ ବିଚାରପତି ଶଶିକାନ୍ତ ମିଶ୍ର, ସେଣ୍ଟର ଅଫ୍ ଜୁଡିସିଆଲ ଆର୍କାଇଭ୍‌ସର ନିର୍ଦ୍ଦେଶକ ଡ. ଲଲାଟେନ୍ଦୁ ଦାସ ମହାପାତ୍ର କୋଲକାତାସ୍ଥିତ ଇଣ୍ଡିଆନ୍ ମ୍ୟୁଜିୟମ୍, ଦି ଭିକ୍ଟୋରିଆ ମେମୋରିଆଲ, ପୋଲିସ ମ୍ୟୁଜିୟମ, ପାଟନାସ୍ଥିତ ବିହାର ଓ ପାଟନା ମ୍ୟୁଜିୟମ, ଚେନ୍ନାଇସ୍ଥିତ ଗଭର୍ନମେଣ୍ଟ ମ୍ୟୁଜିୟମ ପରିଦର୍ଶନ କରିଥିଲେ। ପରେ ବିଚାରପତି ମିଶ୍ର ଓ ଡ. ଦାସ ମହାପାତ୍ର, ଦିଲ୍ଲୀସ୍ଥିତ ନ୍ୟାଶନାଲ ମ୍ୟୁଜିୟମ, ଦ' ନ୍ୟାଶନାଲ ଆର୍କାଇଭସ୍, ଦ' ଦିଲ୍ଲୀ ଷ୍ଟେଟ୍ ଆର୍କାଇଭ୍‌ସ ଏବଂ କୋଲକାତାସ୍ଥିତ ଦ' ସେଣ୍ଟର ଫର୍ ଷ୍ଟଡିଜ୍ ଇନ୍ ସୋସିଆଲ ସାଇନ୍‌ସେସ୍, ଦ' ଏସିଆଟିକ ସୋସାଇଟି ଏବଂ ଦ' ୱେଷ୍ଟ ବେଙ୍ଗଲ ଷ୍ଟେଟ୍ ଆର୍କାଇଭ୍‌ସ ବୁଲି ଦେଖିଥିଲେ। ଏପରି କି ଲଣ୍ଡନସ୍ଥିତ ବ୍ରିଟିଶ ଲାଇବ୍ରେରୀର ବିଶେଷଜ୍ଞମାନଙ୍କ ସହ ଭର୍ଚୁଆଲ ବୈଠକରେ ଆଲୋଚନା କରାଯାଇଥିଲା। କନ୍‌ସଲଟେଟିଭ କମିଟିର ପରାମର୍ଶ ଅନୁସାରେ, ଗୋଟିଏ ଥିମ୍ ପାଭିଲିୟନ୍, ୭ଟି ଗ୍ୟାଲେରି କରାଯିବା ସହ ଏକ ଲାଇବ୍ରେରୀ ଓ ସୋଭେନିର ସପ୍ ମଧ୍ୟ ନିର୍ମାଣ ହୋଇଛି। ଲାଇବ୍ରେରୀରେ ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀର ଆଇନ ପୁସ୍ତକ, ଜର୍ନାଲଗୁଡ଼ିକୁ ଉପଲବ୍ଧ କରାଯାଇଛି।

### ଥିମ ପାଭିଲିୟନ

ଏଥିରେ ଓଡ଼ିଶା ହାଇକୋର୍ଟର ଡିଜିଟାଲ ଟାଇମଲାଇନ୍ ଓ କ୍ରମୋନ୍ନତି ସମ୍ପର୍କିତ ଚିତ୍ର, ମଡେଲଗୁଡ଼ିକ ସ୍ଥାନିତ ହୋଇଛି।





ହାଇକୋର୍ଟରେ ବ୍ୟବହୃତ କାଲ୍‌କୁଲେଟର ଓ କୋରାପୁଟ ଜଜଶିପ୍‌ରେ ବ୍ୟବହୃତ ହେଉଥିବା ଟାଇପ୍ ରାଇଟର।

**୧ନଂ.ଗ୍ୟାଲେରି:** ଓଡ଼ିଶାର ନ୍ୟାୟିକ ବ୍ୟବସ୍ଥାର ବୈପ୍ଳବିକ ପରିବର୍ତ୍ତନ ପ୍ରାଚୀନ ସମୟରୁ ଆଜି ଯାଏକୁ ପ୍ରଦର୍ଶନ କରାଯାଇଛି। ଏଥିରେ ପୁରାତନ ଫଟୋ, ଲେଖା, ନ୍ୟାୟିକ ରେକର୍ଡ ଆଦିକୁ ରଖାଯାଇଛି।

**୨ନଂ.ଗ୍ୟାଲେରି:** ୧୮୦୪ରୁ ୧୯୪୭ ପର୍ଯ୍ୟନ୍ତ ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନର ବିଚାର ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯିବା ସଂକ୍ରାନ୍ତୀୟ ଦସ୍ତାବିଜ୍ ସ୍ଥାନିତ ହୋଇଛି।

**୩ନଂ.ଗ୍ୟାଲେରି:** ଜନଜାତିଙ୍କ ପାରମ୍ପରିକ ଚଳଣିର ଗୁରୁତ୍ୱ ସମ୍ପର୍କିତ ଆଇନ୍ ଓ ନ୍ୟାୟ ପ୍ରଦାନର ଧାରା ସମ୍ପର୍କରେ ଏଥିରେ ଦର୍ଶାଯାଇଛି।

**୪ନଂ.ଗ୍ୟାଲେରି:** ୧୮୦୮ ମସିହାଠାରୁ ୨୦୧୩ ପର୍ଯ୍ୟନ୍ତ ବିଚାର ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ରାୟ ଓ ତତ୍ ସମ୍ପର୍କିତ ଖବରଗୁଡ଼ିକର ସ୍ମାରକୀକୁ ସ୍ଥାନିତ କରାଯାଇଛି।

**୫ନଂ.ଗ୍ୟାଲେରି:** ପୁରୁଣା ଅଦାଲତରେ ବ୍ୟବହାର ହୋଇଥିବା କପଡ଼ା ଓ ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକୁ ଅତ୍ୟନ୍ତ ଆକର୍ଷଣୀୟ ଢଙ୍ଗରେ ପ୍ରଦର୍ଶନ କରାଯାଇଛି।

**୬ନଂ.ଗ୍ୟାଲେରି:** ଓଡ଼ିଶାରେ ଆଇନ ଶିକ୍ଷାର କ୍ରମୋନ୍ନତି ଓ ପ୍ରସିଦ୍ଧ ଆଇନଜୀବୀମାନଙ୍କ ସଂକ୍ରାନ୍ତୀୟ ତଥ୍ୟଗୁଡ଼ିକ ଶ୍ରେଣୀବିଭାଗ ଆକାରରେ ରଖାଯାଇଛି।

**୭ନଂ.ଗ୍ୟାଲେରି:** ବାରିପଦା ଓ ଆସ୍କାର ଐତିହାସିକ କୋର୍ଟରୁମ୍‌ର ମଡେଲକୁ ଏଠାରେ ପ୍ରଦର୍ଶିତ କରାଯାଇଛି।




ମ୍ୟୁଜିୟମ୍‌ରେ ପ୍ରଦର୍ଶିତ ଡଙ୍ଗରିଆ କନ୍ଧ ଓ ପୁରାତନ ସାମ୍ବିଧାନିକ ନିୟମାବଳୀ।



ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ସ୍ୱାଧୀନତା ଆନ୍ଦୋଳନ ଆଦି ପାଇଁ ଆଇନ ଲଢ଼େଇ କରିଥିବା ଓଡ଼ିଶାର ଆଇନଜୀବୀ ଓ ବିଚାରପତିମାନେ।



ଓଡ଼ିଶା ହାଇକୋର୍ଟର ପୁରୁଣା ଘଣ୍ଟା।

# ବ୍ରାହ୍ମଣ ଜାତିର ବିକାଶ ଉପରେ ଗୁରୁତ୍ୱ




ବୈଠକରେ ମହାସଂଘର ରାଷ୍ଟ୍ରୀୟ ସଭାପତି ଡ. ପ୍ରଦୀପ କୁମାର ଜ୍ୟୋତି, ସାଧାରଣ ସମ୍ପାଦକ ପଦ୍ମପ୍ରକାଶ ଶର୍ମା ଏବଂ ଅନ୍ୟମାନେ।

**ପୁରୀ ଅଫିସ, ୨୫।୨**

ପୁରୀ ଟାଉନ ହଲରେ ଶନିବାରଠାରୁ ସର୍ବଭାରତୀୟ ବ୍ରାହ୍ମଣ ମହାସଂଘର ଜାତୀୟସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଆରମ୍ଭ ହୋଇଛି। ଏହା ଦୁଇଦିନ ଯାଏ ଚାଲିବ। ବୈଠକରେ ମହାସଂଘର ରାଷ୍ଟ୍ରୀୟ ସଭାପତି ଡ. ପ୍ରଦୀପ କୁମାର ଜ୍ୟୋତି ସଭାପତିତ୍ୱ କରିଥିଲେ। ଜ୍ୟୋତି କହିଥିଲେ, ବ୍ରାହ୍ମଣ ସମାଜ ସର୍ବଦା ସମସ୍ତଙ୍କ କଲ୍ୟାଣ ପାଇଁ ଆଗ୍ରହ ପ୍ରକାଶ କରିଆସୁଛି ଏବଂ ସମାଜକୁ ଜ୍ଞାନ, ସଂସ୍କୃତି ଓ ଶୁଦ୍ଧତାରେ ଋଦ୍ଧିମନ୍ତ କରୁଛି। ତେବେ ବ୍ରାହ୍ମଣ ସବୁକ୍ଷେତ୍ରରେ ଅବହେଳିତ ହୋଇଆସୁଛନ୍ତି। ଦେଶର ସବୁ ବ୍ରାହ୍ମଣଙ୍କୁ ଏକାଠି କରି ବ୍ରାହ୍ମଣ ଜାତିର ବିକାଶ ଓ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ। ସେହିପରି ଫେଡେରେଶନର ଜାତୀୟ ସାଧାରଣ ସମ୍ପାଦକ ପଦ୍ମପ୍ରକାଶ ଶର୍ମା କହିଥିଲେ, ବ୍ରାହ୍ମଣମାନଙ୍କ ଦ୍ୱାରା ପଠାଯାଇଥିବା ସୂଚନା ଆଧାରରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବ। ବ୍ରାହ୍ମଣ ସମ୍ପ୍ରଦାୟର ସ୍ୱାର୍ଥରେ ନିଷ୍ପତ୍ତି ନିଆଯିବ। ଏହାର କାର୍ଯ୍ୟକାରିତା ପାଇଁ ମଧ୍ୟ ପଦକ୍ଷେପ ନିଆଯିବ।

ବୈଠକରେ ଜାତୀୟ କୋଷାଧ୍ୟକ୍ଷ କେଶବ ରାଓ, ରାଷ୍ଟ୍ରୀୟ କାର୍ଯ୍ୟନିର୍ବାହୀ ଭଗବାନ୍ ଶର୍ମା, କେ.ସି. ଧୋବେ, ଡ. ଜୟକୃଷ୍ଣ ଦାଶଶର୍ମା, ଶେଖର ଶୁକ୍ଲାଙ୍କ ସମେତ ଓଡ଼ିଶା ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାତ କୁମାର ମିଶ୍ର ଏବଂ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ବ୍ରାହ୍ମଣ ସଂଘର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ୧୧ଟି ପଏଣ୍ଟ ଉପରେ ଖୋଲା ଅଧିବେଶନରେ ଆଲୋଚନା କରାଯାଇଥିଲା। ସେଗୁଡ଼ିକ ମଧ୍ୟରେ ଦେବସ୍ଥଳ ତଥା ମନ୍ଦିରଗୁଡ଼ିକରେ ରାଜନୈତିକ ଦଳର ହସ୍ତକ୍ଷେପ ନ ରହିବା, ଶିକ୍ଷାଗତ ଯୋଗ୍ୟତା ଓ ପ୍ରତିଭା ପ୍ରଦର୍ଶନ ଆଧାରରେ ନିଯୁକ୍ତି ଏବଂ ନାମଲେଖା ସହ ମହିଳା ସଶକ୍ତୀକରଣ, କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ, ବ୍ରାହ୍ମଣ କମିଶନ ଏବଂ ବ୍ରାହ୍ମଣ ୱେଲଫେୟାର କର୍ପୋରେଶନ ବୋର୍ଡ ଗଠନ ଆଦି ବିଭିନ୍ନ ପ୍ରସଙ୍ଗ ରହିଛି। ଏହି ଅବସରରେ ଓଡ଼ିଶା ବ୍ରାହ୍ମଣ ସମାଜ ପ୍ରତିନିଧିଙ୍କ ପକ୍ଷରୁ ରାଷ୍ଟ୍ରୀୟ ସଭାପତି ଡ. ଜ୍ୟୋତି, ସାଧାରଣ ସମ୍ପାଦକ ପଣ୍ଡିତ ଶର୍ମା ଓ ମଞ୍ଚାସୀନ ଅତିଥିମାନଙ୍କୁ ପଗଡ଼ି ପିନ୍ଧାଯାଇ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା।




ଭୁବନେଶ୍ୱର ସୈନିକ ସ୍କୁଲ ନିକଟ ଅସ୍ଥାୟୀ ଡମ୍ପିଂୟାର୍ଡରେ ଅଳିଆ ପକାଇବାକୁ ଗାଡ଼ିଗୁଡିକ ଧାଡି ହୋଇ ରହିଛନ୍ତି।

# ତଦନ୍ତ ବଦଳରେ ନୀରବଦ୍ରଷ୍ଟା ଏଏସଆଇ

**କୋଣାର୍କ,୨୫।୨(ଡି.ଏନ୍.ଏ.)**

ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିସରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସହ ମରାମତି ଏବଂ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ହେଲେ ଏହି ସବୁ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ନିମ୍ନମାନର କରୁଥିବା ଅଭିଯୋଗ ହୋଇଛି। ସୂର୍ଯ୍ୟମନ୍ଦିର ପ୍ରାଚୀର ନିର୍ମାଣ କାର୍ଯ୍ୟ ନିମ୍ନମାନର, ମନ୍ଦିର ଚତୁଃପାର୍ଶ୍ୱରେ ପଡିଥିବା ପ୍ରାଚୀନ କଳାକୃତି ପୂର୍ଣ୍ଣ ପଥର ନଷ୍ଟ କରିବା ଏବଂ ବିନା କାରଣରେ ପ୍ରକଳ୍ପ ଏରିଆ ମଧ୍ୟରେ ଆସୁ ନ ଥିବା ଗଛଗୁଡ଼ିକୁ କାଟି ନେବା ଆଦି ଘଟଣା ଘଟିଥିଲେ ମଧ୍ୟ କୋଣାର୍କ ଏଏସ୍‌ଆଇ କର୍ତ୍ତୃପକ୍ଷ ତଦନ୍ତ କରିବା ବଦଳରେ ନୀରବଦ୍ରଷ୍ଟା ସାଜିଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳର ଜନସାଧାରଣ, ବୁଦ୍ଧିଜୀବୀ, ସଂସ୍କୃତି ବିଶାରଦ ଓ ଐତିହାସିକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଏଥିପ୍ରତି ଏଏସ୍‌ଆଇ ମହାନିର୍ଦ୍ଦେଶକ ଦୃଷ୍ଟି ଦେବାକୁ ଦାବି ହେଉଛି।

ଖବର ଅନୁଯାୟୀ, ଦୀର୍ଘଦିନ ଧରି ଏଏସ୍‌ଆଇ ଭୁବନେଶ୍ୱର ସର୍କଲର ପୂର୍ବତନ ସୁପରିଣ୍ଟେଣ୍ଡେଣ୍ଟଙ୍କ ସୁରକ୍ଷା ବଳୟରେ ରହି ଜଣେ ଠିକାଦାର ସୂର୍ଯ୍ୟ ମନ୍ଦିର ପରିସରରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କାର୍ଯ୍ୟ କରିଆସୁଛନ୍ତି। ମାତ୍ର ଏହି ଠିକାଦାର ଜଣଙ୍କ ନାମକୁ ମାତ୍ର କାମକରି ସ୍ଥାନୀୟ ଏଏସ୍‌ଆଇ ଅଧିକାରୀ ଓ ପୂର୍ବତନ ଭୁବନେଶ୍ୱର ସର୍କଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ହାତ କରି ବିଭାଗଠାରୁ ବିଲ୍ ମଞ୍ଜୁର କରି ନେଉଥିବା ଅଭିଯୋଗ ହୋଇଛି। ଏପରିକି ପ୍ରକଳ୍ପ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରୁଥିବା ବେଳେ ପ୍ରାଚୀନ ପ୍ରସ୍ତର ଖଣ୍ଡ ପଥରକୁ ଜେସିବି ଦ୍ୱାରା ନଷ୍ଟ କରିବା ସହ ପ୍ରକଳ୍ପ ଏରିଆ ବାହାରେ ଥିବା ପ୍ରାଚୀନ ଗଛଗୁଡ଼ିକୁ କାଟି ନିଆଯାଇଛି। ଯାହାକୁ ନେଇ ଐତିହ୍ୟ ଗବେଷକ ସୁବାସ ଚନ୍ଦ୍ର ବରାଳଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ନିନ୍ଦା କରିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି। ଏହି ଘଟଣା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିବା ବେଳେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଏଏସ୍‌ଆଇ କର୍ତ୍ତୃପକ୍ଷ ତଦନ୍ତ ନ କରି ଚୁପ୍ ରହିବା କେତେଦୂର ଯଥାର୍ଥ ବୋଲି ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ପ୍ରଶ୍ନ କରାଯାଇଛି।

ସୂର୍ଯ୍ୟମନ୍ଦିର ଚତୁଃପାର୍ଶ୍ୱରେ ଆବହମାନ କାଳରୁ ବିଚ୍ଛୁରିତ ହୋଇ ପଡିରହିଥିବା ପ୍ରାଚୀନ ପ୍ରସ୍ତର ଖଣ୍ଡଗୁଡ଼ିକୁ ସଂରକ୍ଷଣ କରିବା ବଦଳରେ ଅବହେଳିତ ଅବସ୍ଥାରେ ପଡ଼ିଥିବାରୁ ଠିକାଦାରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟ ସଂଗଠକ ଭାଗୀରଥି ସ୍ୱାଇଁ କହିଛନ୍ତି। ସେହିପରି ପ୍ରାଚୀନ କାଳରୁ ସୂର୍ଯ୍ୟ ମନ୍ଦିରକୁ ଖରା ଦାଉରୁ ସୁରକ୍ଷା ଓ ପର୍ଯ୍ୟଟକଙ୍କୁ ଛାଇ ପ୍ରଦାନ କରୁଥିବା ଗଛଗୁଡ଼ିକୁ ବିନା ନୋଟିସରେ ରାତିଅଧିଆ ଉଭାନ କରିଦିଆଯାଇଛି। ସୂର୍ଯ୍ୟ ମନ୍ଦିର ପରିସରରେ ପ୍ରକଳ୍ପ ଏରିଆ ବାହାରେ ଗଛ କାଟିବା ଆଇନତଃ ଅପରାଧ ଓ ଏହା ସୂର୍ଯ୍ୟ ମନ୍ଦିର ପାରିପାର୍ଶ୍ୱିକ ପରିସ୍ଥିତି ପାଇଁ ଅନୁକୂଳ ନୁହେଁ ବୋଲି ପରିବେଶବିତ ଉମେଶ ଚନ୍ଦ୍ର ସାଇଁ ମତବ୍ୟକ୍ତ କରିଛନ୍ତି। ତେଣୁ ଏହିସବୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ମନ୍ତ୍ରୀ, ଏଏସ୍‌ଆଇ ମହାନିର୍ଦ୍ଦେଶକ, ମୁଖ୍ୟମନ୍ତ୍ରୀ, ୫-ଟି ସଚିବ ଓ ପୁରୀ ଜିଲାପାଳ ଓ ଏଏସ୍‌ଆଇ ପୁରୀ ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ କୋଣାର୍କ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ଭାଗୀରଥି ସାଇଁ ଓ ଐତିହ୍ୟ ଗବେଷକ ସୁବାସ ଚନ୍ଦ୍ର ବରାଳଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ପରିବେଶବିତ, ସଂସ୍କୃତି ବିଶାରଦ, ଐତିହାସିକ, ବରିଷ୍ଠ ନାଗରିକଙ୍କ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ଏଏସ୍‌ଆଇ କୋଣାର୍କ ସର୍କଲ ଅଧିକାରୀ ନିରଜ ସିଂଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ସେହିପରି ଏଏସ୍‌ଆଇ ପୁରୀ ସର୍କଲ ସୁପରିଟେଣ୍ଡେଣ୍ଟ ଦେବିସିତା ବ୍ରଜସୁନ୍ଦର ଗଡ଼ନାୟକଙ୍କୁ ପଚାରିବାରେ ଅଭିଯୋଗ ଅନୁଯାୟୀ ମୁଁ କାର୍ଯ୍ୟ ସ୍ଥଳୀ ପରିଦର୍ଶନ କରିଛି। ଠିକ୍ ସମୟରେ ଠିକ୍ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଗଡ଼ନାୟକ ପ୍ରକାଶ କରିଛନ୍ତି।




### କୋଣାର୍କ ସୂର୍ଯ୍ୟମନ୍ଦିର

### ନିମ୍ନମାନର ପ୍ରାଚୀର କାର୍ଯ୍ୟ, କଳାକୃତି ପ୍ରସ୍ତର ନଷ୍ଟ ଘଟଣା



## ମେଘାଳୟ ନିର୍ବାଚନ ଲାଗି ପ୍ରଚାର ଶେଷ

ମେଘାଳୟ ବିଧାନସଭା ନିର୍ବାଚନ ସୋମବାର ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଥିପାଇଁ ଶନିବାର ଅପରାହ୍ନ ୪ଟାରେ ପ୍ରଚାର ଶେଷ ହୋଇଛି। ୫୯ ଆସନ ଲାଗି ଭାଜପା ସମେତ ବିଭିନ୍ନ ଦଳ ପକ୍ଷରୁ କିଛିଦିନ ହେଲା ଜୋରଦାର ପ୍ରଚାର ଜାରି ରହିଥିଲା। ନିର୍ବାଚନ ରଣାଙ୍ଗନରେ ୩୬୯ ପ୍ରାର୍ଥୀ ରହିଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ଏଫ୍.ଆର୍. ଖାର୍କୋଙ୍ଗର କହିଛନ୍ତି। ୩,୪୧୯ ବୁଥ୍‌ରେ ମତଦାନ ହେବାକୁ ଥିବାବେଳେ ସେଥିରୁ ୬୪୦ଟି ସମ୍ବେଦନଶୀଳ ଚିହ୍ନଟ ହୋଇଛି। ମତଦାନ ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ୧୧୯ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍)ଙ୍କୁ ନିୟୋଜିତ କରାଯାଇଛି। ଗତ ୨୦ ତାରିଖରେ ପୂର୍ବତନ ଗୃହମନ୍ତ୍ରୀ ତଥା ୟୁନାଇଟେଡ୍ ଡେମୋକ୍ରାଟିକ୍ ପାର୍ଟି ପ୍ରାର୍ଥୀ ଏଚ୍.ଡି.ଆର୍. ଲିଙ୍ଗଡୋହଙ୍କ ପରଲୋକ ହୋଇଥିବାରୁ ସୋହିଓଙ୍ଗ ଆସନରେ ମତଦାନକୁ ସ୍ଥଗିତ ରଖାଯାଇଛି।

## ସଂକ୍ଷେପରେ

### ମାର୍ଚ୍ଚରେ ଉତ୍ତାପ ବଢ଼ିବ

**ଭୁବନେଶ୍ୱର,୨୫।୨(ବ୍ୟୁରୋ):** ପଶ୍ଚିମାବାୟୁ ପ୍ରବାହ ନ ଥିବାରୁ ୪ ମାସ ହେବ ବର୍ଷାର ଦେଖାନାହିଁ। ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ରାଜ୍ୟରେ ତାତିର ପ୍ରକୋପ ବଢ଼ିପାରେ। ପାରଦ ଉପରମୁହାଁ ହେବା ଦିନର ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀକୁ ଛୁଇଁବା ସମ୍ଭାବନା ଅଛି। ତେବେ ଆସନ୍ତା ସପ୍ତାହ ମଧ୍ୟରେ ରାଜ୍ୟରେ କାଳବୈଶାଖୀଜନିତ ବର୍ଷା ହୋଇପାରେ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବଲାଙ୍ଗୀରରେ ସର୍ବୋଚ୍ଚ ତାପମାତ୍ରା ୩୭.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର ୩୭, ହୀରାକୁଦ ୩୬.୬, ସୋନପୁର ୩୬, ଟିଟିଲାଗଡ଼ ୩୬.୫, ଭଦ୍ରକ ୩୬, ଭୁବନେଶ୍ୱରରେ ୩୫.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଖୋର୍ଦ୍ଧା, କଟକ, ପୁରୀ, ଜଗତ୍‌ସିଂହପୁର, ଗଞ୍ଜାମ, ଢେଙ୍କାନାଳ ଏବଂ ନୟାଗଡ଼ ଜିଲାରେ ପ୍ରବଳ କୁହୁଡ଼ି ହେବା ସମ୍ଭାବନା ଥିବାରୁ ପାଣିପାଗ ବିଭାଗ ୟେଲୋ୍ୱାର୍ନିଂ ଜାରି କରିଛି।

### ପୂର୍ବତନ ସିଡିଭିଓ ନିଲମ୍ବିତ

ଭବାନୀପାଟଣା,୨୫।୨(ସ୍ୱ.ପ୍ର.) କଳାହାଣ୍ଡି ଜିଲା ପ୍ରାଣୀ ଚିକିତ୍ସା ବିଭାଗ ପୂର୍ବତନ ସିଡିଭିଓ (ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ) ଚୈତନ୍ୟ ଚରଣ ସେଠୀଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି। ଦାୟିତ୍ୱ ହସ୍ତାନ୍ତର ନ କରିବାରୁ ତାଙ୍କ ଉପରେ ଏହି


ଚୈତନ୍ୟ ଚରଣ ସେଠୀ

କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, କଳାହାଣ୍ଡି ସିଡିଭିଓ ଭାବେ ଚୈତନ୍ୟ କାର୍ଯ୍ୟରତ ଥିଲେ। ତାଙ୍କୁ ଓଡ଼ିଶା ବାୟୋଲୋଜିକାଲ ପ୍ରଡକ୍ଟ ଇନ୍‌ଷ୍ଟିଚ୍ୟୁଟ୍‌କୁ ଯୁଗ୍ମ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିଲା। ତାଙ୍କ ସ୍ଥାନରେ କଳାହାଣ୍ଡି ସିଡିଭିଓ ଭାବେ ହେମନ୍ତ ପ୍ରଧାନଙ୍କୁ ଅବସ୍ଥାପିତ କରାଯାଇଥିଲା। ଗତ ଜାନୁୟାରୀ ୨୫ ତାରିଖରେ ହେମନ୍ତ କଳାହାଣ୍ଡି ସିଡିଭିଓ ଭାବେ ଯୋଗଦାନ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ହେମନ୍ତଙ୍କୁ ଚୈତନ୍ୟ ଦାୟିତ୍ୱ ପ୍ରଦାନ କରି ନ ଥିଲେ। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇବା ପରେ ପ୍ରାଣୀ ଚିକିତ୍ସା ବିଭାଗ ସ୍ୱତନ୍ତ୍ର ସଚିବ ତାଙ୍କୁ ନିଲମ୍ବନ କରିଛନ୍ତି।

### ହାତରେ ମଇଳା ଉଠାଇବା ପ୍ରସଙ୍ଗ
### ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୫।୨(ପି.ଟି.):** ହାତରେ ମଇଳା ଉଠାଇବା ପ୍ରଥା ବନ୍ଦ କରିବା ସହ ଏହି କାର୍ଯ୍ୟରେ ନିୟୋଜିତ ଲୋକମାନଙ୍କୁ ଥଇଥାନ କରାଇବା ପାଇଁ ୨୦୧୩ରେ ଆଇନ ଅଣାଯାଇଥିଲା। ଉକ୍ତ ଆଇନର କାର୍ଯ୍ୟକାରିତା ସ୍ଥିତି ସମ୍ପର୍କରେ ଜଣାଇବାକୁ ସୁପ୍ରିମକୋର୍ଟ ଶନିବାର କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଷ୍କ ପାଇଖାନା ଉଚ୍ଛେଦ, ଏହାର ସ୍ଥିତି, କ୍ୟାଣ୍ଟନମେଣ୍ଟ ବୋର୍ଡ ଏବଂ ରେଲୱେର ସଫେଇ କର୍ମଚାରୀମାନଙ୍କ ପାଇଁ ରାଜ୍ୟଗୁଡ଼ିକରେ କ'ଣ ପଦକ୍ଷେପ ନିଆଯାଇଛି, ତାହା ଜଣାଇବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ମାନୁଆଲ ସ୍କାଭେଞ୍ଜର ନିଯୁକ୍ତି ଏବଂ ଶୁଷ୍କ ପାଇଖାନା ନିର୍ମାଣ(ନିଷେଧ) ଆଇନ, ୧୯୯୩ ଏବଂ ମାନୁଆଲ ସ୍କାଭେଞ୍ଜରଙ୍କ ଥଇଥାନ ଆଇନ, ୨୦୧୩ର ବ୍ୟବସ୍ଥା କାର୍ଯ୍ୟକାରୀ କରାଇବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର ହୋଇଥିଲା। ଜଷ୍ଟିସ ଏସ୍.ଆର୍. ଭଟ୍ଟ ଏବଂ ଦୀପଙ୍କର ଦତ୍ତ ଏହାର ଶୁଣାଣି କରି କେନ୍ଦ୍ର ସରକାରଙ୍କୁ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

### ବନ୍ଧୁଙ୍କ ମୁଣ୍ଡକାଟି ଥାନାରେ ଆତ୍ମସମର୍ପଣ

**ହାଇଦ୍ରାବାଦ, ୨୫।୨:** ହାଇଦ୍ରାବାଦରେ ଜଣେ ୨୨ ବର୍ଷୀୟ ଯୁବକ ବନ୍ଧୁଙ୍କୁ ନିର୍ମମ ଭାବେ ହତ୍ୟା କରିବା ପରେ ଥାନାରେ ଆତ୍ମସମର୍ପଣ କରିଛନ୍ତି। ଅଭିଯୁକ୍ତ ହରିହର କ୍ରିଷ୍ଣନ୍‌ଙ୍କ ପ୍ରେମିକାଙ୍କୁ ମୃତ ନବୀନ ଫୋନ୍‌କଲ୍ ଓ ମେସେଜ୍ କରୁଥିବା ଯୋଗୁ ସେ ଏହି ହତ୍ୟାକାଣ୍ଡ ଭିଆଇଥିବା ପୋଲିସ କହିଛି। ହରିହର ମଦ ନିଶାରେ ନବୀନଙ୍କ ମୁଣ୍ଡ କାଟି ଅଲଗା କରିଦେଇଥିଲେ। ଏଥିସହ ଦେହରୁ ହୃତ୍‌ପିଣ୍ଡ କାଢ଼ି ବାହାର କରିବା ସହ ତାଙ୍କ ଯୌନାଙ୍ଗ ଓ ଅଙ୍ଗୁଳି ସବୁ କାଟି ଖଣ୍ଡ ଖଣ୍ଡ କରିଦେଇଥିଲେ। ପୋଲିସ କହିବା ଅନୁଯାୟୀ, ନବୀନ, ହରିହର ଓ ତାଙ୍କ ପ୍ରେମିକା ଗୋଟିଏ କଲେଜରେ ପଢ଼ୁଥିଲେ। ପ୍ରେମିକା ଜଣକ ପୂର୍ବରୁ ନବୀନଙ୍କ ସହ ପ୍ରେମ ସମ୍ପର୍କରେ ଥିଲେ। ୨ ବର୍ଷ ଏକାଠି ରହିବା ପରେ ସେମାନେ ଅଲଗା ହୋଇଯାଇଥିଲେ। ଏହାପରେ ଛାତ୍ରୀଜଣକ ହରିହରଙ୍କ ପ୍ରେମରେ ପଡ଼ିଥିଲେ। ତେବେ ନବୀନ ଅନେକ ସମୟରେ ପୂର୍ବ ପ୍ରେମିକା ସହ ଫୋନ୍‌ରେ କଥା ହେଉଥିଲେ। ଏହାକୁ କେନ୍ଦ୍ରକରି ଗତ ୧୭ରେ ନବୀନ ଓ ହରିହରଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ମଦ ନିଶାରେ ଥିବା ହରିହର ଏହି ହତ୍ୟାକାଣ୍ଡ କରିଥିବା ପୋଲିସ କହିଛି।

# ଯୁକ୍ତ୨ ପରୀକ୍ଷା ପରିଚାଳନା ନେଇ ଆଶଙ୍କା

- ଆନ୍ଦୋଳନରେ ୬୬୨ ବର୍ଗର ଅଧ୍ୟାପକ
- ପିଲାଙ୍କ ସ୍ୱାର୍ଥ ପାଇଁ ପରୀକ୍ଷା ବର୍ଜନ ନ କରିବାକୁ ମନ୍ତ୍ରୀଙ୍କ ଅନୁରୋଧ

ଭୁବନେଶ୍ୱର, ୨୫।୨(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ମାର୍ଚ୍ଚ ୧ରୁ ଆରମ୍ଭ ହେବ। ଏଥିପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାବେଳେ ଏବେ ଅଧ୍ୟାପକଙ୍କ ଆନ୍ଦୋଳନ ସମସ୍ତଙ୍କ ଚିନ୍ତା ବଢ଼ାଇଦେଇଛି। କାରଣ ଗତ ୧୩ଦିନ ହେଲାଣି ୪ଦଫା ଦାବି ନେଇ ୬୬୨ବର୍ଗ ଅଧ୍ୟାପକ ସଂଘ ଭୁବନେଶ୍ୱରରେ ଆନ୍ଦୋଳନରେ ବସିଛନ୍ତି। ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଏପରିକି ପରୀକ୍ଷା ପରିଚାଳନା ସହିତ ମୂଲ୍ୟାୟନ ବି ବର୍ଜନ କରିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଫଳରେ ପରୀକ୍ଷା ପରିଚାଳନା ନେଇ ଆଶଙ୍କା ପ୍ରକାଶ ପାଇଛି। ସେପଟେ ପରୀକ୍ଷା ଆଉମାତ୍ର ୩ଦିନ ଥିବାରୁ ପିଲାଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ପରୀକ୍ଷା ଲାଗି ଯେତିକି ଚିନ୍ତା ଲାଗୁଛି, ନିଜ ଶିକ୍ଷକଙ୍କ ଅନୁପସ୍ଥିତି ପାଇଁ ମଧ୍ୟ ସେତିକି ମନରେ ଛନକା ପଶୁଛି।

ଚଳିତବର୍ଷ ପ୍ରାୟ ସାଢ଼େ ତିନି ଲକ୍ଷ ପିଲା ଯୁକ୍ତ୨ ପରୀକ୍ଷା ଦେବେ। ଏମାନଙ୍କ ମଧ୍ୟରେ ୬୬୨ ବର୍ଗ କଲେଜର ପ୍ରାୟ ୨ ଲକ୍ଷ ପରୀକ୍ଷାର୍ଥୀ ଅଛନ୍ତି। ଆଉ ଏହି ବର୍ଗର ପ୍ରାୟ ୪ହଜାର ଅଧ୍ୟାପକ ପରୀକ୍ଷା ପରିଚାଳନା ଲାଗି ନିୟୋଜିତ ହୋଇଛନ୍ତି। ଏତେ ସଂଖ୍ୟକ ପରୀକ୍ଷକ ପରୀକ୍ଷା ବର୍ଜନ କଲେ, ନିଶ୍ଚିତ ଏହାର ପରିଚାଳନା ପ୍ରଭାବିତ ହୋଇପାରେ। ତେଣୁ ଅଧ୍ୟାପକଙ୍କ ଦାବି ସଂକ୍ରାନ୍ତରେ ରାଜ୍ୟ ସରକାର ଯଦି ତୁରନ୍ତ କିଛି ପଦକ୍ଷେପ ନ ନିଅନ୍ତି, ତେବେ ପରୀକ୍ଷା ପରିଚାଳନାରେ ଅସୁବିଧା ହେବାର ଆଶଙ୍କା ରହିଥିବା ଶିକ୍ଷାବିତ୍‌ମାନେ କହିଛନ୍ତି।

ସେପଟେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ମାର୍ଚ୍ଚ ୧ରୁ ଯୁକ୍ତ୨ ପରୀକ୍ଷା ଆରମ୍ଭ ହେବ। ପ୍ରଶ୍ନପତ୍ର ହବ୍‌ରେ ପହଞ୍ଚିସାରିଥିବାବେଳେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ତେବେ କିଛି ଅଧ୍ୟାପକ ଦାବି ପୂରଣ ନ ହେଲେ ପରୀକ୍ଷା ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ଏକଥା ଆମ ନଜରକୁ ଆସିଛି। ଆମେ ଅନୁରୋଧ କରିବୁ ଅଧ୍ୟାପକଙ୍କୁ ଆଲୋଚନା ମାଧ୍ୟମରେ ସମାଧାନ କରାଯାଉ। ଆନ୍ଦୋଳନରେ ଥିବା ଅଧ୍ୟାପକମାନେ ପିଲାଙ୍କ ସ୍ୱାର୍ଥ ଦୃଷ୍ଟିରୁ ପରୀକ୍ଷା ବର୍ଜନ ନ କରିବାକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି।

ଏନେଇ ନିଖିଳ ଓଡ଼ିଶା ୬୬୨ବର୍ଗ ବେସରକାରୀ କଲେଜ ଅଧ୍ୟାପକ କର୍ମଚାରୀ ସଂଘ ସଭାପତି ଗୋଲକ ନାୟକ କହିଛନ୍ତି, ସରକାର ଦାବି ସମ୍ପର୍କରେ ଆଲୋଚନା କରୁନାହାନ୍ତି। ଆଗକୁ ଯୁକ୍ତ୨, ଯୁକ୍ତ୩ ପରୀକ୍ଷା ଅଛି। ପିଲାଙ୍କୁ ଆମେ ହଇରାଣ କରିବା ପାଇଁ ପାଇଁ ଚାହୁଁନୁ। ତେଣୁ ଯଦି ସରକାର ପିଲାଙ୍କ ସ୍ୱାର୍ଥ ଚାହୁଁଛନ୍ତି, ତେବେ ଆଗ ଅଧ୍ୟାପକଙ୍କ ଦାବି ସମ୍ପର୍କରେ ପଦକ୍ଷେପ ନିଅନ୍ତୁ। ତୁରନ୍ତ କୌଣସି ପଦକ୍ଷେପ ନିଆ ନ ଗଲେ ପରୀକ୍ଷା ପରିଚାଳନାରେ ସହଯୋଗ କରିବୁ ନାହିଁ ଏବଂ ଆବଶ୍ୟକ ପଡ଼ିଲେ ଖାତା ଦେଖାରେ ମଧ୍ୟ ଅସହଯୋଗ କରିବୁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ସୂଚନାଯୋଗ୍ୟ, ସମାନ ଗ୍ରେଡ୍ ପେ' ଆଧାରରେ ସମାନ ଦରମା ବୃଦ୍ଧି, ସମସ୍ତଙ୍କୁ ପେନ୍‌ସନ ଓ ଗ୍ରାଚ୍ୟୁଇଟି ପ୍ରଦାନ ଆଦି ୪ ଦଫା ଦାବି ନେଇ ନିଖିଳ ଓଡ଼ିଶା ୬୬୨ବର୍ଗ ବେସରକାରୀ କଲେଜ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ଗତ ୧୩ ତାରିଖରୁ ଗାନ୍ଧୀ ମାର୍ଗରେ ଆନ୍ଦୋଳନ ଜାରି ରହିଛି। ୧୩ଦିନ ବିତିଯାଇଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି ଆଲୋଚନା ହୋଇ ନ ଥିବାବେଳେ ସଂଘର ଚେତାବନୀ ଚିନ୍ତା ବଢ଼ାଇଛି।

## ଡାକ୍ତରଙ୍କ ସାର୍ଟିଫିକେଟ୍ ଯାଞ୍ଚ ହେବ

ଭୁବନେଶ୍ୱର, ୨୫।୨(ବ୍ୟୁରୋ)

ରାଜ୍ୟ ସରକାରଙ୍କୁ ନକଲି ଡାକ୍ତର ଚିନ୍ତା ଘାରିଛି। ବହୁ ସମୟରେ ରାଜ୍ୟରେ ନକଲି ଡାକ୍ତର ଚିହ୍ନଟ ହେଉଥିବାରୁ ରୋଗୀଙ୍କ ପାଇଁ ବିପଦ ରହୁଛି। ତେବେ ନକଲି ଡାକ୍ତରଙ୍କୁ ଚିହ୍ନଟ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ରାଜ୍ୟ ସରକାର ଧରପଗଡ଼ ଅଭିଯାନକୁ ଜୋରଦାର କରିଛନ୍ତି। ରାଜ୍ୟରେ ଥିବା ଡାକ୍ତରଙ୍କ ଶିକ୍ଷାଗତ ଯୋଗ୍ୟତା ଯାଞ୍ଚ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶ ଅନୁଯାୟୀ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏବେ ଏହି ପ୍ରକ୍ରିୟା ଆରମ୍ଭ କରିଛି। ଏବେ ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ଚିକିତ୍ସାଳୟରେ କାର୍ଯ୍ୟ କରୁଥିବା ଡାକ୍ତରଙ୍କ ସାର୍ଟିଫିକେଟ୍ ଯାଞ୍ଚ ହେବ। ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଚିଠି ହୋଇଛି। ମାର୍ଚ୍ଚ ୧୦ ସୁଦ୍ଧା ନିଜ ନିଜ ସାର୍ଟିଫିକେଟ୍ ଜମା କରିବାକୁ ଡାକ୍ତରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମେଡିକାଲ୍ ରେଜିଷ୍ଟ୍ରେଶନ୍ ସାର୍ଟିଫିକେଟ୍ ସହିତ ଡିଗ୍ରୀ, ପିଜି ଓ ସୁପର ସ୍ପେଶାଲାଇଜେଶନ ସାର୍ଟିଫିକେଟ୍ ମଧ୍ୟ ଦାଖଲ କରିବାକୁ କୁହାଯାଇଛି। ନିର୍ଦ୍ଦେଶ ଅନୁସାରେ, ଉଭୟ ସରକାରୀ ଓ ଘରୋଇ ଡାକ୍ତରଖାନାର ଏଲୋପାଥିକ୍ ଡାକ୍ତରମାନେ ମାର୍ଚ୍ଚ ୧୦ ସୁଦ୍ଧା ନିଜ ଅଥରିଟିଙ୍କ ନିକଟରେ ସାର୍ଟିଫିକେଟ୍ ଜମା କରିବେ। ପରେ ବିଶେଷଜ୍ଞଙ୍କ ଦ୍ୱାରା ଏହାର ଯାଞ୍ଚ କରାଯିବ। ପରେ ଡିଏମ୍‌ଇଟି ମାର୍ଚ୍ଚ ୩୧ ସୁଦ୍ଧା ଓଡ଼ିଶା କାଉନ୍‌ସିଲ ଅଫ୍ ମେଡିକାଲ୍ ରେଜିଷ୍ଟ୍ରେଶନ୍(ଓସିଏମ୍‌ଆର୍) ନିକଟରେ ଏକ କନସୋଲିଡେଟେଡ୍ ରିପୋର୍ଟ ଜମା କରିବେ। ସାର୍ଟିଫିକେଟ୍ ନେଇ କୌଣସି ଦ୍ୱନ୍ଦ୍ୱ ଥିଲେ ବା କିଛି ତ୍ରୁଟି ଥିଲେ ଓସିଏମ୍‌ଆର୍ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବ।

## କୋରାପୁଟରେ ମୁଖ୍ୟ ଶାସନ ସଚିବ

### ଗୁପ୍ତେଶ୍ୱର ମନ୍ଦିର ମାଷ୍ଟରପ୍ଲାନ୍, ବିମାନବନ୍ଦର ସମ୍ପ୍ରସାରଣ ନେଇ ଆଲୋଚନା


ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

ଭୁବନେଶ୍ୱର,୨୫।୨(ବ୍ୟୁରୋ)/ ବୈପାରୀଗୁଡ଼ା(ଡି.ଏନ.ଏ.)

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କୋରାପୁଟ ଜିଲା ଗସ୍ତ କରି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଜୟପୁରରେ ପହଞ୍ଚିବା ପରେ ସେଠାରୁ ସେ ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ମନ୍ଦିର ଗସ୍ତ କରିଥିଲେ। ଗୁପ୍ତେଶ୍ୱର ମନ୍ଦିରର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ମନ୍ଦିରର ଉନ୍ନୟନ ଏବଂ ଏହା ପରିସରରେ ଶ୍ରଦ୍ଧାଳୁମାନଙ୍କ ଲାଗି ସର୍ବନିମ୍ନ ସୁବିଧା ନିମନ୍ତେ ପ୍ରସ୍ତୁତ ମାଷ୍ଟରପ୍ଲାନ୍‌ର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏ ସମ୍ପର୍କରେ ମନ୍ଦିରର ସେବାୟତ ଏବଂ ସ୍ଥାନୀୟ ପ୍ରଶାସନ ସହ ଆଲୋଚନା କରିଛନ୍ତି। ପୂର୍ବରୁ ଦେଢ଼ କୋଟି ଟଙ୍କା ବ୍ୟୟରେ ମନ୍ଦିରକୁ ଯିବା ନିମନ୍ତେ ପଥର ପାହାଚ, ମାର୍କେଟ କମ୍ପ୍ଲେକ୍ସ, ପାର୍କିଂ ଅଞ୍ଚଳ ଏବଂ ମନ୍ଦିରଠାରୁ ନଦୀପଠା ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ କରାଯାଇଥିବା ନେଇ ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି। ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଶେଷ କରିବାକୁ ରାଜ୍ୟ ସରକାର ପାଣ୍ଠି ଯୋଗାଇଦେବେ। ରାମଗିରି-ଗୁପ୍ତେଶ୍ୱର ରାସ୍ତାର ମଧ୍ୟ ରାଜ୍ୟ ସରକାର ଉନ୍ନତୀକରଣ କରିଥିବା ସେ କହିଛନ୍ତି।

## ଓକିଲଙ୍କ ଲାଇସେନ୍ସ ନିଲମ୍ବନ ପ୍ରସଙ୍ଗ
# ସମ୍ବଲପୁରରେ ବିସିଆଇ ଟିମ୍

### ସୁପ୍ରିମ୍‌କୋର୍ଟରେ ରିପୋର୍ଟ ଦାଖଲ କରିବେ

ସମ୍ବଲପୁର,୨୫।୨(ବ୍ୟୁରୋ)

ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶକୁ ଅବମାନନା କରି ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ସମ୍ବଲପୁରଠାରେ ଜିଲା ଓକିଲ ସଂଘ ଆନ୍ଦୋଳନରେ ସାମିଲ ହୋଇଥିଲା। ଏହି ଘଟଣାରେ ସୁପ୍ରିମ୍‌କୋର୍ଟ କ୍ଷୋଭ ପ୍ରକାଶ କରି ୫୪ ଜଣ ଓକିଲଙ୍କ ଲାଇସେନ୍ସ ୧୮ ମାସ ପର୍ଯ୍ୟନ୍ତ ନିଲମ୍ବନ କରିଥିଲେ। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଅନ୍ୟ ସମସ୍ତ ଓକିଲଙ୍କ ନିଲମ୍ବନ ବଳବତ୍ତର ରହିବ ବୋଲି ରୋକଠୋକ ଶୁଣାଇଥିଲେ। ଘଟଣାର ସତ୍ୟାସତ୍ୟ ଯାଞ୍ଚ କରିବା ପାଇଁ ବିସିଆଇ (ବାର୍ କାଉନ୍‌ସିଲ ଅଫ ଇଣ୍ଡିଆ)ର ୩ଜଣିଆ କମିଟିକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବିସିଆଇ ଟିମ୍ ସଦସ୍ୟ ଡି.ପି. ଧଳ, ମାନସ ମହାପାତ୍ର, ଯଶୋବନ୍ତ ଦାସ ଶନିବାର ସମ୍ବଲପୁରରେ ପହଞ୍ଚି ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦୀପକ କୁମାର, ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର, ସମ୍ବଲପୁର ଜିଲା ଜଜ୍‌ଙ୍କ ସହ ଅନ୍ୟ ବିଚାରପତି ଓ ଜିଲା ଓକିଲ ସଂଘକୁ ପୃଥକ୍ ଭାବେ ଭେଟିଥିଲା।



ଆନ୍ଦୋଳନ ସମୟରେ କେଉଁମାନେ ଉପସ୍ଥିତ ରହିଥିଲେ, ଘଟଣା ପଛରେ କେଉଁମାନଙ୍କ ସମ୍ପୃକ୍ତି ରହିଛି, କାହିଁକି ଏଭଳି ଅଭାବନୀୟ ଘଟଣା ଘଟିଥିଲା ତାହାକୁ ନେଇ କମିଟି ସଦସ୍ୟ ତଦନ୍ତ କରିଛନ୍ତି। ଏହାର ରିପୋର୍ଟ ସେମାନେ ସୁପ୍ରିମ୍‌କୋର୍ଟରେ ଦାଖଲ କରିବେ।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ସମ୍ବଲପୁର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କରାଯାଇଥିବା ଆନ୍ଦୋଳନରେ ଜିଲା ଓକିଲ ସଂଘ ସାମିଲ ହୋଇଥିଲା। ୨୦୨୨ ନଭେମ୍ବର ୨୯ରେ ଆନ୍ଦୋଳନକାରୀ କୋର୍ଟ କାର୍ଯ୍ୟ ବନ୍ଦ କରିଥିଲେ। ଡିସେମ୍ବର ୧୨ରେ ବିଚାରପତିମାନେ କୋର୍ଟ କାର୍ଯ୍ୟରେ ଯୋଗଦେଇଥିବା ଜାଣି ଆନ୍ଦୋଳନକାରୀ କୋର୍ଟ ପରିସରରେ ଧସେଇ ପଶି ଭଙ୍ଗାରୁଜା କରିଥିଲେ। ସୁପ୍ରିମ୍‌କୋର୍ଟ କ୍ଷୋଭ ପ୍ରକାଶ କରି ୫୪ ଓକିଲଙ୍କ ଲାଇସେନ୍ସ ୧୮ମାସ ପର୍ଯ୍ୟନ୍ତ ନିଲମ୍ବନ କରିଥିଲେ।

## କର୍ପୋରେଟରଙ୍କ ଝିଅଙ୍କୁ ଅପହରଣ ଅଭିଯୋଗ

ବ୍ରହ୍ମପୁର ଅଫିସ,୨୫।୨

ବ୍ରହ୍ମପୁର ମହାନଗର ନିଗମର ଜଣେ କର୍ପୋରେଟରଙ୍କ ଝିଅଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। କେତେକ ଅସାମାଜିକ ଯୁବକ ତାଙ୍କ ଘରେ ପଶି ଭଙ୍ଗାରୁଜା ଓ ମହିଳାଙ୍କୁ ଅସଦାଚରଣ କରିଥିବା ନେଇ ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ବଡବଜାର ପୋଲିସ ନଂ. ୬୦/୨୩ ରେ ଏକ ମାମଲା ରୁଜୁ କର ଅସାମାଜିକ ଯୁବକଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ କରିଛି।

ଦୁଇ ଦିନ ପୂର୍ବେ କର୍ପୋରେଟରଙ୍କ ଝିଅ ନିଖୋଜ ହୋଇଯାଇଥିଲେ। ତାଙ୍କ ଝିଅଙ୍କୁ ଜଣେ ଯୁବକ ଅପହରଣ କରି ନେଇଥିବା ସେ ଜାଣିବାକୁ ପାଇଥିଲେ। ଅପହରଣକାରୀ ଯୁବକଙ୍କ ପରିବାର ଲୋକଙ୍କୁ ଏନେଇ କର୍ପୋରେଟର ପଚାରିଥିଲେ। କିଛି ସମୟ ପରେ ସେମାନେ ମାରଣାସ୍ତ୍ର ଧରି କର୍ପୋରେଟରଙ୍କ ଘରେ ପଶି ତାଙ୍କ ସ୍ତ୍ରୀଙ୍କୁ ଅସଦାଚରଣ କରିଥିଲେ। କର୍ପୋରେଟରଙ୍କୁ ହତ୍ୟା ଉଦ୍ୟମ କରିଥିଲେ। ହେଲେ ସେ ଘରୁ ଖସିଯାଇ ବଡବଜାର ଥାନାରେ ଅଭିଯୋଗ କରିଥିଲେ।

# ତ୍ରିକୋଣୀୟ ପ୍ରେମରୁ ଯୁବକଙ୍କୁ ହତ୍ୟା

### ୪ ଗିରଫ, ଜଣେ ନାବାଳକ ସାମିଲ

ଭବାନୀପାଟଣା,୨୫।୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଞ୍ଚଳରେ ତ୍ରିକୋଣୀୟ ପ୍ରେମରୁ କଲେଜ ଛାତ୍ର ଦିଲୀପ ବାଗ (୧୭) ହତ୍ୟା ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ୩ ଅଭିଯୁକ୍ତ ମୋହନ ମାଝି, ଅବତାର ମାଝି, ଚନ୍ଦ୍ର ମାଝିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛି। ତ୍ରିକୋଣୀୟ ପ୍ରେମରୁ ଯୁବକଙ୍କୁ ହତ୍ୟା କରାଯାଇଛି ବୋଲି ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜୟପାଟଣା ଆଇଆଇସି ବାସୁଦେବ ଛତ୍ରିଆ ସୂଚନା ଦେଇଛନ୍ତି। ଗତ ୧୯ ତାରିଖରେ ପୋଲୋକାମୁଣ୍ଡା ଗ୍ରାମର କଲେଜ ଛାତ୍ର ଦିଲୀପ ନିଖୋଜ ଥିବା ତାଙ୍କ ବାପା ଧୋବା ବାଗ ଥାନାରେ ଅଭିଯୋଗ କରିଥିଲେ। ଗତ ୨୧ରେ କାଦୋପଦର ହାତୀନଦୀ ଘାଟ ନିକଟରେ ଦିଲୀପଙ୍କ ମୃତଦେହ ଜବତ କରାଯାଇଥିଲା। ଦିଲୀପଙ୍କ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ପୋଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଅଟକ ରଖି ପଚାରାଉଚରା କରିଥିଲା। ତଦନ୍ତ ପରେ ତ୍ରିକୋଣୀୟ ପ୍ରେମ ସମ୍ପର୍କରୁ ଦିଲୀପଙ୍କ ହତ୍ୟା ହୋଇଥିବା ଜଣାପଡ଼ିଥିଲା। ଜଣେ ଝିଅଙ୍କୁ ଦିଲୀପ ଓ ମୋହନ ଭଲ ପାଉଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଗତ ୧୮ ତାରିଖରେ ଏହା ହତ୍ୟାର ରୂପ ନେଇଥିଲା।

# ଆନ୍ଧ୍ରର ପୋଖରୀ କାମ ବନ୍ଦକଲା ଓଡ଼ିଶା

### ଡିମାର୍କେଶନ ପରେ ନିଷ୍ପତ୍ତି

ରାମନାଗୁଡ଼ା(ଡି.ଏନ୍.ଏ.)/ରାୟଗଡ଼ା (ସ୍ୱ.ପ୍ର.)/ରାୟଗଡ଼ା ଅଫିସ, ୨୫।୨

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକର ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ଥିବା ଲାଉଗୁଡ଼ାରେ ଆନ୍ଧ୍ର ପ୍ରଶାସନ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପୋଖରୀ ଖୋଳା କାମ ଆରମ୍ଭ କରିଥିଲା। ଶନିବାର ରାମନାଗୁଡ଼ା ବ୍ଲକ ପ୍ରଶାସନିକ ଅଧିକାରୀମାନେ ସେଠାରେ ପହଞ୍ଚି ଆନ୍ଧ୍ର ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି କାମ ବନ୍ଦ କରିଛନ୍ତି। ସୀମା ନିର୍ଦ୍ଧାରଣ ପରେ ଉଭୟ ପକ୍ଷରୁ କାମ ଆରମ୍ଭ ହେବ ବୋଲି ସ୍ଥିର ହୋଇଛି।

ଦୁଇ ତିନିଦିନ ପୂର୍ବରୁ ଲାଉଗୁଡ଼ାରେ ଆନ୍ଧ୍ର ପ୍ରଶାସନ ପକ୍ଷରୁ ପୋଖରୀ ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗ୍ରାମବାସୀ ଏହାକୁ ବିରୋଧ କରିବା ସତ୍ତ୍ୱେ ଆନ୍ଧ୍ର ପ୍ରଶାସନ କାର୍ଯ୍ୟ ଜାରି ରଖିଥିଲା। ଘଟଣା ସମ୍ପର୍କରେ ଖବର ପାଇ ଶୁକ୍ରବାର ଗୁଣପୁର ଉପଜିଲାପାଳ ଲଳିତ କହଁର, ରାମନାଗୁଡ଼ା ତହସିଲଦାର ନିର୍ମଳ ଚନ୍ଦ୍ର ସାହୁ, ବିଡିଓ ପ୍ରଭାତୀ ଝୋଡିଆ ଓ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟ ବନ୍ଦ ପାଇଁ ତାଗିଦ କରିଥିଲେ। ଏହା ସତ୍ତ୍ୱେ ଆନ୍ଧ୍ର ପକ୍ଷରୁ ସକାଳ ୬ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ କାମ ଚାଲୁ ରହିଥିଲା । ଫଳରେ ଏହାର ସମାଧାନ ପାଇଁ ତହସିଲଦାର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଆନ୍ଧ୍ର ପ୍ରଦେଶର ଗୁମ୍ମା ଓ ଲକ୍ଷ୍ମୀପୁର ବ୍ଲକ ଗସ୍ତ କରି ସେଠାକାର ବ୍ଲକ ଏମ୍‌ପିଡିଓ ଏସ୍.ସଲମାନ ରାଜ, ଏମ୍‌ଆର୍‌ଓ ରାମୁଲାମା, ବ୍ଲକ ଅଧ୍ୟକ୍ଷ କେ.ଦିନାମାୟା ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ।

# ବଢ଼ୁଛି ନକଲି ହାତୀଦାନ୍ତ ବେପାର

ଭୁବନେଶ୍ୱର, ୨୫।୨(ବ୍ୟୁରୋ)

ରାଜ୍ୟରେ ହାତୀ-ମଣିଷ ଦ୍ୱନ୍ଦ୍ୱ ବଢ଼ିବାରେ ଲାଗିଛି। ହାତୀ ଯୋଗୁ ମଣିଷ ଜୀବନ ନଷ୍ଟ ହେଲେ କ୍ଷତିପୂରଣ ସରକାର ଦେଉଛନ୍ତି। କିନ୍ତୁ ମଣିଷ ଦ୍ୱାରା ହାତୀର ମୃତ୍ୟୁ ହେଲେ କେହି ଉତ୍ତରଦାୟୀ ହେଉନାହାନ୍ତି। ହାତୀ ଶିକାର ଓ ଦାନ୍ତ ଚାଲାଣରେ ବନ ବିଭାଗର ଅଧିକାରୀ ତଥା କର୍ମଚାରୀଙ୍କ ସମ୍ପୃକ୍ତି ରହୁଥିବାରୁ ରାଜ୍ୟରେ ଏହି ର୍‍ୟାକେଟ ସକ୍ରିୟ ରହିଛି। ତେବେ ବେଳେବେଳେ ବନ ବିଭାଗ ପକ୍ଷରୁ ଶିକାରୀଙ୍କୁ ଗିରଫ କରାଯିବା ସହ ହାତୀଦାନ୍ତ ଜବତ କରାଯାଉଥିଲେ ମଧ୍ୟ ତାହା ସମୁଦ୍ରକୁ ଶଙ୍ଖେ। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ହାତୀମୃତ୍ୟୁର ତଦନ୍ତ ଓ ଦାନ୍ତ ଜବତ କରୁଥିଲେ ମଧ୍ୟ ଜବତ ଦାନ୍ତ ମଧ୍ୟରୁ ପ୍ରାୟ ୯୦% ନକଲି ରହୁଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଦାବି କରୁଛନ୍ତି। ବନ ବିଭାଗ ହେଉ କିମ୍ବା କ୍ରାଇମବ୍ରାଞ୍ଚ ହାତୀଦାନ୍ତ ଜବତ କଲେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥାଏ। ଅଧିକାଂଶ ନକଲି ଜଣାପଡୁଥିଲେ ମଧ୍ୟ ତାହାକୁ କାହିଁକି ସାର୍ବଜନୀନ କରାଯାଉ ନାହିଁ ବୋଲି ବିଶେଷଜ୍ଞମାନେ ପ୍ରଶ୍ନ ଉଠାଇଛନ୍ତି। ଭୁବନେଶ୍ୱରରୁ ଗତ ୧୯ ତାରିଖରେ ୩ କେଜି ଓଜନର ଏକ ହାତୀଦାନ୍ତ ଜବତ ସହ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଭୁବନେଶ୍ୱର ବନ୍ୟପ୍ରାଣୀ ରେଞ୍ଜ ପକ୍ଷରୁ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେମାନଙ୍କଠାରୁ ଜବତ ଦାନ୍ତ ନକଲି ବୋଲି ବାଙ୍ଗାଲୋରସ୍ଥିତ ବନ୍ୟପ୍ରାଣୀ ଅପରାଧ ବିଶେଷଜ୍ଞ ଶରଥ ବାବୁ କହିଛନ୍ତି। ସେତିକି ନୁହେଁ, ଗତ ମେ' ୪ରେ ବଲାଙ୍ଗୀର ଜିଲାରୁ କ୍ରାଇମବ୍ରାଞ୍ଚ ଜବତ କରିଥିବା ୬ ଖଣ୍ଡ ହାତୀଦାନ୍ତ ମଧ୍ୟରୁ ୫ଟି ଏବଂ ଏପ୍ରିଲ ୨୩ରେ ସୁବର୍ଣ୍ଣପୁର ଜିଲାରୁ ଜବତ ହୋଇଥିବା ୩ଟି ହାତୀଦାନ୍ତ ନକଲି ବୋଲି ଶରଥ ଦାବି କରିଛନ୍ତି। ଶରଥ ନିଜ ଆଡୁ ଇଂଲିଶ ଖବରକାଗଜରେ ପ୍ରକାଶିତ ଖବର ପଢ଼ି ଓ ଫଟୋ ଦେଖି ଅଧିକ ତଥ୍ୟ ଜାଣିବାକୁ ଚାହିଁଥିଲେ। ତେଣୁ ସେ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକଙ୍କ ସହ ଯୋଗାଯୋଗ କରିଥିଲେ। ଶୁଭେନ୍ଦୁ ବଲାଙ୍ଗୀର, ସୁବର୍ଣ୍ଣପୁର ଏବଂ ଭୁବନେଶ୍ୱରରେ ଜବତ ହୋଇଥିବା ହାତୀଦାନ୍ତର ଫଟୋ ସହ ତଥ୍ୟ ତାଙ୍କ ପାଖକୁ ପଠାଇଥିଲେ। ଜବତ ୧୦ ଖଣ୍ଡ ଦାନ୍ତ ଭିତରେ ୯ଟି ନକଲି ବୋଲି ଶରଥ ଦୃଢ଼ ଭାବରେ କହିଛନ୍ତି।

ବିଶେଷଜ୍ଞଙ୍କ ମତରେ, ଭୁବନେଶ୍ୱରରୁ ଜବତ ହାତୀଦାନ୍ତରେ ଗୋଟିଏ ଫାଟ ରହିଛି, ଯାହା ହାତୀଦାନ୍ତରେ ନ ଥାଏ। ସେହିପରି ମାତ୍ର ୮ଇଞ୍ଚ ଲମ୍ବ ଓ ସାଢ଼େ ୩ଇଞ୍ଚ ବ୍ୟାସ ବିଶିଷ୍ଟ ଦାନ୍ତ ୩ କେଜି ହେବ ନାହିଁ। ଆହୁରି ମଧ୍ୟ ଗୋଟିଏ ପଟେ ପ୍ରାୟ ୨ଇଞ୍ଚ ବ୍ୟାସ ବିଶିଷ୍ଟ ଗୋଲେଇ କରି, ତାକୁ ଖୋଦେଇ କରି କିଛି ଓଜନିଆ ଜିନିଷ ଭର୍ତ୍ତି କରି ସିଲ୍ କରାଯାଇଥିବା ପରି ସ୍ପଷ୍ଟ ଜଣାପଡୁଥିଲା। ହାତୀଦାନ୍ତର ଓଜନ ଅଧିକ କରିବା ଲାଗି ଏହି କାରସାଦି କରାଯାଇଛି ବୋଲି ଶୁଭେନ୍ଦୁ କହିଛନ୍ତି। ପୁଣି ହାତୀଦାନ୍ତରେ ଏଭଳି ପୋଲା ନ ଥାଏ। ଏହାକୁ କାଟି ପରୀକ୍ଷା କଲେ ଭିତରେ କ'ଣ ଭର୍ତ୍ତି କରାଯାଇଛି ତାହା ଜଣାପଡ଼ିବ। ହାତୀଦାନ୍ତ ପ୍ରାକୃତିକ ଭାବରେ ବଙ୍କା ଥାଏ, କିନ୍ତୁ ଏଠାରେ ୮ଇଞ୍ଚ ସମ୍ପୂର୍ଣ୍ଣ ସରଳ ରେଖାରେ ରହିବା ପ୍ରମାଣ କରୁଛି କି ତାହା ଦାନ୍ତ ନୁହେଁ; ତାହା ହାତୀର ଗୋଡ଼ କିମ୍ବା ଅନ୍ୟ କେଉଁ ଅଂଶର ହାଡ଼ ହୋଇଥାଇପାରେ ବୋଲି ଶରଥ କହିଛନ୍ତି।

ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି, ଗତବର୍ଷ ବଲାଙ୍ଗୀର ଓ ସୋନପୁରରୁ ଜବତ ୯ ହାତୀଦାନ୍ତର ଫଟୋରେ ମାତ୍ର ଗୋଟିଏ ଅସଲି ଭଳି ଦେଖାଯାଉଥିବ ଅନୁଭବ କରିଛି। ହାତୀ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ, ୧୯୭୨ ଅନୁଯାୟୀ ତଫସିଲ-୧ ପ୍ରାଣୀ। ହାତୀର ହାଡ଼କୁ ବିକିବାକୁ ଚେଷ୍ଟା କଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ ବନ୍ୟପ୍ରାଣୀ ଆଇନର ଧାରା ୯ ଲାଗିବ। ହାତୀ ହାଡ଼କୁ ଦାନ୍ତ ବୋଲି ଦେଖେଇ ବିକିବାକୁ ଚେଷ୍ଟା କଲେ ଆଇପିସିର ୪୨୦ ଦଫା ଲାଗିପାରିବ।



### ଅସଲି କି ନକଲି କେମିତି ଚିହ୍ନିହେବ

୨୦୨୦ରେ ସାଇଟିସ୍ ସେକ୍ରେଟାରିଏଟ୍ ଏବଂ ୱାର୍ଲ୍ଡ ୱାଇଲ୍ଡ ଫଣ୍ଡର ମିଳିତ ସହଯୋଗରେ ପ୍ରକାଶ ପାଇଥିବା 'ଆଇଡେଣ୍ଟିଫିକେଶନ ଗାଇଡ୍ ଫର୍ ଆଇଭରି ଆଣ୍ଡ୍ ଆଇଭରି ସବ୍‌ଷ୍ଟିଚ୍ୟୁଟ୍‌ସ' ପୁସ୍ତକର ୪ର୍ଥ ସଂସ୍କରଣରେ ହାତୀଦାନ୍ତ ଅସଲି କି ନକଲି ଚିହ୍ନିବା ପାଇଁ ବୁଝାଯାଇଛି। ପୋଲିସ ବା ବନ ଅଧିକାରୀମାନେ ମାଗଣାରେ ସେ ବହିକୁ ଡାଉନ୍‌ଲୋଡ୍ କରି ଜ୍ଞାନ ଆହରଣ କରିବା ସହ କ୍ଷେତ୍ର ବିଶେଷରେ କାମରେ ଲଗାଇପାରିବେ। ଭୌତିକ, ରାସାୟନିକ ଏବଂ ଜେନେଟିକ୍ସ ପରୀକ୍ଷା ଦ୍ୱାରା ହାତୀଦାନ୍ତ ଅସଲି କି ନକଲି ଜାଣିହେବ। ତେବେ ଫିଲ୍ଡରେ କାମ କଲାବେଳେ ଜେନେଟିକ୍ସ ପରୀକ୍ଷା ସମ୍ଭବପର ହୋଇ ନ ଥାଏ। ତେଣୁ ଅନ୍ୟ ୩ଟି ପଦ୍ଧତିକୁ ଅଧିକାରୀମାନେ ଆପଣାଇପାରିବେ। ଅସଲି ହାତୀଦାନ୍ତ ବା ହାତୀଦାନ୍ତରୁ ନିର୍ମିତ ସାମଗ୍ରୀ ଉପରେ ଅଲଟ୍ରା ଭାଓଲେଟ ଲାଇଟ୍ ପଡ଼ିଲେ ତାହା ଫ୍ଲୋରୋସେଣ୍ଟ ରଙ୍ଗ ବିକିରଣ କରିଥାଏ। ସେହିଭଳି ହାତୀର ହାଡ଼କୁ ଘୋରି ପାଲିସ କରି ଦାନ୍ତ ଭଳି ଆକାର ଦିଆଯାଇଥିଲେ ତାହାକୁ ଲେନ୍ସରେ ଭଲ ଭାବରେ ପରୀକ୍ଷା କଲେ ଧରାପଡ଼ିଯିବ। ହାତୀଦାନ୍ତର କ୍ରସ୍ ସେକ୍ସନ କରି ତାହାର ଫଟୋ ଉଠାଇ ସେଥିରେ ସ୍ରେଗର ଲାଇନ୍ ମପାଯାଇଥାଏ। ଯଦି ସେହି କୋଣ ୧୦୦ ଡିଗ୍ରୀରୁ ଅଧିକ ହୁଏ, ତେବେ ତାହା ହାତୀଦାନ୍ତ ବୋଲି ସ୍ପଷ୍ଟ ହୋଇଥାଏ।

## ମାଛକୁଣ୍ଡ ଟିପି ଡ୍ୟାମ୍‌ରୁ ବିଦ୍ୟୁତ୍ ଉତ୍ପାଦନ ବନ୍ଦ



କୋରାପୁଟ, ୨୫।୨(ସ୍ୱ.ପ୍ର.)

କୋରାପୁଟ ଜିଲାର ଅନକାଡେଲିସ୍ଥିତ ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପର ଟିପି ଡ୍ୟାମରେ ଗଛ ଗଣ୍ଡି ଓ ଡାଳ ଲାଗି ଗେଟ୍ ପ୍ରଭାବିତ ହୋଇଛି। ଏଥିଯୋଗୁ ପ୍ରକଳ୍ପର ବିଦ୍ୟୁତ୍ ଉତ୍ପାଦନ ବନ୍ଦ ରହିଥିବା ଅଧୀକ୍ଷଣ ଯନ୍ତ୍ରୀ କେ.ଭି. ନାଗେଶ୍ୱର ରାଓ ଶନିବାର କହିଛନ୍ତି। ଏଥିଯୋଗୁ ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରକଳ୍ପରୁ ବିଦ୍ୟୁତ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଫଳରେ ଦୈନିକ ୭୨ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହୋଇ ନ ପାରି କ୍ଷତି ହେଉଛି। ଆଗାମୀ ୩ ଦିନ ଧରି ମାଛକୁଣ୍ଡ ପ୍ରକଳ୍ପକୁ ବନ୍ଦ କରାଯାଇ ଟିପି ଡ୍ୟାମର ଗେଟ୍ ମରାମତି କରାଯିବ ବୋଲି ଏସସି ରାଓ କହିଛନ୍ତି। ସୂଚନାଯୋଗ୍ୟ, ଗତ ଗୁରୁବାରଠାରୁ ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପକୁ ଜଳଯୋଗାଣ କରାଯାଉଥିବା ଟିପି ଡ୍ୟାମରେ ଏକ ଗଛ ଗଣ୍ଡି ଲାଗି ଏହା ଗେଟର ସମ୍ମୁଖରେ ଥିବା ଲୁହା ଜାଲିରେ ଲାଗିଯାଇଥିଲା। ଫଳରେ ଡ୍ୟାମର ୩ଟି ଗେଟ୍ ପ୍ରଭାବିତ ହୋଇଥିଲା। ଜଳସ୍ରୋତରେ ହ୍ରାସ ପାଇଥିଲା। ଏସମ୍ପର୍କରେ ପ୍ରକଳ୍ପ କର୍ତ୍ତୃପକ୍ଷ ଜାଣିବା ପରେ ସ୍ଥିତିଯାଞ୍ଚ କରିଥିଲେ। ପରେ ପ୍ରକଳ୍ପ ଅଧିକାରୀମାନେ ତୁରନ୍ତ ପ୍ରକଳ୍ପର ଡି ଡ୍ୟାମକୁ ବନ୍ଦ କରିଦେଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ହୋଲିରେ ହୁଏ ଜୀବନ୍ତଙ୍କ ଶବଯାତ୍ରା



**ମୁମ୍ବାଇ:** ହୋଲିରେ ମୁଖ୍ୟତଃ ବୁଢ଼ାଠୁ ଆରମ୍ଭ କରି ପିଲାଙ୍କ ପାଖରେ ଖୁସି ଦେଖିବାକୁ ମିଳିଥାଏ। ସମସ୍ତେ ସମସ୍ତଙ୍କୁ ବିଭିନ୍ନ ରଙ୍ଗର ରଙ୍ଗ ଲଗାଇ ଖୁସି ହୋଇଥାନ୍ତି। ତେବେ ମହାରାଷ୍ଟ୍ରର ଭିଲାବାଡ଼ି ସହରରେ ହୋଲିରେ ଏକ ଅଜବ ପରମ୍ପରା ପାଳନ କରାଯାଉଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାଏ। ଏଠାରେ ହୋଲିର ୭ ଦିନ ପରେ ଶୀତଳା ସପ୍ତମୀରେ ବିଶେଷ ଢଙ୍ଗରେ ହୋଲି ଖେଳିଥାନ୍ତି। ସେଥିରେ ଜିଅନ୍ତା ଲୋକଙ୍କ ଶବଯାତ୍ରା କରାଯାଇଥାଏ। କୋକେଇରେ ଜଣେ ଜିଅନ୍ତା ଲୋକଙ୍କୁ ଶୁଆଇ ଦିଆଯାଏ। ଏହି ଯାତ୍ରା ଦେଖିବାକୁ ଅନେକ ଲୋକ ଏକାଠି ହୋଇଥାନ୍ତି। ଏହି ସହରର ଏକ ସ୍ଥାନରୁ ଆରମ୍ଭ ହୋଇ ସେଠାରେ ଥିବା ଏକ ବଡ଼ ମନ୍ଦିରରେ ଶେଷ ହୋଇଥାଏ। ମୃତ୍ୟୁର ଅଭିନୟ କରୁଥିବା ବ୍ୟକ୍ତି ଜଣକ ସେଠାରୁ ଦଉଡ଼ି ପଳାଇଯା'ନ୍ତି ଏବଂ ପରେ ସେହି କୋକେଇର ସଂସ୍କାର କରାଯାଇଥାଏ। ଏହି ଯାତ୍ରା ମୁଖ୍ୟତଃ ସେମାନଙ୍କ ଜୀବନ ଯାପନର ଏକ ଅଂଶ ଭାବେ ସେଠାରେ ପାଳନ କରାଯାଏ। ତେବେ ଏହି ପରମ୍ପରାକୁ ସେଠାକାର ଗୈନ୍ଦାର ନାମକ ଜଣେ ଦେହ ବ୍ୟବସାୟୀ ଆରମ୍ଭ କରିଥିଲେ, ଯାହା ୫୦୦ ବର୍ଷ ହେବ ସେଠାରେ ଚାଲିଆସୁଛି।

# ବୟସ ୧୧ ବର୍ଷ, ଆୟ କୋଟିଏ



**କାନ୍‌ବେରା:** ବର୍ତ୍ତମାନ ସମୟରେ ଟଙ୍କା ରୋଜଗାର କରିବା ବହୁତ କଷ୍ଟକର ହୋଇପଡ଼ିଲାଣି। ହେଲେ ଅଷ୍ଟ୍ରେଲିଆର ଜଣେ ୧୧ ବର୍ଷୀୟା ମାସକୁ ୧ କୋଟିରୁ ଉର୍ଦ୍ଧ୍ୱ ଆୟ କରୁଥିବା ଜଣାପଡ଼ିଛି। ଅଷ୍ଟ୍ରେଲିଆର ଜଣେ ପ୍ରସିଦ୍ଧ ଉଦ୍ୟୋଗୀ ରୋକ୍ସି ଜାକେନ୍‌କୋଙ୍କ ଝିଅ ପିକ୍ସି କର୍ଟିସ୍ ତାଙ୍କ ମା'ଙ୍କୁ ଖୁବ୍ କମ୍ ବୟସରୁ ବିଜନେସ୍‌ରେ ସାହାଯ୍ୟ କରୁଛନ୍ତି। ପିକ୍ସି କିଛିଦିନ ତଳେ ତାଙ୍କର ଏକ ଖେଳନା ଷ୍ଟୋର ମଧ୍ୟ ଖୋଲିଛନ୍ତି। ସେ ୩ ବର୍ଷ ତଳେ ତାଙ୍କ ପିକ୍ସିସ୍ ନାମକ ଖେଳନା ବଜାରକୁ ଆଣିଥିଲେ, ଯେଉଁଥିରେ ତାଙ୍କୁ ବହୁ ସଫଳତା ମିଳିଛି। ସେହି ସଫଳତା ପାଇଁ ସେ ପ୍ରତି ମାସରେ ୧ ଲକ୍ଷ ୩୩ ହଜାର ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୧ କୋଟିରୁ ଉର୍ଦ୍ଧ୍ୱ ଆୟ କରିପାରିଛନ୍ତି। ହେଲେ ପିକ୍ସି ୧୧ ବର୍ଷ ବୟସ ବେଳକୁ ଏତେ ଟଙ୍କା ଆୟ କରିସାରିଲେଣି ଯେ ସେ ଏବେ ସେଥିରୁ ଅବସର ନେବାକୁ ଚାହୁଁଛନ୍ତି। ତାଙ୍କ ମା' କହିଛନ୍ତି, ଏହି ବ୍ୟବସାୟ ପାଇଁ ପିକ୍ସିଙ୍କ ପାଠପଢ଼ା ଅଧାରେ ରହିଥିଲା। ସେ ଏବେ ପଢ଼ାକୁ ଗୁରୁତ୍ୱ ଦେବେ। ତାଙ୍କର ଖେଳନା ବ୍ୟବସାୟ ଆଗକୁ ମଧ୍ୟ ଚାଲିବ। ହେଲେ ପିକ୍ସିଙ୍କ ଉପରେ ତାଙ୍କ ମା' ଏତେ ଚାପ ପକାଇବାକୁ ଚାହୁଁନାହାନ୍ତି। ତେବେ ବର୍ତ୍ତମାନ ପିକ୍ସିଙ୍କ ପାଖରେ ଅନେକ ଦାମୀ କାର୍ ରହିଛି। ନିକଟରେ ରୋକ୍ସି ଝିଅ ପିକ୍ସିଙ୍କ ୧୦ମ ଜନ୍ମଦିନରେ ୨ ଲକ୍ଷ ୭୦ ହଜାର ଡଲାର(୨ କୋଟି ୨୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ)ର ମର୍ସିଡିସ୍ କାର୍ ଗିଫ୍ଟରେ ଦେଇଛନ୍ତି।

# ମୋ ପାଇଁ ପୁଅ ଖୋଜିଦିଅନ୍ତୁ



ପରିଣିତି ଚୋପ୍ରା

**ମୁମ୍ବାଇ:** ବର୍ତ୍ତମାନ ସମୟରେ ବଲିଉଡ୍‌ରେ ଅନେକ ଯୋଡ଼ି ବିବାହ ବନ୍ଧନରେ ବାନ୍ଧି ହେଉଥିବା ଖବର ଶୁଣିବାକୁ ମିଳୁଛି। ତେବେ ଏହା ମଧ୍ୟରେ ବଲିଉଡ୍ ଅଭିନେତ୍ରୀ ପରିଣିତି ଚୋପ୍ରା ତାଙ୍କ ପାଇଁ ପୁଅ ଖୋଜିଦେବାକୁ କହିଛନ୍ତି। ଯାହାଫଳରେ ତାଙ୍କ ବ୍ୟକ୍ତିଗତ ସମସ୍ୟା ସମାଧାନ ହୋଇଯିବ। ସେ କହିଛନ୍ତି, ତାଙ୍କୁ ଏପର୍ଯ୍ୟନ୍ତ କେହି ପୁଅ ମିଳିନାହାନ୍ତି। ସେ ସିଙ୍ଗଲ ଅଛନ୍ତି। ହେଲେ ସେ ତାଙ୍କ ପାଇଁ ଉପଯୁକ୍ତ ଜୀବନସାଥିର ଅପେକ୍ଷାରେ ଅଛନ୍ତି। ଯିଏ କି କେବଳ ତାଙ୍କ ପାଇଁ ହୋଇଥିବ ଆଉ ତାଙ୍କୁ ଭଲ ପାଇପାରିବ। ଜୀବନରେ ସ୍ୱାମୀ ଏବଂ ପିଲା ତ ନିହାତି ହେବ। ତାହା ଜରୁରୀ। ହେଲେ ତାଙ୍କୁ ଏପର୍ଯ୍ୟନ୍ତ ସେପରି କେହି ମିଳିନାହାନ୍ତି। ସେ ସାଙ୍ଗମାନଙ୍କ ସହିତ ଖୁସି ଅଛନ୍ତି। ହେଲେ ସେ ତାଙ୍କ ପାଇଁ ଏକ ଲାଇଫ୍ ପାର୍ଟନର ଖୋଜିଦେବାକୁ କହିଛନ୍ତି। ପରିଣିତିଙ୍କୁ ଶେଷଥର ପାଇଁ ଫିଲ୍ମ 'କୋଡ୍ ନେମ୍ ତ୍ରିରଙ୍ଗା'ରେ ଦେଖିବାକୁ ମିଳିଥିଲା। ତେବେ ସେ ତାଙ୍କ ଆଗାମୀ ଫିଲ୍ମ 'ଆନିମଲ'ରେ ବ୍ୟସ୍ତ ଅଛନ୍ତି। ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡୀ ଏହାକୁ ଆସନ୍ତା ୧୧ ଅଗଷ୍ଟରେ ରିଲିଜ୍ କରିବାର ଯୋଜନା ରଖିଛନ୍ତି।

# ଆର୍‌ଆର୍‌ଆର୍‌କୁ କ୍ରିଟିକ୍ସ ଆସୋସିଏଶନ ଆୱାର୍ଡ



**ମୁମ୍ବାଇ:** ଏସ୍‌ଏସ୍ ରାଜାମୌଲିଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଆର୍‌ଆର୍‌ଆର୍'ର କ୍ରେଜ୍ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ନାଁ କରିବାରେ ଲାଗିଛି। ନିକଟରେ ରାମଚରଣ ଓ ଜୁନିୟର ଏନ୍‌ଟିଆର୍‌ଙ୍କ ଏହି ଫିଲ୍ମ ଗୋଲ୍ଡେନ୍ ଗ୍ଲୋବ୍ସ ଆୱାର୍ଡ ଜିତିବା ସହ ଓସ୍କାର ଦୌଡ଼ରେ ସାମିଲ ହୋଇ ଦେଶର ନାମ ରଖିସାରିଛି। ତେବେ ଏହି ଚଳଚ୍ଚିତ୍ର ଆଉ ଏକ ଇତିହାସ ରଚିଛି। ରାଜାମୌଲିଙ୍କ ଏହି ମୁଭି ଏବେ ସମସ୍ତଙ୍କୁ ପଛରେ ପକାଇ ହଲିଉଡ୍ କ୍ରିଟିକ୍ ଆସୋସିଏଶନ୍ ଆୱାର୍ଡ ହାତେଇଛି। ନିର୍ଦ୍ଦେଶକ ରାଜାମୌଲିଙ୍କୁ ଏହି ଆୱାର୍ଡକୁ ଗ୍ରହଣ କରିଛନ୍ତି। ତେବେ ଏହି ଫିଲ୍ମକୁ ସାରା ବିଶ୍ୱରେ ବେଶ୍ ଭଲ ପାଇବା ମିଳିସାରିଛି। ପୂର୍ବରୁ ଏହାର ଗୀତ 'ନାଟୁ ନାଟୁ' ଗୋଲ୍ଡେନ୍ ଗ୍ଲୋବ୍‌ସ ପୁରସ୍କାର ଜିତି ସଫଳତା ହାସଲ କରିଛି। ବର୍ତ୍ତମାନ ଫିଲ୍ମ 'ଆର୍‌ଆର୍‌ଆର୍'କୁ ଶ୍ରେଷ୍ଠ ଅନ୍ତର୍ଜାତୀୟ ଫିଲ୍ମ ବର୍ଗରେ ପୁରସ୍କାର ମିଳିଛି। ସେ ହଲିଉଡ୍ ଫିଲ୍ମ ଆର୍ଜେଣ୍ଟିନା '୧୯୮୫'କୁ ପଛରେ ପକାଇ ଏହି ପୁରସ୍କାର ହାତେଇଛି। ଏଥିସହ ଫିଲ୍ମକୁ ଶ୍ରେଷ୍ଠ ଆକ୍ସନ ଫିଲ୍ମ, ଶ୍ରେଷ୍ଠ ଷ୍ଟଣ୍ଟ ଏବଂ ଶ୍ରେଷ୍ଠ ମୂଳ ଗୀତ ବର୍ଗରେ ମଧ୍ୟ ଏହାକୁ ପୁରସ୍କୃତ କରାଯାଇଛି। ଫିଲ୍ମ 'ଆର୍‌ଆର୍‌ଆର୍'କୁ ହଲିଉଡ୍ କ୍ରିଟିକ୍ସ ଆସୋସିଏଶନ ଆୱାର୍ଡ ମିଳିବା ପରେ ଫିଲ୍ମର ପୂରା ଟିମ୍ ଖୁସିରେ ନାଚି ଉଠିଛନ୍ତି। ଏହି ସଫଳତା ପାଇଁ ନିର୍ଦ୍ଦେଶକ ରାଜାମୌଲି ହଲିଉଡ୍ କ୍ରିଟିକ୍ସ ଆସୋସିଏଶନ୍‌କୁ ଧନ୍ୟବାଦ ଜଣାଇବା ସହ ତାଙ୍କ ଟିମ୍‌କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି। ତେବେ ଏହି ଫିଲ୍ମକୁ ବିଶ୍ୱବ୍ୟାପୀ ଭଲ ପାଇବା ମିଳିବା ସହ ୧୦୦୦ କୋଟିରୁ ଅଧିକ ଆୟ କରିବାରେ ସଫଳ ହୋଇଛି।


# Classified Everyday

**0674-2580101, 2549949**



MATRIMONIAL

**BRIDE WANTED**

Ashribad Wedding ସବୁ ଜାତିର ପୁରୁଷଙ୍କ ପାଇଁ ମହିଳା ଆବଶ୍ୟକ। ଯୋଗାଯୋଗ- 9178392294. D-2864

Brahmin boy 1984, 5'10" MCA Serving Bangalore "SUNASANSAR". 9937512659, 8249969649. D-2867

Wanted Fair looking mahishya/ kayastha or any general caste bride, 26-29 year, 5.4" or more, B.Tech/ MCA/ MBA, for a boy 31 years, 5.9, M.S (Engg) from Germany, working as manager in IT company in Germany @ 45 lakhs per annum. contact -9437287547/ 8917262124. D-74648

**GROOM WANTED**

Government Teacher, Age-36, Divorce କରଣ ଝିଅଙ୍କ ପାଇଁ anycaste ବରପାତ୍ର ଦରକାର। 7077495623. D-2828

38 ବୟସ୍କା ଏକାକୀ ରହୁଥିବା Software Engineer ସୁନ୍ଦର ମାରୱାଡ଼ି ଝିଅଙ୍କୁ any caste ବରପାତ୍ର ଆବଶ୍ୟକ। ଘରଜ୍ୱାଇଁ ପ୍ରାଥମିକତା। 8327715036. D-2877

Ashribad Wedding ସବୁ ଜାତିର ମହିଳାଙ୍କ ପାଇଁ ପୁରୁଷ ଆବଶ୍ୟକ। ଯୋଗାଯୋଗ- 9178392294. D-2865



REAL ESTATE

**SALE**

Morning Sun Villa Balianta 4k.m. from Hanspal Duplex, price- 55,00,000/- only. 9938137503. D-74818

ତମାଣ୍ଡୋ 1500 sqft. 21,000,00/- ଘରବାରି 30' ରୋଡ୍ ଥାଇ contact- 8658864750, 9556393409. D-56671

**Residential gharabari plot at Brahmanjharilo Cuttack with boundary wall, Electripole inside Temple on Bank Loan facilities near English Medium High School. 6 k.m. from Phulnakhara, 11 k.m. from Bhubaneswar. 7809525452.** D-74649

କଟକ-ଭୁବନେଶ୍ୱର Twincityର ମଧ୍ୟଭାଗରେ ନିର୍ମିତ Grandbazar NH-16 ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି, ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। 8249422604. D-74822

Area 803 sqft, 1 BHK for Sale, 1st floor Fully Furnished flat with balcony at 1000 Sands, Empires Hotel Puri, Contact +91 93309 67266. D-2798

ଭୁବନେଶ୍ୱର ଜଟଣୀ ଗେଟ୍ 1200 sqft.- 3,60,000/-, ଛତାବର 1200 sqft. - 5,40,000/-, ନଖରା 300/-. 6371569855. D-74821

**3.5 Guntha (6100sqft) gharabadi Land Adjacent to NH -16 Near Grand-bazar Between Cut-tack & Bhubane-swar, Frontage, 75ft (Broker Excuse) Owner- 9040059669.** D-74823

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ଛକଠାରୁ 7K.M. ଦୂରରେ Bank Loan ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଅଛି। 9437003399, 8908017863. D-74820

**Plot Sale at Nearby Sum Hospital Mendhasala, Bhubaneswar. 30ft Road, Plantation, Electricity, NH-16 Side Price Rs-1050/-, Rs-1250/- 7749892855, 8144855184, 9556392667.** D-2628

Duplex project at Retang Medical, Station near CV Raman University, Tamando, Bhubaneswar. 7008459987. D-74819

**ORERA Approved 2BHK Luxurious simplex at Balianta, Bhubaneswar @ 30 lakhs. Construction in full-swing. 9437005434.** D-74824

Gharabari plot near Madanpur High School, infront DN Heritage Bhubaneswar. 9937175132, 8917236183. D-71050

**Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195.** D-74814



CONSTRUCTION

Construct your Dream Home/Building with compititive rate contact Besco Developers, Satyanagar, Bhubaneswar. 7735330028, 9778855101. D-2706

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



FOR RENT

Commercial space North-East facing of 3500sqft. to 14000sqft. for rent at Kesura near SBI Colony, Bhubaneswar convenient for Nursing-Home, Bank. Institute, Water, Lift, Parking & all Modern amenities. Contact. 9861010084. D-2823

**ACCOMMODATION**

**Required 3000 to 5000sqft. Independent building on rent for Govt. of India aided special School preferable in Sahidnagar, Rasulgarh, Palasuni, VSS Nagar and Mancheswar. Contact: 7609066599.** D-71672



Healthcare

Newly open full body massage ladies and gents. 8327740003, 8093860513. D-74650

All types hair cutting, body massage by smart lady Cone hour 700/-, room services available. Contact: 8917595202. D-71367

All types body massage with hiprofile smart lady, room services available. 9937833100. D-71366

**Relax, Refresh your Body, Mind at Saikrupa Spa with best therapies. 8984068077.** D-2744

Newly open SPA positively health benefit with expert. Contact: 8984068198. D-74517

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74647

Newly open health benefits SPA special Offer @ 999 Nayapalli. 7846814019. D-73687

Newly opened Capital Ayurvedic SPA, professional trading therapy. Contact me: 9556924059, 7077933109. D-2851

Newly open full body massage, ladies and gents. 9040171280. D-74645

**Full Body massage by experience therapist @999 only- 9078484455 (Bhubaneswar).** D-2791

**ଜନ୍ମଦିନ ଶୁଭେଚ୍ଛା**



**ଶୁଭଦର୍ଶିନୀ ବିଶ୍ୱକର୍ମା (ମାମୁନି)**
ବିଶ୍ୱନାଥପୁର, ବାଲିପାଟଣା, ଖୋର୍ଦ୍ଧା
ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ତୁମର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବାବା: ଗଙ୍ଗାଧର ଓଝା, ମାମା: ବନଜ ବାସିନୀ ଓଝା, ବୋଉ, ଆଈ, ପିଇସା, ପିଉସୀ, ମଉସା, ମାଉସୀମାନେ ଓ ବନ୍ଧୁ ପରିବାରବର୍ଗ।
ଧ-୭୪୬୫୧



BUSINESS

କାରଖାନାରୁ ସିମେଣ୍ଟ ପରିବହନ ନିମନ୍ତେ ୧୦, ୧୨, ୧୪+ ଚକିଆ ଗାଡ଼ି/ ଟ୍ରକ୍ ଆବଶ୍ୟକ। ଯଥାଶୀଘ୍ର ଯୋଗାଯୋଗ କରନ୍ତୁ। 9338375318, 9692679472, 8763436231. D-60975

**Contact for Development, Renovation, Maintenance of Ornamental Garden and also for Outdoor, Indoor, Fruit, Flower plants. 7978668914.** D-2848

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LOST**

ଏତଦ୍ୱାରା ଜଣାଇ ଦିଆଯାଉଛି ଯେ ପ୍ଲଟ୍ ନଂ.-୭୧୬, ଖାତା ନଂ.-୭୫୯/୧୪୧, ମୌଜା- ଲିଙ୍ଗିପୁରର ମୂଳ ଦସ୍ତାବିଜ No.-1116 dt. 08.02.2001 ହଜିଯାଇଛି। କେହି ଏହା ପାଇଲେ ନିମ୍ନ ଠିକଣାରେ ଫେରାଇ ଦେବାକୁ ଅନୁରୋଧ। SSPPP Trust Office, SSB Hospital & CHC, Plot No.-716, Lingipur, Bhubaneswar.
ଭାରପ୍ରାପ୍ତ ଟ୍ରଷ୍ଟି
D-73371

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**✓ନିର୍ମଳା ସାହୁ**
ଲେନ୍-୩, ଫେଜ୍-୧, ଏ/ଏଲ୍-୧୩୨, ରିମଟାଙ୍ଗ ହାଉସିଂ ବୋର୍ଡ଼ କଲୋନୀ, ଭୁବନେଶ୍ୱର
ଆବିର୍ଭାବ : ୦୧.୦୧.୧୯୪୫ - ତିରୋଧାନ : ୧୬.୦୨.୨୦୨୩
ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ପୁଅ-ବୋହୂ, ବୋହୂ-ବସନ୍ତ ମଞ୍ଜରୀ, ନାତି-ରାଜା, ନାତୁଣୀ-ଗିରିଲ, ଓ ଶୋକାକୁଳ ପରିବାରବର୍ଗ।
ଧ-୭୪୫୧୮

**କ୍ରିପ୍ଟୋ ନିୟନ୍ତ୍ରଣ ପାଇଁ ଆସିପାରେ ନିୟମାବଳୀ**

ନୂଆଦିଲ୍ଲୀ : ସାରା ବିଶ୍ୱରେ ବେନାମୀ ଡିଜିଟାଲ ମୁଦ୍ରା କ୍ରିପ୍ଟୋ ଚର୍ଚ୍ଚାରେ ରହିଛି। ହେଲେ ଉକ୍ତ ସମ୍ପତ୍ତିକୁ ଆୟତ୍ତରେ ରଖିବା ନେଇ ଏକ ସ୍ୱତନ୍ତ୍ର ଆଇନ ଆସିପାରେ ବୋଲି ଜଣାପଡ଼ିଛି। ଏପରିକି ଜି-୨୦ର ଅଧ୍ୟକ୍ଷ ଭାରତ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ଏବଂ ଆର୍ଥିକ ସ୍ଥିରତା ବୋର୍ଡ (ଏଫ୍ଏସ୍ବି)କୁ କ୍ରିପ୍ଟୋ ସମ୍ପତ୍ତି ଉପରେ ବୈଷୟିକ ଦସ୍ତାବିଜ ପ୍ରସ୍ତୁତ କରିବା ପାଇଁ ଆହ୍ୱାନ କରିଛି। କ୍ରିପ୍ଟୋ ସମ୍ପତ୍ତିଗୁଡିକର ନିୟନ୍ତ୍ରଣ ପାଇଁ ଏକ ସମନ୍ୱିତ ଏବଂ ସାମଗ୍ରିକ ନୀତି ନିର୍ମାଣର ଆବଶ୍ୟକତା ରହିଛି ବୋଲି ଶନିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ ଏ ନେଇ ବିସ୍ତୃତ ସୂଚନା ଦିଆଯାଇଛି ।

# ମେଳା ମିଳନର ମହାପର୍ବ

- ୧୮ତମ ହୋମ୍ ଆଣ୍ଡ ଡେକୋର ପ୍ରଦର୍ଶନୀ
- ଇଣ୍ଡିଆ ଇଣ୍ଟରନ୍ୟାଶନାଲ ମେଗା ଟ୍ରେଡ୍ ଫେୟାର ଉଦ୍ଘାଟିତ




**ଭୁବନେଶ୍ୱର,୨୫।୨**

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ସ୍ଥାନୀୟ ଜନତା ମଇଦାନଠାରେ କ୍ରେଡାଇ ଭୁବନେଶ୍ୱର ପକ୍ଷରୁ ୧୮ ତମ ହୋମ୍ ଆଣ୍ଡ ଡେକୋର-୨୦୨୩ ରିୟଲ ଇଷ୍ଟେଟ ପ୍ରଦର୍ଶନୀର ଆୟୋଜନ କରାଯାଇଛି। ସେହିଭଳି ବେଙ୍ଗଲ ଚ୍ୟାମ୍ବର ଅଫ୍ କର୍ମସ ଆଣ୍ଡ ଇଣ୍ଡଷ୍ଟ୍ରି ସହ ଜିଏସ୍ ମାର୍କେଟିଂ ଆସୋସିଏଟ୍ ମିଳିତ ଭାବେ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ମେଗା ଟ୍ରେଡ୍ ଫେୟାର ଆୟୋଜିତ ହୋଇଛି। ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ଏସ୍ବିଆଇ ସିଜିଏମ୍ ଚନ୍ଦ୍ରଶେଖର ଶର୍ମା, ଜିଏସ୍ ମାର୍କେଟିଂର ସିଇଓ ସମେତ କ୍ରେଡାଇର ସଭାପତି ପି.କେ. ବିଶ୍ୱାସରାଏ ଏବଂ ସଚିବ ଇଂ.ଉମେଶ ପଟ୍ଟନାୟକ ସମ୍ମାନୀତ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ୧୦ ଦିନିଆ ସର୍ବବୃହତ୍ ଫେୟାର ଏବଂ ପ୍ରଦର୍ଶନୀ ଶନିବାରଠାରୁ ଆରମ୍ଭ ହୋଇଯାଇଛି। ଉକ୍ତ ମେଳା ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ କ୍ରେଡାଇ ଭୁବନେଶ୍ୱରର ସଭାପତି ପି.କେ. ବିଶ୍ୱାସରାଏ ଅତିଥି ପରିଚୟ ସାଙ୍ଗକୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏପରିକି ସେ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ମେଳା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ସେହିଭଳି ବର୍ତ୍ତମାନ ସମୟରେ ବଢୁଥିବା ସହରାଞ୍ଚଳର ଆକାରରେ ରିୟଲ ଇଷ୍ଟେଟ ସଂସ୍ଥାର ଭୂମିକା ଅତୁଳନୀୟ। ଏପରିକି ଭିତ୍ତିଭୂମି ବିକାଶ ଓ ରିୟଲ ଇଷ୍ଟେଟ କ୍ଷେତ୍ର ପ୍ରତି ରହିଥିବା ସମସ୍ୟାର ସମାଧାନ କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ ଉଷା ଦେବୀ ଓ ଅନ୍ୟ ଅତିଥିମାନେ ମଧ୍ୟ ଏ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିବା ସହ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଗୋଟିଏ ସ୍ଥାନରେ ୨ଟି ମେଳା ଗୋଟିଏ ଛାତ ତଳେ ଆୟୋଜିତ ହେଉଥିବାରୁ ମେଳାକୁ ପ୍ରତିଦିନ ଶହ ଶହ ଲୋକ ସେମାନଙ୍କର ଆବଶ୍ୟକତା ଓ ମନୋରଞ୍ଜନ ପାଇଁ ଆସିବେ। ବର୍ତ୍ତମାନ ସମୟରେ ମେଳା ଏକ ମିଳନର ମହାପର୍ବ ପାଲଟିଛି ବୋଲି ମୁଖ୍ୟ ଅତିଥି ଓ ଅନ୍ୟ ସମ୍ମାନିତ ଅତିଥିମାନେ ମଧ୍ୟ କହିଛନ୍ତି। କାରଣ ମେଳାରେ ଖାଲି ମନୋରଞ୍ଜନ ହୋଇ ନ ଥାଏ। ମେଳା ସବୁ ବର୍ଗଙ୍କ ପାଇଁ ହୋଇଥିଲେ ମଧ୍ୟ ଆବଶ୍ୟକତା ଅନୁଯାୟୀ ଏହା ଉଭୟ ଗ୍ରାହକ ଓ ବ୍ୟବସାୟଙ୍କ ମଧ୍ୟରେ ଏକ ସମ୍ପର୍କ ସୃଷ୍ଟି କରିଥାଏ। ଅପରପକ୍ଷରେ ଉଭୟ ମେଳାରେ ମୋଟ ୧୦ ପାଭିଲିୟନ ଥିଲାବେଳେ ୧୬ଟି ରାଜ୍ୟ ଓ ୯ଟି ରାଷ୍ଟ୍ରର ଭିନ୍ନ ଭିନ୍ନ ବର୍ଗର ବ୍ୟବସାୟୀମାନେ ଅଂଶ ଗ୍ରହଣ କରିଛନ୍ତି। ମେଳାରେ ମୋଟ ୪୬୫ ଷ୍ଟଲ୍ ରହିଛି ବୋଲିଆୟୋଜକଙ୍କପକ୍ଷରୁକୁହାଯାଇଛି।

## ପିଏନ୍ବି ଗୃହରଣ ଷ୍ଟଲ୍ ଉଦ୍ଘାଟିତ

**ଭୁବନେଶ୍ୱର,୨୫।୨**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍ବି)ର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ଏକ ସ୍ୱତନ୍ତ୍ର ଋଣମେଳା ଷ୍ଟଲ୍ର ଶୁଭାରମ୍ଭ କରାଯାଇଛି। ସ୍ଥାନୀୟ ଜନତା ମଇଦାନଠାରେ ଆୟୋଜିତ ମେଗା ହୋମ୍ ଆଣ୍ଡ୍ ଡେକୋର ମେଳାରେ ପିଏନ୍ବି ଗୃହରଣ ଷ୍ଟଲ୍ ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଏ. ଉଦୟ ଭାସ୍କର ରେଡ୍ଡି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସେହିଭଳି ରାଜ୍ୟର ସମସ୍ତ ଶାଖାରେ ମଧ୍ୟ ହୋମ୍ ଲୋନ୍ ଗ୍ରାହକମାନଙ୍କ ପାଇଁ ବ୍ୟାଙ୍କ ପକ୍ଷରୁ 'ହଲ୍ଲା ବୋଲ୍' ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ବ୍ୟାଙ୍କର ଜୋନାଲ ମାର୍କେଟିଂ ମୁଖ୍ୟ ପ୍ରତାପ କୁମାର ବୈରୀଗଞ୍ଜନ ଜନତା ମଇଦାନଠାରେ ଉଦ୍ଘାଟନ ହୋଇଥିବା ଷ୍ଟଲ୍ର ଆୟୋଜନ କରିଥିଲେ।

## ଜଗତପୁରରେ ଟ୍ରେଣ୍ଡ୍ସ ଆଉଟ୍ଲେଟ୍




**ଭୁବନେଶ୍ୱର,୨୫।୨**

ରିଲାଏନ୍ସ ରିଟେଲ୍ର ଆପାରେଲ ଏବଂ ଆସେସୋରି ସ୍ପେଶାଲିଟି ଚେନ୍ ଟ୍ରେଣ୍ଡ୍ସର ଆଉ ଏକ ଏକ୍ସକ୍ଲୁସିଭ ଆଉଟ୍ଲେଟ୍ ନିକଟରେ ଉଦ୍ଘାଟିତ ହୋଇଯାଇଛି। ଏପରିକି କମ୍ପାନୀ ଓଡ଼ିଶା ବଜାରର କଟକ ଜଗତପୁରଠାରେ ଉକ୍ତ ଆଉଟ୍ଲେଟ୍ର ଶୁଭାରମ୍ଭ କରାଯାଇଛି। ୭,୫୦୦ ବର୍ଗଫୁଟ ଅଞ୍ଚଳରେ ପରିବ୍ୟାପ୍ତ ଏହି ନବନିର୍ମିତ ଅତ୍ୟାଧୁନିକ ଷ୍ଟୋରରେ ଗ୍ରାହକମାନେ ବର୍ତ୍ତମାନ ଟ୍ରେଣ୍ଡି ୱିମେନ ୱିୟର, ମେନ୍ସ ୱିୟର, କିଡ୍ସ ୱିୟର ଏବଂ ଫ୍ୟାଶନ ଆସେସୋରିଜ ଅତି ସ୍ୱତନ୍ତ୍ର ମୂଲ୍ୟ ଏବଂ ଚମତ୍କାର କିଣାକିଣି ଅନୁଭୂତି ସହ ପାଇପାରିବେ। ସେହିଭଳି ଉକ୍ତ ଷ୍ଟୋରର ସ୍ୱତନ୍ତ୍ର ଉଦ୍ଘାଟନୀ ଅଫର ଯେପରିକି ୩୯୯୯ଟଙ୍କାର କିଣାକିଣି କରନ୍ତୁ ଏବଂ ମାତ୍ର ୨୪୯ ଟଙ୍କାରେ ଏକ ଆକର୍ଷଣୀୟ ଉପହାର ପାଆନ୍ତୁ। କେବଳ ସେତିକି ନୁହେଁ, ୩୯୯୯ଟଙ୍କାର କିଣାକିଣି ଉପରେ ଗ୍ରାହକମାନେ ୨୦୦୦ ଟଙ୍କା ମୂଲ୍ୟର କୁପନ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ଅପରପକ୍ଷରେ ଜଗତପୁର ତଥା ନିକଟବର୍ତ୍ତୀ ଅଞ୍ଚଳର ଗ୍ରାହକମାନେ ଏହାର ଫାଇଦା ଉଠାଇବାକୁ ଷ୍ଟୋର ପକ୍ଷରୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ଟ୍ରେଣ୍ଡ୍ସ ବାସ୍ତବରେ ଭାରତର ଫ୍ୟାଶନ କ୍ଷେତ୍ରକୁ ଲୋକାଭିମୁଖୀ କରି ଫ୍ୟାଶନରେ ଗଣତନ୍ତ୍ରର ବିକାଶ କରିଛି। ଏହା ଭାରତର ଗ୍ରାହକଙ୍କ ସମ୍ପର୍କ ସୁଦୃଢ଼ କରିଛି ଏବଂ ମେଟ୍ରୋ, ମିନି ମେଟ୍ରୋଠାରୁ ଆରମ୍ଭ କରି ଟିୟର-୧,ଟିୟର-୨ ସହର ଏବଂ ଆହୁରି ଅଧିକ ସ୍ଥାନରେ ଭାରତୀୟ ଉପଭୋକ୍ତାଙ୍କ ନିକଟରେ ପହଞ୍ଚିଛି ଏବଂ ଭାରତର ପସନ୍ଦଯୋଗ୍ୟ ଫ୍ୟାଶନ ଶପିଙ୍ଗ୍ ଡେଷ୍ଟିନେଶନ ପାଲଟିଛି।

## ଅରୁନ୍ଧତୀ ଫାଉଣ୍ଡେଶନ୍ ପକ୍ଷରୁ ମେଗା ରକ୍ତଦାନ ଶିବିର



**ବଲାଙ୍ଗୀର ଅଫିସ, ୨୫।୨**

ଅରୁନ୍ଧତୀ ଫାଉଣ୍ଡେଶନ ପକ୍ଷରୁ ରାଜ୍ୟର ତିନୋଟି ସ୍ଥାନ ବଲାଙ୍ଗୀର, ଭବାନୀପାଟଣା ଓ ଭୁବନେଶ୍ୱରଠାରେ ଶନିବାର ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ବଲାଙ୍ଗୀର ହିରୋ ମୋଟର୍ସ ଶୋ ରୁମ୍ରେ ଆୟୋଜିତ ମେଗା ରକ୍ତଦାନ ଶିବରକୁ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଉଦ୍ଘାଟନ କରିଥିଲେ। ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଅଧୀକ୍ଷକ ଡା. ମାନସୀ ପଣ୍ଡା, ଅରୁନ୍ଧତୀ ଗ୍ରୁପ୍ ଡାଇରେକ୍ଟର ଅଚ୍ୟୁତାନନ୍ଦ ମେହେର, ଅରୁନ୍ଧତୀ ଫାଉଣ୍ଡେଶନର ଡାଇରେକ୍ଟର ସୁସ୍ମିତା ମେହେର ଉପସ୍ଥିତ ଥିଲେ। ଗ୍ରୁପ ଡାଇରେକ୍ଟର ମେହେର କହିଥିଲେ ଯେ, ଅରୁନ୍ଧତୀ ଫାଉଣ୍ଡେଶନର ପ୍ରଥମ ମେଗା ରକ୍ତଦାନ ଶିବିର ହୋଇଛି। ଅରୁନ୍ଧତୀ କେବଳ ବ୍ୟବସାୟ ଭିତରେ ସୀମିତ ନ ରହି ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂଶ୍ଲିଷ୍ଟ ରହିଆସିଛି।

## ମହିମାନନ୍ଦଙ୍କୁ 'ଲାଇଫ୍ଟାଇମ ଆଚିଭମେଣ୍ଟ ଆୱାର୍ଡ-୨୦୨୩'

**ଭୁବନେଶ୍ୱର,୨୫।୨**



ଦୀର୍ଘ ୪ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଭାରତୀୟ ଶିପିଂ ଓ ସାମୁଦ୍ରିକ ଶିଳ୍ପ ଏବଂ ଓଡ଼ିଶାର ଅଭିବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଭିଜ୍ଞ ଶିଳ୍ପପତି ତଥା ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ (ଓଏସ୍ଏଲ୍)ର ପ୍ରତିଷ୍ଠାତା ମହିମାନନ୍ଦ ମିଶ୍ରଙ୍କୁ ନିକଟରେ ସମ୍ମାନଜନକ 'ଲାଇଫ୍ଟାଇମ ଆଚିଭମେଣ୍ଟ ଆୱାର୍ଡ ୨୦୨୩' ପ୍ରଦାନ କରାଯାଇଛି। ବିଶେଷକରି ଏକ୍ଜିମ ଇଣ୍ଡିଆ ଶିପିଂ ଟାଇମ୍ସ ଦ୍ୱାରା କୋଲକାତାର ଦ ଲଳିତ ଗ୍ରେଟ୍ ଇଷ୍ଟର୍ନଠାରେ ଆୟୋଜିତ ଇଷ୍ଟର୍ନ ଷ୍ଟାର୍ ଆୱାର୍ଡସ-୨୦୨୩ କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠିତ 'ଇଷ୍ଟ କୋଷ୍ଟ ମାରିଟାଇମ ଫୋରମ-୨୦୨୩'ର ୮ମ ସଂସ୍କରଣରେ ଭାରତ ସରକାରଙ୍କ ଜାହାଜ ଚଳାଚଳ ମନ୍ତ୍ରଣାଳୟ ପୂର୍ବତନ ସଚିବ ଗୋପାଳ କ୍ରିଷ୍ଣାଙ୍କ ଦ୍ୱାରା ଏହି ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଅପରପକ୍ଷରେ ଓଏସ୍ଏଲ୍ ଗ୍ରୁପ୍ ବର୍ଷ ୨୦୨୩ ପାଇଁ ପୁଣିଥରେ ଷ୍ଟିଭେଡର୍ସ କମ୍ପାନୀ ଅଫ୍ ଦ ଇୟର ପୁରସ୍କାର ହାସଲ କରିଛି। ଏହି ପରିପ୍ରେକ୍ଷୀରେ ଓଏସ୍ଏଲ୍ ଗ୍ରୁପ୍ର ନିର୍ଦ୍ଦେଶକ ଚନ୍ଦନ ମିଶ୍ର ଏବଂ ଟିମ୍ ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଏସ୍ଏଲ୍ ଗ୍ରୁପ୍ର ଅନେକ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ଓଏସ୍ଏଲ୍ର ପ୍ରତିଷ୍ଠାତା ମହିମାନନ୍ଦ ମିଶ୍ର କହିଛନ୍ତି, ମୁଁ ହୃଦୟପୂର୍ଣ୍ଣ ସହକାରେ ଉକ୍ତ ପୁରସ୍କାରକୁ ମୋ ସହକର୍ମୀ, କର୍ମଚାରୀ, ଶ୍ରମିକ ଏବଂ ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ଉତ୍ସର୍ଗ କରୁଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ମହିମା ମିଶ୍ର ନାମରେ ମହିମାନନ୍ଦ ମିଶ୍ର ସର୍ବତ୍ର ପରିଚିତ।

## 'ଭିତ୍ତିଭୂମି ବିକାଶକୁ ସର୍ବାଧିକ ଗୁରୁତ୍ୱ'

**ଭୁବନେଶ୍ୱର,୨୫।୨**


ସ୍ୱଦେଶ ରାଉତରାୟ

ଚଳିତ ବର୍ଷ ପାଇଁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ନିକଟରେ ବଜେଟ-୨୩କୁ ବିଧାନସଭାରେ ଉପସ୍ଥାପନ କରିଛନ୍ତି। ଓଡ଼ିଶା ସରକାରଙ୍କର ୫ମ ପାଳିର ଏହା ଶେଷ ପୂର୍ଣ୍ଣାଙ୍ଗ ବଜେଟ ଥିଲା। ଏ ସମ୍ପର୍କରେ କ୍ରେଡାଇର ସଭାପତି ସ୍ୱଦେଶ ରାଉତରାୟ କହିଛନ୍ତି, ଗତବର୍ଷ ତୁଳନାରେ ଚଳିତ ବର୍ଷର ବଜେଟ ବହୁତ ଭଲ ବଜେଟ। ଏପରିକି ଗତ ବର୍ଷ ତୁଳନାରେ ଚଳିତ ବର୍ଷ ୧୫% ବୃଦ୍ଧି ସହ ୨.୩ ଲକ୍ଷ କୋଟିରେ ପହଞ୍ଚିଛି। ସେହିଭଳି ଚଳିତ ବର୍ଷର ମୋଟ ବଜେଟ ଆବଣ୍ଟନ ମଧ୍ୟରୁ ୩୫% ସାମାଜିକ କ୍ଷେତ୍ରକୁ ଦିଆଯାଇଥିବା ବେଳେ ୩୪% ଅର୍ଥନୈତିକ କ୍ଷେତ୍ରକୁ ଦିଆଯାଇଛି। ଏପରିକି ଭିତ୍ତିଭୂମି ବିକାଶକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଏହା ନିଶ୍ଚିତ ଭାବେ ଗୃହ ଏବଂ ନିଯୁକ୍ତି ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇବ । ବିଶେଷକରି ଭିତ୍ତିଭୂମି ବିକାଶ ପାଇଁ ଗତବର୍ଷ ତୁଳନାରେ ୯% ବୃଦ୍ଧି ସହ ସହରାଞ୍ଚଳ ବିକାଶ ପାଇଁ ୭.୧୯କୋଟି ଏବଂ ୯.୦୮କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ବଜେଟ ନିଶ୍ଚିତ ଭାବେ ଗୃହ, ସାମାଜିକ ନ୍ୟାୟ ଏବଂ ନିଯୁକ୍ତି ସୁବିଧା ବୃଦ୍ଧି ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବ।

# ନୀତି ରାଜନୀତି

# 'ଭାରତ ଯୋଡ଼ୋ ଯାତ୍ରା' ଶେଷ ଇନିଂସ ହୋଇପାରେ: ସୋନିଆ

**ଅବସର ଗୁଜବକୁ ଖଣ୍ଡନ କଲା କଂଗ୍ରେସ**

**ନୂଆଦିଲ୍ଲୀ, ୨୫।୨**

ଦୀର୍ଘ ୨୫ ବର୍ଷ ଧରି କଂଗ୍ରେସର ମଙ୍ଗ ସମ୍ଭାଳିବା ପରେ 'ଭାରତ ଯୋଡ଼ୋ ଯାତ୍ରା' ତାଙ୍କର ଶେଷ ଇନିଂସ ହୋଇପାରେ ବୋଲି ଦଳର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଶନିବାର କହିବା ସହ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ରାୟପୁରରେ ଆୟୋଜିତ କଂଗ୍ରେସର ୮୫ତମ ମହା ଅଧିବେଶନରେ ଉଦ୍ବୋଧନ ଦେଇ ସୋନିଆ ଦଳର ନୂଆ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଦୀର୍ଘ ଅଭିଜ୍ଞତା ସହ ଖାର୍ଗେ ଦଳକୁ ଆଗେଇନେବାରେ ଯୁବପିଢ଼ିଙ୍କ ନେତୃତ୍ୱ ନେବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ମହା ଅଧିବେଶନରେ ଦଳ ପ୍ରତି ସୋନିଆଙ୍କ ଅବଦାନର ଏକ ଭିଡିଓ ପ୍ରଦର୍ଶିତ ହେବା ପରେ ସେ କହିଥିଲେ, କଂଗ୍ରେସ ଏବଂ ଉପା ଅଧ୍ୟକ୍ଷ ଭାବେ ତାଙ୍କ କାର୍ଯ୍ୟକାଳ ପାଇଁ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇବାକୁ ଚାହାନ୍ତି। 'ଭାରତ ଯୋଡ଼ୋ ଯାତ୍ରା' ତାଙ୍କର ଶେଷ ଇନିଂସ ହୋଇପାରେ ବୋଲି ସୋନିଆ କହିବା ପରେ ସେ ରାଜନୀତିରୁ ଅବସର ନେଇପାରନ୍ତି ବୋଲି ଗଣମାଧ୍ୟମରେ ଜୋର୍ଦାର ଚର୍ଚ୍ଚା ହୋଇଥିଲା। ତେବେ ସୋନିଆ ରାଜନୀତିରୁ ଅବସର ନେବା କଥା କହିନାହାନ୍ତି। 'ଭାରତ ଯୋଡ଼ୋ ଯାତ୍ରା' ଶେଷ ସହ ତାଙ୍କ ଅଧ୍ୟକ୍ଷତା ଅବଧି ଶେଷ ହୋଇଥିବା ସମ୍ପର୍କରେ ସେ ସୂଚନା ଦେଇଥିବା କଂଗ୍ରେସ ଏକ ସ୍ପଷ୍ଟୀକରଣ ଦେଇ କହିଛି।


ରାୟପୁରରେ ଶନିବାର ଆୟୋଜିତ କଂଗ୍ରେସର ୮୫ତମ ମହା ଅଧିବେଶନରେ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ଦଳୀୟ ନେତୃବୃନ୍ଦ।

# ନୀତୀଶଙ୍କ ପାଇଁ ଭାଜପା ଦ୍ୱାର ବନ୍ଦ: ଶାହା

**ଲୌରିଆ,୨୫।୨**

ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାର ତାଙ୍କର ପ୍ରଧାନମନ୍ତ୍ରୀ ହେବା ଅଭିଳାଷ ପୂରଣ କରିବା ପାଇଁ ଭାଜପାଠାରୁ ସମ୍ପର୍କ ଛିନ୍ନ କରି କଂଗ୍ରେସ ଏବଂ ଆର୍ଜେଡି ସହ ହାତ ମିଳାଇଛନ୍ତି। ପ୍ରତି ୩ ବର୍ଷରେ ଥରେ ତାଙ୍କ ମନରେ ଏଭଳି ଅଭିଳାଷ ଜାଗ୍ରତ ହୋଇଥାଏ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ପଶ୍ଚିମ ଚମ୍ପାରନ୍ ଜିଲାର ଲୌରିଆଠାରେ ଏକ ରାଲିକୁ ସମ୍ବୋଧନ କରି ବରିଷ୍ଠ ଭାଜପା ନେତା ଶାହା କହିଥିଲେ, ଜେଡିୟୁ ସୁପ୍ରିମୋ ନୀତୀଶ ଆର୍ଜେଡି ନେତା ତେଜସ୍ୱୀ ଯାଦବଙ୍କୁ ବିହାରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କରିବାକୁ ରାଜି ହୋଇଛନ୍ତି। ନୀତୀଶ ବିହାରକୁ ଜଙ୍ଗଲ ରାଜ ମଧ୍ୟକୁ ନେଇଯାଇଛନ୍ତି। ବିହାରରେ ଜଙ୍ଗଲ ରାଜ ପାଇଁ ପୂର୍ବରୁ କଂଗ୍ରେସ ଏବଂ ଆର୍ଜେଡି ଶାସନକୁ ଦୋଷ ଦିଆଯାଇ ଆସୁଥିଲା। ଏଭଳି ଦଳଙ୍କୁ ସାଙ୍ଗରେ ନେଇ ସରକାର ଗଢ଼ିଥିବା ପୂର୍ବତନ ସହଯୋଗୀଙ୍କ ପାଇଁ ଭାଜପା ଦ୍ୱାର ସବୁଦିନ ପାଇଁ ବନ୍ଦ ହୋଇଯାଇଥିବା ଶାହା କହିଛନ୍ତି। ଜୟପ୍ରକାଶ ନାରାୟଣଙ୍କ ସମୟରୁ ନୀତୀଶ ସାରା ଜୀବନ କଂଗ୍ରେସ ଏବଂ ଜଙ୍ଗଲରାଜ ବିରୋଧରେ ଲଢ଼ଇଆସିଥିଲେ। ଏବେ ସେ ଜଙ୍ଗଲରାଜର କର୍ଣ୍ଣଧାର ଲାଲୁ ପ୍ରସାଦଙ୍କ କୋଳରେ ଏବଂ ସୋନିଆ ଗାନ୍ଧୀଙ୍କ ପାଦତଳେ ବସିଛନ୍ତି। ବିହାର ମୁଖ୍ୟମନ୍ତ୍ରୀ ତାଙ୍କର ପ୍ରଧାନମନ୍ତ୍ରୀ ଆକାଂକ୍ଷା ପୂରଣ ଲାଗି ବିକାଶବାଦୀରୁ ସୁବିଧାବାଦୀ ପାଲଟିଥିବା ଶାହା କହିଛନ୍ତି।

### ବିରୋଧୀ ଏକାଠି ହେଲେ ଭାଜପା ୧୦୦ରୁ କମ୍ ଆସନ ପାଇବ: ନୀତୀଶ

**ପୂର୍ଣ୍ଣିଆ,୨୫।୨:** ପୂର୍ଣ୍ଣିଆରେ ଆୟୋଜିତ ମହାମେଣ୍ଟ ରାଲିରେ ନୀତୀଶ କୁମାର କହିଛନ୍ତି ଯଦି କଂଗ୍ରେସ ସମେତ ଆମ ସମସ୍ତେ ଏକାଠି ହେବା, ତେବେ ୨୦୨୪ରେ ଭାଜପା ୧୦୦ରୁ କମ ଆସନ ପାଇବ। ଏଥିପାଇଁ କଂଗ୍ରେସ ଦଳକୁ କ୍ଷମତା ଦେଖାଇବାକୁ ପଡିବ। ଦୀର୍ଘ ଦିନ ଧରି ବିରୋଧୀଙ୍କୁ ଏକ ପ୍ଲାଟଫର୍ମରେ ଆଣିବାକୁ ଚେଷ୍ଟା କରୁଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶନିବାର ରାଲିରେ କଂଗ୍ରେସ ଦଳକୁ ଅନୁରୋଧ କରି କହିଛନ୍ତି ଯେ ଆମେ କଂଗ୍ରେସକୁ ଅପେକ୍ଷା କରିଛୁ, ଶୀଘ୍ର ନିଷ୍ପତ୍ତି ନିଅନ୍ତୁ । କଂଗ୍ରେସ ବଡ଼ ଭାଇର ଭୂମିକା ଗ୍ରହଣ କରିପାରିବ। ଏହା ଦ୍ୱାରା ନୀତୀଶଙ୍କ ସ୍ପଷ୍ଟ ସଙ୍କେତ ଯେ କଂଗ୍ରେସ ଦଳ ବିରୋଧୀ ଦଳର ବଡ଼ ଭାଇ ଭୂମିକାରେ ରହିପାରିବ। ସୂଚନାଯୋଗ୍ୟ, ବିରୋଧୀଙ୍କୁ ଏକଜୁଟ କରିବା ପାଇଁ ଦୀର୍ଘ ଦିନ ଧରି ଦେଶରେ ଉଦ୍ୟମ ଚାଲିଛି। ନୀତୀଶଙ୍କ ପୂର୍ବରୁ, କେ. ଚନ୍ଦ୍ରଶେଖର ରାଓ(କେସିଆର) ମଧ୍ୟ ସମାନ ପ୍ରୟାସ କରୁଛନ୍ତି। ଏବେ କଂଗ୍ରେସ ଏବଂ ନୀତୀଶ ମଧ୍ୟ ମିଳିତ ଶକ୍ତି ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି।

### ପରାଜୟ ଭୟରେ ଶାହା ବାରମ୍ୱାର ବିହାର ଆସୁଛନ୍ତି: ତେଜସ୍ୱୀ

**ପୂର୍ଣ୍ଣିଆ,୨୫।୨:** ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଶନିବାର ବିହାରରେ ୨ ସଭାରେ ସମ୍ବୋଧିତ କରି ବିରୋଧୀଙ୍କୁ ଟାର୍ଗେଟ କରିଥିବାବେଳେ ପୂର୍ଣ୍ଣିଆରେ ମହାମେଣ୍ଟ ନେତାମାନେ ଏକଜୁଟ ହୋଇ ବିହାରକୁ ଭାଜପା ମୁକ୍ତ କରିବାକୁ ହୁଙ୍କାର ଦେଇଛନ୍ତି। ଶାହାଙ୍କ ଗସ୍ତକୁ କଟାକ୍ଷ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ। ୨୦୨୪ ଲୋକ ସଭା ନିର୍ବାଚନରେ ବିହାରରୁ କମ୍ ଆସନ ପାଇବାକୁ ନେଇ ଭାଜପା ଭୟଭୀତ ହୋଇପଡ଼ିଛି। ସେଥିଲାଗି ଶାହା ବାରମ୍ୱାର ଆସୁଛନ୍ତି ବୋଲି ତେଜସ୍ୱୀ କହିଛନ୍ତି।

## କେନ୍ଦ୍ର ଯୋଜନାକୁ ନୂଆ ନାଁ ଦେଇ ହଡ଼ପ: ଭାଜପା

**ଭୁବନେଶ୍ୱର,୨୫।୨(ବ୍ୟୁରୋ)**

ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଶୁକ୍ରବାର ବିଧାନସଭାରେ ବଜେଟ ଉପସ୍ଥାପନ କରିଛନ୍ତି। ମାତ୍ର ଏହି ବଜେଟରେ କୌଣସି ନୂତନତ୍ୱ ନାହିଁ। ଯେଉଁ ନୂଆ ଯୋଜନା ସୃଷ୍ଟି କରାଯାଇଛି, ତାହା କେନ୍ଦ୍ର ସରକାରଙ୍କ ଯୋଜନାକୁ ହଡ଼ପ କରାଯାଇ ଲୋକଙ୍କୁ ଭ୍ରମିତ କରିବା ଲାଗି ଉଦ୍ଦିଷ୍ଟ ବୋଲି ଭାଜପା ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି।

ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ଶନିବାର ଏକ ଖବରଦାତା ସମ୍ମିଳନୀରେ ଗୋଲକ କହିଛନ୍ତି, ମିଶନଶକ୍ତି ସ୍କୁଟର ଯୋଜନାରେ ୫୦କୋଟି ଟଙ୍କା ବ୍ୟୟ ବରାଦ କରି 'ନୂଆ ଯୋଜନା' ପ୍ରହେଳିକା ସୃଷ୍ଟି କରା ନ ଯାଉ। ରାଜ୍ୟ ସରକାର 'କାଳିଆ' ଯୋଜନାରେ ଚଳିତବର୍ଷ ଅନୁଦାନ ବଢ଼ାଇଲେ ନାହିଁ। ଗତବର୍ଷ ଏହି ଯୋଜନା ପାଇଁ ୧୮୭୪କୋଟି ଟଙ୍କା ବ୍ୟୟବରାଦ କରିଥିବା ବେଳେ ଏବର୍ଷ ଏହା ୧୮୭୯ କୋଟି ଟଙ୍କା କରିଛନ୍ତି। ମୋଦି ସରକାରଙ୍କ 'ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା'କୁ ଓଡ଼ିଶା ସରକାର 'କାଳିଆ' ଅନୁଦାନ ଭାବରେ ଭ୍ରମ ସୃଷ୍ଟି କରିବାର ପ୍ରୟାସ ଜାରି ରଖିଛନ୍ତି। ସ୍ୱତନ୍ତ୍ର କୃଷି ବଜେଟ ପରେ ବି ସରକାର ଗୋଟିଏ ହେଲେ ନୂଆ ଶୀତଳଭଣ୍ଡାର ଯୋଜନା କରିନାହାନ୍ତି। ୨୦୨୦ ଆର୍ଥିକ ବର୍ଷ କୃଷି ବଜେଟରେ ୨,୯୦୧ କୋଟି ୨୦୨୧ରେ ୧,୫୪୪ କୋଟି ଖର୍ଚ୍ଚ ହୋଇ ନ ପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଚାଷୀକୁଳ ପ୍ରତି ଉପହାସ ବୋଲି ଗୋଲକ କହିଛନ୍ତି।

ଓଡ଼ିଶାର ୬୦ ଲକ୍ଷ ଗରିବ ପରିବାର ଓ ପାଖାପାଖି ୧ କୋଟି ପ୍ରବାସୀ ଓଡ଼ିଆଙ୍କୁ ପ୍ରଧାନମନ୍ତ୍ରୀଙ୍କ କଲ୍ୟାଣକାରୀ 'ଆୟୁଷ୍ମାନ ଭାରତ' ଯୋଜନାରୁ ବଞ୍ଚିତ କରି ଓଡ଼ିଶା ସରକାର ନିଜସ୍ୱ ଯୋଜନାକୁ ଗତ ବର୍ଷ ତୁଳନାରେ କମ୍ ଅର୍ଥ ବ୍ୟୟବରାଦ କରିବା ଚିନ୍ତାଜନକ ବିଷୟ। ରାଜ୍ୟ ସରକାର ଆମ ହସ୍ପିଟାଲ ନାମରେ ଏକ ନୂଆ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଘୋଷଣା କରିଛନ୍ତି। ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଅବ୍ୟବସ୍ଥା ସହ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପଦବୀ ଖାଲି ପଡିବା ବିଡମ୍ବନାର ବିଷୟ। ବର୍ଷ ଶେଷକୁ ୧୭%ରୁ ୩୯% ପର୍ଯ୍ୟନ୍ତ ଖର୍ଚ୍ଚ କରିବାରେ ରାଜ୍ୟ ସରକାର ବିଫଳ ହେଉଛନ୍ତି। ୨୦୧୯ରୁ ୨୦୨୨ ପର୍ଯ୍ୟନ୍ତ ଆକଳନ ହୋଇଥିବା ବଜେଟରୁ ୯୯,୬୭୬ କୋଟି ଟଙ୍କା ଖର୍ଚ୍ଚ ହୋଇ ନ ପାରିବା ରାଜ୍ୟ ସରକାରଙ୍କ ଦୁର୍ବଳ ଆର୍ଥିକ ପରିଚାଳନାକୁ ପ୍ରମାଣିତ କରୁଛି। ମିଶନ ଶକ୍ତି, ପିଇବା ପାଣି, ପକ୍କାଘର ନିର୍ମାଣ, ଭିତ୍ତିଭୂମି ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ବଜେଟରେ ବ୍ୟୟବରାଦ ହୋଇଥିବା ସମସ୍ତ ଅନୁଦାନ କେନ୍ଦ୍ର ସରକାରଙ୍କର। ଜଳଜୀବନ ମିଶନ ପାଇଁ ୫୭୫୦ କୋଟି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫୯୩୪ କୋଟି, ଭିତ୍ତିଭୂମି ନିର୍ମାଣ ପାଇଁ ୧୯୪୫୨ କୋଟି ଟଙ୍କା ହେଉଛି କେନ୍ଦ୍ରୀୟ ଅନୁଦାନ ଓ ଯୋଜନାର ଅଂଶସ୍ୱରୂପ। ରାଜ୍ୟରେ ଶିଳ୍ପ କ୍ଷେତ୍ର ପ୍ରାୟ ସୁପ୍ତାବସ୍ଥାରେ ଥିବାବେଳେ ନିଯୁକ୍ତି ସୃଷ୍ଟି ଶୂନ୍ୟ, ଭିତ୍ତିଭୂମି ବିକାଶ ପାଇଁ କୌଣସି ଯୋଜନା ନ ଥିବା ବେଳେ କେଉଁ ଆଧାରରେ ୨୦୨୩-୨୪ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ୮.୫% ରହିବ ବୋଲି ଗୋଲକ କହିଛନ୍ତି।

## ବିଜେଡି ଲିଗାଲ ଫ୍ରଣ୍ଟ କର୍ମକର୍ତ୍ତା ନିଯୁକ୍ତ

**ଭୁବନେଶ୍ୱର,୨୫।୨(ବ୍ୟୁରୋ)**

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ବିଜେଡି ଲିଗାଲ ଫ୍ରଣ୍ଟ ପାଇଁ କର୍ମକର୍ତ୍ତା ନିଯୁକ୍ତି କରିଛନ୍ତି। ଏ ନେଇ ବିଜେଡି ପକ୍ଷରୁ ପକ୍ଷରୁ ସୂଚନା ଦିଆଯାଇଛି। ମିଲନ୍ କାନୁନଗୋଙ୍କୁ ଲିଗାଲ ଫ୍ରଣ୍ଟର ରାଜ୍ୟ ସଭାପତି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଉପଦେଷ୍ଟା ଭାବେ ଆର୍ତ୍ତତ୍ରାଣ ମିଶ୍ର (ସମ୍ବଲପୁର), ସିତାଂଶୁ ଦ୍ୱିବେଦୀ (ଭୁବନେଶ୍ୱର), ହରଜିନ୍ଦର ସିଂ (ଭବାନୀପାଟଣା) ଏବଂ କଟକ ପାଇଁ ଗଗନ ମେହେରଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଶୁଭ୍ରାଂଶୁ ମହାନ୍ତିଙ୍କୁ ସମ୍ପାଦକ ଏବଂ ଉପସଭାପତି ଭାବେ ପ୍ରବୀର ପଟ୍ଟନାୟକ, ବିଷ୍ଣୁ ପ୍ରସାଦ ପାତ୍ର, ଆନନ୍ଦ ବଡଗୁଇଁୟା,ସନ୍ତୋଷ ନାୟକ, ଅଶୋକ ମହାନ୍ତି, ଚକ୍ରଧର ମହାନ୍ତି ଓ ଅନିଲ ସାହୁଙ୍କୁ ନିଯୁକ୍ତ କରାଯାଇଛି। ରାଜ୍ୟ ସଂଯୋଜକ ଭାବେ ମନୋଜ ବର୍ମାଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ୩୩ ସାଙ୍ଗଠନିକ ଜିଲା କମିଟି ପାଇଁ ସଭାପତି ଏବଂ ୪ ଜଣଙ୍କୁ ଜୋନାଲ କୋଅର୍ଡିନେଟର ଭାବେ ନିଯୁକ୍ତି ଦିଆଯାଇଛି।

# ନ୍ୟୁଜିଲାଣ୍ଡ ୨୯୭ ରନ୍ ପଛରେ

ୱେଲିଙ୍ଗଟନ୍, ୨୫।୨(ପି.ଟି.)


ଜୋ ରୁଟ୍-୧୫୩*

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ଦୃଢ଼ ସ୍ଥିତିରେ ରହିଛି ଭ୍ରମଣକାରୀ ଇଂଲଣ୍ଡ। ବର୍ଷା ବାଧାପ୍ରାପ୍ତ ଟେଷ୍ଟର ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ନ୍ୟୁଜିଲାଣ୍ଡ ୭ ଉଇକେଟ ହରାଇ ୧୩୮ ରନ୍ କରିଛି। ଏହା ସହିତ ଦଳ ୨୯୭ ରନରେ ପଛୁଆ ରହିଛି। ଇଂଲଣ୍ଡ ପକ୍ଷରୁ ଜେମ୍ସ ଆଣ୍ଡରସନ୍ ଓ ଜ୍ୟାକ୍ ଲିଚ୍ ୩ଟି ଲେଖାଏ ଉଇକେଟ ନେଇଛନ୍ତି। ପ୍ରଥମ ଦିନର ଅସମାପ୍ତ ସ୍କୋର ୩୧୫/୩ରୁ ଖେଳ ଆରମ୍ଭ କରି ଇଂଲଣ୍ଡ ୪୩୫/୮ରେ ଇନିଂସ ଘୋଷଣା କରିଥିଲା। ହ୍ୟାରି ବ୍ରୁକ୍ସ ୧୮୬ ରନ୍ କରି ଆଉଟ ହୋଇଥିବା ବେଳେ ରୁଟ୍ ଅପରାଜିତ ୧୫୩ ରନ୍ କରିଥିଲେ। ରୁଟ୍‌ଙ୍କ ୧୫୦ ରନ୍ ପୂରଣ ହେବା ପରେ ଇଂଲଣ୍ଡ ଇନିଂସ ଘୋଷଣା କରିଥିଲା। କ୍ୟାରିୟରର ୨୯ ତମ ଶତକକୁ ରୁଟ୍ ୧୩ତମ ୧୫୦ପ୍ଲସ୍ ସ୍କୋରରେ ପରିଣତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବେନ ଷ୍ଟୋକ୍ସ ୨୭, ଓଲି ରବିନ୍‌ସନ ୧୮ ଓ ଷ୍ଟୁଆର୍ଟ ବ୍ରଡ ୧୪ ରନ୍ କରିଥିଲେ। ବ୍ରୁକ୍ସ ୧୭୬ ବଲ୍ ଖେଳି ୨୪ ଚୌକା ଓ ୫ ଛକା ସହିତ ୧୮୬ ରନ୍ କରିଥିଲେ। ଅନ୍ୟପକ୍ଷରେ ପୂର୍ବତନ ଇଂଲଣ୍ଡ ଅଧିନାୟକ ରୁଟ୍ ୨୨୪ ବଲ୍ ଖେଳି ୧୦ ଚୌକା ଓ ୩ ଛକା ମାରି ଅପରାଜିତ ରହିଥିଲେ। ଉଭୟ ଖେଳାଳି ୪ର୍ଥ ଉଇକେଟରେ ୩୦୨ରନ୍ ଯୋଗ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ମ୍ୟାଟ୍ ହେନରୀ ସର୍ବାଧିକ ୪ ଉଇକେଟ ନେଇଥିଲେ। ମାଇକେଲ ବ୍ରେସ୍‌ୱେଲ ୨, ଟିମ୍ ସାଉଦି ଓ ନୀଲ ୱାଗନର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଇଂଲଣ୍ଡ ଇନିଂସ ଘୋଷଣା କରିବା ପରେ ନ୍ୟୁଜିଲାଣ୍ଡର ଆରମ୍ଭ ଅତ୍ୟନ୍ତ ଦୟନୀୟ ରହିଥିଲା। ଭେଟେରାନ୍ ପେସର ଜେମ୍ସ ଆଣ୍ଡରସନ୍ ୩ ଟପ୍ ଅର୍ଡର ବ୍ୟାଟର ଡେଭନ୍ କନୱେ(୦), କେନ୍ ୱିଲିୟମସନ(୪) ଓ ୱିଲ ୟଙ୍ଗ(୨)ଙ୍କୁ ଆଉଟ କରିବାରୁ ଦଳ ୨୧ ରନରେ ୩ ଉଇକେଟ ହରାଇଥିଲା। ଏହାପରେ ଟମ୍ ଲାଥାମ୍(୩୫) ଓ ହେନରୀ ନିକୋଲ୍ସ(୩୦)ଙ୍କ ମଧ୍ୟରେ ୩୯ ରନର ଭାଗୀଦାରି ହୋଇଥିଲା। ସ୍ପିନର ଜ୍ୟାକ୍ ଲିଚ୍ କ୍ରମାଗତ ୩ ଉଇକେଟ ନେବା ସହିତ ନ୍ୟୁଜିଲାଣ୍ଡକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲେ। ବର୍ଷା କାରଣରୁ ଖେଳ ବନ୍ଦ ହେବା ବେଳକୁ ଟମ୍ ବ୍ଲଣ୍ଡେଲ(୨୫*) ଓ ଟିମ୍ ସାଉଦି(୨୩*)ଙ୍କ ମଧ୍ୟରେ ଅବିଭାଜିତ ୩୫ ରନର ଭାଗୀଦାରି ହୋଇଥିଲା। ଇଂଲଣ୍ଡ ପକ୍ଷରୁ ଜେମ୍ସ ଆଣ୍ଡରସନ୍ ଓ ଜ୍ୟାକ୍ ଲିଚ୍ ୩ଟି ଲେଖାଏ ଓ ଟିମ୍ ସାଉଦି ଗୋଟିଏ ଉଇକେଟ ନେଇଥିଲେ।

## ଆଣ୍ଡରସନ୍, ଲିଚ୍‌ଙ୍କ ଘାତକ ବୋଲିଂ

### ସଂକ୍ଷିପ୍ତ ସ୍କୋର

**ଇଂଲଣ୍ଡ ପ୍ରଥମ ଇନିଂସ:** ୮୭.୧ ଓଭର ୪୩୫/୮(ଘୋଷଣା) (ହ୍ୟାରୀ ବ୍ରୁକ୍ସ-୧୮୬, ଜୋ ରୁଟ୍-୧୫୩*, ବେନ୍ ଷ୍ଟୋକ୍ସ-୨୭, ମ୍ୟାଟ୍ ହେନରୀ-୪/୧୦୦, ମାଇକେଲ ବ୍ରେସ୍‌ୱେଲ-୨/୫୪)

**ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ:** ୪୨ ଓଭରରେ ୧୩୮/୭ (ଟମ୍ ଲାଥାମ-୩୫, ହେନରୀ ନିକୋଲ୍ସ-୩୦, ଟମ୍ ବ୍ଲଣ୍ଡେଲ୍-୨୫*, ଜେମ୍ସ ଆଣ୍ଡରସନ୍-୩/୩୭, ଜ୍ୟାକ୍ ଲିଚ୍-୩/୪୫, ଷ୍ଟୁଆର୍ଟ ବ୍ରଡ- ୧/୫୦)।

# ଡନ ବସ୍କୋ ହାଇଦ୍ରାବାଦ ଚାମ୍ପିୟନ୍



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳ।

## ଯୁବା ଓପନ ବାସ୍କେଟ ବଲ

ଭୁବନେଶ୍ୱର, ୨୫।୨(ସ୍ପୋର୍ଟ୍ସ ବ୍ୟୁରୋ)

ସହିଦନଗର ଇନ୍ଦିରା ପାର୍କ ବାସ୍କେଟ ବଲ ଗ୍ରାଉଣ୍ଡରେ ଯୁବା ସଂଗଠନ ପକ୍ଷରୁ ଅନୁଷ୍ଠିତ ପ୍ରତିଯୋଗିତାରେ ଡନ ବସ୍କୋ ହାଇଦ୍ରାବାଦ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଛି। ଶନିବାର ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ସାଇନଷ୍ଟାର ଭୁବନେଶରକୁ ୭୨-୭୨ରେ ହରାଇ ଚାମ୍ପିୟନ ହୋଇଥିଲା। ବିଜୟୀ ଦଳକୁ ଟ୍ରଫି ସହ ୨୫୦୦୦ ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧୫୦୦୦ ଟଙ୍କା ଓ ତୃତୀୟ ସ୍ଥାନରେ ଥିବା ଦଳକୁ ଟ୍ରଫି ସହ ୭୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ହାଇଦ୍ରାବାଦ ଡନ ବସ୍କୋର ଲେନିନ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଭୁବନେଶର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ସ୍ଥାନୀୟ କର୍ପୋରେଟର ରାଜକିଶୋର ଦାସ, ସମାଜସେବୀ ବାମୀୟ କାନ୍ତ ଦାସ ଓ ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ପାତ୍ର ଉପସ୍ଥିତ ଥିଲେ। କ୍ରିକେଟରେ ରାଜ୍ୟର ଗୌରବ ବଢାଇ ଥିବା କାମିନୀ ମୁଣ୍ଡା, ତୁଫିଆଲ ଅହମଦ, ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗଠନର ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ପାତ୍ର, ଜଗବନ୍ଧୁ ପାତ୍ର, ସଭାପତି ବିଶ୍ୱଜିତ ମହାନ୍ତି, ସଂପାଦକ ଦେବାଶିଷ ସବ୍ୟସାଚୀ ଚକ୍ର, କୋଷାଧ୍ୟକ୍ଷ ରାଜା ବିଶାଳ, ଚନ୍ଦ୍ର ଶେଖର ସାହୁ, ମିଥୁନ ବିଷୋୟୀ, ସିଦ୍ଧାନ୍ତ ଦାସ, ଆଦର୍ଶ ପଟ୍ଟନାୟକ,କେଶବ ପ୍ରଧାନ, ମୁନା ଗୌଡ଼, ସୁମନ ବେହେରା, ଦୀପକ ଛେତ୍ରି, ମିକି ମହାନ୍ତି, ଚେରି ସେଠୀ, ଅଭିନାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରୀଡ଼ା ପ୍ରତି ସଚ୍ଚୋଟ ମନୋଭାବ ଆବଶ୍ୟକ

## ବିଫଳ ଅଧିନାୟକ ଟ୍ୟାଗ୍‌କୁ ନେଇ କୋହଲିଙ୍କ ପ୍ରତିକ୍ରିୟା

ନୂଆଦିଲ୍ଲୀ,୨୫।୨(ପି.ଟି.)



ଆଇସିସି ଟ୍ରଫିକୁ ନେଇ ବିରାଟ କୋହଲିଙ୍କୁ କିଛି କ୍ରିକେଟ ସମୀକ୍ଷକ ବିଫଳ ଅଧିନାୟକର ଟ୍ୟାଗ ଦେଇଛନ୍ତି। ତାଙ୍କ ନେତୃତ୍ୱରେ ଭାରତ ୪ ବର୍ଷରେ ଗୋଟିଏ ଆଇସିସି ଟ୍ରଫି ଜିତି ନ ଥିଲା। ଆର୍‌ସିବିର ପୋଡକାଷ୍ଟରେ କୋହଲି ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି। କ୍ରୀଡା ପ୍ରତି ସଚ୍ଚୋଟ ରହିବା ବାସ୍ତବ ସଫଳତା ବୋଲି ସେ କହିଛନ୍ତି। ୨୦୧୧ ବିଶ୍ୱକପ୍ ବିଜୟୀ ଦଳ ଓ ୨୦୧୩ ଚାମ୍ପିୟନ୍ସ ଟ୍ରଫି ବିଜୟୀ ଦଳରେ ମୁଁ ସାମିଲ ଥିଲି। ଅଧିନାୟକ ଭାବରେ ମୁଁ ସଦାବେଳେ ବିଜୟୀ ହେବାକୁ ପ୍ରୟାସ କରିଥାଏ। ଦଳରେ ଏକ ଦୃଢ ମାନସିକତା ଆଣିବାରେ ସଫଳ ହୋଇଥିବାରୁ ମୁଁ ଗର୍ବିତ। ୨୦୧୭ ଚାମ୍ପିୟନ୍ସ ଟ୍ରଫି ଫାଇନାଲ, ୨୦୧୯ ବିଶ୍ୱକପ୍ ସେମିଫାଇନାଲ ଓ ୨୦୨୧ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ଦଳ ପ୍ରବେଶ କରିଥିଲା। ଆଇସିସି ଟ୍ରଫିରୁ ସଫଳତା ନିର୍ଦ୍ଧାରଣ କରାଯିବା ଠିକ୍ ନୁହେଁ ବୋଲି ସେ କହିଛନ୍ତି। ଏହା ସହିତ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ସହିତ ସମ୍ପର୍କକୁ ନେଇ କୋହଲି ମତ ରଖିଛନ୍ତି। ମାହି ଭାଇ(ଧୋନୀ) ଏକମାତ୍ର ଖେଳାଳି ଯିଏ ମୋର ଖରାପ ଫର୍ମ ସମୟରେ ମୋତେ କଲ୍ କରିଥିଲେ। ୧୧ ବର୍ଷ ଧରି ଡ୍ରେସିଂ ରୁମ୍ ଶେୟାର କରିଥିବା ବେଳେ ସେ ସର୍ବଦା ମୋର ଅଧିନାୟକ ରହିବେ ବୋଲି କୋହଲି କହିଛନ୍ତି।

# ଅନିରୁଦ୍ଧ-ପ୍ରଶାନ୍ତ ଯୋଡ଼ି ରନରଅପ୍

ବେଙ୍ଗାଲୁରୁ, ୨୫।୨ (ପି.ଟି.)

**ବାଙ୍ଗାଲୋର ଓପନ୍ ଟେନିସ**

ଭାରତୀୟ ଯୋଡ଼ି ଅନିରୁଦ୍ଧ ଚନ୍ଦ୍ରଶେଖର ଓ ଏନ୍. ବିଜୟ ସୁନ୍ଦର ପ୍ରଶାନ୍ତଙ୍କ ଦୃଢ଼ ପ୍ରତିରୋଧ ସତ୍ତ୍ୱେ ୟୁନ୍ ସିଅଙ୍ଗ୍ ଚୁଙ୍ଗ୍ ଓ ୟୁ ସିଓ ସୁ ଏଠାରେ ଚାଲିଥିବା ବାଙ୍ଗାଲୋର ଓପନ୍ ଟେନିସ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ଦକ୍ଷିଣ କୋରିଆ-ତାଇପେ କମ୍ବିନେଶନ ଚୁଙ୍ଗ୍-ସୁ ୩-୬, ୭-୬ (୭), ୧୧-୯ରେ ବିଜୟ ସହ ଟ୍ରଫି ହାସଲ କରିଛନ୍ତି। କର୍ନାଟକ ରାଜ୍ୟ ଲନ୍ ଟେନିସ ଆସୋସିଏଶନ (କେଏସ୍ଏଲ୍‌ଟିଏ) ଆନୁକୂଲ୍ୟରେ ଆୟୋଜିତ ଏହି ଏଟିପି ଚ୍ୟାଲେଞ୍ଜର ଇଭେଣ୍ଟରେ ଅଷ୍ଟ୍ରେଲିଆର ମାକ୍ସ ପର୍ସେଲ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ସେ ସର୍ବିୟାର ହମଦ ମେଡଜେଡୋଭିଚ୍‌ଙ୍କୁ ୬-୨, ୫-୭, ୭-୬ (୪) ସେଟ୍‌ରେ ହରାଇ ଦେଇଛନ୍ତି।

# ଦକ୍ଷିଣ ଆଫ୍ରିକା ଏ’ ସହିତ ଡ୍ର ରଖିଲା ଭାରତ

## ଜୁନିୟର ମହିଳା ହକି

ନୂଆଦିଲ୍ଲୀ, ୨୫।୨(ପି.ଟି.)

ଭାରତୀୟ ଜୁନିୟର ମହିଳା ହକି ଦଳ ଦକ୍ଷିଣ ଆଫ୍ରିକା ‘ଏ’ ବିପକ୍ଷ ମ୍ୟାଚ ୪-୪ରେ ଅମୀମାଂସିତ ରଖିଛି। ଏହାଦ୍ୱାରା ଦଳ ଦକ୍ଷିଣ ଆଫ୍ରିକା ଟୁର୍‌ରେ ଅପରାଜେୟ ରହିଛି। ଭାରତୀୟ ଦଳ ଏହା ପୂର୍ବରୁ ଦକ୍ଷିଣ ଆଫ୍ରିକାର ୨୧ ବର୍ଷରୁ କମ୍ ଦଳ ବିପକ୍ଷରେ ଖେଳିଥିବା ସମସ୍ତ ୩ଟି ଯାକ ମ୍ୟାଚରେ ବିଜୟ ଲାଭ କରିଥିଲା। ୨୧ ବର୍ଷରୁ କମ୍ ଏସିଆ କପ ପାଇଁ ପ୍ରସ୍ତୁତିର ଏକ ଅଂଶ ବିଶେଷ ସ୍ୱରୂପ ଦକ୍ଷିଣ ଆଫ୍ରିକା ଟୁର୍‌ର ଆୟୋଜନ କରାଯାଇଥିଲା। ଏହି ଟୁର୍ନାମେଣ୍ଟକୁ ଏଫ୍‌ଆଇଏଚ୍ ମହିଳା ଜୁନିୟର ବିଶ୍ୱକପ୍ ପାଇଁ ଏକ କ୍ୱାଲିଫାୟର ଭାବେ ବିବେଚନା କରାଯାଇଥାଏ। ଘରୋଇ ଦଳ ପକ୍ଷରୁ କ୍ୱାନିଟା ବକ୍ସ ଦୁଇଟି ଗୋଲ୍ ଦେଇଥିବା ବେଳେ ବାଏମ୍‌କା ଉଡ୍ ଓ ଟାରିନ୍ ଲମ୍ବାର୍ଡ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଭାରତ ପକ୍ଷରୁ ଦୀପିକା ସିନିୟର ୨ ଗୋଲ୍ ସ୍କୋର କରିଥିବା ବେଳେ ନୀଲମ ଓ ତରନପ୍ରୀତ୍ କୌର ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

# ଅବଶିଷ୍ଟ ଓଡ଼ିଶା ‘ଡି’, ରାଉରକେଲା, ଯାଜପୁର, ସମ୍ବଲପୁର ବିଜୟୀ

## ଓସିଏ ୧୯ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ସୁପର ଲିଗ୍

ଭୁବନେଶ୍ୱର, ୨୫।୨ (ସ୍ପୋର୍ଟ୍ସ ବ୍ୟୁରୋ)


ଆଶୀର୍ବାଦ ସ୍ୱାଇଁ


ମହମ୍ମଦ ସୋହେଲ


ଶ୍ରେଷ୍ଠ ସିଂ


ଶ୍ରେୟାଂଶ ଭରଦ୍ୱାଜ

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ପୁରୁଷ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟର ସୁପର ଲିଗ୍ ପର୍ଯ୍ୟାୟ ମ୍ୟାଚଗୁଡ଼ିକ ବିଭିନ୍ନ ଖେଳପଡ଼ିଆରେ ଶନିବାର ଖେଳାଯାଇଛି। ଏଥିରେ ଅବଶିଷ୍ଟ ଓଡ଼ିଶା ‘ଡି’, ରାଉରକେଲା, ଯାଜପୁର ଓ ସମ୍ବଲପୁର ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। **ଏମ୍‌ଜିଏମ୍ ଏସ୍‌ଓଏସ୍ ଗ୍ରାଉଣ୍ଡ:** ଅବଶିଷ୍ଟ ଓଡ଼ିଶା ‘ଡି’ ୧୪୭ ରନରେ ଭୁବନେଶ୍ୱର ‘ଏ’କୁ ପରାସ୍ତ କରିଛି। ଏଥିରେ ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଅବଶିଷ୍ଟ ଓଡ଼ିଶା ‘ଡି’ ନିର୍ଦ୍ଧାରିତ ୫୦ ଓଭରରେ ଶ୍ରେୟାଂଶଙ୍କ ୧୪୭ ରନ (୧୪୫ ବଲ୍) ସହାୟତାରେ ୩ ଉଇକେଟ ବିନିମୟରେ ୨୯୧ ରନ କରିଥିଲା। ଦଳ ପକ୍ଷରୁ ସମ୍ବିତ କୁମାର ଓ ଗୌରବ ଡି. ୬୨ରନ ଲେଖାଏ କରିଥିଲେ। ଜବାବରେ ଭୁବନେଶ୍ୱର ‘ଏ’ ୩୯.୧ ଓଭରରେ ୧୪୪ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ବିଦ୍ୟାଧର ବେହେରା ସର୍ବାଧିକ ୫୭ ରନ କରିଥିଲେ। ଓଡ଼ିଶା ‘ଡି’ ଦଳ ତରଫରୁ ସୁମିତ ମିଶ୍ର ଓ ଶୁଭାଶିଷ ପାଲ ୩ଟି ଲେଖାଏ ଉଇକେଟ ନେଇଥିଲେ। **ଡ୍ରିମ୍ସ ଗ୍ରାଉଣ୍ଡ:** ଅବଶିଷ୍ଟ ଓଡ଼ିଶା ‘ଏ’ ବିପକ୍ଷରେ ରାଉରକେଲା ୧୧୨ରନରେ ବିଜୟ ଲାଭ କରିଛି। ଏହି ମ୍ୟାଚରେ ରାଉରକେଲା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ଓଭରରେ ୮ଉଇକେଟ ବିନିମୟରେ ୩୪୫ରନ କରିଥିଲା। ଦଳ ପକ୍ଷରୁ ଆଶୀର୍ବାଦ ୧୮୪ (୧୨୦), ବିଟୁ ରୟ ୫୬ ରନ କରିଥିଲେ। ଅବଶିଷ୍ଟ ଓଡ଼ିଶା ‘ଏ’ର ପୀୟୁଷ ଆର୍. ମନ୍ତ୍ରୀ ୩ ଏବଂ କୁବେର ସାହୁ ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ୩୪୬ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଅବଶିଷ୍ଟ ଓଡ଼ିଶା ‘ଏ’ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୨୩୩ ରନ କରିଥିଲା। ଆଦର୍ଶ ରୟଗୁରୁ ୮୫, ପୀୟୁଷ ଆର୍. ମନ୍ତ୍ରୀ ୩୪ ରନ କରିଥିଲେ। ରାଉରକେଲା ତରଫରୁ ରଜନୀ କେ. ସୁତାର ୩ ଓ ଖୁସ୍‌ୱନ୍ତ ସାହୁ ୨ ଉଇକେଟ ନେଇଥିଲେ। **ସନ୍‌ସାଇନ୍ ଗ୍ରାଉଣ୍ଡ:** ଅବଶିଷ୍ଟ ଓଡ଼ିଶା ‘ସି’କୁ ଯାଜପୁର ୮ ଉଇକେଟରେ ହରାଇ ଦେଇଛି। ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ଅବଶିଷ୍ଟ ଓଡ଼ିଶା ‘ସି’ ୪୧.୩ ଓଭରରେ ୧୮୩ରନ କରି ଅଲଆଉଟ ହୋଇଯାଇଥିଲା। ଆୟୁଷ ସାହୁ ୪୭, ଦେବଜ୍ୟୋତି ୩୦ ରନ କରିଥିଲେ। ବିପକ୍ଷ ଦଳର ବିଭୂତି ଭୂୟାଁ ଓ ମାନସ ସାହୁ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଯାଜପୁର ଦଳ ୩୦.୫ ଓଭରରେ ୨ ଉଇକେଟ ବିନିମୟରେ ୧୮୪ରନ କରି ମ୍ୟାଚ ଜିତିନେଇଥିଲା। ଦଳ ପକ୍ଷରୁ ଆଦିତ୍ୟ ଜେନା ୭୬ରନ କରିଥିବା ବେଳେ ମହମ୍ମଦ ସୋହେଲ ୭୨ରନ କରି ଅପରାଜିତ ରହିଥିଲେ। ଅବଶିଷ୍ଟ ଓଡ଼ିଶା ‘ସି’ ଦଳର ଶୁଭମ ପ୍ରିୟଦର୍ଶୀ ୨ଟି ଉଇକେଟ ଅକ୍ତିଆର କରିଥିଲେ। **ବାରବାଟୀ ଷ୍ଟାଡିୟମ:** ଅବଶିଷ୍ଟ ଓଡ଼ିଶା ‘ବି’ ସମ୍ବଲପୁରଠାରୁ ୬ ଉଇକେଟରେ ପରାଜିତ ହୋଇଛି। ଏଠାରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଅବଶିଷ୍ଟ ଓଡ଼ିଶା ‘ବି’ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୨୬୪ ରନ କରିଥିଲା। ଦେବାଶିଷ ବାଗ୍ ୯୨, ଆଶିଷ ମଲିକ ୫୫ ରନ କରିଥିଲେ। ସମ୍ବଲପୁର ଦଳ ତରଫରୁ କ୍ରିସ୍ ଯାଦବ ୨ ଏବଂ ଅଭିନବ ନନ୍ଦ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ସମ୍ବଲପୁର ୪୮.୩ ଓଭରରେ ୪ ଉଇକେଟରେ ୨୬୭ ରନ କରି ମ୍ୟାଚ ଜିତିନେଇଥିଲା। ଦଳ ପକ୍ଷରୁ ଅମରନାଥ ଭୋଇ ୧୦୨ (୧୪୪ବଲ୍)ରନ କରିଥିବା ବେଳେ ଶ୍ରେଷ୍ଠ ସିଂ ୯୮ (୭୪ବଲ୍)ରନ କରି ଅପରାଜିତ ରହିଥିଲେ। ଅବଶିଷ୍ଟ ଓଡ଼ିଶା ‘ବି’ ତରଫରୁ ଦେବାଶିଷ ବାଗ୍ ୨ ଏବଂ ବିଜନ ମହାନ୍ତି ୧ ଉଇକେଟ ନେଇଥିଲେ।

# ବକ୍ସିଂ ଆସୋସିଏଶନ ଉପ ସଭାପତିଙ୍କ ଇସ୍ତଫା



ଖବରଦାତା ସମ୍ମିଳନୀରେ ସୁଦର୍ଶନ ସାହୁ ଇସ୍ତଫା ସମ୍ପର୍କରେ ସୂଚନା ଦେଉଛନ୍ତି।

ପୁରୀ ଅଫିସ, ୨୫।୨

ଓଡ଼ିଶା ଆମେଚର ବକ୍ସିଂ ଆସୋସିଏଶନର ଉପ ସଭାପତି ସୁଦର୍ଶନ ସାହୁ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଶନିବାର ପୁରୀ ଶରଧାବାଲିସ୍ଥିତ ରାଣୀସତୀ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏନେଇ ସୂଚନା ଦେଇଛନ୍ତି। ଖେଳାଳିଙ୍କୁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇବାରେ ଆସୋସିଏଶନ ବିଫଳ ହେଉଛି। ରାଜ୍ୟ ପ୍ରତିଯୋଗିତାରେ ଖେଳାଳିଙ୍କୁ ପ୍ରମାଣପତ୍ର ଦିଆଯାଉନାହିଁ, ଫଳରେ ସେମାନେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ବକ୍ସିଂ ପ୍ରତିଯୋଗିତା ଚଟାଣରେ ଆୟୋଜିତ ହେଉଛି, ଯାହା ବୃତ୍ତିଗତ ପ୍ରତିଯୋଗିତା ପାଇଁ ଗ୍ରହଣୀୟ ନୁହେଁ। ଏହା ଖେଳାଳି ଓ ସେମାନଙ୍କ ପ୍ରଦର୍ଶନ ଲାଗି କ୍ଷତିକାରକ। ଆସୋସିଏଶନ ଖେଳାଳିଙ୍କୁ ମୂଲ୍ୟ ଦେଉ ନ ଥିବାରୁ ସେ ନିଜ ପଦବୀରୁ ଇସ୍ତଫା ଦେବାକୁ ବାଧ୍ୟ ହେଉଛନ୍ତି। ଇସ୍ତଫାପତ୍ରର ନକଲଗୁଡ଼ିକ ସେ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ୍, ବକ୍ସିଂ ଫେଡେରେଶନ୍ ଅଫ୍ ଇଣ୍ଡିଆ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗକୁ ପଠାଇଛନ୍ତି।

# ସିଙ୍ଗଲ୍ସ ଫାଇନାଲରେ ପ୍ରମୋଦ

## ସ୍ପେନ୍ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର,୨୫।୨(ସ୍ପୋର୍ଟ୍ସ ବ୍ୟୁରୋ)


ଡବଲ୍ସ ସେମି ଫାଇନାଲରେ ପ୍ରବେଶ କରିବା ପରେ ପ୍ରମୋଦ ଭଗତ ଓ ସୁକାନ୍ତ କଦମ।

ସ୍ପେନ୍ ପାରା ବ୍ୟାଡ୍‌ମିଣ୍ଟନ ଅନ୍ତର୍ଜାତୀୟ ୨୦୨୩ର ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ପ୍ରମୋଦ ଭଗତ। ପୁରୁଷ ସିଙ୍ଗଲ୍ସ ସେମିରେ ଜାପାନର ଡାଇସୁକେ ଫୁଜିହାରାଙ୍କୁ ୨୧-୧୬, ୨୧-୧୯ ଓ ୨୧-୧୯ ସେଟରେ ସେ ପରାସ୍ତ କରିଥିଲେ। ଫାଇନାଲରେ ସେ ଇଂଲଣ୍ଡର ଡାନିଏଲ ବେଥେଲଙ୍କୁ ଭେଟିବେ। ପ୍ରମୋଦ ଭଗତ ଓ ଅନ୍ୟତମ ଭାରତୀୟ ଖେଳାଳି ସୁକାନ୍ତ କଦମ ପୁରୁଷ ଡବଲ୍ସ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟତମ ଭାରତୀୟ ଯୋଡି ଦୀପ୍ ରଞ୍ଜନ ବିଶୋୟୀ ଓ ମନୋଜ ସରକାରଙ୍କୁ ୧୨-୨୧, ୨୧-୧୭, ୨୧-୧୮ରେ ହରାଇ ଉଭୟ କ୍ୱାର୍ଟରରେ ପହଞ୍ଚିଛନ୍ତି। ଅନ୍ୟତମ ଓଡ଼ିଆ ଖେଳାଳି ଶୁଭ୍ରଜିତ ମହାରଣା ମଧ୍ୟ ପୁରୁଷ ଡବଲ୍ସ ସେମିରେ ପ୍ରବେଶ କରିଛନ୍ତି। ଶୁଭ୍ରଜିତ ମହାରଣା ଓ ମହମ୍ମଦ ଅର୍ବାଜ ଅନସାରୀ ଅନ୍ୟତମ ଭାରତୀୟ ଯୋଡି ବିକ୍ରମ କୁମାର ଓ ସୁହାଦ ଲାଲିନାକେରେ ୟେଥିରାଜଙ୍କୁ ୨୧-୧୭,୧୪-୨୧, ୨୧-୧୭ରେ ପରାସ୍ତ କରିଥିଲେ।

# ଦୃଷ୍ଟିବାଧିତ ମହିଳା କ୍ରିକେଟ ପ୍ରଶିକ୍ଷଣ ଓ ଆତ୍ମରକ୍ଷା କୌଶଳ ଶିବିର

ଭୁବନେଶ୍ୱର,୨୫।୨(ସ୍ପୋର୍ଟ୍ସ ବ୍ୟୁରୋ)

ଓଡିଶା ଦୃଷ୍ଟିହୀନ କ୍ରିକେଟ ସଂଘ ଓ ଚାଇଲ୍ଡ ଆଣ୍ଡ ଓମେନ୍ ଡେଭେଲପମେଣ୍ଟ ସୋସାଇଟି ପକ୍ଷରୁ ଦୃଷ୍ଟିବାଧିତ ମହିଳାଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର କ୍ରିକେଟ ପ୍ରଶିକ୍ଷଣ ଓ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ତାଲିମ ଶିବିର ଉଦଯାପିତ ହୋଇଯାଇଛି। କଟକର ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟରେ ପଢୁଥିବା ୩୦ ଜଣ ଦୃଷ୍ଟିବାଧିତ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମର ଉଦଯାପନୀ ସଭାରେ ଓଡିଶା ଦୃଷ୍ଟିହୀନ କ୍ରିକେଟ ସଂଘ ପକ୍ଷରୁ ଦୃଷ୍ଟିହୀନ କ୍ରିକେଟର୍‌ଙ୍କୁ ଜର୍ସି, ଜୋତା ଏବଂ ଟୋପି ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଉତ୍ସାହ ଓ ଆଗ୍ରହକୁ ଦୃଷ୍ଟିରେ ରଖି ଓଡିଶା ଦୃଷ୍ଟିହୀନ କ୍ରିକେଟ ସଂଘ ପକ୍ଷରୁ ଏକ କ୍ରିକେଟ କିଟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ଡକ୍ଟର୍ ଗାୟତ୍ରୀ ବିଶ୍ୱାଳ ମୁଖ୍ୟ ଅତିଥି, ଚାଇଲ୍ଡ ଆଣ୍ଡ ଓମେନ୍ ଡେଭେଲପମେଣ୍ଟ ସୋସାଇଟିର ସମ୍ପାଦକ ମେଜର୍ ଡକ୍ଟର୍ ବିଜୟ ବିଶ୍ୱାଳ, ମହର୍ଷି କଲେଜ ଅଧ୍ୟାପିକା ରାଜଲକ୍ଷ୍ମୀ ବେହେରା, କାଭି ଓଡ଼ିଶାର ସଭାପତି ମହମ୍ମଦ ଜାଫର ଇଲବାଲ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଉଥିଲେ। ଶେଷରେ କଲେଜ ଆଥ୍ଲେଟିକ ସୋସାଇଟି ର ଉପସଭାପତି ଯୋଗମାୟା ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ଶିବିରରେ ଚାଇଲ୍ଡ ଆଣ୍ଡ ଓମେନ୍ ଡେଭେଲପମେଣ୍ଟ ସୋସାଇଟି ଅଧ୍ୟକ୍ଷା ମେଜର୍ ଡକ୍ଟର୍ କଳ୍ପନା ଦାସ ଆତ୍ମରକ୍ଷା କୌଶଳ ପ୍ରଦାନ କରିଥିଲେ। କାଭି ଓଡ଼ିଶାର କ୍ରିକେଟ ପ୍ରଶିକ୍ଷକ ତଥା ଜାତୀୟ ସ୍ତରୀୟ କ୍ରିକେଟ ଖେଳାଳି ସୁକଦେବ ସୋରେନ ଏବଂ ଅନ୍ତର୍ଜାତୀୟ କ୍ରିକେଟର ନକୁଳ ବଡ଼ନାୟକ ଦୃଷ୍ଟିବାଧିତ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।



## ଏ ସପ୍ତାହର ପ୍ରଶ୍ନ

୧– ସ୍ୱାଧୀନ ଭାରତର ପ୍ରଥମ ଆଇନମନ୍ତ୍ରୀ ........... ?
୨– ୟୁଏନ୍ ଜେନେରାଲ୍ ଆସେମ୍ବ୍ଲିର ପ୍ରେସିଡେଣ୍ଟ ଭାବେ ଯୋଗ ଦେଇଥିବା ପ୍ରଥମ ଭାରତୀୟ ............ ?
୩– ଅଶୋକ ଚକ୍ର ପାଇଥିବା ପ୍ରଥମ ଭାରତୀୟ ମହିଳା ............... ?
୪– ତାଜମହଲ ସମ୍ପୂର୍ଣ୍ଣ ନିର୍ମାଣ ହେବାକୁ ................ ବର୍ଷ ସମୟ ଲାଗିଥିଲା ?
୫– ନାଇଟ୍ରସ୍ ଅକ୍ସାଇଡ୍ ଗ୍ୟାସ୍ ସାଧାରଣତଃ ............. ଗ୍ୟାସ୍ ଭାବେ ଜଣାଶୁଣା ।

## ଗତ ଥରର ଉତ୍ତର

୧ ମଧ୍ୟପ୍ରଦେଶ
୨ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ
୩ ଦଲାଇ ଲାମା ଓ ଡେସ୍‌ମଣ୍ଡ ଟୁଟୁ
୪ ଅକ୍ଟୋବର ୨୩ ତାରିଖ
୫ ଏଲିଶା ଓଟିସ୍

## ଉତ୍ତରଦାତା


ଦିବ୍ୟାଂଶୁ ସାହୁ
ନୟାଗଡ଼


ପ୍ରେମ ସାଗର
ଖୋର୍ଦ୍ଧା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

### ଜାଣନ୍ତୁ ଦୁନିଆ

# କଫି ପାଇଁ ଛାଡ଼ପତ୍ର

ଇସ୍‌ଲାମିକ୍ ଦେଶ ତୁର୍କୀ ନିକଟରେ ଭୟଙ୍କର ଭୂକମ୍ପର ଶିକାର ହୋଇଛି। ଏଠାରେ ବହୁତ କ୍ଷୟକ୍ଷତି ହେବା ସହ ଏବେବି ଅନେକ ମୃତକଙ୍କୁ ଠାବ କରାଯାଇପାରି ନାହିଁ। ତେବେ ସୁନ୍ଦର ପର୍ଯ୍ୟଟନସ୍ଥଳୀରେ ପରିପୂର୍ଣ୍ଣ ଏହି ଦେଶରେ ଏମିତି କିଛି ଅଜବ କଥା ବା ପ୍ରଥା ରହିଛି, ଯାହା ସମ୍ପର୍କରେ ଜାଣିଲେ ଆଶ୍ଚର୍ଯ୍ୟ ଲାଗିଥାଏ....



★ଚା ପିଇବାରେ ତୁର୍କୀର ବାସିନ୍ଦାମାନେ ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଦେଶର ୯୬% ଜନତା ପ୍ରତିଦିନ ଚା ପିଇଥାଆନ୍ତି। ଏଠାରେ ଜଣେ ନାଗରିକ ଦିନକୁ ୫ରୁ ୧୦ କପ୍ ପର୍ଯ୍ୟନ୍ତ ଚା ପିଇଥା'ନ୍ତି।

★ତୁର୍କୀର ସବୁଠାରୁ ପ୍ରସିଦ୍ଧ ସହର ଇସ୍ତାନ୍‌ବୁଲ, ବାଇଜାଣ୍ଟିଅମ୍ ନାମରେ ମଧ୍ୟ ଜଣାଶୁଣା। ଏହି ସହରର ନାମ ପରିବର୍ତ୍ତନ କରି କନ୍‌ଷ୍ଟାଣ୍ଟିନୋପଲ କରି ଦିଆଯାଇଥିଲା, କିନ୍ତୁ ୧୯୩୦ ମସିହାରେ ପୁଣି ପରିବର୍ତ୍ତନ ହୋଇ ଇସ୍ତାନ୍‌ବୁଲ ରଖାଗଲା।

★ତୁର୍କୀର ଜାତୀୟ ଫୁଲ ଟୁଲିପ୍। ଏହି ନାମଟି ଟର୍କିସ୍ ଶବ୍ଦ ଟରବାନ୍‌ରୁ ଆସିଛି।

★ତୁର୍କୀର ରାଜଧାନୀ ଇସ୍ତାନ୍‌ବୁଲ ବୋଲି ଅଧିକାଂଶ ଭାବିଥା'ନ୍ତି। କିନ୍ତୁ ଏହା ଭୁଲ୍। ଏହାର ରାଜଧାନୀ ଅଙ୍କାରା। ଦେଶର ବଡ଼ ସହର ହେଉଛି ଇସ୍ତାନ୍‌ବୁଲ। ଇସ୍ତାନ୍‌ବୁଲ ଦୁଇ ମହାଦେଶ ଏସିଆ ଓ ୟୁରୋପ ମଧ୍ୟରେ ରହିଛି। ତୁର୍କୀର ୯୫% ଅଂଶ ଏସିଆରେ ଏବଂ ୫% ୟୁରୋପରେ ଅଛି।

★ଅଏଲ୍ ରେସ୍‌ଲିଂ ତୁର୍କୀର ଜାତୀୟ ଖେଳ। ୬୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏହି ଖେଳ ଏଠାରେ ଖେଳାଯାଉଛି। ଏହି ଖେଳରେ ଖେଳାଳି ନିଜ ଦେହରେ ତେଲ ଲଗାଇ କୁସ୍ତି କରିଥାନ୍ତି।

★ବିଶ୍ୱର ସବୁଠାରୁ ଆକର୍ଷଣୀୟ ମସ୍‌ଜିଦଗୁଡିକ ତୁର୍କୀରେ ଅଛି। ଏଠାରେ ୮୨,୦୦୦ରୁ ଅଧିକ ମସ୍‌ଜିଦ୍ ନିର୍ମାଣ କରାଯାଇଛି। ଏଗୁଡ଼ିକ ମଧ୍ୟରେ ଇସ୍ତାନ୍‌ବୁଲର ସୁଲତାନ୍ ଅହମଦ୍ ମସ୍‌ଜିଦ ବିଶ୍ୱର ସବୁଠାରୁ ପ୍ରସିଦ୍ଧ ମସ୍‌ଜିଦ୍। ଏହି ମସ୍‌ଜିଦ୍ ନୀଳ ମସଜିଦ୍ ନାମରେ ମଧ୍ୟ ପରିଚିତ।

★ତୁର୍କୀର ନାଗରିକ ଚା ପିଉଥିଲେ ମଧ୍ୟ ୧୬ ଶତାବ୍ଦୀରେ ଏଠାରେ କଫିର କ୍ରେଜ ଅଧିକ ଥିଲା। ଏଠାରେ ମୋଚା କଫି ପ୍ରସିଦ୍ଧ। ତେବେ କଫିକୁ ନେଇ ଏଠାରେ ରୋଚକ କାହାଣୀ ମଧ୍ୟ ରହିଛି। ଅତୀତରେ ସେଠାକାର ମହିଳାମାନେ ସେମାନଙ୍କ ସ୍ୱାମୀ କଫି ଆଣି ଦେଉନଥିବା ଅଭିଯୋଗରେ ତାଙ୍କୁ ଛାଡ଼ପତ୍ର ଦେଉଥିଲେ।

★ତୁର୍କୀର ନାଗରିକ ଖରାପ ନଜର ନ ଲାଗିବା ପାଇଁ କାଚ, ଲୁହା ଏବଂ ତମ୍ବାରେ ପ୍ରସ୍ତୁତ ଏକ ନୀଳ ରଙ୍ଗର ପଥର ବ୍ୟବହାର କରନ୍ତି। ୩୦୦୦ବର୍ଷ ପୁରୁଣା ଏହି ପରମ୍ପରାରେ ଲୋକେ ବିଶ୍ୱାସ କରନ୍ତି ଯେ, ଏହାକୁ ପିନ୍ଧିବା ଦ୍ୱାରା କୌଣସି ଖରାପ ଶକ୍ତି ତାଙ୍କର କିଛି ଅସୁବିଧା କରିବ ନାହିଁ। ତୁର୍କୀ ଆସୁଥିବା ପର୍ଯ୍ୟଟକ ଏହି ପଥରକୁ ବେଶି କିଣିଥାନ୍ତି।

★ବାଦାମ ଜାତୀୟ ହାଜେଲ୍‌ନଟ୍ ଉତ୍ପାଦନ ତୁର୍କୀରେ ସବୁଠାରୁ ଅଧିକ ହୋଇଥାଏ। ବିଶ୍ୱରେ ପ୍ରାୟ ୭୫% ହାଜେଲ୍‌ନଟ୍ ତୁର୍କୀରେ ଉତ୍ପାଦନ ହୋଇଥାଏ। କଳା ସାଗର କୂଳରେ ଏହି ବାଦାମକୁ ଚାଷ କରାଯାଏ। ଉତ୍ପାଦନର କେବଳ ୬୦ଭାଗ ବିକ୍ରି କରାଯାଏ।

★ତୁର୍କୀରେ ନବଜାତ ଶିଶୁର ତକିଆ ତଳେ କଇଁଛ ପ୍ରତିମୂର୍ତ୍ତି ରଖିବାର ପ୍ରଥା ରହିଛି। ତକିଆ ତଳେ କଇଁଛ ରଖିବା ଦ୍ୱାରା ଶିଶୁ ସୁରକ୍ଷିତ ରହିଥାଏ ବୋଲି ସେଠାରେ ଏକ ବିଶ୍ୱାସ ରହିଛି।



# ସାଇବର ବୁଲିଂ



ସୋସିଆଲ୍ ମିଡିଆରେ ପ୍ରତ୍ୟେକ ବର୍ଗର ଲୋକଙ୍କ ସହିତ ଯୋଗାଯୋଗ କରିବା ସହ ନିଜ ବିଚାରକୁ ସର୍ବସମ୍ମୁଖରେ ରଖିବାର ସୁବିଧା ମିଳୁଛି। ନିଜ ଅନ୍ତର୍ନିହିତ ପ୍ରତିଭା ପରିପ୍ରକାଶ ପାଇଁ ଏହା ଏକ ବଳିଷ୍ଠ ପ୍ଲାଟଫର୍ମ ମଧ୍ୟ ସାଜିଛି। ତେବେ ଏସବୁ ସୁବିଧା ସତ୍ତ୍ୱେ ମଧ୍ୟ ଏହାର ସାଇବର ବୁଲିଂ ଭଳି କେତେକ ନକାରାତ୍ମକ ଦିଗ ରହିଛି, ସୁରକ୍ଷା ଦୃଷ୍ଟିରୁ ଯାହାପ୍ରତି ସଭିଙ୍କୁ ସଚେତନ ରହିବା ଆବଶ୍ୟକ...

ୟୁନାଇଟେଡ୍ ନେସନ୍ସ ଇଣ୍ଟରନ୍ୟାଶନାଲ୍ ଚିଲ୍‌ଡ୍ରେନ୍ସ ଏମର୍ଜେନ୍ସି ଫଣ୍ଡ ବା ୟୁନିସେଫ୍ ପକ୍ଷରୁ ଅସୁରକ୍ଷିତ ଇଣ୍ଟରନେଟ୍ ବ୍ୟବହାର ଏବଂ ସାଇବର ବୁଲିଂର ପିଲା ଏବଂ ଯୁବପିଢ଼ିଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ପଡୁଥିବା ପ୍ରଭାବକୁ ନେଇ ସତର୍କ କରାଯାଉଛି। ଇଣ୍ଟରନେଟ୍‌କୁ ସୁରକ୍ଷିତ ରଖିବା ଲାଗି ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଉଛି। ତଥାପି ମଧ୍ୟ ଅନେକେ ସାଇବର ବୁଲିଂର ଶିକାର ହେବା ଅତ୍ୟନ୍ତ ପରିତାପର ବିଷୟ।

**ସାଇବର ବୁଲିଂ କ'ଣ:** ଡିଜିଟାଲ୍ ଜ୍ଞାନକୌଶଳ ବ୍ୟବହାର କରି ଲୋକଙ୍କୁ ବିଶେଷକରି ଯୁବପିଢ଼ିଙ୍କୁ ଡରାଇବା, ଧମକାଇବା ବା ମାନସିକ ସ୍ତରରେ ଚାପ ପକାଇବା ଭଳି ଅସାମାଜିକ କାର୍ଯ୍ୟକୁ ସାଇବର ବୁଲିଂ ବୋଲି କୁହାଯାଇଥାଏ। ବର୍ତ୍ତମାନ ଟ୍ୱିଟର୍, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଭଳି ସୋସିଆଲ୍ ସାଇଟ୍‌ରେ ଅନେକଙ୍କୁ ଟ୍ରୋଲ୍ କରାଯାଉଥିବାର ଦେଖିଥିବେ। ତେବେ ଉଦ୍ଦେଶ୍ୟମୂଳକ ଭାବେ ଫଟୋ, ଭିଡିଓ ଆଦି ପୋଷ୍ଟ କରି କାହାକୁ ସୋସିଆଲ୍ ମିଡିଆରେ ଡରାଇବା, ସର୍ବସମ୍ମୁଖରେ ଅପଦସ୍ଥ କରାଇବା, ଲଜ୍ଜିତ କରିବା କିମ୍ବା ରଗାଇବା ମଧ୍ୟ ସାଇବର ବୁଲିଂର ଏକ ଅଂଶ। ଏମିତିକି କେହି କେହି ଅନ୍ୟକୁ ସର୍ବସମ୍ମୁଖରେ ଖରାପ ପରିଚୟ ଦେବାକୁ ତାଙ୍କ ନାମରେ ଫେକ୍ ଆକାଉଣ୍ଟ ମଧ୍ୟ ଖୋଲି ଏଣୁତେଣୁ ଆପତ୍ତିଜନ ଫଟୋ, ଭିଡିଓ ଆଦି ପୋଷ୍ଟ କରିବାକୁ ପଛାନ୍ତି ନାହିଁ।

**ମଜା ପଡ଼ିପାରେ ଭାରି:** ସାଙ୍ଗସାଥୀ ହୁଅନ୍ତୁ ଅବା ପରିଚିତଙ୍କ ସହ ଥଟ୍ଟା, ମଜା କାହାକୁ ବା ଭଲ ନ ଲାଗେ ! ହେଲେ ଏହା ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ରହିଲେ ଭଲ। କାରଣ ଅଧିକ ଥଟ୍ଟା ଅନ୍ୟକୁ ମାନସିକ ସ୍ତରରେ ପ୍ରଭାବିତ କରିପାରେ। ଆଉ ସୋସିଆଲ୍ ସାଇଟ୍‌ରେ ଏପରି କରି ଅନ୍ୟକୁ ସର୍ବସମ୍ମୁଖରେ ହଇରାଣ କରିବା ଓ ନୀଚ ଦେଖାଇବା ହିଁ ସାଇବର ବୁଲିଂ ଅନ୍ତର୍ଭୁକ୍ତ।

**ଏହାର ପ୍ରଭାବ:** ଯଦିଓ ବର୍ତ୍ତମାନ ଅନେକେ ସାଇବର୍ ବୁଲିଂର ଶିକାର ହେଉଛନ୍ତି ଏବଂ କେହି କେହି ପ୍ରଥମେ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥା'ନ୍ତି। ଏହା କ'ଣ ଏବଂ କିପରି ଏହାକୁ ରୋକାଯାଇପାରିବ ସେ ଦିଗରେ ସେମାନେ ଅବଗତ ନୁହନ୍ତି। ହେଲେ ପରବର୍ତ୍ତୀ ସମୟରେ ଏହା ଜଟିଳ ସମସ୍ୟାର ରୂପ ନେଇପାରେ। ଏହାଦ୍ୱାରା ଜଣଙ୍କର ଉଭୟ ମାନସିକ ଓ ଶାରୀରିକ ସ୍ଥିତି ପ୍ରଭାବିତ ହୋଇଥାଏ।












### ଧ୍ୟାନ ଦିଅନ୍ତୁ...

ୟୁନିସେଫ୍ ଦ୍ୱାରା ଏ ଦିଗରେ ବିଭିନ୍ନ ସଚେତନତାମୂଳକ ବାର୍ତ୍ତା ଦିଆଯାଉଛି। ଗବେଷକମାନଙ୍କ କହିବା ଅନୁଯାୟୀ, ସ୍କୁଲ୍ ପିଲାଙ୍କଠାରୁ ଆରମ୍ଭ କରି ଯୁବପିଢ଼ି ଯେଉଁମାନେ ସୋସିଆଲ୍ ମିଡିଆ ଅଧିକ ବ୍ୟବହାର କରୁଛନ୍ତି, ସେମାନେ ବୁଲିଂର ଶିକାର ନ ହେବା ପାଇଁ ସତର୍କ ରହିବା ଆବଶ୍ୟକ।

➤ପ୍ରଥମ କଥା ହେଉଛି, କୌଣସି ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମରେ ନିଜର ପ୍ରୋଫାଇଲ୍ କ୍ରିଏଟ୍ କରୁଥିଲେ ପ୍ରାଇଭେସି ସେଟିଂ ପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତୁ। ଆପଣଙ୍କ ଫଟୋ, ଭିଡିଓ, ପୋଷ୍ଟ ଆଦି କିଏ ଦେଖିପାରିବେ, କିଏ ଆପଣଙ୍କୁ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇ ପାରିବେ, କିଏ ମେସେଜ୍ କିମ୍ବା କମେଣ୍ଟ କରିପାରିବେ ଏସବୁ ସେଟିଂ ଠିକ୍ ଭାବେ କରିନେଲେ ବୁଲିଂ ହେବାର ଆଶଙ୍କା କମ୍।

➤ଦ୍ୱିତୀୟ କଥା ହେଉଛି ଯଦି ଆପଣଙ୍କୁ କେହି ଅନ୍‌ଲାଇନ୍‌ରେ ଡରାଇବା, ଧମକାଇବା ଏବଂ ଆପଣଙ୍କ ବ୍ୟକ୍ତିତ୍ୱ ଖରାପ କରିବା ଭଳି କାର୍ଯ୍ୟ କରୁଥା'ନ୍ତି, ତେବେ ତୁରନ୍ତ ସତର୍କ ହୋଇଯାଆନ୍ତୁ। ଯଦି କାହାର କାର୍ଯ୍ୟକଳାପ ସନ୍ଦେହଜନକ ଅନୁଭବ ହୁଏ, ତେବେ ଉକ୍ତ ଆକାଉଣ୍ଟ ବ୍ଲକ କରିଦିଅନ୍ତୁ ଏବଂ ରିପୋର୍ଟ କରନ୍ତୁ। ଚୁପ୍ ନ ରହି ପରିବାର, ବନ୍ଧୁଙ୍କୁ ଏ ସମ୍ପର୍କରେ ଜଣାନ୍ତୁ ଏବଂ ସମାଧାନର ଉପାୟ ଖୋଜନ୍ତୁ। ଯଦି ଏମାନଙ୍କୁ ଜଣାଇବାକୁ ସଙ୍କୋଚ ଲାଗୁଥାଏ, ତେବେ ହେଲ୍ପ ଲାଇନ୍ ନମ୍ବରରେ କଲ୍ କରି କୌଣସି ପରାମର୍ଶଦାତାଙ୍କ ସାହାଯ୍ୟ ନିଅନ୍ତୁ। ଆବଶ୍ୟକ ସ୍ଥଳେ ଆଇନ୍‌ର ଆଶ୍ରୟ ନେଇପାରନ୍ତି। କାରଣ ସାଇବର ବୁଲିଂ ଏକ କ୍ରାଇମ୍, ଯେଉଁଥିପାଇଁ ଦୋଷୀକୁ ୩ ବର୍ଷ ଜେଲ୍ ଦଣ୍ଡ ବି ହୋଇପାରେ।

ଏହାଦ୍ୱାରା ଚିନ୍ତା, ଅବସାଦ, ନିଦ୍ରାହୀନତା ଭଳି ସମସ୍ୟା ଉପୁଜିଥାଏ।

**ବଢ଼ାଉଛି ଆତ୍ମହତ୍ୟା ପ୍ରବଣତା:** ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ଗବେଷଣା ମୁତାବକ ସୋସିଆଲ୍ ମିଡିଆରେ ବୁଲିଂର ଶିକାର ହେଉଥିବା ମଣିଷ ବ୍ୟସ୍ତ ହେବା, ଲଜ୍ଜିତ ହେବା, ଅପମାନିତ ହେବା, ବ୍ୟକ୍ତିତ୍ୱରେ ଆଞ୍ଚ ଆସିବା କିମ୍ବା ଅତ୍ୟଧିକ ଭୟଭୀତ ହୋଇଯିବା ଭଳି କାରଣରୁ ଅନେକ ସମୟରେ ପରିବାର ଏବଂ ସମାଜଠୁ ଦୂରେଇ ଏକାକୀ ରହିବାକୁ ପସନ୍ଦ କରନ୍ତି। ବେଳେବେଳେ ଏହାଦ୍ୱାରା କାହା କାହାର ମାନସିକ ସ୍ତରରେ ଏତେ ଗଭୀର ନକାରାତ୍ମକ ପ୍ରଭାବ ପଡ଼ିଥାଏ ଯେ, ସେମାନେ ଡିପ୍ରେସନର ଶିକାର ହୋଇ ନିଜ ଜୀବନକୁ କ୍ଷତି ପହଞ୍ଚାଇବା ବା ଆତ୍ମହତ୍ୟା କରିବାକୁ ବି ପଛାନ୍ତି ନାହିଁ।

### ୟୁଥ୍ ଆଲର୍ଟ

# ଭିଟାମିନ୍-ବି' ଅଭାବରେ...

ଅସନ୍ତୁଳିତ ଖାଦ୍ୟାଭ୍ୟାସ ବର୍ତ୍ତମାନ ମଡର୍ନ ଲାଇଫ୍‌ଷ୍ଟାଇଲ୍‌ର ଏକ ଅଂଶ ପାଲଟିଗଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ। ଯଦ୍ୱାରା ଅନେକଙ୍କଠାରେ ବିଭିନ୍ନ ପୋଷକତତ୍ତ୍ୱର ଅଭାବ ହେଉଛି ଏବଂ ତତ୍‌ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଛି। ଜାଣିବା ଶରୀରରେ ଭିଟାମିନ୍-ବି' ଅଭାବକୁ ଦୂର କରି ଫିଟ୍ ରହିବାର ବିଭିନ୍ନ ଉପାୟ ସମ୍ପର୍କରେ...



ଶରୀରରେ ଭିଟାମିନ୍-ବି' ଅଭାବ ହେଲେ ଦୁର୍ବଳତା, କୋଷ୍ଠକାଠିନ୍ୟ, ଆନେମିଆ, ଇଣ୍ଟେଷ୍ଟାଇନ୍ ସମସ୍ୟା, ସ୍ନାୟୁ ଦୁର୍ବଳତା, ଦୃଷ୍ଟିଶକ୍ତି ହ୍ରାସ ହେବା ଭଳି ବିଭିନ୍ନ ସମସ୍ୟା ଉପୁଜିଥାଏ। ତେଣୁ ଶରୀରରେ ଏହାର ମାତ୍ରା ଠିକ୍ ରଖିବା ଲାଗି ତଟକା ପନିପରିବା, ଶାଗ, ଦହି, ଅଣ୍ଡା, ମାଛ, ମାଂସ, କ୍ଷୀର ଭଳି ଭିଟାମିନ୍-ବି'ଯୁକ୍ତ ସନ୍ତୁଳିତ ଖାଦ୍ୟ ଖାଇବା ନିହାତି ଆବଶ୍ୟକ। ଭିଟାମିନ୍-ବି' ମାତ୍ରା ଠିକ୍ ରହିଲେ କ'ଣ ଲାଭ ହୁଏ ଜାଣିବା ସେ ସମ୍ପର୍କରେ...

❖ମାନସିକ ସୁସ୍ଥତା ପାଇଁ ଭିଟାମିନ୍-ବି'ର ବିଶେଷ ଭୂମିକା ରହିଛି। ଏହା ଷ୍ଟ୍ରେସ୍, ଡିପ୍ରେସନ୍, ଷ୍ଟ୍ରୋକ୍ ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ।

❖ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ। ହେଲେ ଶରୀରରେ ଭିଟାମିନ୍-ବି' ମାତ୍ରା ସଠିକ୍ ରହିଲେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏହା ପ୍ରୋଟିନ୍, ଫ୍ୟାଟ୍ ଏବଂ କାର୍ବୋହାଇଡ୍ରେଟ୍ ଜାତୀୟ ଖାଦ୍ୟ ହଜମ ହେବାରେ ସାହାଯ୍ୟ କରେ ଏବଂ ଶରୀରକୁ ଉର୍ଜା ପ୍ରଦାନ କରିଥାଏ। ତା'ଛଡ଼ା ମୋତିଆବିନ୍ଦୁ ଏବଂ ମାଇଗ୍ରେନ୍ ମୁଣ୍ଡବିନ୍ଧା କମ୍ କରିବାରେ ମଧ୍ୟ ଏହାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ।

❖ମଣିଷର ସମସ୍ତ କାର୍ଯ୍ୟକଳାପ ପାଇଁ ସ୍ନାୟୁଗୁଡ଼ିକ ସୁସ୍ଥ ରହିବା ନିହାତି ଜରୁରୀ। କାରଣ ଏହା ଦୁର୍ବଳ ହୋଇପଡ଼ିଲେ ହାତ, ଗୋଡ଼ ଥରିବା ଏବଂ ଶରୀରର ଅନ୍ୟ ଅଙ୍ଗ ପ୍ରତ୍ୟଙ୍ଗର କାର୍ଯ୍ୟ କ୍ଷମତା ହ୍ରାସ ହେବା ଏମିତିକି କାହା କାହାଠାରେ ପାରାଲିସିସ୍ ଭଳି ଜଟିଳ ସମସ୍ୟା ଉପୁଜିଥାଏ। ତେଣୁ ଖାଦ୍ୟ ତାଲିକାରେ ଭିଟାମିନ୍-ବି'ଯୁକ୍ତ ଖାଦ୍ୟକୁ ସାମିଲ କଲେ ଶରୀରରେ ଏହା ଆବଶ୍ୟକ ମାତ୍ରାରେ ରହିବା ଦ୍ୱାରା ମସ୍ତିଷ୍କ ସହ ସ୍ନାୟୁତନ୍ତ୍ରର କାର୍ଯ୍ୟକ୍ଷମତା ବୃଦ୍ଧି ହୋଇଥାଏ।

❖ ଭିଟାମିନ୍-ବି'ରେ ଥିବା ରିବୋଫ୍ଲାବିନ୍ ଖାଦ୍ୟର ସମସ୍ତ ଭିଟାମିନ୍ ଓ ପୋଷକତତ୍ତ୍ୱକୁ ଭଲ ଭାବେ ଗ୍ରହଣ କରିବାରେ ଶରୀରକୁ ସାହାଯ୍ୟ କରେ। ଏହା ହୃତ୍‌ପିଣ୍ଡର କାର୍ଯ୍ୟକ୍ଷମତା ବୃଦ୍ଧି କରିଥାଏ ଏବଂ ଭଲ ଭାବେ ରକ୍ତସଞ୍ଚାଳନ ହେବାରେ ସାହାଯ୍ୟ କରିଥାଏ।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ | Press Regd. No. R.N. 21326/74 Postal Regd. No. BN/42/21-23. | ଭୁବନେଶ୍ୱର, ରବିବାର, ଫେବୃୟାରୀ ୨୬/୨୦୨୩ | Bhubaneswar, | Sunday, February 26/ 2023

# ଷଷ୍ଠ ଟାଇଟଲ ଲକ୍ଷ୍ୟରେ ଅଷ୍ଟ୍ରେଲିଆ



ଫାଇନାଲ ମ୍ୟାଚ୍ ପୂର୍ବରୁ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ଟ୍ରଫି ସହ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ଅଧିନାୟିକା।

**ମହିଳା ଟି୨୦ ବିଶ୍ୱକପ୍**

**କେପ୍‌ଟାଉନ୍,୨୫ା୨(ପି.ଟି.)**

ରବିବାର କେପ୍‌ଟାଉନ୍‌ର ନ୍ୟୁଲାଣ୍ଡ୍ସରେ ଖେଳାଯିବ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ଫାଇନାଲ। ଷଷ୍ଠ ଟାଇଟଲ ହାସଲ ଲକ୍ଷ୍ୟରେ ରହିଥିବା ଶକ୍ତିଶାଳୀ ଅଷ୍ଟ୍ରେଲିଆ ସମ୍ମୁଖରେ ରହିଛି ଘରୋଇ ଦକ୍ଷିଣ ଆଫ୍ରିକା। ବିଗତ ଏକ ବର୍ଷ ମଧ୍ୟରେ ଘରୋଇ ଦଳ କ୍ରିକେଟରେ ବେଶ୍ ଆଗେଇଛି। ବର୍ଷେ ତଳେ ବିଶ୍ୱକପ୍ ସେମିଫାଇନାଲରୁ ବିଦାୟ ନେଇଥିବା ଏହି ଦଳ ଚଳିତ ଟି୨୦ ବିଶ୍ୱକପ୍‌ରେ ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଛି। ତେବେ ସାମ୍ନାରେ ରହିଛି ୫ ଥର ଟି୨୦ ବିଶ୍ୱକପ୍ ଚାମ୍ପିୟନ୍ ଅଷ୍ଟ୍ରେଲିଆ। କ୍ରମାଗତ ସପ୍ତମ ଥର ଫାଇନାଲରେ ପ୍ରବେଶ କରିଥିବା ତଥା ଷଷ୍ଠ ଟାଇଟଲ ଲକ୍ଷ୍ୟରେ ରହିଥିବା ଅଷ୍ଟ୍ରେଲିଆକୁ ମାତ୍ ଦେବାର ଯୋଜନାରେ ଘରୋଇ ଦଳ କେତେ ସଫଳ ହେବ ତାହା ଦେଖିବାକୁ ବାକି ଅଛି। ଲୌରା ଓଲ୍‌ଭାର୍ଡଟ ଓ ତାଜମିନ୍ ବ୍ରିଟ୍ସ ଟୁର୍ନାମେଣ୍ଟର ଅନ୍ୟତମ ଶ୍ରେଷ୍ଠ ଓପନିଂ ଯୋଡ଼ି ରହିଛନ୍ତି। ପୂର୍ବତନ ଜୁନିୟର ଜାଭେଲିନ୍ ଥ୍ରୋୟର ବିଶ୍ୱ ଚାମ୍ପିୟନ ତାଜମିନ ବ୍ରିଟ୍ସ ୨୦୧୨ କାର୍ ଦୁର୍ଘଟଣା ପରେ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ଫାଇନାଲରେ ଘରୋଇ ଦଳର ସଫଳତା ଏହି ଦୁଇ ଖେଳାଳିଙ୍କ ପ୍ରଦର୍ଶନ ଉପରେ ନିର୍ଭର କରିବ। ଭାରତ ବିପକ୍ଷରେ ଅବିଶ୍ୱସନୀୟ ବିଜୟ ପରେ ଅଷ୍ଟ୍ରେଲିଆ ଦଳ ଦୃଢ଼ ଆତ୍ମବିଶ୍ୱାସରେ ନଜର ଆସିବ। ଅଷ୍ଟ୍ରେଲିଆ ବିପକ୍ଷରେ ସଫଳ ହେବାକୁ ହେଲେ ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର ମାରିଜେନ୍ କାପ୍‌ଙ୍କ ପ୍ରଦର୍ଶନ ଉପରେ ସଭିଙ୍କ ନଜର ରହିବ। ଇଂଲଣ୍ଡ ବିପକ୍ଷ ସେମିରେ ତାଙ୍କ ପ୍ରଦର୍ଶନ ଭଲ ରହିଥିଲା। ଅଧିନାୟିକା ସୁନ୍ ଲୁସ୍‌ଙ୍କ ସମେତ ଶବନିମ ଇସମାଇଲ ଓ ଆୟୋବୋଙ୍ଗା ଖାଖାଙ୍କ ପରି ପ୍ରଭାବୀ ବୋଲର ରହିଛନ୍ତି। ମିଡିଲ ଅର୍ଡରରେ କ୍ଲୋଏ ଟ୍ରାୟନ୍ ଓ ନାଡିନ୍ ଡି କ୍ଲର୍କଙ୍କ ଭଳି ଖେଳାଳି ରହିଛନ୍ତି। କ୍ଲୋଏ ଟ୍ରାୟନ୍ ନିଜ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ରହିଛନ୍ତି। ଦକ୍ଷିଣ ଆଫ୍ରିକାକୁ ସ୍ଥାନୀୟ ଦର୍ଶକଙ୍କ ସମର୍ଥନ ମଧ୍ୟ ମିଳିବ। ଗ୍ରୁପ୍ ପର୍ଯ୍ୟାୟରେ ଅଷ୍ଟ୍ରେଲିଆ ସହଜରେ ଦକ୍ଷିଣ ଆଫ୍ରିକାକୁ ହରାଇଥିବାରୁ ଏହା ଦଳର ଆତ୍ମବିଶ୍ୱାସ ବଢାଇବାରେ ସହାୟକ ହେବ। ତେବେ ଟାଇଟଲ ମୁକାବିଲା କଙ୍ଗାରୁ ଦଳ ପାଇଁ ଏତେଟା ସହଜ ନ ହେବା ନେଇ ଅନୁମାନ କରାଯାଉଛି। ଭାରତ ବିପକ୍ଷ ସେମି ଫାଇନାଲରେ ଦଳ ଯେଉଁ ଢଙ୍ଗରେ ଅନ୍ତିମ ୫ ଓଭରରେ ୩୯ ରନ୍ ରୋକିବାରେ ସମର୍ଥ ହେଲା ତାହା ମେଗ୍ ଲାନିଙ୍ଗଙ୍କ ଦଳର ମାନସିକ ଦୃଢ଼ତା ପ୍ରମାଣିତ କରୁଛି। ଫାଇନାଲ ମ୍ୟାଚରେ ଉଭୟ ଦଳ ପାଇଁ ସମାନ ସୁଯୋଗ ରହିଥିବା କହିଛନ୍ତି ଓପନର ବ୍ରିଟ୍ସ। ଇଂଲଣ୍ଡ ବିପକ୍ଷ ମ୍ୟାଚରେ ଆମେ ଫେଭରିଟ୍ ନ ଥିଲୁ। ମାତ୍ର ବିଜୟୀ ହେବା ସହିତ ଆମେ ଯେ କୌଣସି ଦଳକୁ ପରାସ୍ତ କରିବାରେ ସମର୍ଥ ବୋଲି ପ୍ରମାଣିତ କରିଛୁ।

**ମ୍ୟାଚ ସ୍ଥାନ: ନ୍ୟୁଲାଣ୍ଡ୍ସ, କେପ୍‌ଟାଉନ୍**
**ମ୍ୟାଚ୍ ସମୟ: ସନ୍ଧ୍ୟା ୬.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ସପ୍ତମ ଏସିଆନ୍ ଜୁ ଜୁଟ୍‌ସୁ: ଅନୁପମାଙ୍କୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର,୨୫ା୨(ସ୍ପୋର୍ଟ୍ସ ବ୍ୟୁରୋ)**

ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ଏସିଆନ୍ ଜୁ ଜୁଟ୍‌ସୁରେ ଭାରତର ପ୍ରତିନିଧିତ୍ୱ କରୁଥିବା ଅନୁପମା ସ୍ୱାଇଁଙ୍କୁ ବ୍ରୋଞ୍ଜ ପଦକ। ୨୪ ରୁ ୨୮ ତାରିଖ ପର୍ଯ୍ୟନ୍ତ ହେଉଥିବା ସପ୍ତମ ଏସିଆନ୍ ଜୁ ଜୁଟ୍‌ସୁ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଅନୁପମା ଶନିବାର ପଦକ ହାସଲ କରିଛନ୍ତି। ଟୁର୍ନାମେଣ୍ଟର ପ୍ରଥମ ଦିନରେ ଫାଇଟିଙ୍ଗ ସିଷ୍ଟମ ପ୍ରତିଯୋଗିତାରେ କାଜାଖସ୍ତାନ ଓ ଥାଇଲାଣ୍ଡ ପ୍ରତିଯୋଗୀଙ୍କୁ ହରାଇ ଅନୁପମା ପଦକ ହାସଲ କରିଛନ୍ତି। ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅନୁପମା ୫୨ କିଗ୍ରା ବର୍ଗରେ ଅଂଶଗ୍ରହଣ କରିଥିବା ବେଳେ ଏହା ତାଙ୍କର ୪ର୍ଥ ଏସୀୟ ପଦକ। ରବିବାର ଅନୁପମା ନେ- ୱାଜା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ସଫଳତା ପାଇଁ ଅନୁଙ୍କୁ ଅଭିନନ୍ଦନ ଜଣାଇଛି ଓଡ଼ିଶା ଜୁ ଜୁଟ୍‌ସୁ ସଂଘ।


ପୋଡିୟମ୍‌ରେ ପଦକ ସହ ଅନୁପମା(ବାମରୁ ତୃତୀୟ)।




# ଶର୍ଟଲିଷ୍ଟରେ ରିଚା ଏକମାତ୍ର ଭାରତୀୟ



**ଦୁବାଇ, ୨୫ା୨ (ପି.ଟି.)**

ଓମେନ୍ସ ଟି୨୦ ୱାର୍ଲ୍ଡକପ୍ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପାଇଁ ଶର୍ଟଲିଷ୍ଟରେ ସ୍ଥାନ ପାଇଥିବା ୯ଜଣ ଖେଳାଳିଙ୍କ ମଧ୍ୟରେ ରିଚା ଘୋଷ ହେଉଛନ୍ତି ଏକମାତ୍ର ଭାରତୀୟ। ଗୁରୁବାର କେପ୍‌ଟାଉନ୍‌ଠାରେ ୫ଥର ଚାମ୍ପିୟନ ଅଷ୍ଟ୍ରେଲିଆଠାରୁ ୫ ରନରେ ପରାଜିତ ହୋଇ ଭାରତ ସେମିଫାଇନାଲରୁ ବିଦାୟ ନେଇଥିଲା। ଦକ୍ଷିଣ ଆଫ୍ରିକାରେ ଏହି ୧୯ବର୍ଷୀୟା ଖେଳାଳି ଫିନିଶର ଭୂମିକା ନିର୍ବାହ କରିଥିଲେ। ଟୁର୍ନାମେଣ୍ଟରେ ସେ ଦୁଇଥର ୪୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ତନ୍ମଧ୍ୟରେ ତାଙ୍କର ଇଂଲଣ୍ଡ ବିପକ୍ଷରେ ଅପରାଜିତ ୪୭ ରନ ଅନ୍ୟତମ। ତାଙ୍କର ଏହି ଇନିଂସ ଭାରତ ପାଇଁ ବିଜୟ ସମ୍ଭାବନା ସୃଷ୍ଟି କରିଥିଲା। ଟୁର୍ନାମେଣ୍ଟରେ ରିଚା ଖେଳିଥିବା ୫ଟି ଇନିଂସ ମଧ୍ୟରୁ ଦୁଇଥର ଆଉଟ ହୋଇଥିଲେ। ଏହି ଆକ୍ରମଣାତ୍ମକ ଖେଳାଳିଙ୍କ ଷ୍ଟ୍ରାଇକ୍‌ରେଟ୍ ୧୩୦ରୁ ଅଧିକ ରହିଥିଲା। ଓଭରଅଲ୍ ସେ ୬୮ ଆଭରେଜରେ ୧୬୮ରନ ସଂଗ୍ରହ କରିଥିଲେ। ସେ ଚମତ୍କାର ଉଇକେଟ କିପିଂ ମଧ୍ୟ କରିଥିଲେ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଶର୍ଟଲିଷ୍ଟରେ ଅଷ୍ଟ୍ରେଲିଆ ଦଳର ସର୍ବାଧିକ ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକାର ୨ଜଣ ଲେଖାଏ ଏବଂ ଭାରତ ଓ ୱେଷ୍ଟଇଣ୍ଡିଜର ଜଣେ ଲେଖାଏ ଖେଳାଳି ଏଥିରେ ରହିଛନ୍ତି। ତାଲିକାରେ ସ୍ଥାନ ପାଇଁ ଅଷ୍ଟ୍ରେଲୀୟ ଖେଳାଳିମାନେ ହେଲେ ମେଗ୍ ଲାନିଂ ( ୬୯.୫୦ ଆଭରେଜରେ ୧୩୯ରନ), ଉଇକେଟକିପର ବ୍ୟାଟର ଏଲିସା ହିଲି (୫୭ ଆଭରେଜରେ ୧୭୧ ରନ) ଏବଂ ଅଲରାଉଣ୍ଡର ଆଶ୍ ଗାର୍ଡନର (୮୧ରନ ଓ ୯ ଉଇକେଟ)। ସେହିପରି ଇଂଲଣ୍ଡରୁ ଅଲ୍‌ରାଉଣ୍ଡର ନାଟ୍ ସ୍କିଭର-ବ୍ରଣ୍ଟ (୭୨ ଆଭରେଜରେ ୨୧୬ ରନ) ଏବଂ ସ୍ପିନର ସୋଫି ଏକ୍କ୍ଲେଷ୍ଟୋନ୍, ଯିଏକି ୪.୧୫ ଆଭରେଜରେ ୧୧ ଉଇକେଟ ଅକ୍ତିଆର କରିଛନ୍ତି। ସେହିପରି ଦକ୍ଷିଣ ଆଫ୍ରିକାକୁ ଫାଇନାଲରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଲାଉରା ଓଲ୍‌ଭାର୍ଡଟ ଓ ତାଜ୍‌ମିନ୍ ବ୍ରିଟ୍ସଙ୍କୁ ଶର୍ଟଲିଷ୍ଟରେ ସ୍ଥାନ ମିଳିଛି। ୱେଷ୍ଟଇଣ୍ଡିଜ ଅଧିନାୟିକା ହେଲି ମାଥ୍ୟୁସ ମଧ୍ୟ ଏହି ତାଲିକାରେ ରହିଛନ୍ତି।

**ଓମେନ୍ସ ଟି୨୦ ୱାର୍ଲ୍ଡକପ୍ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ**

# ମହାରାଷ୍ଟ୍ର-ମଧ୍ୟପ୍ରଦେଶ ଫାଇନାଲ

**ଜାତୀୟ ସିନିୟର ମହିଳା ହକି**

**କାକିନାଡା (ଆନ୍ଧ୍ର ପ୍ରଦେଶ), ୨୫ା୨ (ପି.ଟି.):** ଏଠାରେ ଚାଲିଥିବା ୧୩ ତମ ଜାତୀୟ ସିନିୟର ମହିଳା ହକି ପ୍ରତିଯୋଗିତାର ଫାଇନାଲ ମ୍ୟାଚ ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ମଧ୍ୟରେ ହେବ। ଶନିବାର ଅନୁଷ୍ଠିତ ଏକ ସେମିଫାଇନାଲ ମ୍ୟାଚରେ ମହାରାଷ୍ଟ୍ର ୨-୧ ପେନାଲ୍‌ଟି ଶୁଟଆଉଟରେ ହରିୟାଣାକୁ ପରାସ୍ତ କରିଥିବା ବେଳେ ମଧ୍ୟପ୍ରଦେଶ ୨-୦ ଗୋଲ୍‌ରେ ଝାଡ଼ଖଣ୍ଡକୁ ହରାଇ ଦେଇଛି। ପ୍ରଥମ ସେମିଫାଇନାଲରେ ହରିୟାଣା ଦେବିକା ସେନ୍ (୧୮ତମ ମିନିଟ)ଙ୍କ ଗୋଲ ବଳରେ ପ୍ରଥମେ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ମାତ୍ର ୪୩ ତମ ମିନିଟ୍‌ରେ ମହାରାଷ୍ଟ୍ରର ପ୍ଲେୟର ଅଫ୍ ଦି ମ୍ୟାଚ ଭାବନା ଖାଡେଙ୍କ ଗୋଲ୍ ଯୋଗୁ ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୧-୧ରେ ଅମୀମାଂସିତ ରହିଥିଲା। ଶୁଟ୍‌ଆଉଟ୍‌ରେ ଏଚ୍. ଲାଲରୁଆତ୍‌ଫେଲି ଓ ଆକାଂକ୍ଷା ସିଂ ଗୋଲ୍ ସ୍କୋର କରି ମହାରାଷ୍ଟ୍ରକୁ ଫାଇନାଲରେ ପ୍ରବେଶ କରାଇଥିଲେ। ଅନ୍ୟ ସେମିଫାଇନାଲରେ କରିସ୍ମା ସିଂ (୫୬ତମ) ଓ ଦୀକ୍ଷା ତିୱାରୀ (୫୮ତମ) ମ୍ୟାଚର ଶେଷ ପର୍ଯ୍ୟାୟରେ ଗୋଲ୍ ସ୍କୋର କରି ମଧ୍ୟପ୍ରଦେଶକୁ ଫାଇନାଲରେ ପ୍ରବେଶ କରାଇଥିଲେ। ରବିବାର ଫାଇନାଲ ମ୍ୟାଚ ବ୍ୟତୀତ ହରିୟାଣା ଓ ଝାଡ଼ଖଣ୍ଡ ମଧ୍ୟରେ ପ୍ଲେ-ଅଫ୍ ମ୍ୟାଚ ଖେଳାଯିବ।

# ଦୀପ୍ତି ଶର୍ମା ୟୁପି ୱାରିୟର୍ଜ ଉପଅଧିନାୟିକା

**ଲକ୍ଷ୍ନୌ, ୨୫ା୨ (ପି.ଟି.):** ଆଗାମୀ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଲାଗି ଭାରତୀୟ ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମାଙ୍କୁ ୟୁପି ୱାରିୟର୍ଜର ଉପଅଧିନାୟିକା ଘୋଷଣା କରାଯାଇଛି। ଭାରତୀୟ ମହିଳା ଦଳର ଏହି ୨୫ବର୍ଷୀୟା ପ୍ରମୁଖ ଖେଳାଳିଙ୍କୁ ଫ୍ରାଞ୍ଚାଇଜ ୨.୬ କୋଟି ଟଙ୍କା ବିନିମୟରେ କ୍ରୟ କରିଛି। ପୂର୍ବରୁ ଏଲିସା ହିଲି ୟୁପି ୱାରିୟର୍ଜର ଅଧିନାୟିକା ମନୋନୀତ ହୋଇସାରିଛନ୍ତି। ଇଂଲଣ୍ଡର ଜନ୍ ଲିୱିସ ଦଳର କୋଚ୍ ଓ ଅଞ୍ଜୁ ଜୈନ ସହକାରୀ କୋଚ୍ ରହିଥିବା ବେଳେ ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର ଆଶ୍‌ଲେ ନଫ୍‌କି ବୋଲିଂ କୋଚ୍ ଏବଂ ୪ଥର ବିଶ୍ୱ ଚାମ୍ପିୟନ ଲିସା ଷ୍ଟାଲେକର ଦଳର ମେଣ୍ଟର ରହିଛନ୍ତି। ଓମେନ୍ସ ପ୍ରିମିୟର ଲିଗ୍ ମୁମ୍ବାଇର ବ୍ରାବୋର୍ନ ଓ ଡି.ୱାଇ. ପାଟିଲ ଷ୍ଟାଡିୟମରେ ମାର୍ଚ୍ଚ ୪ରୁ ୨୬ ପର୍ଯ୍ୟନ୍ତ ଖେଳାଯିବ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ